# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁଲାଇ ୩୦/୨୦୨୩ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, July 30/2023 | Page 14 | ₹ 7.00

୪୯ଶ ଭାଗ ୨୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 245 | ମୂଲ୍ୟ₹୭/-




**କିନ୍ନର ସାମାଜିକ କର୍ମୀ ଚରିତ୍ରରେ ସୁସ୍ମିତା**

ନିକଟରେ ସୁସ୍ମିତା ସେନ୍‌ଙ୍କ ଅଭିନୀତ ବାୟୋପିକ୍ ଟିଭି ସିରିଜ୍ 'ତାଲି'ରେ ସୁସ୍ମିତାଙ୍କୁ ଜଣେ କିନ୍ନର ସାମାଜିକ କର୍ମୀ ଚରିତ୍ରରେ ଦେଖିବାକୁ ମିଳିଛି।

୦୨

୧୪

**ଲାଲ୍‌ରେମ୍‌ସିଆମି ହ୍ୟାଟ୍ରିକ**

ଇଂଲଣ୍ଡ ବିପକ୍ଷ ମହିଳା ହକି ମ୍ୟାଚରେ ଭାରତୀୟ ଷ୍ଟ୍ରାଇକର ଲାଲ୍‌ରେମ୍‌ସିଆମି ହ୍ୟାଟ୍ରିକ ଗୋଲ୍ ସ୍କୋର କରିଛନ୍ତି।



# 'ଏବେ ବି ଶୋଇଛି କେନ୍ଦ୍ର'

## ମଣିପୁରରେ 'ଇଣ୍ଡିଆ'ର ୨୧ ଜଣିଆ ଟିମ୍

- **ରାଷ୍ଟ୍ରପତି ଶାସନ ଦାବିକଲେ ଆଦିବାସୀ**
- **ବିରୋଧୀଙ୍କ ଗସ୍ତକୁ ଶୋ'ବାଜି କହିଲା ଭାଜପା**

ନୂଆଦିଲ୍ଲୀ/ ଚୁରାଚାନ୍ଦପୁର/ କୋଲକାତା,୨୯।୭(ପି.ଟି.)

ମଣିପୁରରେ ପ୍ରାୟ ୩ ମାସ ହେଲା ଜାତିଆଣ ହିଂସା ଓ ଯୌନହିଂସା ଲାଗିରହିଛି। ସଂଘର୍ଷ ଯୋଗୁ ପ୍ରାୟ ୨୦୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ହଜାର ଲୋକ ଘରଦ୍ୱାର ଛାଡ଼ି ପଳାୟନ କରିଛନ୍ତି। ଭାଜପା ଶାସିତ ଏହି ହିଂସା ପ୍ରଭାବିତ ରାଜ୍ୟର ବାସ୍ତବ ସ୍ଥିତି ଅନୁଧ୍ୟାନ ପାଇଁ ଶନିବାର ବିରୋଧୀ ବ୍ଲକ୍ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ)ର ୨୧ ଜଣିଆ ପ୍ରତିନିଧି ଦଳ ଦୁଇଦିନିଆ ମଣିପୁର ଗସ୍ତରେ ଯାଇଛନ୍ତି। ସେମାନେ ହିଂସା କ୍ଷତିଗ୍ରସ୍ତ ଚୁରାଚାନ୍ଦପୁରରେ ଅପରାହ୍ଣରେ ପହଞ୍ଚି ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଥିବା କୁକି ନେତା ଓ ସିଭିଲ ସୋସାଇଟି ସଦସ୍ୟମାନଙ୍କ ସହ ଆଲୋଚନା କରିଛନ୍ତି। ୨ ମହିଳାଙ୍କୁ ବଳାତ୍କାର ପରେ ଉଲଗ୍ନ ପରେଡ୍ ଘଟଣାର ତଦନ୍ତ ଦାୟିତ୍ୱ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଦିଆଯାଇଥିବାବେଳେ ଏ ସମ୍ପର୍କରେ ବିରୋଧୀ ନେତାମାନେ କଥା ହୋଇଥିଲେ। କେନ୍ଦ୍ର ସରକାର ମଣିପୁର ଘଟଣାରେ କ'ଣ ଏପର୍ଯ୍ୟନ୍ତ ଶୋଇଛନ୍ତି କି ବୋଲି ଲୋକ ସଭାର କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ପ୍ରଶ୍ନ କରିଛନ୍ତି। ବିରୋଧୀ ଟିମ୍ ଉଭୟ କୁକି ଏବଂ ମେଇତି ସମ୍ପ୍ରଦାୟର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି। ☞ପୃଷ୍ଠା-୪



ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍) ଏମ୍‌ପି ମହୁଆ ମାଜି ଓ ଶିବସେନା ୟୁବିଟି ଏମ୍‌ପି ଅରବିନ୍ଦ ସାୱନ୍ତଙ୍କ ସମେତ 'ଇଣ୍ଡିଆ' ସଦସ୍ୟମାନେ ଶନିବାର ଇମ୍ଫାଲ ଇଷ୍ଟ ଜିଲାସ୍ଥିତ ଏକ ରିଲିଫ୍ କ୍ୟାମ୍ପରେ ହିଂସା ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

# ଦେଶରେ ବଢ଼ିଛି, ଓଡ଼ିଶାରେ କମିଛି

**ଗତ ୪ବର୍ଷରେ ଦେଶରେ ମହାବଳ ବାଘ ସଂଖ୍ୟା ବଢ଼ିଥିବାବେଳେ ଓଡ଼ିଶାରେ କିନ୍ତୁ ଏମାନଙ୍କ ସଂଖ୍ୟା କମିଛି। ୨୦୧୮ରେ ବାଘଙ୍କ ସଂଖ୍ୟା ୨,୯୬୭ ଥିବାବେଳେ ୨୦୨୨ରେ ଏହି ସଂଖ୍ୟା ବୃଦ୍ଧି ପାଇ ୩,୬୮୨ରେ ପହଞ୍ଚିଛି। ଗତ ୪ବର୍ଷରେ ୬% ବାଘଙ୍କ ସଂଖ୍ୟା ବୃଦ୍ଧି ପାଇଛି। ତେବେ ୨୦୧୮ରେ ଓଡ଼ିଶାରେ ବାଘଙ୍କ ସଂଖ୍ୟା ୨୮ଥିବାବେଳେ ୨୦୨୨ରେ ଏହା ୨୦ରେ ପହଞ୍ଚିଥିବା କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ପ୍ରକାଶ ପାଇଥିବା ଏକ ରିପୋର୍ଟରେ କୁହାଯାଇଛି। ତେବେ ଆଶ୍ୱସ୍ତିର କଥା ଯେ, ଶିମିଳିପାଳ ଅଭୟାରଣ୍ୟରେ ବାଘଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି। ୨୦୧୮ରେ ଏଠାରେ ବାଘଙ୍କ ସଂଖ୍ୟା ୮ ଥିବାବେଳେ ଏବେ ଏହା ୧୬ରେ ପହଞ୍ଚିଛି।**

ନୂଆଦିଲ୍ଲୀ/ବାରିପଦା,୨୯।୭
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଦେଶରେ ବାଘ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ଓଡ଼ିଶାରେ ବାଘଙ୍କ ସଂଖ୍ୟା ଲଗାତର କମିବାରେ ଲାଗିଛି। ୨୦୦୬ରେ ରାଜ୍ୟରେ ୪୫ ମହାବଳ ବାଘ ଥିବାବେଳେ ୨୦୧୦ରେ ଏହା ୩୨କୁ ଖସିଥିଲା। ୨୦୧୮ରେ ପୁଣି ହ୍ରାସ ପାଇ ୨୮ ଏବଂ ୨୦୨୨ରେ ରାଜ୍ୟରେ ମହାବଳଙ୍କ ସଂଖ୍ୟା ୨୦ରେ ପହଞ୍ଚିଛି। ତେବେ ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ମହାବଳ ବାଘ ସଂଖ୍ୟା ବୃଦ୍ଧି ପାଇଛି। ୨୦୧୮ ଗଣନାରେ ମହାବଳ ସଂଖ୍ୟା ୮ରେ ସୀମିତ ରହିଥିଲା। ୪ ବର୍ଷ ମଧ୍ୟରେ ବାଘ ସଂଖ୍ୟା ବୃଦ୍ଧି ପାଇ ଏବେ ୧୬ରେ ପହଞ୍ଚିଛି। ସେହିପରି ବିଭିନ୍ନ ସମୟରେ ଅନ୍ୟ ଜଙ୍ଗଲରୁ ୪ବାଘ ଶିମିଳିପାଳକୁ ଆସୁଥିବା ଟ୍ରାପ୍ କ୍ୟାମେରାରୁ ଜଣାପଡ଼ିଛି। ତେବେ ଏହି ବାଘ ସଂଖ୍ୟା ବୃଦ୍ଧି ନେଇ ପ୍ରାଣୀପ୍ରେମୀଙ୍କ ମଧ୍ୟରେ ସାମାନ୍ୟ ଆଶ୍ୱସ୍ତି ପ୍ରକାଶ ପାଇଥିବା ବେଳେ ବିଗତ ଦିନର ବାଘ ସଂଖ୍ୟାକୁ ନେଇ ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଇଛି। ମହାବଳ ଓ କଳା ବାଘ ପାଇଁ ବିଶ୍ୱ ଦରବାରରେ ଶିମିଳିପାଳ ପ୍ରସିଦ୍ଧିଲାଭ କରିଛି। ମାତ୍ର ଦିନକୁ ଦିନ ମହାବଳ ବାଘଙ୍କ ସଂଖ୍ୟା କମିବା ଦ୍ୱାରା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉଦ୍ଦେଶ୍ୟ ଠିକ୍ ଭାବେ ସାଧିତ ହୋଇପାରୁ ନ ଥିବା ପ୍ରାଣୀପ୍ରେମୀମାନେ ଅଭିଯୋଗ କରିଆସୁଛନ୍ତି। ପର୍ଯ୍ୟଟନ ଓ ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ରରେ ଶିମିଳିପାଳ ଅଭୟାରଣ୍ୟକୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ଦେବା ପାଇଁ ଗୋଷ୍ଠୀ ☞ପୃଷ୍ଠା-୪



## ଭାରତରେ ବିଶ୍ୱର ୭୫% ମହାବଳ

**ମଧ୍ୟପ୍ରଦେଶରେ ୫୦ ପ୍ରତିଶତ ବଢ଼ିଛି**

ନୂଆଦିଲ୍ଲୀ/ରାମନଗର (ଉତ୍ତରାଖଣ୍ଡ), ୨୯।୭(ପି.ଟି.)

ଦେଶରେ ମହାବଳ ବାଘ ସଂଖ୍ୟାରେ ବୃଦ୍ଧି ଘଟିଛି। ୨୦୧୮ରେ ୨୯୧୬ ମହାବଳ ଥିବାବେଳେ ୨୦୨୨ରେ ଏହି ସଂଖ୍ୟା ବୃଦ୍ଧି ପାଇ ୩,୬୮୨ ହୋଇଛି। ବାର୍ଷିକ ହାରାହାରି ୬ ପ୍ରତିଶତ ବୃଦ୍ଧି ପାଇଥିବା ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଶନିବାର ବିଶ୍ୱ ବ୍ୟାଘ୍ର ଦିବସ ଅବସରରେ ରିପୋର୍ଟ ପ୍ରକାଶ ପାଇଛି। ବିଶ୍ୱର ମୋଟ ମହାବଳ ବାଘଙ୍କ ମଧ୍ୟରୁ ୭୫% ଭାରତରେ ରହିଥିବା କେନ୍ଦ୍ର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ କହିଛନ୍ତି। ପ୍ରତି ୪ ବର୍ଷରେ ମହାବଳ ବାଘ ଗଣନା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ନାଗରିକତ୍ୱ ବିବାଦ**







**ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ ହସ୍ପିଟାଲରେ ଭର୍ତ୍ତି**

ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ଶନିବାର ଅପରାହ୍ନରେ କୋଲକାତାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୭୯ ବର୍ଷୀୟ ବୁଦ୍ଧଦେବଙ୍କୁ କ୍ରିଟିକାଲ କେୟାର ୟୁନିଟ୍‌ର ମେକାନିକାଲ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଛି। ୨୦୦୦ରୁ ୨୦୧୧ ମୁଖ୍ୟମନ୍ତ୍ରୀ ଥିବା ଭଟ୍ଟାଚାର୍ଯ୍ୟ କ୍ରନିକ୍ ଅବଷ୍ଟ୍ରକ୍ସନ ପଲମୋନାରୀ ରୋଗରେ ପୀଡ଼ିତ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି।

## ସଂକ୍ଷେପରେ

### ମଣିପୁର ଭାଇରାଲ ଭିଡିଓର ତଦନ୍ତ ଦାୟିତ୍ୱ ନେଲା ସିବିଆଇ

ନୂଆଦିଲ୍ଲୀ,୨୯।୭

ମଣିପୁରରେ ମେ’ ୪ରେ ଜାତିଆଣ ହିଂସାବେଳେ ଦୁଇ ମହିଳାଙ୍କୁ ବଳାତ୍କାର କରାଯିବା ସହ ଉଲଗ୍ନ ପରେଡ୍ କରାଇବାର ଭିଡିଓ ଭାଇରାଲ ଘଟଣାର ତଦନ୍ତ ଦାୟିତ୍ୱ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶନିବାର ଗ୍ରହଣ କରିଛି। ମଣିପୁର ପୋଲିସ କେତେଜଣ ଅଜଣା ବ୍ୟକ୍ତିଙ୍କ ବିରୋଧରେ ଏତଲା ଦାଏର କରିଥିବାବେଳେ ସେଗୁଡ଼ିକୁ ଏବେ ସିବିଆଇ ନେଇଛି। ଗତ ୧୯ ତାରିଖରେ ଉକ୍ତ ଭିଡିଓ ଭାଇରାଲ ପରେ ସାରା ଦେଶରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହାର ତଦନ୍ତ ଦାୟିତ୍ୱ ସିବିଆଇକୁ ଦେଇଥିଲା। ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ଜଣେ ନାବାଳକଙ୍କ ସମେତ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

### କୁକିଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶାସନ ଦାବିରେ ଇମ୍ଫାଲରେ ବିଶାଳ ରାଲି

ଇମ୍ଫାଲ,୨୯।୭

ମଣିପୁରର ଆଦିବାସୀ କୁକି ସମ୍ପ୍ରଦାୟ ଅଧ୍ୟୁଷିତ ଅଞ୍ଚଳ ନିମନ୍ତେ ସ୍ୱତନ୍ତ୍ର ପ୍ରଶାସନ ଦାବିରେ ଶନିବାର ରାଜଧାନୀ ଇମ୍ଫାଲରେ ବିଶାଳ ରାଲି କରାଯାଇଥିଲା। ରାଜ୍ୟର ୫ ଉପତ୍ୟକା ଜିଲାରୁ ହଜାର ହଜାର ବିକ୍ଷୋଭକାରୀ ଏଥିରେ ସାମିଲ ହୋଇ ହିଂସାଗ୍ରସ୍ତ ଉତ୍ତରପୂର୍ବାଞ୍ଚଳ ରାଜ୍ୟର ଆଞ୍ଚଳିକ ସଂହତି ଦାବି କରିଥିଲେ। ମଣିପୁର ଇଣ୍ଟିଗ୍ରିଟି କୋର୍ଡିନେଶନ କମିଟି ଦ୍ୱାରା ଆୟୋଜିତ ଏହି ରାଲି ରାଜଧାନୀର ଥାଙ୍ଗମେଇବାନ୍ଦରୁ ଆରମ୍ଭ ହୋଇ ୫ କିଲୋମିଟର ଅତିକ୍ରମ କରିବା ପରେ ଇମ୍ଫାଲର ଇଷ୍ଟର ହପ୍ତା କଙ୍ଗଜେଇବୁନ୍ଦରେ ଶେଷ ହୋଇଥିଲା। କୁକି ସମ୍ପ୍ରଦାୟର ୧୦ ଜଣ ବିଧାୟକ ସ୍ୱତନ୍ତ୍ର ପ୍ରଶାସନ ଦାବି କରିଆସୁଛନ୍ତି। ଚିନ୍-କୁକିଜୋମି ଆଦିବାସୀଙ୍କୁ ସୁରକ୍ଷା ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ସେମାନେ କହିଛନ୍ତି।

### ୪୦ ହଜାର ପୃଷ୍ଠାର ଆର୍‌ଟିଆଇ ଉତ୍ତର

ଇନ୍ଦୋର,୨୯।୭

ଇନ୍ଦୋରର ଜଣେ ବ୍ୟକ୍ତି ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ)ରେ କୋଭିଡ୍ ମହାମାରୀ ସମ୍ପର୍କିତ ତଥ୍ୟ ଜାଣିବାକୁ ଆବେଦନ କରିଥିଲେ। ତାଙ୍କୁ ୪୦ ହଜାର ପୃଷ୍ଠାର ଉତ୍ତର ମିଳିଛି, ଯାହାକୁ ସେ କାର୍‌ରେ ଭର୍ତ୍ତି କରି ଘରକୁ ଆଣିଛନ୍ତି। ତେବେ ଆବେଦନର ମାସକ ମଧ୍ୟରେ ଉତ୍ତର ମିଳି ନ ଥିବାରୁ ଧର୍ମେନ୍ଦ୍ର ଶୁକ୍ଲାଙ୍କୁ ଏଥିପାଇଁ ପୃଷ୍ଠା ପ୍ରତି ୨ ଟଙ୍କା ପୈଠ କରିବାକୁ ପଡ଼ିନାହିଁ। ଶୁକ୍ଲା ଇନ୍ଦୋରର ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ (ସିଏମ୍‌ଏଚ୍‌ଓ)ଙ୍କ ନିକଟରେ ଆର୍‌ଟିଆଇ ଆବେଦନ କରିଥିଲେ। କୋଭିଡ୍ ମହାମାରୀ ସମୟରେ ଔଷଧ, ଯନ୍ତ୍ରପାତି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ କ୍ରୟ ସମ୍ପର୍କିତ ସବିଶେଷ ଟେଣ୍ଡର ଏବଂ ବିଲ୍ ପୈଠ ଉପରେ ସେ ଆବେଦନ କରିଥିଲେ ବୋଲି କହିଛନ୍ତି। ମାସକ ମଧ୍ୟରେ ଉତ୍ତର ନ ମିଳିବାରୁ ସେ ପ୍ରଥମ ଆପିଲେଟ୍ ଅଫିସର ଡ. ଶରଦ ଗୁପ୍ତାଙ୍କୁ ଜଣାଇଥିଲେ।

# ଏଆଇ ବିପ୍ଳବ: ନିଯୁକ୍ତି ପାଇଁ ବଡ଼ ବିପଦ

**ମାକିନ୍‌ସେ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟର ଅଧ୍ୟୟନ**

ୱାଶିଂଟନ୍,୨୯।୭



କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସାରା ବିଶ୍ୱର ନିଯୁକ୍ତି କ୍ଷେତ୍ରରେ ବଡ଼ ବିପଦ ହେବାକୁ ଯାଉଛି। ଏଆଇ ପାଇଁ ନିକଟ ଭବିଷ୍ୟତରେ ଅଗଣିତ କର୍ମଚାରୀ ସେମାନଙ୍କ ନିଯୁକ୍ତି ହରାଇବାକୁ ଯାଉଛନ୍ତି। ଏଆଇ ଆମେରିକାର ନିଯୁକ୍ତି ବଜାରକୁ କିଭଳି ପ୍ରଭାବିତ କରିବ ଏବଂ କେଉଁ ବର୍ଗର କର୍ମଚାରୀ ସର୍ବାଧିକ କ୍ଷତିଗ୍ରସ୍ତ ହେବେ, ତା’ର ଏକ ସଦ୍ୟ ରିପୋର୍ଟ ପ୍ରକାଶ ପାଇଛି। ନୂଆ ରିପୋର୍ଟ ଅନୁଯାୟୀ ୨୦୩୦ ବେଳକୁ ଆମେରିକା ଅର୍ଥନୀତିର କାର୍ଯ୍ୟ ସମୟର ୩୦ ପ୍ରତିଶତ ପର୍ଯ୍ୟନ୍ତ ଏଆଇ ଦଖଲ କରିବାକୁ ଯାଉଛି। ‘ଜେନେରେଟିଭ୍ ଏଆଇ ଏବଂ ଆମେରିକାରେ କାର୍ଯ୍ୟର ଭବିଷ୍ୟତ’ ନାମରେ ଏହି ଅଧ୍ୟୟନ ମାକିନ୍‌ସେ ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ କରାଯାଇଥିଲା। ଆର୍ଥିକ ସଞ୍ଚାଳନ କମାଇବାରେ ଏଆଇର ବଡ଼ ଭୂମିକା ରହିବ ବୋଲି ରିପୋର୍ଟରେ କୁହାଯାଇଛି। ଏଆଇ କେବଳ ବହୁସଂଖ୍ୟାରେ ନିଯୁକ୍ତି ଅଧିକାର ଛଡ଼ାଇ ନେବ ତାହା ନୁହେଁ, ବରଂ ସମସ୍ୟା ସମାଧାନ, ସୃଜନଶୀଳତା, ବ୍ୟବସାୟ ଏବଂ ଆଇନଗତ ପେସାଦାରି କାର୍ଯ୍ୟ ମଧ୍ୟ ବଢ଼ାଇବ। ଏଆଇ ବିପ୍ଳବ ଯୋଗୁ ୨୦୩୦ ସୁଦ୍ଧା କେବଳ ଆମେରିକାରେ ଅତିରିକ୍ତ ୧୨ ନିୟୁତ ପେସାଦାରି ପରିବର୍ତ୍ତନ ଆବଶ୍ୟକ ହୋଇପାରେ ବୋଲି ରିପୋର୍ଟରେ କୁହାଯାଇଛି।

ରିପୋର୍ଟ ଅନୁଯାୟୀ ଭବିଷ୍ୟତରେ ସ୍ୱାସ୍ଥ୍ୟସେବା ଶିଳ୍ପରେ ନିଯୁକ୍ତି ବଢ଼ିବା ଆଶା କରାଯାଉଛି। ଏହି ସେକ୍ଟରରେ ୩.୫ ନିୟୁତ ଅଧିକ ନିଯୁକ୍ତିର ଆବଶ୍ୟକ ହେବ ବୋଲି ଆକଳନ କରାଯାଇଛି। ସେହିପରି ୨୦୩୦ ବେଳକୁ ଏସ୍‌ଟିଇଏମ୍ ନିଯୁକ୍ତି ଚାହିଦା ୨୩ ପ୍ରତିଶତ ବଢ଼ିବ। ଯଦିଓ ପ୍ରଯୁକ୍ତି ସେକ୍ଟରରେ ବ୍ୟାପକ ଛଟେଇ ଚଳିତ ବର୍ଷର ଶିରୋନାମା ମଣ୍ଡନ କରିଛି, ବଡ଼ କମ୍ପାନୀଗୁଡ଼ିକରେ ମେଧାବୀମାନଙ୍କ ପାଇଁ ଦୀର୍ଘମିଆଦୀ ଚାହିଦାରେ କୌଣସି ପରିବର୍ତ୍ତନ ହେବ ନାହିଁ। ବ୍ୟାଙ୍କିଙ୍ଗ୍, ବୀମା, ଔଷଧ ଶିଳ୍ପ ଏବଂ ସ୍ୱାସ୍ଥ୍ୟସେବା ସେକ୍ଟରରେ ଅଧିକ ଡିଜିଟାଲ ପରିବର୍ତ୍ତନ କରାଯାଉଥିବାରୁ ଆଗାମୀ ଦିନରେ ଅଧିକ ଦକ୍ଷତା ସହ ଟେକ୍‌ନିକାଲ କର୍ମଚାରୀଙ୍କ ଆବଶ୍ୟକତା ବଢ଼ିବ। ୨୦୩୦ ବେଳକୁ ପରିବହନ ସେବାରେ ୯ ପ୍ରତିଶତ ନିଯୁକ୍ତି ବଢ଼ିବା ଆଶା କରାଯାଉଛି।

ଅନ୍ୟପକ୍ଷରେ ଅଫିସ ସହାୟକ, ଗ୍ରାହକ ସେବା, ଖାଦ୍ୟ ଯୋଗାଣ ସେବା ଆଦିରେ ନିଯୁକ୍ତି ଆଗାମୀ ଦିନରେ ଯଥେଷ୍ଟ ହ୍ରାସ ପାଇବ। ରିପୋର୍ଟ ଅନୁଯାୟୀ ଆମେରିକାରେ କିରାଣି ଚାହିଦା ୧୬ ଲକ୍ଷ କମିଯିବ। ସେହିପରି ଖୁଚୁରା ବିକ୍ରେତା ୮,୩୦,୦୦୦ ହ୍ରାସ ପାଇବା ସହ ପ୍ରଶାସନିକ ସହାୟକ ନିଯୁକ୍ତି ୭,୧୦,୦୦୦ ଏବଂ କ୍ୟାଶିୟର ନିଯୁକ୍ତି ୬,୩୦,୦୦୦ ହ୍ରାସ ପାଇବ। ଅଟୋମେଶନ ବା ଲୋକଙ୍କ ବଦଳରେ ମେଶିନ୍‌ର ବ୍ୟବହାର ଯୋଗୁ ଦୋହରା କାମ, ଡେଟା ସଂଗ୍ରହ ଏବଂ ଏଲିମେଣ୍ଟାରି ଡେଟା ପ୍ରୋସେସିଂ କାର୍ଯ୍ୟ ସହ ସମ୍ପୃକ୍ତ ନିଯୁକ୍ତି ଯଥେଷ୍ଟ ପ୍ରଭାବିତ ହେବ। ଆମେରିକାରେ କମ୍ ପାରିଶ୍ରମିକରେ କାର୍ଯ୍ୟ କରୁଥିବା କର୍ମଚାରୀ ସର୍ବାଧିକ କ୍ଷତିଗ୍ରସ୍ତ ହେବେ। ଚଳିତ ଦଶନ୍ଧି ଶେଷ ସୁଦ୍ଧା ସେମାନଙ୍କ ପାଇଁ ପେସା ପରିବର୍ତ୍ତନ କରିବା ଜରୁରୀ ହୋଇପଡ଼ିବ ବୋଲି ରିପୋର୍ଟରେ କୁହାଯାଇଛି। ସେହିପରି ମହିଳାମାନେ ପୁରୁଷଙ୍କ ତୁଳନାରେ ଦେଢ଼ଗୁଣ ଅଧିକ ନୂଆ ପେସାକୁ ଗତି କରିବା ଆବଶ୍ୟକ ହେବ।

## ୪୫ ଦିନରେ ଟମାଟୋ ଚାଷୀଙ୍କ ଆୟ ୪ କୋଟି

କୋଲାର,୨୯।୭

ଟମାଟୋର ଆକାଶଛୁଆଁ ଦରବୃଦ୍ଧି ଅନେକ ଚାଷୀଙ୍କ ଭାଗ୍ୟ ବଦଳାଇଦେଇଛି। ଆନ୍ଧ୍ରପ୍ରଦେଶର ଜଣେ ଚାଷୀ ଟମାଟୋ ବିକି ୪୫ ଦିନରେ ୪ କୋଟି ଟଙ୍କା ଆୟ କରିଛନ୍ତି। ମୁରଲୀ ନାମକ ଏହି ୪୮ ବର୍ଷୀୟ ଚାଷୀ ଯେତେବେଳେ ପିଲା ଥିଲେ ଏକଦା ତାଙ୍କ ବାପା ଟମାଟୋ ବିକ୍ରିକରି ଘରକୁ ୫୦ ହଜାର ଟଙ୍କା ଆଣିଥିଲେ। ଏହି ଟଙ୍କାକୁ ଘରର ଏକ ଆଲମାରିରେ ରଖାଯାଇଥିବାବେଳେ ପରିବାର ସଦସ୍ୟ ଉକ୍ତ ଆଲମାରିକୁ ପ୍ରତିଦିନ ପୂଜା କରୁଥିଲେ। ଟମାଟୋ ଦିନେ ତାଙ୍କୁ କୋଟିପତି କରିବ ବୋଲି ସେତେବେଳେ ମୁରଲୀ ଆଶାବ୍ୟକ୍ତ କରିଥିଲେ। ଏବେ ଚିତ୍ତୋର ଜିଲାର ଏହି ଚାଷୀ ମାତ୍ର ଦେଢ଼ ମାସରେ ୪ କୋଟି ଟଙ୍କା ଆୟକରି ତାଙ୍କ ସ୍ୱପ୍ନକୁ ସାକାର କରିଛନ୍ତି। ୮ ବର୍ଷ ହେଲା ମୁରଲୀ ଟମାଟୋ ଚାଷ କରିଆସୁଛନ୍ତି। କରକାମଣ୍ଡଳ ଗ୍ରାମରେ ମୁରଲୀଙ୍କ ଯୌଥ ପରିବାରର ୧୨ ଏକର ଜମି ଥିବାବେଳେ ସେ କିଛିବର୍ଷ ପୂର୍ବରୁ ୧୦ ଏକର କିଣିଥିଲେ। ଗତବର୍ଷ ଜୁଲାଇରେ ଟମାଟୋ ଦର ହ୍ରାସ ଯୋଗୁ ତାଙ୍କ ପରବାର ବଡ଼ କ୍ଷତି ସହିଥିଲେ।



ନୂଆଦିଲ୍ଲୀରେ ଶନିବାର ମହରମ ଶୋଭାଯାତ୍ରାରେ ସାମିଲ ମୁସଲମାନ ଶ୍ରଦ୍ଧାଳୁ ଛୁରି ଲଗାଯାଇଥିବା ଚେନ୍‌ରେ ନିଜକୁ ପିଟୁଛନ୍ତି।

## ମହରମ ଶୋଭାଯାତ୍ରାବେଳେ ବିଦ୍ୟୁତ୍ ସ୍ପର୍ଶରେ ୪ ମୃତ

ରାଞ୍ଚି,୨୯।୭

ଝାଡ଼ଖଣ୍ଡର ବୋକାରୋ ଜିଲା ଅନ୍ତର୍ଗତ ଖେଟ୍‌କୋ ଗ୍ରାମରେ ଶନିବାର ମହରମ ଶୋଭାଯାତ୍ରା ବେଳେ ତାଜିଆ ହାଇଟେନ୍‌ଶନ ବିଦ୍ୟୁତ୍ ତାରରେ ଲାଗିଯିବାରୁ ୪ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୯ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବୋକାରୋ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶୋଭାଯାତ୍ରା ଆରମ୍ଭ ହେବା ପୂର୍ବରୁ ଶନିବାର ସକାଳେ ତାଜିଆକୁ ଉପରକୁ ଉଠାଇବା ବେଳେ ଏହା ୧୧,୦୦୦ ଭୋଲ୍ଟ ବିଦ୍ୟୁତ୍ ତାରରେ ଲାଗିଯାଇଥିଲା। ଫଳରେ ଏଥିରେ ଲାଗିଥିବା ଡିଜେ ବ୍ୟାଟେରିକୁ ବିଦ୍ୟୁତ୍ ପ୍ରବାହିତ ହୋଇ ତାହା ବିସ୍ଫୋରଣ ହେବାରୁ ୧୩ ଜଣ ଆହତ ହୋଇଥିଲେ। ଆହତମାନଙ୍କୁ ବୋକାରୋ ଥର୍ମାଲ ହସ୍ପିଟାଲରେ ଚିକିତ୍ସା କରାଯାଉଥିବାବେଳେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ନ୍ୟାୟପାଳିକା ଉପରେ ମନ୍ତବ୍ୟ: ପ୍ରକାଶକ ଗିରଫ

**ସିଜେଆଇଙ୍କୁ ବନ୍ଧୁକ ଧରାଇବାକୁ କହିଥିଲେ**

ଚେନ୍ନାଇ,୨୯।୭



ବଦ୍ରି ଶେଷାଦ୍ରୀ

ମଣିପୁର ହିଂସା ପ୍ରସଙ୍ଗରେ ଗତ ୨୨ ତାରିଖରେ ଏକ ୟୁଟ୍ୟୁବ୍ ଚ୍ୟାନେଲକୁ ସାକ୍ଷାତକାର ଦେବାବେଳେ ଚେନ୍ନାଇର ପ୍ରକାଶକ ତଥା ବ୍ଲଗର ବଦ୍ରି ଶେଷାଦ୍ରୀ ନ୍ୟାୟପାଳିକା ଉପରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏଥିପାଇଁ ଆଇନଜୀବୀ କଭିଆରାସୁଙ୍କ ଅଭିଯୋଗ ଆଧାରରେ ଶନିବାର ତାଙ୍କୁ ପେରମ୍ବଲୁର ଜିଲା ପୋଲିସ ଗିରଫ କରିଛି। ତାଙ୍କ ବିରୋଧରେ ଆଇପିସିର ଦଫା ୧୫୩, ୧୫୩ଏ(୧)(ଏ) ଏବଂ ୫୦୫(୧)ବିରେ ମାମଲା ରୁଜୁ ହୋଇଛି। ଦଙ୍ଗା ସୃଷ୍ଟି କରିବା ଓ ଶତ୍ରୁତା ବଢ଼ାଇବା ଏବଂ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଶେଷାଦ୍ରୀ ଏଭଳି ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା। ସାକ୍ଷାତ୍‌କାରରେ ଶେଷାଦ୍ରୀ କହିଥିଲେ, ମେଇତି ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦେବା ପାଇଁ ମଣିପୁର ହାଇକୋର୍ଟଙ୍କ ନିଷ୍ପତ୍ତିକୁ ନେଇ ମଣିପୁରରେ ସମସ୍ୟା ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟର ଆଭିମୁଖ୍ୟକୁ ସେ ସମାଲୋଚନା କରିବା ସହ ସିଜେଆଇଙ୍କୁ ବନ୍ଧୁକ ଧରାଇଦିଆଗଲେ, ସେ ଶାନ୍ତି ସୁନିଶ୍ଚିତ କରିବାରେ ସମର୍ଥ ହେବେ ବୋଲି କହିଥିଲେ। ଶେଷାଦ୍ରୀ ସିଜେଆଇ ଏବଂ ସର୍ବୋଚ୍ଚ ଅଦାଲତଙ୍କ ମର୍ଯ୍ୟାଦାକୁ କ୍ଷୁଣ୍ଣ କରିବାକୁ ଉଦ୍ୟମ କରିଥିବା କଭିୟାରାସୁ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଥିଲେ।

## ବାଣ ଗୋଦାମରେ ବିସ୍ଫୋରଣ: ୮ ମୃତ

କ୍ରିଷ୍ଣଗିରି,୨୯।୭



ତାମିଲନାଡୁର କ୍ରିଷ୍ଣଗିରି ସହରରେ ଥିବା ଏକ ବାଣ ଗୋଦାମରେ ଶନିବାର ବିସ୍ଫୋରଣ ଘଟି ୩ ମହିଳାଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୧୨ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଗୋଦାମ ମାଲିକ ରବି, ତାଙ୍କ ସ୍ତ୍ରୀ ଜୟଶ୍ରୀ, ସେମାନଙ୍କ ଝିଅ ରିତିକା, ପୁଅ ରିତିଶ, ରାଜେଶ୍ୱରୀ ନାମରେ ଜଣେ ହୋଟେଲ ମାଲିକ ଏବଂ ସେମାନଙ୍କ ପଡୋଶୀ ଇବ୍ରାହିମ ଓ ଇମ୍ରାନ ଅଛନ୍ତି। ସକାଳ ୯ଟା ୪୫ ମିନିଟ ସମୟରେ ସହରର ପାଲାୟପେଟ୍ଟାଇ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଥିଲା। ବାଣ ବିସ୍ଫୋରଣ ପରେ ନିଆଁ ଲାଗି ଏକ ହୋଟେଲ ସମେତ ଅନ୍ୟ ଦୋକାନଗୁଡ଼ିକୁ ବ୍ୟାପିଯାଇଥିଲା। ବିସ୍ଫୋରଣରେ ବାଣ ଦୋକାନ ସହ ୩ଟି ଘର ଭୁଶୁଡ଼ି ପଡ଼ିବାରୁ ଭଗ୍ନାବଶେଷ ତଳେ ଲୋକେ ପୋତିହୋଇପଡ଼ିଥିଲେ। ତେବେ ଭଗ୍ନାବଶେଷ ତଳେ କେତେ ଲୋକ ରହିଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ ବୋଲି ଜିଲାପାଳ କେ.ଏମ୍. ସରାୟୁ କହିଛନ୍ତି। ଆହତମାନଙ୍କୁ କ୍ରିଷ୍ଣଗିରି ସହରର ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଦୁଇଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

**ଭାଜପା କେନ୍ଦ୍ରୀୟ ଟିମ୍‌ରେ ବଡ଼ ଅଦଳବଦଳ**

## ଏଏମ୍‌ୟୁର ପୂର୍ବତନ ଭିସି ହେଲେ ଉପାଧ୍ୟକ୍ଷ

ନୂଆଦିଲ୍ଲୀ,୨୯।୭



ତାରିକ୍ ମନସୁର

୨୦୨୪ ଲୋକ ସଭା ନିର୍ବାଚନକୁ ନଜରରେ ରଖି ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ଦଳର କେନ୍ଦ୍ରୀୟ ଟିମ୍‌ରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ଉତ୍ତରପ୍ରଦେଶର ଜଣେ ପସମାନ୍ଦା ମୁସଲମାନଙ୍କୁ ଦଳର ଉପାଧ୍ୟକ୍ଷ କରାଯାଇଥିବାବେଳେ ତେଲଙ୍ଗାନା ପୂର୍ବତନ ଭାଜପା ରାଜ୍ୟ ସଭାପତି ବନ୍ଦି ସଞ୍ଜୟ କୁମାରଙ୍କୁ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କରାଯାଇଛି। ସାଧାରଣ ସମ୍ପାଦକ ଥିବା କର୍ଣ୍ଣାଟକ ନେତା ସି.ଟି. ରବି, ଆସାମର ଲୋକ ସଭା ସଦସ୍ୟ ଦିଲୀପ ସାଇକିଆଙ୍କୁ ବାଦ୍ ଦିଆଯାଇଛି। ସେହିପରି ଉତ୍ତରପ୍ରଦେଶର ଦୁଇ ନେତା ବିନୋଦ ସୋଙ୍କର, ହରିଶ ଦ୍ୱିବେଦୀ ଏବଂ ସୁନୀଲ ଦେଓଧରଙ୍କୁ ସମ୍ପାଦକ ପଦରୁ ବିଦା କରାଯାଇଛି। ୯ ଜଣ ସାଧାରଣ ସମ୍ପାଦକଙ୍କ ମଧ୍ୟରୁ ୭ ଜଣଙ୍କ ପଦବୀ ସୁରକ୍ଷିତ ଥିବାବେଳେ ୨ ନୂଆ ମୁହଁ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶର ରାଜ୍ୟ ସଭା ସଦସ୍ୟ ରାଧାମୋହନ ଅଗ୍ରୱାଲ ଅଛନ୍ତି। ପାସମାନ୍ଦା ମୁସଲମାନ ସମ୍ପ୍ରଦାୟର ଭୋଟ୍‌କୁ ନଜରରେ ରଖି ଆଲିଗଡ଼ ମୁସ୍‌ଲିମ ୟୁନିଭର୍ସିଟି (ଏଏମ୍‌ୟୁ)ର ପୂର୍ବତନ କୁଳପତି (ଭିସି) ତାରିକ୍ ମନସୁରଙ୍କୁ ଭାଜପା ଏହାର ଉପାଧ୍ୟକ୍ଷ ନିଯୁକ୍ତ କରିଛି। ଏଏମ୍‌ୟୁରେ ଏନ୍‌ଆର୍‌ସି ବିରୋଧୀ ଏବଂ ସିଏଏ ବିରୋଧୀ ଆନ୍ଦୋଳନକୁ ନିୟନ୍ତ୍ରଣ କରିବାରେ ମନସୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ପରେ ସେ ଆର୍‌ଏସ୍‌ଏସ୍ ପାଇଁ କାମ କରିଥିଲେ।

ନବନିଯୁକ୍ତ ସମ୍ପାଦକଙ୍କ ମଧ୍ୟରେ ଅଛନ୍ତି ବର୍ଷିୟାନ କଂଗ୍ରେସ ନେତା ଏ.କେ. ଆଣ୍ଟୋନିଙ୍କ ପୁଅ ଅନିଲ ଆଣ୍ଟୋନି, ସୁରେନ୍ଦ୍ର ସିଂ ନାଗର ଏବଂ କାମାକ୍ଷା ପ୍ରସାଦ ତାସା। ଏମାନେ ୟୁପି ଏବଂ ଆସାମରୁ ରାଜ୍ୟ ସଭା ସଦସ୍ୟ ଅଛନ୍ତି। ନାଗର ପଶ୍ଚିମ ଉତ୍ତରପ୍ରଦେଶର ଜଣେ ପ୍ରଭାବୀ ଗୁର୍ଜାର ନେତା ହୋଇଥିବାବେଳେ ତାସାଙ୍କର ଉତ୍ତରପୂର୍ବାଞ୍ଚଳ ରାଜ୍ୟର ଆଦିବାସୀଙ୍କ ଉପରେ ଭଲ ପ୍ରଭାବ ରହିଛି। ଭାଜପାର ନୂଆ କାର୍ଯ୍ୟକର୍ତ୍ତା ତାଲିକାରେ ୧୩ ଉପାଧ୍ୟକ୍ଷ, ୯ ସାଧାରଣ ସମ୍ପାଦକ ଏବଂ ୧୩ ସମ୍ପାଦକ ରହିଛନ୍ତି। ସାଧାରଣ ସମ୍ପାଦକ ବି.ଏଲ୍ ସନ୍ତୋଷଙ୍କୁ ସାଂଗଠନିକ ଦାୟିତ୍ୱ ଦିଆଯାଇଛି। ବିହାରର ଲୋକ ସଭା ସଦସ୍ୟ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଧାମୋହନ ସିଂଙ୍କୁ ଉପାଧ୍ୟକ୍ଷ ପଦରୁ ବାଦ୍ ଦିଆଯାଇଛି। ନୂଆ ଉପାଧ୍ୟକ୍ଷଙ୍କ ମଧ୍ୟରେ ଉତ୍ତରପ୍ରଦେଶର ପୂର୍ବତନ ଭାଜପା ସଭାପତି ତଥା ରାଜ୍ୟ ସଭା ସଦସ୍ୟ ଏମ୍.ପି. ଲକ୍ଷ୍ମୀକାନ୍ତ ବାଜପାୟୀ ରହିଛନ୍ତି।

## ଫୁର୍‌ସତ୍

# ବନ୍ଧୁତା ଦ୍ୱାରା ଶାନ୍ତି

**ଅନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସ**



ପୃଥିବୀରେ ଶାନ୍ତି ପାଇଁ ବନ୍ଧୁତା ହିଁ ଏକମାତ୍ର ବିକଳ୍ପ। ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁଲାଇ ୩୦ରେ ଅନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସ ପାଳନ କରାଯାଇଥାଏ। ପ୍ରଥମେ ଗ୍ରିଟିଂସ୍ କାର୍ଡ ଇଣ୍ଡଷ୍ଟ୍ରି ଦ୍ୱାରା ଏହି ଦିବସ ପାଳନ ପାଇଁ ପ୍ରୋତ୍ସାହିତ ହୋଇଥିଲା। ସୋସିଆଲ ନେଟ୍‌ୱର୍କିଂ ସାଇଟ୍‌ଗୁଡିକରେ ଫ୍ରେଣ୍ଡଶିପ ଡେ’ ପ୍ରତି ଆଗ୍ରହ ବିଶେଷ ବୃଦ୍ଧି ପାଇବାରେ ଲାଗିଛି। ଇଣ୍ଟରନେଟ୍ ବିସ୍ତାର ସହିତ ବିଶେଷ ଭାବରେ ଭାରତ, ବାଂଲାଦେଶ ଏବଂ ମାଲେସିଆରେ ଏହା ବୃଦ୍ଧି ପାଇବାରେ ଲାଗିଛି। ଏହି ଦିବସକୁ ଲୋକପ୍ରିୟ କରିବାରେ ମୋବାଇଲ ଫୋନ, ଡିଜିଟାଲ ଯୋଗାଯୋଗ ଏବଂ ସୋସିଆଲ ମିଡିଆ ସହଯୋଗ କରିଛି।

ବନ୍ଧୁତ୍ୱ ଦିବସକୁ ସମ୍ମାନିତ କରିବା ପାଇଁ ୧୯୯୮ରେ ନାନେ ଆନ୍ନା ମିଳିତ ଜାତିସଂଘରେ ୱିନି ପୁହକୁ ବିଶ୍ୱର ରାଷ୍ଟ୍ରଦୂତ ଭାବରେ ନାମିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆମେରିକାର ଜନସୂଚନା ବିଭାଗ ଏବଂ ଡିଜ୍‌ନି ଏଣ୍ଟରପ୍ରାଇଜେସ ଏବଂ କ୍ୟାଥି ଲି ଗିଫୋର୍ଡଙ୍କ ଦ୍ୱାରା ମିଳିତ ଭାବରେ ଆୟୋଜନ କରାଯାଇଥିଲା। ବିଶ୍ୱସ୍ତରରେ ବନ୍ଧୁତ୍ୱ ଦିବସର ଧାରଣା ପ୍ରଥମେ ୨୦ ଜୁଲାଇ ୧୯୫୮ରେ ଡକ୍ଟର ରାମନ ଆର୍ଟେମିଓ ବ୍ରାଚୋଙ୍କ ଦ୍ୱାରା ପାରାଗୁଏର ଉତ୍ତରରେ ପ୍ରାୟ ୨୦୦ ମାଇଲ (୩୨୦ କିଲୋମିଟର) ଉତ୍ତରରେ ପାରାଗୁଏ ନଦୀ ନିକଟରେ ଥିବା ପୁଏର୍ତୋ ପିନାସ୍କୋରେ ସାଙ୍ଗମାନଙ୍କ ସହ ରାତ୍ରିଭୋଜନ ସମୟରେ ପ୍ରସ୍ତାବ ଦିଆଯାଇଥିଲା। ଏହି ବୈଠକରେ ୱାର୍ଲ୍ଡ ଫ୍ରେଣ୍ଡଶିପ କ୍ରୁସେଡର ସୃଷ୍ଟି ହୋଇଥିଲା। ୱାର୍ଲ୍ଡ ଫ୍ରେଣ୍ଡଶିପ କ୍ରୁସେଡ ହେଉଛି ଏକ ମୂଳଦୁଆ; ଯାହା ଜାତି, ରଙ୍ଗ କିମ୍ବା ଧର୍ମ ନିର୍ବିଶେଷରେ ସମସ୍ତ ମଣିଷ ମଧ୍ୟରେ ବନ୍ଧୁତା ଏବଂ ସହଭାଗିତାକୁ ପ୍ରୋତ୍ସାହିତ କରେ। ସେହି ଦିନଠାରୁ ୩୦ ଜୁଲାଇରେ ପ୍ରତିବର୍ଷ ପାରାଗୁଏରେ ଫ୍ରେଣ୍ଡଶିପ ଡେ’ ଭାବରେ ପାଳନ କରାଯାଇ ଆସୁଥିଲା ଏବଂ ଏହାକୁ ଅନ୍ୟାନ୍ୟ ଦେଶ ମଧ୍ୟ ଗ୍ରହଣ କରିଥିଲେ।

୩୦ ଜୁଲାଇକୁ ବିଶ୍ୱ ବନ୍ଧୁତ୍ୱ ଦିବସ ଭାବରେ ମାନ୍ୟତା ଦେବା ପାଇଁ ବିଶ୍ୱ ବନ୍ଧୁତା କ୍ରୁସେଡ ମିଳିତ ଜାତିସଂଘରେ ବହୁ ବର୍ଷ ଧରି ଲବି କରିଆସୁଥିଲା। ଶେଷରେ ୨୦୧୧ରେ ମିଳିତ ଜାତିସଂଘର ସାଧାରଣ ସଭା ୩୦ ଜୁଲାଇକୁ ଅନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସ ଭାବରେ ସ୍ଥିର କରିବାକୁ ନିଷ୍ପତ୍ତି ନେଇଥିଲେ। ଶିକ୍ଷା ତଥା ଜନସଚେତନତା ସୃଷ୍ଟି କାର୍ଯ୍ୟକଳାପ ସହିତ ସେମାନଙ୍କର ସ୍ଥାନୀୟ, ଜାତୀୟ ତଥା ଆଞ୍ଚଳିକ ସମ୍ପ୍ରଦାୟଙ୍କର ସଂସ୍କୃତି ଏବଂ ପରମ୍ପରା ଅନୁଯାୟୀ ଅନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସ ପାଳନ କରିବାକୁ ସମସ୍ତ ସଦସ୍ୟ ରାଷ୍ଟ୍ରମାନଙ୍କୁ ଆଗେଇ ଆସିବାକୁ ଜାତିସଂଘ ଆମନ୍ତ୍ରଣ କରିଥିଲା।

# କିନ୍ନର ସାମାଜିକ କର୍ମୀ ଚରିତ୍ରରେ ସୁସ୍ମିତା



**ମୁମ୍ବାଇ:** କିଛି ବର୍ଷର ବ୍ୟବଧାନ ପରେ ଏବେ ପୁଣି ଥରେ ମିସ୍ ୟୁନିଭର୍ସ ୧୯୯୪ ପିଜାଣ୍ଟର ବିଜେତା ସୁସ୍ମିତା ସେନ୍‌ଙ୍କ ଅଭିନୟ ଦେଖିବାକୁ ମିଳିବ। ଏହାକୁ ନେଇ ଦର୍ଶକ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ନିକଟରେ ତାଙ୍କ ଆଗାମୀ ବାୟୋପିକ୍ ଟିଭି ସିରିଜ୍ ‘ତାଲି’ରେ ଦେଖିବାକୁ ମିଳିବେ। ନିକଟରେ ସିରିଜ୍‌ର ଏକ ଟିଜର ରିଲିଜ୍ ହୋଇଛି। ଏଥିରେ ସୁସ୍ମିତା ଜଣେ କିନ୍ନର ସାମାଜିକ କର୍ମୀ ଚରିତ୍ରରେ ନଜରକୁ ଆସିଛନ୍ତି। ଏହି ଚଳଚ୍ଚିତ୍ର ଶ୍ରୀଗୌରୀ ସାୱନ୍ତଙ୍କ ବାୟୋପିକ୍ ଉପରେ ଆଧାରିତ। ମୁଭିରେ ସୁସ୍ମିତାଙ୍କୁ ଶ୍ରୀଗୌରୀଙ୍କ ଭୂମିକାରେ ଦେଖିବାକୁ ମିଳିବ। ଟିଜରରେ ଦେଖିବାକୁ ମିଳିଛି, ସୁସ୍ମିତା ଦର୍ପଣ ସମ୍ମୁଖରେ ନିଜ ଶାଢ଼ି ସଜାଡୁଛନ୍ତି। କିଛି ଲୋକ ତାଙ୍କୁ କିନ୍ନର, କିଛି ଲୋକ ସାମାଜିକ କର୍ମୀ ଏବଂ ଆଉ କିଛି ଲୋକ ନୌଟଙ୍କି ବୋଲି କହୁଥିବା ସେ କହୁଛନ୍ତି। ମୁଭିରେ ସୁସ୍ମିତାଙ୍କ ଏକ ଡାଇଲଗ ରହିଛି, ‘ଗାଲି ସେ ତାଲି ତକ୍’। ଏଥିରେ ଅନ୍ୟ ଏକ ଡାଇଲଗ୍ ରହିଛି, ‘ସ୍ୱାଭିମାନ, ସମ୍ମାନ, ସ୍ୱତନ୍ତ୍ରତା ମୁଝେ ୟେ ତିନୋ ଚାହିଏ’। ସିରିଜ୍‌ଟି ଶ୍ରୀଗୌରୀଙ୍କ ଆରମ୍ଭ ଦିନରୁ ଏପର୍ଯ୍ୟନ୍ତ ଜୀବନ ଯାତ୍ରାକୁ ନେଇ ତିଆରି ହୋଇଛି। ଏହି ଟିଜରର କ୍ୟାପ୍ସନରେ ସୁସ୍ମିତା ଲେଖିଛନ୍ତି, ‘ଗାଲି ସେ ତାଲି ତକ୍ କି ସଫର କି ୟେ କାହାନି’। ସିରିଜ୍ ୧୫ ଅଗଷ୍ଟକୁ ଜିଓ ସିନେମାରେ ରିଲିଜ୍ କରିବ। ରବି ଯାଦବଙ୍କ ନିର୍ଦ୍ଦେଶିତ ଏହି ସିରିଜ୍‌ରେ ଅଙ୍କୁର ଭାଟିଆ, ଐଶ୍ୱର୍ଯ୍ୟା ନର୍କର, ହେମଙ୍ଗି କବି, ନିତିଶ ରାଥୋଡ୍‌ଙ୍କୁ ଭିନ୍ନ ଚରିତ୍ରରେ ଦେଖିବାକୁ ମିଳିବ।




# ୫୫ ପରୀକ୍ଷାର୍ଥୀଙ୍କୁ କାରଣ ଦର୍ଶାଅ ନୋଟିସ

## ଓଏସ୍‌ଏସ୍‌ସି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲା

ବାଲେଶ୍ୱର,୨୯।୭(ମାନସ ବିଶ୍ୱାଳ)

ବହୁ ଚର୍ଚ୍ଚିତ ଜେଇ ସିଭିଲ ମେନ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ପ୍ରଥମ ଥର ପାଇଁ ଆକ୍ସନ ମୋଡ୍‌କୁ ଆସିଛି ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ସି)। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି, ଯେଉଁଥିରେ ମୁଖ୍ୟ ଅଭିଯୁକ୍ତ ରହିଛନ୍ତି ବିହାର ପାଟନା ଆକାଉଣ୍ଟାଣ୍ଟ ଜେନେରାଲ (ଏଜି)ଙ୍କ ଅଫିସ୍‌ର ଜଣେ ବରିଷ୍ଠ କର୍ମଚାରୀ ବିଶାଲ କୁମାର ଚୌରସିଆ (୩୫)। ସେହିପରି ଯାଜପୁର ଜିଲାରେ ଶିକ୍ଷକତା କରୁଥିବା ସୁଶାନ୍ତ କୁମାର ସାହୁ (୪୨) ଓ କନ୍ଧମାଳ ଜିଲାରେ ଶିକ୍ଷକ ଥିବା ଗଞ୍ଜାମ ଜିଲାର ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ (୩୩)ଙ୍କ ସମେତ ମୋଟ୍ ୧୭ ଜଣ ଗିରଫ ହୋଇଛନ୍ତି। ବାଲେଶ୍ୱର ଏସ୍‌ପି ସାଗରିକା ନାଥ ଏହି ମାମଲାରେ ତଦନ୍ତ କରି ଏକ ରିପୋର୍ଟ ଦେଇଛନ୍ତି, ଯେଉଁଥିରେ ଏହି ର୍‍ୟାକେଟ୍ ସହ ଡିଲ୍‌ରେ ଜଡ଼ିତ ଥିବା ୯୨ ଜଣ ପରୀକ୍ଷାର୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଏସ୍‌ପି ଓଏସ୍‌ଏସ୍‌ସି ଅଧ୍ୟକ୍ଷଙ୍କୁ ଚିଠି ଲେଖିଥିଲେ। ଏହାପରେ ଓଏସ୍‌ଏସ୍‌ସି କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ ୫୫ ପରୀକ୍ଷାର୍ଥୀଙ୍କୁ ନୋଟିସ୍ କରିଛି। ଅନ୍ୟପଟେ ଏହି ନିଯୁକ୍ତି ଠକେଇ ର୍‍ୟାକେଟ୍ ସହ ଓଏସ୍‌ଏସ୍‌ସିର ସମ୍ପୃକ୍ତି ଅଛି କି ନାହିଁ, ଡିଲ୍ ବେଳେ ଧରାପଡ଼ିଥିବା ୯୨ଜଣ ପରୀକ୍ଷାର୍ଥୀଙ୍କ ଯୋଗାଯୋଗ ନମ୍ବର ଉକ୍ତ ର୍‍ୟାକେଟ୍ ପାଇଲା କିପରି, ଓଏସ୍‌ଏସ୍‌ସିର ପ୍ରଶ୍ନପତ୍ର ଛାପିବା ପାଇଁ ବାହାର ରାଜ୍ୟର ଯେଉଁ ପ୍ରିଣ୍ଟିଂପ୍ରେସକୁ ଦାୟିତ୍ୱ ଦିଆଯାଇଥିଲା, ସେଠାରେ ପ୍ରଶ୍ନପତ୍ର ସୁରକ୍ଷା ଦାୟିତ୍ୱରେ କିଏ ଥିଲେ ଓ ଏହି ଘଟଣା ପରେ ତାଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ତାହା ଉପରେ ସାରା ରାଜ୍ୟର ନଜର ରହିଛି। ସୂଚନାଯୋଗ୍ୟ, ଗତ ୧୬ ତାରିଖରେ ଓଏସ୍‌ଏସ୍‌ସି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ନେଇ ବାଲେଶ୍ୱର ପୋଲିସକୁ ସୂଚନା ମିଳିଥିଲା। ସ୍ୱତନ୍ତ୍ର ଟିମ୍ ମାଧ୍ୟମରେ ସହଦେବଖୁଣ୍ଟା ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ବାରୁଣୀ ବ୍ରିଜ୍ ଠାରେ ଏକ ଗ୍ରୁପ୍‌କୁ ଠାବ କରାଯାଇ ସେମାନଙ୍କ ନିକଟରୁ ମିଳିଥିବା ତଥ୍ୟ ଅନୁସାରେ ଅନ୍ୟ ଏକ ଗ୍ରୁପ୍‌କୁ ଦୀଘା ନିକଟସ୍ଥ ଏକ ହୋଟେଲରୁ ମୋଟ୍ ୯ଜଣଙ୍କୁ ଗିରଫ କରାଯାଇଥିଲା। ଏନେଇ ସହଦେବଖୁଣ୍ଟା ଥାନାରେ ମାମଲା (ନଂ.୩୦୩/୨୩) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଅଧିକ ତଦନ୍ତ ପାଇଁ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯାଇଥିଲା। ସେମାନଙ୍କ ନିକଟରୁ ମିଳିଥିବା ତଥ୍ୟ ଅନୁସାରେ ବାଲେଶ୍ୱର ପୋଲିସର ସ୍ୱତନ୍ତ୍ର ଟିମ୍ ବିହାର, ମଧ୍ୟପ୍ରଦେଶ ଓ ଓଡ଼ିଶାରୁ ମାଷ୍ଟରମାଇଣ୍ଡଙ୍କ ସହ ୮ଜଣଙ୍କୁ ଗିରଫ କରିଥିଲା। ମୋଟ୍ ଗିରଫ ହୋଇଥିବା ୧୭ଜଣଙ୍କଠାରୁ ୨୫ଟି ମୋବାଇଲ, ୩ଟି ଦସ୍ତଖତ ଥିବା ବ୍ଲାଙ୍କ ଚେକ୍, ୩ଟି ଅରିଜିନାଲ ସାର୍ଟିଫିକେଟ୍, ଗୋଟିଏ ବସ୍, ଗୋଟିଏ ସ୍କର୍ପିଓ, ୩ଟି କାର୍, ନଗଦ ଲକ୍ଷାଧିକ ଟଙ୍କା ଜବତ କରାଯାଇଥିବା ନେଇ ଗତ ୨୭ ତାରିଖରେ ବାଲେଶ୍ୱର ଏସ୍‌ପି ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଥିଲେ।

# ଲଘୁଚାପ: ପ୍ରବଳ ବର୍ଷା ସମ୍ଭାବନା

## ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୯।୭(ଅନିଲ ଦାସ)

ଉତ୍ତର ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳରେ ଶନିବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏଥିସହିତ ଉତ୍ତର ଓଡ଼ିଶା ଉପରେ ଏକ ଘୂର୍ଣ୍ଣବଳୟ ରହିଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମଧ୍ୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆସନ୍ତା ୨ ଦିନ ସମଗ୍ର ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ ଅଗଷ୍ଟ ୩ ତାରିଖ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଲାଗି ରହିବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଲଘୁଚାପ ଆହୁରି ଘନୀଭୂତ ହେବାର ସମ୍ଭାବନା ରହିଛି। ଏଥିଯୋଗୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ ଢେଙ୍କାନାଳ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହି ଜିଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ଭଦ୍ରକ, କଟକ, ମୟୂରଭଞ୍ଜ, ଯାଜପୁର, ପୁରୀ, ଅନୁଗୋଳ, ଦେବଗଡ଼, ବାଲେଶ୍ୱର, କେନ୍ଦୁଝର, ସମ୍ବଲପୁର, ଝାରସୁଗୁଡା, ସୋନପୁର, ବଲାଙ୍ଗୀର, ବୌଦ୍ଧ, ବରଗଡ଼, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼ ଏବଂ ଖୋର୍ଦ୍ଧା ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୩୧ ତାରିଖରେ ସୋନପୁର, ବୌଦ୍ଧ, ବଲାଙ୍ଗୀର, ନୟାଗଡ଼, କଟକ, ଅନୁଗୋଳ, ଢେଙ୍କାନାଳ, ଜଗତ୍‌ସିଂହପୁର ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏହିସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ଖୋର୍ଦ୍ଧା, ସମ୍ବଲପୁର, କେନ୍ଦ୍ରାପଡ଼ା, ଗଞ୍ଜାମ, ପୁରୀ, କଳାହାଣ୍ଡି, କନ୍ଧମାଳ, ବରଗଡ଼, ନୟାଗଡ଼, ନୂଆପଡ଼ା ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଲଘୁଚାପ ଯୋଗୁ ଅଗଷ୍ଟ ୩ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ଲାଗି ରହିବ। ଲଘୁଚାପକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ତଳିଆ ଅଞ୍ଚଳ ଉପରେ ନଜର ରଖିବାକୁ କୁହାଯାଇଛି। ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାରୁ କେତେକ ସ୍ଥାନରେ ବର୍ଷା ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବୌଦ୍ଧ ଜିଲାର ହରଭଙ୍ଗାରେ ସର୍ବାଧିକ ୧୬୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ପାରାଦୀପ ୨୪.୨, ପୁରୀ ୧୫.୨, ବାରିପଦା ୩୫.୪, କେନ୍ଦୁଝର ୨୦.୬, ଫୁଲବାଣୀ ୯୮.୫, ସୋନପୁର ୨୦, ଦାରିଙ୍ଗବାଡି ୧୧, ନୂଆପଡ଼ା ୪୧.୨, କେନ୍ଦ୍ରାପଡ଼ାରେ ୧୩.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

### ୮ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସରେ ଧରାପଡ଼ିବା ଘଟଣା

## ଜେଲ ଗଲେ ଆଇଆଇସି, ଏଏସ୍‌ଆଇ

ଜୟପୁର/ଦଶମନ୍ତପୁର, ୨୯।୭
(ପବନ ପାଣିଗ୍ରାହୀ/ଅରବିନ୍ଦ ନାୟକ)

ମାମଲାର ରଫାଦଫା କରିବାକୁ ୮ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ମହିଳା ଏଏସ୍‌ଆଇ ଦୀପିକା ହୀରା ଓ ଥାନା ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତି ଗିରଫ ହୋଇ ଶନିବାର ଜେଲ ଯାଇଛନ୍ତି। ଏଏସ୍‌ଆଇ ହୀରା ଧରାପଡ଼ିବା ପରେ ପଚରାଉଚରା ବେଳେ ସେ ମାମଲା ହୋଇଥିବା ବ୍ୟକ୍ତିଙ୍କୁ ରଫାଦଫା କରିବାକୁ ୧୩ ହଜାର ଟଙ୍କା ମାଗିଥିଲେ। ଏହାକୁ ସେ ଆଇଆଇସିଙ୍କୁ ଦେବେ ବୋଲି କହିଥିଲେ। ଆଇଆଇସି ମହାନ୍ତିଙ୍କ ନାମ ଉଠିବାରୁ ଭିଜିଲାନ୍ସ ତାଙ୍କ ସମ୍ପର୍କରେ ମଧ୍ୟ ଖୋଳତାଡ଼ କରିଥିଲା। ଫଳରେ ଉଭୟଙ୍କୁ ଭିଜିଲାନ୍ସ ଧରିଥିଲା। କୋର୍ଟ ଚାଲାଣ ପରେ ଉଭୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଆସନ୍ତା ୧୧ତାରିଖ ଯାଏ ଜୟପୁର ଉପ କାରାଗାରକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଦଶମନ୍ତପୁର ଏସ୍.ତୋଟାଗୁଡ଼ା ଗ୍ରାମର ବୀରେନ୍ଦ୍ର ଖୋସ୍‌ଲାଙ୍କ ନାମରେ ଏକ ପାଟିତୁଣ୍ଡଜନିତ ମାମଲା ରହିଥିଲା। ଏହି ମାମଲାର ରଫାଦଫା କରିବା ଲାଗି ସେ ଗତ ୨୪ ତାରିଖରେ ଏଏସ୍‌ଆଇ ଦୀପିକା ହୀରାଙ୍କୁ ୫ ହଜାର ଟଙ୍କା ଦେଇଥିଲେ। ଅବଶିଷ୍ଟ ଟଙ୍କା ଶୁକ୍ରବାର ଦେବାକୁ ବୀରେନ କହିଥିଲେ। ଏ ସମ୍ପର୍କରେ ସେ ଭିଜିଲାନ୍ସକୁ ଜଣାଇଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ଶୁକ୍ରବାର ଭିଜିଲାନ୍ସ ଟିମ୍ ଦଶମନ୍ତପୁର ଥାନାରେ ଚଢ଼ାଉ କରିଥିଲା।

# ୨୯୭ ବନ୍ୟା ଆଶ୍ରୟସ୍ଥଳୀରେ ଲାଗିବ ବିଜୁଳି ରୋଧକ ଯନ୍ତ୍ର

## ବଜ୍ରପାତରୁ ଜୀବନ ସୁରକ୍ଷା ଚିନ୍ତା

- ଖର୍ଚ୍ଚ ହେବ ୮.୧୬ କୋଟି ଟଙ୍କା
- ସଚେତନତା ସୃଷ୍ଟି ପାଇଁ ଗୁରୁତ୍ୱାରୋପ

ଯାଜପୁର,୨୯।୭(ହର୍ଷବର୍ଦ୍ଧନ ବେହେରା)

ଓଡ଼ିଶାକୁ ପ୍ରାୟତଃ ଭାରତର ବିପର୍ଯ୍ୟୟ ହଟସ୍ପଟ ବୋଲି କୁହାଯାଏ। ବନ୍ୟା, ବାତ୍ୟା ଭଳି ବିପର୍ଯ୍ୟୟ ଧନଜୀବନ ହାନି କରୁଥିବାବେଳେ ବଜ୍ରପାତରେ ରାଜ୍ୟର ବହୁ ଲୋକଙ୍କ ମୃତ୍ୟୁ ଘଟୁଛି। ରାଜ୍ୟରେ ବଜ୍ରପାତରେ ବାର୍ଷିକ ହାରାହାରି ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଉଛି। ୧୯୯୯ ମହାବାତ୍ୟା ପରେ ଏଯାଏ ବଜ୍ରପାତରେ ୫୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ଅଧିକାଂଶ ଖୋଲା ପଡ଼ିଆରେ କିମ୍ବା ରାଜ୍ୟର ବିଭିନ୍ନ ସ୍ଥାନରେ ଗଛ ତଳେ ଆଶ୍ରୟ ନେଉଥିବା ସମୟରେ ବଜ୍ରପାତର ଶିକାର ହେଉଛନ୍ତି। ଏଥିରେ କୃଷକ, ବିକ୍ରେତା, ହକର୍, ନିର୍ମାଣ ଶ୍ରମିକ ପ୍ରାୟତଃ ପ୍ରାଣ ହରାଉଛନ୍ତି। ବଲାଙ୍ଗୀର, ବାଲେଶ୍ୱର, କଟକ, ଯାଜପୁର, ଗଞ୍ଜାମ, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର ଓ ସୁନ୍ଦରଗଡ ଜିଲାରେ ସର୍ବାଧିକ ବଜ୍ରପାତଜନିତ ମୃତ୍ୟୁ ହେଉଛି। ଏହିକ୍ରମରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଅଥରିଟି (ଓଏସ୍‌ଡିଏମ୍‌ଏ) ପକ୍ଷରୁ ଏହି ୧୦ ଜିଲାରେ ସଚେତନତା କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ରାଜ୍ୟର ୨୯୭ ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ବିଜୁଳି ରୋଧକ ଯନ୍ତ୍ର ଲଗାଯିବାକୁ ନିଷ୍ପତ୍ତି ହୋଇଛି।

ସଚେତନତା କାର୍ଯ୍ୟକ୍ରମରେ ଷ୍ଟ୍ରିଟ୍ ପ୍ଲେ, ୱାଲ୍ ପେଣ୍ଟିଂ, ସ୍କୁଲ ଓ କଲେଜସ୍ତରରେ ସଚେତନତା, ଏସ୍‌ଏଚ୍‌ଜି ସଭ୍ୟା, କୃଷକ, ଯୁବକ ସଂଘ, ଏନ୍‌ଜିଓ ପ୍ରମୁଖଙ୍କୁ ନେଇ ବୈଠକ କରି ସଚେତନ କରିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ପ୍ରତ୍ୟେକ ଜିଲାକୁ ୪ ଲକ୍ଷ ୯୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ରିପୋର୍ଟ ଅନୁସାରେ ଓଏସ୍‌ଡିଏମ୍‌ଏ ପକ୍ଷରୁ ରାଜ୍ୟରେ ୮୧୬ଟି ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ରହିଥିବାବେଳେ ରେଡକ୍ରସ ସୋସାଇଟି ପକ୍ଷରୁ ୫୫ଟି ନୂତନ ଆଶ୍ରୟସ୍ଥଳୀ ନିର୍ମାଣାଧୀନ ରହିଛି। ପୂର୍ବରୁ ୬୪୦ଟି ଆଶ୍ରୟସ୍ଥଳୀରେ ବିଜୁଳି ରୋଧକ ଯନ୍ତ୍ର ଲଗାଯାଇଛି। ଏବେ ପୁଣି ୨୯୭ଟି ଆଶ୍ରୟସ୍ଥଳୀରେ ବିଜୁଳି ରୋଧକ ଯନ୍ତ୍ର ଲଗାଯିବ। ଏଥିପାଇଁ ୮ କୋଟି ୧୬ ଲକ୍ଷ ୭୫ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଛି। ବଜ୍ରପାତରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ପ୍ରସ୍ତାବିତ ସଚେତନତା ସୃଷ୍ଟି ସଂକ୍ରାନ୍ତରେ ଓଏସ୍‌ଡିଏମ୍‌ଏ ପକ୍ଷରୁ ନିର୍ବାହୀ ନିର୍ଦ୍ଦେଶକ ସସ୍ମିତା ବେହେରା ଉପରୋକ୍ତ ୧୦ଟି ଜିଲାର ଜିଲାପାଳଙ୍କୁ ୨୬।୭।୨୦୨୩ରେ ନିର୍ଦ୍ଦେଶ ଜାରି କରିଛନ୍ତି।

# 'କ୍ଲିନ୍ ଶିମିଳିପାଳ': ଜବତ ହେଲାଣି ୩୨ ବନ୍ଧୁକ

## ଅପରେଶନ ବେଳେ ଗିରଫ ହେଲେଣି ୨୦

ବାରିପଦା,୨୯।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଏସ୍‌ପି ବି.ଗଙ୍ଗାଧର ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ଶିମିଳିପାଳ ଅଭୟାରଣ୍ୟ ସଂଲଗ୍ନ ଅଞ୍ଚଳରୁ ଶିକାରୀ ଓ ଅସ୍ତ୍ରଶସ୍ତ୍ର ମୁକ୍ତ ପାଇଁ ଜାରି ରହିଥିବା ଅପରେଶନ(କ୍ଲିନ୍ ଶିମିଳିପାଳ)ରେ ପୋଲିସକୁ ପୁଣି ଏକ ସଫଳତା ମିଳିଛି। ଖୁଣ୍ଟା ପୋଲିସ ଚଢ଼ାଉକରି ୯ଟି ଦେଶୀ ବନ୍ଧୁକ ଜବତ କରିଛି। ଅଭିଯାନ ଜୁନ୍ ୧୮ରୁ ଆରମ୍ଭ ହୋଇଥିବା ବେଳେ ଅଦ୍ୟାବଧି ୧୦ଟି ମାମଲାରେ ୩୨ଟି ବନ୍ଧୁକ ଜବତ ହୋଇଥିବା ବେଳେ ୨୦ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ୧ ଅଗଷ୍ଟରୁ କ୍ଲିନ୍ ଶିମିଳିପାଳ ଅଭିଯାନକୁ ତ୍ୱରାନ୍ୱିତ କରାଯାଇ ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରାଯିବ ବୋଲି ଶନିବାର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ବି.ଗଙ୍ଗାଧର ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଉଦଳା ଏସ୍‌ଡିପିଓ ସାର୍ଥକ ରାୟ ଓ ଖୁଣ୍ଟା ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକ ଉପସ୍ଥିତ ଥିଲେ।

ସୂଚନା ଅନୁଯାୟୀ, ଶିମିଳିପାଳକୁ ସୁରକ୍ଷା ଦେବା ପାଇଁ ପୋଲିସ ଓ ବନ ବିଭାଗର ମିଳିତ ଜଏଣ୍ଟ ଟାସ୍କ ଫୋର୍ସ ମାଧ୍ୟମରେ ସର୍ଚ୍ଚ ଅପରେଶନ ଜାରି ରହିଛି। ଅଭୟାରଣ୍ୟର ପ୍ରବେଶପଥରେ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇ କୋମ୍ବିଂ ଅପରେଶନ ଜାରି ରଖାଯାଇଛି। ଏହି କ୍ରମରେ ଶୁକ୍ରବାର ସ୍ୱତନ୍ତ୍ର ଗୋଇନ୍ଦା ପୋଲିସ ପକ୍ଷରୁ ସୂଚନା ପାଇ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଖୁଣ୍ଟା ଆଇଆଇସି ନାୟକଙ୍କ ନେତୃତ୍ୱରେ ଶିମିଳିପାଳ ପାଦଦେଶରେ ଥିବା ଗୁଡୁକି ଓ ବଣିଆବସା ଗାଁରେ ଚଢ଼ାଉ ହୋଇଥିଲା। ଶିକାର ଉଦ୍ଦେଶ୍ୟରେ ଜଙ୍ଗଲର ପରିତ୍ୟକ୍ତ ସ୍ଥାନରେ ଲୁଚାଇ ରଖାଯାଇଥିବା ୯ ବନ୍ଧୁକ ପୋଲିସ ଜବତ କରିଥିଲା। ସେଥିମଧ୍ୟରୁ ୮ ଦେଶୀ ବନ୍ଧୁକ ଓ ଗୋଟିଏ ଦେଶୀ ପିସ୍ତଲ ରହିଛି। ଏ ସଂକ୍ରାନ୍ତରେ ପୃଥକ୍ ମାମଲା (ନଂ. ୨୧୨/୨୩ ଓ ୨୧୩/୨୩)ରେ ଭାରତୀୟ ଅସ୍ତ୍ରଶସ୍ତ୍ର ନିରୋଧ ଆଇନ ଅନୁଯାୟୀ ରୁଜୁ ହୋଇଛି। ମାମଲାରେ କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବା ବେଳେ ତଦନ୍ତ ଜାରି ରହିଛି ବୋଲି ପୋଲିସ ସୂଚନା ଦେଇଛି।

ଅନ୍ୟପକ୍ଷେ, ବେଆଇନ ଅସ୍ତ୍ରଶସ୍ତ୍ର ରଖିଥିବା ବ୍ୟକ୍ତିମାନଙ୍କୁ ଏବଂ ଦେଶୀ ବନ୍ଧୁକ ତିଆରି କରୁଥିବା ବ୍ୟକ୍ତିଙ୍କୁ ପୋଲିସ ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି। ସ୍ୱଇଚ୍ଛାରେ ଜୁଲାଇ ୩୦ ଓ ୩୧ରେ ନିକଟସ୍ଥ ୧୨ ଥାନାରେ ବନ୍ଧୁକ ଓ ବନ୍ଧୁକ ତିଆରି କାରଖାନାର ସରଞ୍ଜାମକୁ ଜମା ଦେଇ ପୁରସ୍କୃତ ହେବାକୁ ପରାମର୍ଶ ଦିଆଯାଉଛି। ଏଥିରେ ବ୍ୟତିକ୍ରମ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଡ଼ା ଚେତାବନୀ ଦିଆଯାଇଛି। ଘୋଷଣା ପରେ ବାରିପଦା ସଦର ଥାନା ଅଧୀନରେ ଜଣେ ବ୍ୟକ୍ତି ବନ୍ଧୁକ ସମର୍ପଣ କରିଛନ୍ତି।

# ସୀମାନ୍ତରେ ପୋଲିସ-ମାଓବାଦୀ ଗୁଳି ବିନିମୟ

ମାଲକାନଗିରି,୨୯।୭
(ଦୁର୍ଯ୍ୟୋଧନ ପତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର କିଷ୍ଟାରାମ ସୀମାରେ ଥିବା ଛୋଟକେଡୱାଲ ଗ୍ରାମ ଏବଂ ସିଙ୍ଗାନାମାଡଗୁ ଜଙ୍ଗଲରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ସୂଚନା ଅନୁଯାୟୀ ମାଓବାଦୀମାନେ ଶହୀଦ ସପ୍ତାହ ପାଳନ ପାଇଁ ବିଭିନ୍ନ ସ୍ଥାନରେ ପୋଷ୍ଟର ଓ ବ୍ୟାନର ଲଗାଇଥିଲେ। ଏହାକୁ ଦୃଷ୍ଟିରେ ରଖି ଡିଆର୍‌ଜି ଏବଂ କୋବ୍ରା ଯବାନଙ୍କ ଦ୍ୱାରା ସ୍ୱତନ୍ତ୍ର ମାଓବାଦୀ ଅପରେଶନ୍ କରାଯାଇଥିଲା। ତେବେ ଏହି ଅପରେଶନ ସମୟରେ ଛୋଟକେଡୱାଲ ଜଙ୍ଗଲରେ ପୋଲିସକୁ ଦେଖି ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ଏହାର ଜବାବରେ ଡିଆର୍‌ଜି ଓ କୋବ୍ରା ଯବାନମାନେ ମଧ୍ୟ ଗୁଳି ଚଳାଇଥିଲେ। ଉଭୟ ପାର୍ଶ୍ୱରୁ ପ୍ରାୟ ୧ ଘଣ୍ଟା ଧରି ଏହି ଗୁଳି ବିନିମୟ ଚାଲିଥିଲା ବେଳେ ଯବାନଙ୍କ ଭୟରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ତେବେ ଏହି ଗୁଳି ବିନିମୟ ବେଳେ ମାଓବାଦୀ ସଙ୍ଗଠନର ପ୍ଲାଟୁନ୍ ନମ୍ବର ୮ ର କୁଖ୍ୟାତ ମାଓବାଦୀ ରାଜୁ ଏବଂ ମାସା ସେଠାରେ ଉପସ୍ଥିତ ଥିବା ସୂଚନା ମିଳିଥିଲା। ସେଠାରୁ କେତେକ ମାଓବାଦୀ ସାମଗ୍ରୀ ଜବତ କରାଯାଇଥିବା ଜଣାପଡ଼ିଛି। ତେବେ ବର୍ତ୍ତମାନ ମଧ୍ୟ ସେହି ଅଞ୍ଚଳରେ ଯବାନମାନେ ସର୍ଚ୍ଚ ଅପରେଶନ ଜାରି ରଖିଛନ୍ତି। ଯବାନମାନେ ଫେରିବା ପରେ ସମସ୍ତ ସୂଚନା ମିଳିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ତନାଘନା ପରେ ହାତରେ ଲାଗିଲା ତଥ୍ୟ

## ନିଖୋଜ ନାବାଳକଙ୍କୁ ବଳି ସନ୍ଦେହ ଘଟଣା

ବଇଣ୍ଡା,୨୯।୭(ପରିକ୍ଷିତ ସାହୁ)


ସନ୍ଧାନୀ କୁକୁର ସହାୟତାରେ ପୋଲିସ ଘଟଣାର ତଦନ୍ତ କରୁଛି।

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କିଆକଟା ଥାନା ବାସୁଦେବପୁର ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମର ୭ମ ଶ୍ରେଣୀ ଛାତ୍ର ସଞ୍ଜୀବ ବିଶ୍ୱାଳ (୧୩)ଙ୍କ ଗଳିତ ମୃତଦେହ ନିଖୋଜର ୬ ଦିନ ପରେ ବାରେଣୀ ଜଙ୍ଗଲରୁ ଶୁକ୍ରବାର ମିଳିବା ପୋଲିସର ମୁଣ୍ଡବ୍ୟଥା ବଢ଼ାଇ ଦେଇଛି। ସଞ୍ଜୀବଙ୍କୁ ବଳି ଦିଆଯାଇଥିବା ଗ୍ରାମବାସୀ ସନ୍ଦେହ କରୁଥିବାରୁ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଜିଲାର ବିଭିନ୍ନ ଥାନା ଅଧିକାରୀଙ୍କୁ ନେଇ ଗଠନ କରାଯାଇଥିବା ସ୍ୱତନ୍ତ୍ର ଟିମ୍ ଶନିବାର ଏ ଦିଗରେ ଜୋର୍‌ଦାର ତନାଘନା ଚଳାଇଛି। କିଶୋରନଗର ଥାନାରେ ଅଟକ ଥିବା ମଙ୍ଗଳା କୋଠିର ମହିଳା ପୂଜକ ଓ ତାଙ୍କ ପରିବାରର ୪ ଜଣଙ୍କୁ ମାରାଥନ ପଚରାଉଚରା ପରେ ପୋଲିସକୁ କିଛି ସୂଚନା ମିଳିଛି। ତେବେ ତଦନ୍ତରେ ବାଧା ଆଶଙ୍କା ଥିବାରୁ ଏ ନେଇ ପୋଲିସ ମୁହଁ ଖୋଲୁନାହିଁ।

ସୂଚନାଯୋଗ୍ୟ, ସୁବର୍ଣ୍ଣପୁର ଗ୍ରାମର ସଞ୍ଜୀବଙ୍କ ଦେହ ୨ ବର୍ଷ ହେବ ଖରାପ ରହୁଥିଲା। ଗ୍ରାମ ନିକଟସ୍ଥ ମଙ୍ଗଳା କୋଠିରେ ପୂଜାର୍ଚ୍ଚନା କଲେ ପୁଅ ଭଲ ହୋଇଯିବ ବୋଲି ଶୁଣି ମା' ବାସନ୍ତୀ ବିଶ୍ୱାଳ ଗତ ୨୨ ତାରିଖରେ ପୁଅକୁ ନେଇ ସେଠାକୁ ଯାଇଥିଲେ। ମହିଳା ପୂଜକଙ୍କ ନିର୍ଦ୍ଦେଶ ଅନୁସାରେ ମଙ୍ଗଳା କୋଠିରେ ପୁଅକୁ ରାତିରେ ଅଧିଆ ପକାଇଥିଲେ। ହେଲେ ସକାଳୁ ପୁଅ ନିଖୋଜ ଥିବାରୁ ୨୩ ତାରିଖରେ କିଆକଟା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନମ୍ବର ୬୮/୨୩ରେ ମାମଲା ରୁଜୁ କରିଥିଲା। ହେଲେ ନିଖୋଜର ୬ ଦିନ ପରେ ବାରେଣୀ ଜଙ୍ଗଲରୁ ସଞ୍ଜୀବଙ୍କ ଗଳିତ ମୃତଦେହ ମିଳିବା କ୍ଷଣି ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଥିଲା। ଉତ୍ତ୍ୟକ୍ତ ଲୋକେ ପୋଲିସ ଗାଡ଼ି ପୋଡ଼ି ଦେଇଥିଲେ। ଶନିବାର ଗାଁରେ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ଅଭିଯୁକ୍ତମାନଙ୍କୁ ଧରିବାକୁ ଜିଲା ପୋଲିସ ତଦନ୍ତକୁ ଜୋର୍‌ଦାର କରିଛି। ଅନୁଗୋଳ ଜିଲା ଅତିରିକ୍ତ ଏସ୍‌ପି ସତ୍ୟଜିତ ମିଶ୍ର, ସୁରେନ୍ଦ୍ର ରାୟଗୁରୁ, ଆଠମଲ୍ଲିକ ଏସ୍‌ଡିପିଓ ବାଳକୃଷ୍ଣ କଅଁର, ଆଠମଲ୍ଲିକ ଥାନା ଆଇଆଇସି ସୁମିତ୍ରା ପାତ୍ର, ହଣ୍ଡପା ଥାନା ଆଇଆଇସି ନମିତା ନାୟକ, କିଶୋରନଗର ଥାନା ଆଇଆଇସି ଲବ ବୋଡା, ଠାକୁରଗଡ଼ ଥାନା ଆଇଆଇସି ପ୍ରିୟବ୍ରତ ଦାସଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ସନ୍ଧାନୀ କୁକୁରର ସହାୟତା ମଧ୍ୟ ନିଆଯାଇଛି। ଘଟଣା ପରଠୁ ପୋଲିସ ଅଟକ ରଖିଥିବା ମହିଳା ପୂଜକ ଗିତାଞ୍ଜଳି ବାଘଙ୍କ ସମେତ ତାଙ୍କ ୩ ପୁଅ ଦିବ୍ୟରଞ୍ଜନ ବାଘ, ଜ୍ୟୋତିରଞ୍ଜନ ବାଘ, ସୌମ୍ୟରଞ୍ଜନ ବାଘଙ୍କୁ ସୁରକ୍ଷା ଦୃଷ୍ଟିରୁ କିଶୋରନଗର ଥାନାକୁ ଆଣି ପଚରାଉଚରା କରାଯାଉଛି। ଅଟକ ୪ ସନ୍ଦିଗ୍ଧଙ୍କଠାରୁ କିଛି ସୂଚନା ମିଳିଥିବାରୁ ଅଭିଯୁକ୍ତମାନେ ଶୀଘ୍ର ଧରାପଡ଼ିବେ ବୋଲି ଚର୍ଚ୍ଚା ହେଉଛି। ଆଠମଲ୍ଲିକ ଏସ୍‌ଡିପିଓ କଅଁର କହିଛନ୍ତି, ମଙ୍ଗଳା କୋଠିରେ ପୂଜା କରୁଥିବା ମହିଳାଙ୍କ ସହ ତାଙ୍କର ୩ ପୁଅଙ୍କୁ ଅଟକ ରଖାଯାଇଛି।

# ବିଶ୍ୱ ସମସ୍ୟାର ସମାଧାନ ପାଇଁ ଉତ୍ସାହିତ କରିବ ସାଇମୁନ୍


'ସାଇ ଟ୍ରିବ୍ୟୁନ୍' ପୁସ୍ତିକାକୁ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମାନେ ଉନ୍ମୋଚନ କରୁଛନ୍ତି।

## ଯୁବ ସମ୍ମିଳନୀ 'ସାଇମୁନ୍ ୨୦୨୩' ଉଦ୍‌ଯାପିତ

- 'ସାଇ ଟ୍ରିବ୍ୟୁନ୍' ପୁସ୍ତିକା ଉନ୍ମୋଚନ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ
- ଜାତିସଂଘର ମୁଖ୍ୟ କାର୍ଯ୍ୟାଳୟକୁ ପଠାଯିବ ପୁସ୍ତିକା

ଭୁବନେଶ୍ୱର,୨୯।୭(ଶର୍ମିଷ୍ଠା ପାଣିଗ୍ରାହୀ)

ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ୍ ପକ୍ଷରୁ ଆୟୋଜିତ ପୂର୍ବ ଭାରତର ସର୍ବବୃହତ୍ ଯୁବ ସମ୍ମିଳନୀ 'ସାଇ ମଡେଲ ୟୁନାଇଟେଡ୍ ନେସନ୍ସ (ସାଇମୁନ୍)'ର ୧୧ତମ ସଂସ୍କରଣ ଶନିବାର ଶେଷ ହୋଇଛି। ୨ଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ଭାରତ ସମେତ ବିଶ୍ୱର ୧୦ଟି ଦେଶର ୮୦୦ରୁ ଅଧିକ ଅନ୍ତର୍ଜାତୀୟ ପ୍ରତିନିଧି ଯୋଗଦେଇ ବିଶ୍ୱ ସମସ୍ୟା ଓ ଏହାର ସମାଧାନ ନେଇ ଆଲୋଚନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ 'ସାଇ ଟ୍ରିବ୍ୟୁନ୍' ପୁସ୍ତିକାକୁ ଉନ୍ମୋଚିତ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ସାଇମୁନ୍ ପରି ପ୍ଲାଟ୍‌ଫର୍ମ ଭବିଷ୍ୟତର ଯୁବପିଢ଼ୀଙ୍କୁ ନିଶ୍ଚିତ ରୂପେ ବିଶ୍ୱ ସମସ୍ୟାର ସମାଧାନ କରିବାରେ ଉତ୍ସାହିତ କରିବ। ସେତେବେଳର ଭୀମଭୋଇଙ୍କ ବକ୍ତବ୍ୟ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ' ବର୍ତ୍ତମାନ ସମୟରେ 'ବସୁଧୈବ କୁଟୁମ୍ବକମ୍' ଶୀର୍ଷକକୁ ପ୍ରମାଣ କରୁଛି। ଛାତ୍ରଛାତ୍ରୀ ଓଡ଼ିଶାର ଏଭଳି କାର୍ଯ୍ୟକ୍ରମରେ ଭାଗନେଇ ବିଶ୍ୱ ସ୍ତରରେ ନିଜକୁ ପ୍ରତିଷ୍ଠା କରିବାକୁ ସେ ଆହ୍ୱାନ ଦେଇଥିଲେ। ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଲ୍ପୀ ସାହୁ କହିଛନ୍ତି, ଛାତ୍ରଛାତ୍ରୀଙ୍କୁ ଆନ୍ତର୍ଜାତୀୟ ଆହ୍ୱାନ, ନୀତି, ଜଟିଳତା ଏବଂ ବୁଝାମଣା ବିଷୟରେ ଜାଣିବାର ଅନନ୍ୟ ସୁଯୋଗ ସାଇମୁନ୍ ପ୍ରଦାନ କରିଥାଏ। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଓ ଆଇନ, ମହାମାରୀର ଭୟାବହତା, ଏହାର ଚିକିତ୍ସା ସୁବିଧା ଏବଂ ଏହା ପରର ଜୀବନ, ନରୱେ ଓ ସ୍ୱିଜରଲ୍ୟାଣ୍ଡ ମଧ୍ୟରେ ଦୀର୍ଘଦିନର ସମସ୍ୟାର ସମାଧାନ, ବିଶ୍ୱ ସୁରକ୍ଷା ଉପରେ ଘରୋଇ ସୁରକ୍ଷା କଣ୍ଟ୍ରାକ୍ଟରଙ୍କ ପ୍ରଭାବ, ସାଇବର ଯୁଦ୍ଧରୁ ସାଇବର ଆତଙ୍କବାଦ ଓ ଅପରାଧରୁ ଭିନ୍ନ କରିବା, ପବନ ଓ ସୋରଶକ୍ତିର ଅର୍ଥନୈତିକ ତଥା ପରିବେଶ ପ୍ରଭାବ, ଲିଙ୍ଗଗତ ପାର୍ଥକ୍ୟରେ ମହିଳାଙ୍କ ସୁରକ୍ଷା ପରି ଅନେକ ବିଶ୍ୱ ସମସ୍ୟାଗୁଡ଼ିକର ସମାଧାନ ଉପରେ ଆଲୋଚନା ତଥା ପର୍ଯ୍ୟାଲୋଚନା କରାଯାଇଥିଲା। ସମ୍ମିଳନୀରୁ ବାହାରିଥିବା ନିଷ୍କର୍ଷକୁ 'ସାଇ ଟ୍ରିବ୍ୟୁନ୍' ପୁସ୍ତିକା ମାଧ୍ୟମରେ ଜାତିସଂଘର ମୁଖ୍ୟ କାର୍ଯ୍ୟାଳୟକୁ ପ୍ରେରିତ କରାଯିବ। ସ୍କୁଲର ସିନିୟର ପ୍ରିନ୍ସପାଲ୍ ନୀଳକଣ୍ଠ ପାଣିଗ୍ରାହୀ, ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ ସ୍କୁଲର ହେଡ୍‌ମାଷ୍ଟର ଅମିତାଭ୍ ଅଗ୍ନିହୋତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝିପିରି ଝିପିରି ବରଷା ପାଣି**
**ତୁମେ ଯହିଁ ପାଇଁ ନସର ପସର**
**ଆମେ ସେଇ କଥା ଜାଣି।**

ସାଧାରଣତଃ ପାଖେ ପାଖେ ଘୁରିବୁଲୁଥିବା ଲୋକର ଭିତିରି ଉଦ୍ଦେଶ୍ୟ ଅତି ସହଜରେ ଜଣା ପଡି ଯାଇଥାଏ। ମନୁଷ୍ୟର ଚାଲିଚଳନ ତଥା ଆଦବ କାଇଦାରୁ ତା'ର ଅଭିପ୍ରାୟ ଜଣାପଡିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଝିପିଝିପି ବର୍ଷା ବିଗାଡେ ବାଟ**
**ଟିକିଟିକି କଥା ଆଣେ ସଙ୍କଟ।**

ଝିପିଝିପି ବର୍ଷା ଲାଗିରହିବା ଫଳରେ ରାସ୍ତାଘାଟଗୁଡିକ କାଦୁଅ ପଚପଚ ହୋଇଯିବା ସହ ସେଥିରେ ଯାତାୟାତ କରିବାରେ ଘୋର ଅସୁବିଧା ଦେଖାଦେଇଥାଏ। ଠିକ୍ ସେହିପରି ଭାବେ ଛୋଟ ଛୋଟ କଥାଗୁଡିକ ସମ୍ପର୍କ ମଧ୍ୟରେ ଫାଟ ସୃଷ୍ଟି କରୁଥିବାବେଳେ ଏଥିଯୋଗୁଁ ସମ୍ପର୍କ ମଧ୍ୟ ବେଳେବେଳେ ଛିନ୍ନ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶୟନ ଏକାଦଶୀ ଅବସରରେ ଶନିବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ଼। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କୌଣସି ଜଟିଳ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ସାଧାରଣ କାମ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ପରିବାରରେ ଶାନ୍ତି ଫେରାଇ ଆଣିବା ସକାଶେ ଚେଷ୍ଟିତ ହେବେ। ଆତ୍ମୀୟତାର ପରିଚୟ ଦେଇ ଆସୁଥିବା ବ୍ୟକ୍ତିମାନେ ଅସୁବିଧାରେ ପକାଇ ପାରନ୍ତି। ଅସାବଧାନବଶତଃ କୌଣସି ଜିନିଷ ପତ୍ର ହରାଇବାକୁ ପଡ଼ିପାରେ।

**ବୃଷ**
କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ହେତୁ ବନ୍ଧୁମାନଙ୍କ ପ୍ରଶଂସାଭାଜନ ହେବେ। ପ୍ରକାଶନ, ପରିବହନ, ପ୍ରଶାସନ, ଆଇନ, କଳା ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହେବେ। ସାମାଜିକ ସ୍ତରରେ ନିଜ ଲୋକଙ୍କୁ ମନେଇ କାମରେ ଲଗାଇ କାମ ହାସଲ କରିବେ।

**ମିଥୁନ**
ଆଜି ସାଧାରଣ କଥାରେ ତର୍କ ଓ ବିବାଦ ଘଟିବାର ବହୁ ସମ୍ଭାବନା ରହିଛି। ଯାତ୍ରା କାଳରେ ଅସାବଧାନତା ହେତୁ ଅର୍ଥ କିମ୍ବା ଦ୍ରବ୍ୟ ହରାଇବେ। ପରିବାରରେ ସନ୍ତାନ ହେତୁକ ମାନସିକ ଆଘାତ ପାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ, ବ୍ୟବସାୟ, ଜମିଜମାରେ ଉନ୍ନତ ମାନର ଫଳ ପାଇବେ।

**କର୍କଟ**
କେତେକ କ୍ଷେତ୍ରରେ ବନ୍ଧୁଙ୍କ କାର୍ଯ୍ୟକଳାପ ଓ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ନିର୍ମାଣାଧୀନ କାମଟି ପୂର୍ଣ୍ଣାଙ୍ଗ କରିବା ସକାଶେ ଆହୁରି ବହୁତ ସମୟ ଲାଗିପାରେ। ଆଜି ଆପଣ ବିନୟପୂର୍ଣ୍ଣ କଥା କହି କାମ ହାସଲ କରିପାରିବେ। ଆର୍ଥିକ ସ୍ଥିତି ବଦଳିଯିବ ଓ ବ୍ୟବସାୟ, ପରିବହନ କ୍ଷେତ୍ରରେ ଉନ୍ନତି କରିବେ।

**ସିଂହ**
ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟାରେ ମନ ଭାରାକ୍ରାନ୍ତ ରହିପାରେ। ଗତକାଲି ଯେଉଁ ବକେୟା ଟଙ୍କା ପାଇଁ ଚିନ୍ତା କରୁଥିଲେ, ଆଜି ତାହା ଟିକିଏ ବିଳମ୍ବରେ ପାଇଯିବେ। କର୍ମ କ୍ଷେତ୍ରରେ ବାଧା ଉପୁଜିବ, ତଥାପି ନିରାଶ ହେବେ ନାହିଁ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନ ପାରେ।

**କନ୍ୟା**
ପ୍ରତ୍ୟେକ ପ୍ରକାରର ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତା ତଥା ବିବାଦୀୟ ଘଟଣା କ୍ଷେତ୍ରରେ ସଫଳତା ଅବଶ୍ୟମ୍ଭାବୀ। ଅବଶ୍ୟ ମାନସିକ କିମ୍ବା ଶାରୀରିକ ଅସୁସ୍ଥତା ମଧ୍ୟ ଦେଖାଦେଇପାରେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ଶତ୍ରୁ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିପାରନ୍ତି।

**ତୁଳା**
କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ହେତୁ କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇ ପଡ଼ିବ। ନିଜର ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବେ। ବାକି ରହିଥିବା ଅର୍ଥ ଆଦାୟ କରିବା ପାଇଁ କୌଶଳ ପ୍ରୟୋଗ କରିବାକୁ ପଡ଼ିପାରେ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ବିଛା**
ମାମୁଲି ଘଟଣାରେ ବନ୍ଧୁଙ୍କ ସହ ଉଚ୍ଚବାଚ ଘଟିପାରେ। ବନ୍ଧୁଙ୍କ ଦ୍ୱାରା ପ୍ରଭାବିତ ହୋଇ ବ୍ୟବସାୟ, ବାଣିଜ୍ୟ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି।

**ଧନୁ**
ବନ୍ଧୁଙ୍କ ଦ୍ୱାରା ପ୍ରଭାବିତ ହୋଇ ବିଭିନ୍ନ ଯୋଜନା କରିବାକୁ ମନ ବଳାଇବେ। ରାଜନୈତିକ କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ଓ ସାଙ୍ଗଠନିକ ସ୍ଥିତି ସୁଦୃଢ଼ ହୋଇପାରିବ। ପାରିବାରିକ, ପରିବହନ, ନିର୍ମାଣ ଏଜେନ୍ସିପ୍, ପ୍ଲଟିଂ କାରବାର ଓ କଳ କାରଖାନା ପ୍ରଭୃତିରୁ ଆଶାଜନକ ସୁଫଳ ମିଳିବ।

**ମକର**
ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ତିକ୍ତତା ଦେଖାଦେଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। ଶିକ୍ଷା, ପରୀକ୍ଷା, ଆଲୋଚନା ଓ ସଭା ସମିତିରେ ସୁଫଳ ପାଇବେ। ବନ୍ଧୁଙ୍କ ମାଧ୍ୟମରେ ଶୁଭଖବର ପାଇ ଖୁସି ହୋଇଯିବେ।

**କୁମ୍ଭ**
ମନୋବଳ ଅକ୍ଷୁଣ୍ଣ ରହିଥିଲେ ମଧ୍ୟ ଶାରୀରିକ ଅସୁସ୍ଥତା କାମକୁ ସ୍ଥଗିତ ରଖିବ। କିନ୍ତୁ ନିଜର ଲୋକମାନଙ୍କ କାର୍ଯ୍ୟ କଳାପରେ ଅସନ୍ତୁଷ୍ଟ ରହିବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ।

**ମୀନ**
କୌଣସି ପଦସ୍ଥ ବ୍ୟକ୍ତିଙ୍କ ପରୋକ୍ଷ ସାହାଯ୍ୟ କର୍ମକ୍ଷେତ୍ରକୁ ସରଳୀକୃତ କରିବ। ଆନୁଷ୍ଠାନିକ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପରିବାରର ଇଚ୍ଛା ବିରୋଧରେ କୌଣସି କାମ କରି ପଶ୍ଚାତ୍ତାପ କରିବାକୁ ପଡ଼ିପାରେ। କୌଣସି ଗୁରୁତ୍ୱପୂର୍ଣ୍ଣ କାମଟିକୁ ଅବହେଳା କରି ଅନୁତାପ କରିବେ।

ଆଜି ଶ୍ରାବଣ (ମଳ) ଶୁକ୍ଳପକ୍ଷ ଦ୍ୱାଦଶୀଯୁକ୍ତ ତ୍ରୟୋଦଶୀ ରବିବାର, ଗରୁଡ଼ଶୟନ ଦ୍ୱାଦଶୀ, ଜୁଲାଇ ୩୦ ତାରିଖ, ଅନ୍ତର୍ଜାତୀୟ ବନ୍ଧୁତା ଦିବସ, ରାଶି ନକ୍ଷତ୍ର–ମୂଳା/ଧନୁ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୨୫ ଗତେ ଘ.୦୯।୦୪୩ ମଧ୍ୟେ, ଘ.୦୧।୨୯ ଗତେ ଘ.୦୨।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୩ ଗତେ ଘ.୦୬।୨୦ ମଧ୍ୟେ ରାହୁକାଳ।

# ମାଲକାନଗିରି, ନବରଙ୍ଗପୁରରେ ମେଡିକାଲ କଲେଜ ଦାବି



**କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏମ୍‌ପିଙ୍କ ଚିଠି**

ମାଲକାନଗିରି, ୨୯।୭ (ଦୁର୍ଯ୍ୟୋଧନ ପାତ୍ର)

ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମାଲକାନଗିରି ଓ ନବରଙ୍ଗପୁରରେ ମେଡିକାଲ କଲେଜ ଖୋଲିବା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ଲାଲ୍ ମାଣ୍ଡବ୍ୟଙ୍କୁ ଚିଠି ଲେଖିଛନ୍ତି। ସେ ଏଥିରେ ଉଲ୍ଲେଖ କରିଛନ୍ତି, ମାଲାକାନଗିରି ଓ ନବରଙ୍ଗପୁର ଏହି ଦୁଇଟି ଜିଲା ପଛୁଆ ହୋଇଥିବା ବେଳେ ଏଠାରେ ଅନୁସୂଚିତ ଜାତି ଓ ଜନଜାତି ଲୋକେ ବହୁ ସଂଖ୍ୟାରେ ବସବାସ କରୁଛନ୍ତି। ଫଳରେ ଏହି ଦୁଇଟି ଜିଲାରେ ବାସ କରୁଥିବା ଜନସାଧାରଣ ଏଠାରେ ମେଡିକାଲ କଲେଜ ଖୋଲିବା ପାଇଁ ଅନୁରୋଧ କରିଛନ୍ତି। ଏହି ଦୁଇଟି ଜିଲାରେ ମେଡିକାଲ କଲେଜ ଖୋଲାଗଲେ ଲୋକେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବା ସହ ଏଠାକାର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଯୁବତୀ ଯୁବକମାନେ ଉପକୃତ ହୋଇପାରିବେ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି।

# ଜୋଷୀମଠରେ ପୁଣି ଫାଟ

ଜୋଷୀମଠ, ୨୯।୭

ଉତ୍ତରାଖଣ୍ଡର ଜୋଷୀମଠ ସହରରେ ପୁଣି ଫାଟ ମାଟି ଧସିବା ଘଟଣା ସାମ୍ନାକୁ ଆସିଛି। ଉକ୍ତ ଅଞ୍ଚଳ ଧୀରେ ଧୀରେ ଦବୁଥିବାବେଳେ ମୌସୁମୀ ବର୍ଷା ଏହି ସମସ୍ୟାକୁ ବଢ଼ାଇଦେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କିଛିଦିନ ପୂର୍ବରୁ ଅଉଲି-ଜୋଷୀମଠ ରାସ୍ତାରେ ବଡ଼ ଫାଟ ଦୃଷ୍ଟିଗୋଚର ହୋଇଥିଲା। ସିଂଘଧର ମ୍ୟୁନିସିପାଲିଟି ୱାର୍ଡରେ ଚଳିତ ବର୍ଷ ଆରମ୍ଭରେ କେତେକ ଘରେ ଏକାଧିକ ଫାଟ ସୃଷ୍ଟି ହୋଇଥିଲା। ଏନେଇ ଜିଲାପାଳ ସରକାରଙ୍କୁ ରିପୋର୍ଟ ପଠାଇ ଘଟଣାର ଭୂତାତ୍ତ୍ୱିକ ଅନୁଧ୍ୟାନ ପାଇଁ ନିବେଦନ କରିଛନ୍ତି।

# ଆଉ ଏକ ୨୬/୧୧ ଆକ୍ରମଣ ଯୋଜନା

## ସନ୍ଦିଗ୍ଧ ଆତଙ୍କବାଦୀଙ୍କଠାରୁ ଚାବାଦ ହାଉସ୍‌ର ଗୁଗଲ୍ ଫଟୋ ଜବତ

ନୂଆଦିଲ୍ଲୀ, ୨୯।୭

ରାଜସ୍ଥାନରେ ଆକ୍ରମଣ ଯୋଜନା ପାଇଁ ଗିରଫ ହୋଇଥିବା ୨ ସନ୍ଦିଗ୍ଧ ଆତଙ୍କବାଦୀଙ୍କଠାରୁ ଚାବାଦ ହାଉସ୍‌ର ଗୁଗଲ ଫଟୋ ମିଳିବା ପରେ ମୁମ୍ବାଇ ପୋଲିସ କୋଲାବାର ଉକ୍ତ ହାଉସ ବାହାରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦେଇଛି। ୨୦୦୮ ମୁମ୍ବାଇ ଆକ୍ରମଣ ବେଳେ ଚାବାଦ ହାଉସ୍ ଆତଙ୍କବାଦୀଙ୍କ ଅନ୍ୟତମ ଟାର୍ଗେଟ ଥିଲା। ମୁମ୍ବାଇ ଏଟିଏସ୍ ସନ୍ଦିଗ୍ଧ ଆତଙ୍କବାଦୀ ମହମ୍ମ ଇମ୍ରାନ ମହମ୍ମଦ ୟୁନୁସ୍ ଖାନ୍ ଏବଂ ମହମ୍ମଦ ୟୁନୁସ ମହମ୍ମଦ ୟାକୁବ୍ ସାକିଙ୍କୁ ହାଜତକୁ ନେଇ ଜେରା କରୁଛି। ସେମାନଙ୍କ ଘର ମଧ୍ୟପ୍ରଦେଶର ରାତଲାମରେ ହୋଇଥିବାବେଳେ କିଛିଦିନ ପୂର୍ବରୁ ପୁଣେରୁ ଗିରଫ ହୋଇଥିଲେ। ତଦନ୍ତ ବେଳେ ସେମାନଙ୍କଠାରୁ ଚାବାଦ ହାଉସ୍‌ର ଗୁଗଲ୍ ଫଟୋ ମିଳିଛି। ଉଭୟଙ୍କୁ ଆଶ୍ରୟ ଦେଇଥିବା ବ୍ୟକ୍ତିଙ୍କୁ ମଧ୍ୟ ପୂର୍ବରୁ ଏଟିଏସ୍ ଗିରଫ କରିଥିଲା।

# ବିରୋଧୀ ନେତାଙ୍କ ମୁମ୍ବାଇ ବୈଠକ ସେପ୍ଟେମ୍ବରକୁ ଘୁଞ୍ଚିପାରେ

ନୂଆଦିଲ୍ଲୀ, ୨୯।୭ (ପି.ଟି.)

ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ତୃତୀୟ ବୈଠକ ଅଗଷ୍ଟ ୨୫ ଓ ୨୬ରେ ମୁମ୍ବାଇରେ ଅନୁଷ୍ଠିତ ହେବ ବୋଲି ଖବର ପ୍ରକାଶ ପାଇଥିଲା। ତେବେ ଏହି ସମୟରେ ଅନ୍ୟାନ୍ୟ କାର୍ଯ୍ୟ ପାଇଁ କେତେଜଣ ନେତା ଯୋଗଦେଇ ପାରିବେ ନାହିଁ ବୋଲି ଜଣାଇଥିବାରୁ ବୈଠକ ସେପ୍ଟେମ୍ବର ପ୍ରଥମ ସପ୍ତାହକୁ ଘୁଞ୍ଚିପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଏନ୍‌ସିପି ଅଧ୍ୟକ୍ଷ ଶରଦ ପାଓ୍ୱାର ଅଗଷ୍ଟ ମଧ୍ୟଭାଗର ମହାରାଷ୍ଟ୍ରର ବିଭିନ୍ନ ଅଞ୍ଚଳ ଗସ୍ତ କରିବାକୁ କାର୍ଯ୍ୟକ୍ରମ ସ୍ଥିର କରିଥିବାରୁ ସେ ଅଗଷ୍ଟ ୨୫-୨୬ରେ ଉପଲବ୍ଧ ହେବେ ନାହିଁ। ଅନ୍ୟ କେତେଜଣ ନେତାଙ୍କର ମଧ୍ୟ ଅନୁରୂପ ସମସ୍ୟା ରହିଛି। ତେଣୁ ଅନ୍ୟ ତାରିଖ ଧାର୍ଯ୍ୟ ଲାଗି ବିଚାର କରାଯାଉଥିବା ଇଣ୍ଡିଆ ବ୍ଲକ୍‌ର ଜଣେ ବରିଷ୍ଠ ନେତା କହିଛନ୍ତି।

# ରାହୁଲଙ୍କ ପାଇଁ ଝିଅ ଖୋଜିଦିଅ



**ମହିଳା ଚାଷୀଙ୍କୁ କହିଲେ ସୋନିଆ**

ନୂଆଦିଲ୍ଲୀ, ୨୯।୭ (ପି.ଟି.)

କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ସହ ହରିୟାଣାର କେତେଜଣ ମହିଳା ଚାଷୀ ଆଲୋଚନା କଲାବେଳେ ରାହୁଲଙ୍କୁ ବିବାହ କରାଇଦିଅନ୍ତୁ ବୋଲି କହିଥିଲେ। ଏହାର ଜବାବରେ କଂଗ୍ରେସ ନେତ୍ରୀ ତାଙ୍କ ପୁଅ ପାଇଁ ଜଣେ ଝିଅ ଖୋଜିଦେବାକୁ ମହିଳାମାନଙ୍କୁ କହିଥିଲେ। ରାହୁଲ ନିକଟରେ ହରିୟାଣାର ସୋନିପତ୍ ଜିଲା ଗସ୍ତରେ ଯାଇଥିବାବେଳେ ମହିଳା ଚାଷୀମାନଙ୍କ ଚାଷଜମିକୁ ଯାଇ ସେମାନଙ୍କ ସହ ତଳି ରୋଇଥିଲେ ଓ ଟ୍ରାକ୍ଟରରେ ହଳ କରିଥିଲେ। ଆଲୋଚନା ବେଳେ ଦିଲ୍ଲୀ ଆସି ଏକାଠି ଭୋଜନ କରିବାକୁ ରାହୁଲ ସେମାନଙ୍କୁ ଆମନ୍ତ୍ରଣ କରିଥିଲେ। ସୋନିଆ ନିଜ ବାସଭବନରେ ସେମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନର ଆୟୋଜନ କରିଥିଲେ। ୧୦, ଜନପଥ ବାସଭବନରେ କଥାବାର୍ତ୍ତା ବେଳେ ରାହୁଲଙ୍କୁ ବାହା କରାଇଦିଅନ୍ତୁ ବୋଲି ଜଣେ ମହିଳା କହିବାରୁ ତାଙ୍କ ପାଇଁ ଝିଅ ଖୋଜିଦେବାକୁ ସୋନିଆ ପ୍ରସ୍ତାବ ଦେଇଥିଲେ। ବାହାଘର ହେବ ବୋଲି ସେଠାରେ ଉପସ୍ଥିତ ଥିବା ରାହୁଲ କହିଥିଲେ।

# ଭିଡ଼ହିଂସା ମାମଲାରେ କେନ୍ଦ୍ର, ଓଡ଼ିଶା ସମେତ ୬ ରାଜ୍ୟକୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ, ୨୯।୭

ମୁସଲମାନଙ୍କ ଉପରେ ଗୋରକ୍ଷକମାନଙ୍କ ଆକ୍ରମଣ ଓ ଭିଡ଼ହିଂସା ଘଟଣା ବଢୁଥିବାରୁ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି କରି ସୁପ୍ରିମକୋର୍ଟ ଶୁକ୍ରବାର କେନ୍ଦ୍ର ସରକାର ଏବଂ ଓଡ଼ିଶା ସମେତ ୬ ରାଜ୍ୟକୁ ନୋଟିସ ଜାରି କରିଛନ୍ତି। ଧାରା ୧୫୩ଏ (ଦୁଇ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ବଢ଼ାଇବା)ରେ ସ୍ୱତଃ ଏତଲା ଦାଏର କରିବା ପାଇଁ ଅଦାଲତ ନିର୍ଦ୍ଦେଶ ଦେବା ସହ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ଭିଡ଼ହିଂସା ପୀଡ଼ିତଙ୍କୁ କ୍ଷତିପୂରଣ ଦେବା ଲାଗି ଯୋଜନା ପ୍ରସ୍ତୁତ କରିବାକୁ କହିଛନ୍ତି। ଗତ ୨ ମାସ ମଧ୍ୟରେ ୬ଟି ଭିଡ଼ହିଂସା ମାମଲାର ପୀଡ଼ିତଙ୍କୁ କ୍ଷତିପୂରଣ ଦେବା ଲାଗି ପିଆଇଏଲ୍‌ରେ ଦାବି କରାଯାଇଥିଲା। ୨୦୧୮ରେ ସୁପ୍ରିମକୋର୍ଟ ଗାଇଡ୍‌ଲାଇନ ଜାରି କରିବା ସତ୍ତ୍ୱେ ଗୋରକ୍ଷକଙ୍କ ଦ୍ୱାରା ମୁସଲମାନଙ୍କ ଉପରେ ଭିଡ଼ହିଂସା ବଢୁଥିବାରୁ ଏଥିପାଇଁ ପିଟିଶନରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ନ୍ୟାଶନାଲ ଫେଡେରେଶନ ଅଫ୍ ଇଣ୍ଡିଆନ ଓମେନ୍ ପକ୍ଷରୁ ଦାଏର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଜଷ୍ଟିସ ବି.ଆର୍. ଗଭାଇ ଏବଂ ଜେ.ବି. ପର୍ଡିଓ୍ୱାଲାଙ୍କ ଖଣ୍ଡପୀଠ କେନ୍ଦ୍ର ସରକାର, ଓଡ଼ିଶା, ହରିୟାଣା, ମଧ୍ୟପ୍ରଦେଶ, ବିହାର, ରାଜସ୍ଥାନ ଓ ମହାରାଷ୍ଟ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଦେଶରେ ବଢ଼ିଛି, ...

ସହଭାଗିତା ଓ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ପଡ଼ିବ ବୋଲି ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସଂଯୁକ୍ତା ବସା କହିଛନ୍ତି। ସେହିପରି ଶିମିଳିପାଳରେ ମହାବଳ ବାଘଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ନେଇ ବନ୍ୟପ୍ରାଣୀ ପ୍ରେମୀଙ୍କ ମଧ୍ୟରେ ସକାରାତ୍ମକ ଭାବନା ଦେଖାଦେଇଛି। ନିଷିଦ୍ଧ ଅଞ୍ଚଳରେ ବସବାସ କରୁଥିବା ଶାନ୍ତ ପ୍ରାଣୀଙ୍କୁ ବିଭ୍ରାନ୍ତ କରାଗଲେ ବାଘ ସଂଖ୍ୟା ବୃଦ୍ଧି ପାଇବାରେ ଅନିଶ୍ଚିତତା ଦେଖାଦେବ। ବାଘ ରହୁଥିବା ଅଞ୍ଚଳରେ ପର୍ଯ୍ୟଟକଙ୍କ ଚଳପ୍ରଚଳ ଓ ଗାଡ଼ି ଶବ୍ଦ ଯୋଗୁ ସେମାନେ ବାଟବଣା ହୋଇଥାନ୍ତି। ଏଣୁ ଶିମିଳିପାଳ ଅଭୟାରଣ୍ୟକୁ ଟୁରିଜମ୍ କିମ୍ବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଉ ବୋଲି ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ପିସିସିଏଫ୍) ପ୍ରକାଶ ଚାନ୍ଦ ଗୋଗିନେନି କୁହନ୍ତି, ବାଘ ସଂଖ୍ୟା ବୃଦ୍ଧି କରିବା ପାଇଁ ବିଭିନ୍ନ ଯୋଜନା ହାତକୁ ନିଆଯାଇ କାର୍ଯ୍ୟକାରୀ କରାଯାଉଛି। ଏଥିପାଇଁ ଶିମିଳିପାଳ ଅଭୟାରଣ୍ୟ ଏକମାତ୍ର ଉତ୍ତମ ପରିବେଶ। ପ୍ରକଳ୍ପ ମଧ୍ୟରେ ଥିବା ଜନବସତିକୁ ଥଇଥାନ କରିବା ସହିତ ସେମାନଙ୍କ ଜୀବନ ଜୀବିକାରେ ପରିବର୍ତ୍ତନ କରିବାକୁ ପ୍ରୟାସ ଜାରି ରହିଛି।

## ଭାରତରେ ବିଶ୍ୱର ...

ହୋଇଥାଏ। ଚଳିତବର୍ଷ ଏପ୍ରିଲରେ 'ପ୍ରୋଜେକ୍ଟ ଟାଇଗର'ର ୫୦ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଷ୍ଟାଟସ୍ ଅଫ୍ ଟାଇଗରସ୍ ୨୦୨୨' ପ୍ରକାଶ କରିଥିଲେ। ସେତେବେଳେ ଦେଶରେ ଅତିକମ୍‌ରେ ୩୧୬୭ ମହାବଳ ରହିଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ)ର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ ଦେଶରେ ଅତିବେଶିରେ ୩,୯୨୫ ମହାବଳ ରହିଛନ୍ତି। ହେଲେ ଏହାର ହାରାହାରି ସଂଖ୍ୟା ହେଉଛି ୩,୬୮୨ ବୋଲି ସେ କହିଛନ୍ତି।

୨୦୧୮ରୁ ୨୦୨୨ ଅର୍ଥାତ୍ ୪ ବର୍ଷ ମଧ୍ୟରେ ମଧ୍ୟପ୍ରଦେଶରେ ମହାବଳଙ୍କ ସଂଖ୍ୟାରେ ୫୦% ବୃଦ୍ଧିପାଇ ୭୮୫ ହୋଇଛି, ଯାହାକି ଦେଶରେ ସର୍ବାଧିକ। ଏହା ପଛକୁ କର୍ଣ୍ଣାଟକରେ ୫୬୩, ଉତ୍ତରାଖଣ୍ଡରେ ୫୬୦, ମହାରାଷ୍ଟ୍ରରେ ୪୪୪ ମହାବଳ ରହିଛନ୍ତି। କେନ୍ଦ୍ର ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବ କହିଛନ୍ତି, ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ରରେ ଭାରତର ଉଦ୍ୟମ ଉଦାହରଣୀୟ। ବାଘ ସଂଖ୍ୟା ବୃଦ୍ଧି କେବଳ ପରିସଂଖ୍ୟାନ ନୁହେଁ, ବରଂ ଦେଶର ନିଷ୍ଠା ଏବଂ ପ୍ରତିବଦ୍ଧତାର ପ୍ରମାଣ। ଭାରତ କେବଳ ନିଜର ବାଘ ସଂଖ୍ୟାକୁ ସଫଳତାର ସହ ସୁରକ୍ଷା ଦେଇନାହିଁ, ବରଂ ସମସ୍ତ ଜୀବସତ୍ତାଙ୍କ ଭବିଷ୍ୟତକୁ ମଧ୍ୟ ସୁରକ୍ଷିତ ରଖିଛି, ଯାହା ବାସ୍ତବରେ 'ବସୁଧୈବ କୁଟୁମ୍ବକମ୍' ଦର୍ଶନର ଅନୁରୂପ ବୋଲି କେନ୍ଦ୍ରମନ୍ତ୍ରୀ ଯାଦବ କହିଛନ୍ତି। ବାଘ ସଂଖ୍ୟା ବୃଦ୍ଧି କ୍ଷେତ୍ରରେ ମଧ୍ୟପ୍ରଦେଶର ସଫଳତା ଯୋଗୁ କେନ୍ଦ୍ରମନ୍ତ୍ରୀ ଯାଦବ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ତେବେ ଓଡ଼ିଶା, ଅରୁଣାଚଳ ପ୍ରଦେଶ, ତେଲଙ୍ଗାନା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡରେ ମହାବଳ ସଂଖ୍ୟା ଚିନ୍ତାଜନକ ଭାବେ ହ୍ରାସ ପାଇଛି। ଅରୁଣାଚଳ ପ୍ରଦେଶରେ ବାଘ ସଂଖ୍ୟା ପ୍ରାୟ ୭୦% ହ୍ରାସ ପାଇଛି। ଏଠାରେ ୨୦୧୮ରେ ୨୯ ମହାବଳ ଥିବାବେଳେ ୨୦୨୨ରେ ଏହି ସଂଖ୍ୟା ୯କୁ ଖସିଆସିଛି। ସେହିପରି ଓଡ଼ିଶାରେ ୨୮ରୁ ୨୦, ଝାଡ଼ଖଣ୍ଡରେ ୫ରୁ ୧, ଛତିଶଗଡ଼ରେ ୧୯ରୁ ୧୭ ଏବଂ ତେଲଙ୍ଗାନାରେ ମହାବଳଙ୍କ ସଂଖ୍ୟା ୨୬ରୁ ୨୧କୁ ହ୍ରାସ ପାଇଛି। ଏହି ସବୁ ରାଜ୍ୟରେ ସଂରକ୍ଷଣ ପ୍ରୟାସକୁ ଜୋର୍‌ଦାର କରାଯାଇ ବାଘ ସଂଖ୍ୟାରେ ବୃଦ୍ଧି ଆଣିବା ପାଇଁ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଆହ୍ୱାନ ଦେଇଛି।

ଅନ୍ୟପକ୍ଷରେ ମିଜୋରାମ୍‌ରେ ୨୦୦୬ରେ ୬ଟି ମହାବଳ ବାଘ ରହିଥିଲେ। ୨୦୨୨ରେ ଏହି ସଂଖ୍ୟା ଶୂନ ରହିଛି। ସେହିପରି ସମାନ ସମୟ ମଧ୍ୟରେ ପଶ୍ଚିମବଙ୍ଗର ଉତ୍ତରାଞ୍ଚଳରେ ମହାବଳଙ୍କ ସଂଖ୍ୟା ୧୦ରୁ ୨କୁ ଖସିଆସିଛି। ଦେଶର ୫୩ଟି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ମଧ୍ୟରୁ ପ୍ରାୟ ୩୫% ପ୍ରକଳ୍ପରେ ଜରୁରିକାଳୀନ ସୁରକ୍ଷା ବ୍ୟବସ୍ଥା, ବାସସ୍ଥାନ ପୁନରୁଦ୍ଧାର, ଖୁରା ବିଶିଷ୍ଟ ପ୍ରାଣୀ ସଂଖ୍ୟା ବୃଦ୍ଧି ଏବଂ ବାଘ ପୁନଃ ପ୍ରବେଶ ଆବଶ୍ୟକ ବୋଲି ମନ୍ତ୍ରଣାଳୟ ଏକ ବିବୃତିରେ କହିଛି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ମଧ୍ୟରେ ଉତ୍ତରାଖଣ୍ଡର କୋର୍ବେଟ୍‌ରେ ୨୬୦ ମହାବଳ ବାଘ ଥିବାବେଳେ କର୍ଣ୍ଣାଟକର ବାନ୍ଦିପୁରରେ ୧୫୦, ନାଗରହୋଲରେ ୧୪୧, ମଧ୍ୟପ୍ରଦେଶର ବାନ୍ଧବଗଡ଼ରେ ୧୩୫, ଉତ୍ତରପ୍ରଦେଶର ଦୁଧ୍‌ୱାରେ ୧୩୫, ତାମିଲନାଡୁର ମୁଦୁମଲାଇରେ ୧୧୪, ମଧ୍ୟପ୍ରଦେଶର କାହ୍ନାରେ ୧୦୫, ଆସାମର କାଜିରଙ୍ଗାରେ ୧୦୪, ପଶ୍ଚିମବଙ୍ଗର ସୁନ୍ଦରବନରେ ୧୦୦, ମହାରାଷ୍ଟ୍ରର ତାଡ଼ୋବାରେ ୯୭, ତାମିଲନାଡୁର ସତ୍ୟମଙ୍ଗଲମ୍‌ରେ ୮୫, ମଧ୍ୟପ୍ରଦେଶର ପେଞ୍ଚରେ ୭୭ଟି ମହାବଳ ରହିଛନ୍ତି। ସେହିପରି ଓଡ଼ିଶାର ସାତକୋଶିଆ ସମେତ ୧୮ଟି ସଂରକ୍ଷଣ ପ୍ରକଳ୍ପରେ ୧୦ରୁ କମ୍ ମହାବଳ ଥିବା ୨୦୨୨ ବାଘଗଣନା ରିପୋର୍ଟରୁ ଜଣାପଡ଼ିଛି।

## 'ଏବେ ବି ଶୋଇଛି ...

ଉଭୟ ପକ୍ଷଙ୍କ ଆପତ୍ତି ଅଭିଯୋଗ ଶୁଣାଯିବ ବୋଲି ଟିଏମ୍‌ସି ନେତ୍ରୀ ସସ୍ମିତା ଦେବ କହିଛନ୍ତି। ଇତିମଧ୍ୟରେ ଇଣ୍ଡିଜେନସ୍ ଟ୍ରାଇବାଲ ଲିଡର୍ସ ଫୋରମ୍ (ଆଇଟିଏଲ୍‌ଏଫ୍) ବ୍ୟାନରରେ ଆଦିବାସୀ ସଙ୍ଗଠନଗୁଡ଼ିକ ମଣିପୁରରେ ରାଷ୍ଟ୍ରପତି ଶାସନ ଦାବିକରି ଇଣ୍ଡିଆକୁ ପତ୍ର ଲେଖିଛନ୍ତି। ବିରୋଧୀ ମେଣ୍ଟର ସଦସ୍ୟମାନେ ଦେଶବାସୀଙ୍କୁ ଆମ ଦୁର୍ଦ୍ଦଶା ଜଣାନ୍ତୁ ବୋଲି ଆଇଟିଏଲ୍‌ଏଫ୍ ଅଧ୍ୟକ୍ଷ ପାଗିନ୍ ହାଓକିପ୍ ଏବଂ ସମ୍ପାଦକ ମୁଆନ୍ ଟୋମ୍ବିଙ୍ଗ୍ ଅନୁରୋଧ କରିଛନ୍ତି। ୨୧ ଜଣିଆ ବିରୋଧୀ ଟିମ୍ ଇମ୍ଫାଲରେ ପହଞ୍ଚିବା ପରେ ଦୁଇଟି ହେଲିକପ୍ଟରରେ ଚୁରାଚାନ୍ଦପୁର ଯାଇଥିଲେ। ସେମାନେ ଚୁରାଚାନ୍ଦପୁର କଲେଜ ଛାତ୍ରାବାସରେ ଖୋଲିଥିବା ରିଲିଫ୍ କ୍ୟାମ୍ପ ପରିଦର୍ଶନ କରିଛନ୍ତି। ଲୋକ ସଭାର କଂଗ୍ରେସ ଉପନେତା ଗୌରବ ଗୋଗୋଇଙ୍କ ନେତୃତ୍ୱରେ ଅନ୍ୟ ଏକ ଟିମ୍ ସେଠାର ଡନ୍ ବୋସ୍କୋ ସ୍କୁଲ୍‌ରେ ଖୋଲିଥିବା ରିଲିଫ୍ କ୍ୟାମ୍ପକୁ ଯାଇଥିଲେ। ଶାନ୍ତିର ବାର୍ତ୍ତା ପ୍ରଚାର ଲାଗି ଆମେ ମଣିପୁର ଆସିଛୁ ବୋଲି ଗୋଗୋଇ କହିଛନ୍ତି। ସେଠାରୁ ଇମ୍ଫାଲ ଫେରି ବିରୋଧୀ ଟିମ୍ ବିଷ୍ଣୁପୁର ଜିଲାର ମୋଇରାଙ୍ଗ କଲେଜଠାରେ ଥିବା ରିଲିଫ୍ କ୍ୟାମ୍ପ ପରିଦର୍ଶନ କରିବେ ଓ ସେଠାରେ ମେଇତି ସମ୍ପ୍ରଦାୟର ଲୋକମାନଙ୍କୁ ଭେଟିବେ। ରବିବାର ବିରୋଧୀ ପ୍ରତିନିଧି ଦଳ ରାଜ୍ୟପାଳ ଅନସୂୟା ଉଇକେଙ୍କୁ ରାଜଭବନରେ ଭେଟି ବର୍ତ୍ତମାନର ସ୍ଥିତି ଏବଂ ଶୀଘ୍ର ଶାନ୍ତି ଫେରାଇଆଣିବା ଲାଗି ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିବା ପରେ ଅପରାହ୍ନରେ ନୂଆଦିଲ୍ଲୀ ଫେରିଯିବେ। ମଣିପୁର ଗସ୍ତ ପୂର୍ବରୁ ନୂଆଦିଲ୍ଲୀରେ ଗୋଗୋଇ ଜାତିଆଣ ହିଂସା ଘଟଣାର ତଦନ୍ତ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ କରାଇବା ପାଇଁ ଦାବି କରିଥିଲେ। ପ୍ରତିନିଧି ଦଳର ଅନ୍ୟ ନେତାମାନେ ହେଲେ ଟିଏମ୍‌ସିର ସୁସ୍ମିତା ଦେବ, ଜେଏମ୍‌ଏମ୍‌ର ମହୁଆ ମାଜି, ଡିଏମ୍‌କେର କାନିମୋଝି, ଆର୍‌ଏଲ୍‌ଡିର ଜୟନ୍ତ ଚୌଧରୀ, ଆର୍‌ଜେଡିର ମନୋଜ କୁମାର ଝା, ଆର୍‌ଏସ୍‌ପିର ଏନ୍.କେ. ପ୍ରେମଚନ୍ଦ୍ରନ, ଜେଡିୟୁ ମୁଖ୍ୟ ରାଜୀବ ରଞ୍ଜନ ସିଂ (ଲଲ୍ଲନ), ଜେଡିୟୁର ଅନୀଲ ପ୍ରସାଦ ହେଗ୍‌ଡେ, ସିପିଆଇର ପି. ସନ୍ଦୋଶ କୁମାର ଏବଂ ସିପିଆଇ(ଏମ୍)ର ଏ.ଏ. ରହିମ ପ୍ରମୁଖ। ବିରୋଧୀ ପ୍ରତିନିଧି ମଣିପୁରରେ ପହଞ୍ଚିଥିବାବେଳେ ଦେଶ ଏବେ ଗମ୍ଭୀରତମ ସଙ୍କଟର ସମ୍ମୁଖୀନ ବୋଲି ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ କହିଛନ୍ତି। ବେରୋଜଗାରି ସବୁଠୁ ବଡ଼ ସମସ୍ୟା ହୋଇଥିବାବେଳେ ମୁଦ୍ରାସ୍ଫୀତି ଯୋଗୁ ଘର ଚଳାଇବା କଷ୍ଟକର ହୋଇପଡ଼ିଥିବା ଚିଦାମ୍ବରମ ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷେ କେନ୍ଦ୍ର ସୂଚନା ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ବିରୋଧୀ ବ୍ଲକ୍‌ର ପ୍ରତିନିଧି ମଣିପୁର ଗସ୍ତକୁ କେବଳ ଶୋ'ବାଜି କହି ପରିହାସ କରିଛନ୍ତି। ଶନିବାର କୋଲକାତାରେ ପହଞ୍ଚିଥିବା ଭାଜପା ନେତା ଠାକୁର କହିଛନ୍ତି, ପୂର୍ବ ସରକାର ସମୟରେ ମଧ୍ୟ ଏହି ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଜଳୁଥିଲା। ଯେଉଁମାନେ ସେଠାକୁ ଗସ୍ତରେ ଯାଇଛନ୍ତି, ସେମାନେ ପାର୍ଲାମେଣ୍ଟରେ ଗୋଟିଏ ଶବ୍ଦ ବି ଉଚ୍ଚାରଣ କରି ନ ଥିଲେ। ବିରୋଧୀ ଟିମ୍ ମଣିପୁରରୁ ଫେରିବା ପରେ ସେମାନେ ସଂସଦକୁ ଚଳାଇଦେବେ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ବିରୋଧୀ ପ୍ରତିନିଧି ପଶ୍ଚିମବଙ୍ଗ ଆସି ସେଠାରେ ମହିଳାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରର ଅନୁଧ୍ୟାନ କରିବାକୁ ଅନୁରାଗ କଂଗ୍ରେସ ନେତା ଅଧୀର ରଞ୍ଜନଙ୍କୁ ଅନୁରୋଧ କରିଛନ୍ତି।

# ରାଇପାହାଡ଼ର ୧୮ ପରିବାର ଆନ୍ଧ୍ର ହିତାଧିକାରୀ

## ଆନ୍ଧ୍ର ତାଲିକାରୁ ମିଳିଲା ତଥ୍ୟ

ନନ୍ଦପୁର, ୨୯।୭ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଚାଟୁଆ ବୈଠକକୁ ଆନ୍ଧ୍ର-ଓଡ଼ିଶା ସୀମା ସମ୍ପର୍କିତ କୌଣସି କାଗଜପତ୍ର ଓ ମାନଚିତ୍ର ନ ଆଣି ଆସିଥିଲେ ଆନ୍ଧ୍ର ପ୍ରଶାସନିକ ଅଧିକାରୀ। ଫଳରେ ବୈଠକରେ ଆଲୋଚନା ଫଳପ୍ରଦ ହୋଇପାରି ନ ଥିଲା। ତେବେ ରାଇପାହାଡ଼ ଗ୍ରାମବାସୀଙ୍କୁ ଆନ୍ଧ୍ର ହିତାଧିକାରୀ ଓ ବିଭିନ୍ନ ଯୋଜନାରେ ସାମିଲ କରିଥିବା ପ୍ରମାଣ ଏବଂ ତାଲିକା ଦେଇ ନିଜ ଅନୁପ୍ରବେଶକୁ ସ୍ୱୀକାର କରିଥିଲେ ଆନ୍ଧ୍ର ଅଧିକାରୀ। ରାଇପାହାଡ଼ ଗ୍ରାମକୁ ନିଜର ବୋଲି କହି ଆନ୍ଧ୍ର ଜୋର୍ କରୁଥିବା ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ କରିବାକୁ ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କ ପ୍ରସ୍ତାବକୁ ଆମ କ୍ଷମତା ବାହାରେ କହି ଟାଳି ଦେଇଥିଲେ ଉପସ୍ଥିତ ଆନ୍ଧ୍ର ପ୍ରଶାସନିକ ଦଳର ନେତୃତ୍ୱ ନେଇଥିବା ଡୁମୁରିଗୁଡା ତହସିଲଦାର ସିଏଚ୍ ନାଗାମା। ଆନ୍ଧ୍ର ରାଇପାହାଡ଼ ଗ୍ରାମରେ ଅନୁପ୍ରବେଶକରି ଗ୍ରାମରେ ବସବାସ କରୁଥିବା ୧୮ ପରିବାରକୁ ରାଶନ, ଜବ୍‌କାର୍ଡ, ଭୋଟର କାର୍ଡ, ଜଙ୍ଗଲ ଜମି ପଟ୍ଟା, ଜନ୍ମ ପ୍ରମାଣପତ୍ର, ଆଧାର କାର୍ଡ, ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧା, ୬ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ, ପାଣି, ବିଦ୍ୟୁତ୍ ଏଜିଏନ୍‌ଆର୍‌ଇଜିଏସ୍‌ରେ ସମସ୍ତ ପରିବାରକୁ କର୍ମନିଯୁକ୍ତି ଓ ଉନ୍ନୟନମୂଳକ କାର୍ଯ୍ୟର ହିତାଧିକାରୀଙ୍କ ତାଲିକା ଦେବା ଘଟଣାକୁ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଅଧିକାରୀ ଓ ବୁଦ୍ଧିଜୀବୀମାନେ ସହଜରେ କେହି ଗ୍ରହଣ କରିପାରିନାହାନ୍ତି। ଏହା ଆନ୍ଧ୍ରର ଓଡ଼ିଶା ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ ବୋଲି ଆଲୋଚନା ହେଉଛି।

ଆନ୍ଧ୍ର-ଓଡ଼ିଶା ସୀମା ନିର୍ଦ୍ଧାରଣ ସମ୍ପର୍କିତ ଦ୍ୱିତୀୟ ପର୍ଯ୍ୟାୟ ବୈଠକକୁ ସମସ୍ତ କାଗଜପତ୍ର, ମ୍ୟାପ୍ ଧରି ଆସିବାକୁ ଆନ୍ଧ୍ରକୁ ଓଡ଼ିଶା ପକ୍ଷରୁ କୁହାଯାଇଥିଲେ ମଧ୍ୟ ସେମାନେ କିଛି ନ ଆଣି ଆସିଥିଲେ। କେବଳ ରାଇପାହାଡ଼ରେ ଆନ୍ଧ୍ର କରୁଥିବା କାର୍ଯ୍ୟ ଓ ସହାୟତାର ତାଲିକା ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କୁ ଦେଇ ବୈଠକକୁ ଅମୀମାଂସିତ ରଖି ଚାଲିଯାଇଥିଲେ ଆନ୍ଧ୍ର ଅଧିକାରୀମାନେ। ଉକ୍ତ ତାଲିକାରେ ଆନ୍ଧ୍ର ପକ୍ଷରୁ ରାଇପାହାଡ଼ରେ ବସବାସ କରୁଥିବା ୧୮ଟି ପରିବାରର ୬୫ ଜଣଙ୍କ ମଧ୍ୟରୁ ୧୬ ପରିବାରକୁ ରାଶନ କାର୍ଡ, ୧୦ ପରିବାର ନିମନ୍ତେ ଜବ୍‌କାର୍ଡ, ୨୫ ଜଣଙ୍କୁ ଭୋଟର କାର୍ଡ, ୧୨ ପରିବାରକୁ ଜଙ୍ଗଲ ଜମିପଟ୍ଟା, ୬୫ ଜଣଙ୍କୁ ଜନ୍ମ ପ୍ରମାଣପତ୍ର, ୬୩ ଜଣଙ୍କୁ ଆଧାର କାର୍ଡ, ୨୨ ଜଣକୁ ପ୍ରାଥମିକ ଶିକ୍ଷା ଓ ଗେମେଲି ଦଶରଥ ନାମୀ ନାମକ ଯୁବକଙ୍କୁ ଡିଗ୍ରୀ ଯାଏ ଶିକ୍ଷା ପ୍ରଦାନ କରାଯାଇଥିବା ଉଲ୍ଲେଖ ରହିଛି। ସୀମା ନିର୍ଦ୍ଧାରଣ କରିବାକୁ ଆସିଥିବା ଆନ୍ଧ୍ର ଅଧିକାରୀ ଗୋଟିଏ ପଟେ ସୀମା ସମ୍ପର୍କିତ କୌଣସି କାଗଜପତ୍ର ଓ ମାନଚିତ୍ର ଆଣି ନ ଥିବା କହି ସମୟ ମାଗିଥିଲେ। ଅନ୍ୟପଟେ ରାଇପାହାଡ଼ ଗ୍ରାମବାସୀଙ୍କୁ ନିଜ ହିତାଧିକାରୀ ବୋଲି ପ୍ରମାଣ ଓ ତାଲିକା ପ୍ରଦାନ କରିବାକୁ ସହଜରେ ଗ୍ରହଣ କରି ନ ଥିଲେ ଉପସ୍ଥିତ ଓଡ଼ିଶା ପ୍ରଶାସନିକ ଅଧିକାରୀ। ରାଇପାହାଡ଼ ଗ୍ରାମରେ ଆନ୍ଧ୍ରର ଉନ୍ନୟନମୂଳକ କାର୍ଯ୍ୟ ଜାରି ବନ୍ଦକରି ତୁରନ୍ତ ଏହି ରାଜ୍ୟର ଅନୁପ୍ରବେଶରେ ରୋକ ଲଗାଇବାକୁ ରାଜ୍ୟର ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧିମାନେ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି।

# ଶେରଗଡ଼-ନୀଳଗିରି-ଝରଣାଘାଟି ରାସ୍ତାର ଶିଳାନ୍ୟାସ କଲେ କେନ୍ଦ୍ରମନ୍ତ୍ରୀ




ନୀଳଗିରି କେ.ସି. ହାଇସ୍କୁଲ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ବି.କେ. ସିଂହ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଅନ୍ୟମାନେ।

ନୀଳଗିରି, ୨୯।୭ (ପ୍ରଶାନ୍ତ କୁମାର ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରିବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଛି। ବହୁ ପ୍ରତୀକ୍ଷିତ ଶେରଗଡ଼-ନୀଳଗିରି -ଝରଣାଘାଟି (ଏସ୍.ଏନ୍.ଜେ.) ୧୯ନଂ. ରାଜ୍ୟ ରାଜପଥ ସମ୍ପ୍ରସାରଣ ସହିତ ୪ ଲାଇନବିଶିଷ୍ଟ ରାସ୍ତାର ଶିଳାନ୍ୟାସ ହୋଇଛି। ଶନିବାର ଅପରାହ୍ନ ୧.୩୦ ମିନିଟ ସମୟରେ ନୀଳଗିରି କେ.ସି ହାଇସ୍କୁଲ ପଡ଼ିଆରେ ବିରାଟ ଜନସମାଗମ ମଧ୍ୟରେ କେନ୍ଦ୍ର ସଡ଼କ ଓ ପରିବହନ ରାଷ୍ଟ୍ରମନ୍ତ୍ରୀ ଜେନେରାଲ ବି.କେ. ସିଂହଙ୍କ ଦ୍ୱାରା ଏହି ଶିଳାନ୍ୟାସ କରାଯାଇଛି। କେନ୍ଦ୍ର ସଡ଼କ ଓ ପରିବହନ ତଥା ରାଜମାର୍ଗ ମନ୍ତ୍ରୀ ନୀତିନ ଗଡକରୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ, ଚିଫ୍ ଇଞ୍ଜିନିୟର କମ୍ ଆଡିଶନାଲ ସେକ୍ରେଟାରି ଅଚ୍ୟୁତାନନ୍ଦ ଦାସ, ପୂର୍ବାଞ୍ଚଳ ଏଡିଜେ ଇଂ. ଧର୍ମାନନ୍ଦ ଷଡ଼ଙ୍ଗୀ ଓ କେନ୍ଦ୍ର ତଥା ରାଜ୍ୟର ପ୍ରମୁଖ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ୧୨୬ କୋଟି ଟଙ୍କା ବ୍ୟୟରେ ୩୧ କି.ମି. ଲମ୍ବା ଏହି ରାସ୍ତା ନିର୍ମାଣ ହେଲେ ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲା ମଧ୍ୟରେ ଯାତାୟାତରେ ସୁବିଧା ହେବ। ଶିମିଳିପାଳ, କୁଳଡିହା ଜାତୀୟ ଉଦ୍ୟାନ ଏବଂ ପଞ୍ଚଲିଙ୍ଗେଶ୍ୱର ଶୈବପୀଠକୁ ଆସୁଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ଏହି ସଡ଼କ ପଥ ସୁଗମ ହେବ ବୋଲି ରାଷ୍ଟ୍ରମନ୍ତ୍ରୀ ସିଂହ ପ୍ରକାଶ କରିଛନ୍ତି। ପୂର୍ତ୍ତ ବିଭାଗ ଦାୟିତ୍ୱରେ ନିର୍ମାଣ ଆରମ୍ଭ ହୋଇଥିବା ବେଳେ ୨୦୨୪ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ରାଜ୍ୟ ରାଜପଥ ବାଲେଶ୍ୱର ଏମ୍‌ପି ଷଡ଼ଙ୍ଗୀ ନିର୍ବାଚିତ ହେବା ପରେ କେନ୍ଦ୍ରମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ସେହି ସମୟରେ ସେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀଙ୍କୁ ଭେଟି ଏହି ପ୍ରୋଜେକ୍ଟ ପାଇଁ ଦାବି ଉପସ୍ଥାପନ କରିଥିଲେ।

## ନଦୀରେ ବୁଡ଼ି ଜଣେ ମୃତ, ଜଣେ ଗୁରୁତର

ତିହିଡ଼ି, ୨୯।୭ (ସଞ୍ଜିତ୍ ବଳ)

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଦୋଳସାହି ପଞ୍ଚାୟତ ତଳଗାଜିପୁର ଗ୍ରାମ ନିକଟସ୍ଥ କୁଣ୍ଡି ନଦୀକୁ ଶନିବାର ମଧ୍ୟାହ୍ନରେ ମାଛ ଧରିବାକୁ ଯାଇ ୨ ଯୁବକ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କ ମୃତଦେହ ମିଳିଥିବା ବେଳେ ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତକ ହେଉଛନ୍ତି ତଳଗାଜିପୁର ଗ୍ରାମର ବିଶ୍ୱରଞ୍ଜନ ମହାନ୍ତି(୨୮)। ପାଳିଆବିନ୍ଧା ପଞ୍ଚାୟତ ଅଧୀନ ଜଗନ୍ନାଥ ସାହିର ସୌରଜିତ ନାୟକ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି।

ସୂଚନା ଅନୁଯାୟୀ, ସେମାନେ ମାଛ ଧରିବାକୁ ଯାଇଥିବା ବେଳେ ନଦୀର ପ୍ରଖର ସ୍ରୋତରେ ଭାସିଯାଇ ଭଦ୍ରକ-ଧାମରା ରେଳପଥ ତଳେ ଥିବା ହ୍ୟୁମ୍ ପାଇପ୍ ଭିତରେ ପଶି ଯାଇଥିଲେ। ପ୍ରଥମେ ଗ୍ରାମବାସୀ ଖୋଜାଖୋଜି କରି ସେମାନଙ୍କୁ ପାଇ ନ ଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ଦୁଇଜଣଙ୍କୁ ଉଦ୍ଧାର କରିଥିଲେ। ତିହିଡ଼ି ଡାକ୍ତରଖାନାକୁ ନିଆଯିବା ପରେ ସେଠାରେ ଡାକ୍ତର ବିଶ୍ୱରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ।

# ପୂର୍ବତନ ବ୍ୟାଙ୍କ ମ୍ୟାନେଜର ଗିରଫ

## ୧.୦୯ କୋଟି ହଡ଼ପ ମାମଲା

- ୨୦୧୯ରେ ସହଯୋଗୀଙ୍କୁ ଗିରଫ କରିଥିଲା ଇଓଡବ୍ଲ୍ୟୁ
- ଡିଲରଙ୍କ ନାମରେ ଜାଲ୍ କାଗଜପତ୍ରରେ ଆକାଉଣ୍ଟ ଖୋଲିଥିଲେ

ଭୁବନେଶ୍ୱର, ୨୯।୭ (ସୂର୍ଯ୍ୟକାନ୍ତ ବେହେରା)

ବହୁ ଅଟୋମୋବାଇଲ ଡିଲରଙ୍କ ଅଜାଣତରେ ସେମାନଙ୍କ ନାମରେ ବିଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଋଣ ଦେବା ନାଁରେ ୧.୦୯ କୋଟି ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପଳାଶପଲ୍ଲୀ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୂର୍ବତନ ମ୍ୟାନେଜର ସ୍ୱୟଂ ପ୍ରକାଶ ପରିଡ଼ା। ସେ ବହୁଦିନ ଧରି ଫେରାର ଥିଲେ। ଇଓଡବ୍ଲ୍ୟୁ ଟିମ୍ ତାଙ୍କ କଟକ ସିଡିଏ ଅଞ୍ଚଳରୁ ଗିରଫ କରିବା ପରେ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସ୍ୱୟଂଙ୍କ କଳାକାରନାମା ଜଣାପଡ଼ିବା ପରେ ତାଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିଲା। ଏଥିସହ ସହଯୋଗୀ ମୈତ୍ରେୟ ମିଶ୍ରଙ୍କୁ ଇଓଡବ୍ଲ୍ୟୁ ଗିରଫ କରିଥିଲା।

୨୦୧୫ରୁ ୨୦୧୭ ପର୍ଯ୍ୟନ୍ତ ସ୍ୱୟଂ ପ୍ରକାଶ ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ପଳାଶପଲ୍ଲୀ ଶାଖାର ମ୍ୟାନେଜର



ସ୍ୱୟଂ ପ୍ରକାଶ ପରିଡ଼ା

ଥିଲେ। ଏହି ସମୟରେ ସେ ମୈତ୍ରେୟ ଓ ଅନ୍ୟ କେତେଜଣଙ୍କ ସହ ମିଶି ଜାଲ୍ କାଗଜପତ୍ର ମାଧ୍ୟମରେ ଭାରତ ମୋଟର୍ସ, ସିଟି ମୋଟର୍ସ, ଆଦିତ୍ୟ ମୋଟର୍ସ, ଉତ୍କଳ ମୋଟର୍ସ ଏବଂ ରାଜପଥ ମୋଟର୍ସ ନାମରେ ଜାଲ୍ କାଗଜପତ୍ର ବଳରେ ସିଣ୍ଡିକେଟ ବ୍ୟାଙ୍କ, ଗ୍ରାମ୍ୟ ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ, ୟୁକୋ ବ୍ୟାଙ୍କ ଓ ସେଣ୍ଟ୍ରାଲ ବ୍ୟାଙ୍କରେ ଆକାଉଣ୍ଟ ଖୋଲିଥିଲେ। ଏହାପରେ ବିଭିନ୍ନ ଅଟୋମୋବାଇଲ କମ୍ପାନୀ ନାମରେ ଉକ୍ତ ଜାଲ୍ ଆକାଉଣ୍ଟ ମାଧ୍ୟମରେ ଲୋନ୍ କରାଇ ତାହାକୁ ହଡ଼ପ କରୁଥିଲେ। ନିଜ କାର୍ଯ୍ୟକାଳ ମଧ୍ୟରେ ସ୍ୱୟଂ ପ୍ରକାଶ ମୈତ୍ରେୟଙ୍କ ସହଯୋଗରେ ନକଲି କେୱାଇସି ଓ ଆର୍‌ଓସି ବ୍ୟବହାର କରି ବିଭିନ୍ନ ବ୍ୟକ୍ତିଙ୍କ ନାମରେ 'ସେଣ୍ଟ ଭେହିକିଲ୍ ସ୍କିମ୍' ଅଧୀନରେ ୨ ଲକ୍ଷରୁ ୯.୭୫ ଲକ୍ଷ ଟଙ୍କା ମଧ୍ୟରେ ମୋଟ ୧.୦୯କୋଟିର ୨୪ଟି ଗାଡି ଋଣ ଓ ଗୋଟିଏ ସିସି ଋଣ ମଞ୍ଜୁର କରିଥିଲେ। ଜାଲ୍ ଆକାଉଣ୍ଟକୁ ଉକ୍ତ ଅର୍ଥ ଟ୍ରାନ୍ସଫର ହୋଇଥିଲା। ହେଲେ ସେଥିରେ କୌଣସି ଗାଡି ନ କିଣି ଅଭିଯୁକ୍ତମାନେ ତାହାକୁ ହଡ଼ପ କରି ଭାଗବାଣ୍ଟି ନେଇଥିଲେ। ଏହା ଜଣାପଡିବା ପରେ ସେଣ୍ଟ୍ରାଲ ବ୍ୟାଙ୍କର ତତ୍କାଳୀନ ମ୍ୟାନେଜର ଅଜୟ କୁମାର ଖୁଣ୍ଟିଆ ୨୦୧୮ ମାର୍ଚ୍ଚରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିବାରୁ ନଂ.୧୦/୧୮ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା।

# କଟକଣାରେ ପାଳନହେଲା ମହରମ

- ଆଦର୍ଶ ସାଜିଛି ପଡ଼ିହାରୀ ପରିବାର
- ୨୨ ପ୍ଲାଟୁନ ପୋଲିସ ମୁତୟନ

ସମ୍ବଲପୁର, ୨୯।୭ (ଶୁଭାଶିଷ ପାଢ଼ୀ)

ମୁସଲମାନ ସମ୍ପ୍ରଦାୟର ପବିତ୍ର ମହରମ ପର୍ବ ଶନିବାର ସମ୍ବଲପୁରରେ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ପ୍ରଶାସନ ପକ୍ଷରୁ ଲଗାଯାଇଥିବା ସାମୂହିକ ଶୋଭାଯାତ୍ରା କଟକଣା ମାନି ଲୋକେ ପଡ଼ା ଓ ବସ୍ତି ଅଞ୍ଚଳରେ ଏହି ପର୍ବ ପାଳନ କରିଛନ୍ତି। ସହରରେ ମୋଟ ୮ଗୋଟି ସ୍ଥାନରେ ମହରମ ପାଳନ ହୋଇଥିଲା। ଶୋଭାଯାତ୍ରାକୁ ବାଦ୍‌ଦେଇ ଅନ୍ୟ ସବୁ ପରମ୍ପରାକୁ ଅନୁପାଳନ କରାଯାଇଥିଲା। କୁମ୍ଭାରପଡ଼ାରେ ହିନ୍ଦୁ ଓ ମୁସଲମାନ ଏକାଠି ମହରମ ପାଳନକରି ଭାଇଚାରାର ନିଦର୍ଶନ ଦେଇଛନ୍ତି। ସେହିପରି ପ୍ରତିବର୍ଷ ଭଳି ମୁଦିପଡ଼ାର ପଡ଼ିହାରୀ ହିନ୍ଦୁ ପରିବାର ଚଳିତବର୍ଷ ମହରମ ତାଜିଆ ବାହାର କରିଥିଲେ। ସେଠାରେ ମୁସଲମାନ ସମ୍ପ୍ରଦାୟ ମଧ୍ୟ ସାମିଲ ହୋଇଥିଲେ। ପଡ଼ିହାରୀ ପରିବାର ୧୦ ପିଢି ଧରି ତାଜିଆ ବାହାରକରି ଆଦର୍ଶ ସାଜିଛି।

ପରିବାର ସଦସ୍ୟ ରାଜେନ୍ଦ୍ର ମୋହନ ପଡ଼ିହାରୀ କହିଛନ୍ତି, ୧୬୫୭ ମସିହାରେ ପୂର୍ବଜ ଜୟଦେବ ପଡ଼ିହାରୀ ମକ୍କା ଯାଇଥିଲେ। ସେଠାରୁ ୧୬୬୩ ମସିହାରେ ସେ ୨ଜଣ ମୁସଲମାନ ସମ୍ପ୍ରଦାୟର ସୟମ ମସ୍ତାନ ଓ ସୟଦ ମୌଲାନ ନଜିରଙ୍କୁ ସାଥିରେ ନେଇ ଆସିଥିଲେ। ସେ ସମୟରେ ତତ୍କାଳୀନ ଚୌହାନ ବଂଶର ରାଜାଙ୍କଠାରୁ ଅନୁମତି ନେଇ ତାଜିଆ ବାହାର କରିଥିଲେ। ୧୬୬୪ ମସିହାରୁ ଆଜି ପର୍ଯ୍ୟନ୍ତ ଏହି ପରମ୍ପରା ପଡ଼ିହାରୀ ପରିବାର ପାଳନ କରିଆସୁଛନ୍ତି। ସୁରକ୍ଷା ଦୃଷ୍ଟିରୁ ସହରରେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା। ୨ଜଣ ଅତିରିକ୍ତ ଏସ୍‌ପିଙ୍କ ସହ ୫୦ ଜଣ ଅଫିସର ନିଯୁକ୍ତ ରହିଥିଲେ। ସମ୍ବେଦନଶୀଳ ସ୍ଥାନରେ ମୋଟ ୨୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ। ବିଭିନ୍ନ ଛକରେ ସାଦା ପୋଷାକରେ ପୋଲିସ ପାଟ୍ରୋଲିଂ କରୁଥିଲା। ଏସ୍‌ପି ମୁକେଶ କୁମାର ଭାମୁ ସୁରକ୍ଷା ବ୍ୟବସ୍ଥା ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ ଗତ ଏପ୍ରିଲରେ ସମ୍ବଲପୁରରେ ହନୁମାନ ଜୟନ୍ତୀ ପାଳନ ଅବସରରେ ସାମ୍ପ୍ରଦାୟିକ ହିଂସା ଘଟିଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଗତ ୨୦ ତାରିଖରେ ଶାନ୍ତି କମିଟି ବୈଠକ ଆହ୍ୱାନ କରାଯାଇଥିଲା। ଆଲୋଚନା ପରେ ମହରମ ସମୟରେ ସାମୂହିକ ଶୋଭାଯାତ୍ରା ଉପରେ କଟକଣା ଲଗାଯାଇଥିଲା।

## ସାନଭାଇ ତୀର ମାଡ଼ରେ ବଡ଼ ମୃତ

କାଳିଆପାଣି, ୨୯।୭ (ଅସିତ ମହାନ୍ତ)

ଯାଜପୁର ଜିଲା କାଳିଆପାଣି ଥାନା ଚିଙ୍ଗୁଡ଼ିପାଳ ପଞ୍ଚାୟତ ଦେଓଗାଁ ଅଶୋକଝର ଗାଁରେ ଶନିବାର ମଦ ନିଶାରେ ଦୁଲଭ ପଧାନ ବଡ଼ ଭାଇ ଗୁଲୁ ପଧାନ(୨୯)ଙ୍କୁ ତୀର ମାଡ଼ କରି ହତ୍ୟା କରିଛନ୍ତି। ସକାଳେ ଉଭୟଙ୍କ ମଧ୍ୟରେ କଳି ଲାଗିଥିବାବେଳେ ଗାଁ ଲୋକଙ୍କ ହସ୍ତକ୍ଷେପ ପରେ ସମାଧାନ ହୋଇଥିଲା। ଫଳରେ ଉଭୟ ଘରୁ ବାହାରକୁ ଚାଲି ଯାଇଥିଲେ। ପୁଣି ପୂର୍ବାହ୍ନ ୧୧ଟା ସମୟରେ ଉଭୟ ଘରକୁ ଆସି ଝଗଡ଼ା କରିଥିଲେ। ଏହି ସମୟରେ ସାନ ଭାଇ ଦୁଲଭ ରାଗିଯାଇ ଏକ ଧନୁତୀର ଆଣି ଘର ପିଣ୍ଡାରେ ବସିଥିବା ଗୁଲୁଙ୍କୁ ମାଡ଼ କରିଥିଲେ। ତୀରଟି ଛାତିରେ ପଶିଯିବାରୁ ଗୁଲୁଙ୍କ ମୃତ୍ୟୁ ଘଟିଥିଲା।

# ଜାତୀୟ ଶିକ୍ଷାନୀତି ଏକ ଦୂରଦର୍ଶୀ ଦସ୍ତାବିଜ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୨୯।୭ (ଅନିଲ ଦାସ)

ଜାତୀୟ ଶିକ୍ଷା ନୀତି ପ୍ରଣୟନର ତୃତୀୟ ବର୍ଷ ପୂର୍ତ୍ତି ଅବସରରେ ନୂଆଦିଲ୍ଲୀର ପ୍ରଗତି ମଇଦାନସ୍ଥିତ ଭାରତ ମଣ୍ଡପଠାରେ ଆୟୋଜିତ ୨ ଦିନିଆ ଅଖିଳ ଭାରତୀୟ ଶିକ୍ଷା ସଙ୍ଗମକୁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ପ୍ରତ୍ୟେକ ଯୁବକଙ୍କୁ ସମାନ ଶିକ୍ଷା ଏବଂ ସୁଯୋଗ ମିଳିବା ଜାତୀୟ ଶିକ୍ଷା ନୀତି-୨୦୨୦ର ପ୍ରାଥମିକତା। ଗୁଣାତ୍ମକ ଶିକ୍ଷାର ଦୁନିଆରେ ଅନେକ ମାନଦଣ୍ଡ ରହିଛି। ଜାତୀୟ ଶିକ୍ଷା ନୀତିର ପ୍ରାଥମିକତା ହେଉଛି ଭାରତର ପ୍ରତ୍ୟେକ ଯୁବକଙ୍କୁ ସମାନ ଶିକ୍ଷା ଏବଂ ଶିକ୍ଷା ପାଇଁ ସମାନ ସୁଯୋଗ ମିଳିବା ଉଚିତ। କେବଳ



ନୂଆଦିଲ୍ଲୀରେ 'ଅଖିଳ ଭାରତୀୟ ଶିକ୍ଷା ସଙ୍ଗମ' ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅନ୍ୟମାନେ ଅନୂଦିତ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ସ୍କୁଲ ଖୋଲିଦେଲେ ଏହି ଦାୟିତ୍ୱ ପୂରଣ ହୋଇପାରିବ ନାହିଁ। ସମାନ ଶିକ୍ଷାର ଅର୍ଥ ହେଉଛି ପ୍ରତ୍ୟେକ ପିଲାଙ୍କୁ ପାଠପଢ଼ା ବୁଝାପଡ଼ିବା ଏବଂ ପସନ୍ଦ ଅନୁସାରେ ବିକଳ୍ପ ମିଳିବା। ଏହି ଅବସରରେ ପ୍ରଧାନମନ୍ତ୍ରୀ ପିଏମ୍ ଶ୍ରୀ ଯୋଜନାରେ ପ୍ରଥମ କିସ୍ତି ଜାରି କରିଛନ୍ତି। ଦେଶର ୬ ହଜାର ୨୦୭ଟି ସ୍କୁଲ ଏହି ପ୍ରଥମ କିସ୍ତିରେ ମୋଟ ୬୩୦ କୋଟି ଟଙ୍କା ପାଇଛନ୍ତି। ଏହାସହ ପ୍ରମୁଖ ୧୨ଟି ଭାରତୀୟ ଭାଷାରେ ଅନୁବାଦିତ ହୋଇଥିବା ଶିକ୍ଷା ଏବଂ ଦକ୍ଷତା ପାଠ୍ୟକ୍ରମ ପୁସ୍ତକକୁ ମୋଦି ଉନ୍ମୋଚନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଜାତୀୟ ଶିକ୍ଷା ନୀତି ଭାରତର ଜ୍ଞାନଧାରାକୁ ଭବିଷ୍ୟତରେ ସମୃଦ୍ଧ କରିବା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଦୂରଦର୍ଶୀ ଦସ୍ତାବିଜ। ଶିକ୍ଷା ନୀତିରେ ସେହି ଚିନ୍ତାଧାରାକୁ ବାସ୍ତବର ରୂପ ଦିଆଯାଉଛି। ଶିକ୍ଷା ନୀତି ଉପନିବେଶବାଦ ମାନସିକତାରୁ ମୁକ୍ତି ଦେବ। ଭାରତୀୟ ଭାଷା ଓ ଭାରତୀୟ ମୂଲ୍ୟବୋଧ ପ୍ରତିଷ୍ଠା କରିବ। ଆତ୍ମନିର୍ଭର ଓ ବିକଶିତ ଭାରତ ନିର୍ମାଣ କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ରାଜକୁମାର ରଞ୍ଜନ ସିଂହ ଓ ସୁଭାଷ ସରକାର ପ୍ରମୁଖ ଉପସ୍ଥିତ ଥିଲେ।

## ହଷ୍ଟେଲରେ ନିର୍ଯ୍ୟାତନା: ଲୁଚି ପଳାଇଲେ ୨ ଶିଶୁ

ଭଦ୍ରକ, ୨୯।୭ (ସନାତନ ରାଉତ)

ହଷ୍ଟେଲରେ ଶିଶୁଙ୍କୁ ଝାଡୁ କରିବାକୁ କହୁଛନ୍ତି। ପରିବାର ଲୋକଙ୍କ ସାଙ୍ଗରେ କଥା ହେବାକୁ ଦେଉନାହାନ୍ତି। ଟିକେ ଟିକେ କଥାରେ ଦିଦି ବହୁତ ମାରୁଛନ୍ତି। ସେଥିପାଇଁ ଆମେ ହଷ୍ଟେଲ ଛାଡ଼ି ପଳାଇ ଆସିଛୁ ବୋଲି କହିଛନ୍ତି ଏକ ଶିକ୍ଷାକେନ୍ଦ୍ରର ୨ଜଣ ଛାତ୍ରୀଛାତ୍ର। ନିର୍ଯ୍ୟାତନା ଅସହ୍ୟ ହେବାରୁ ସେମାନେ ହଷ୍ଟେଲରୁ ଲୁଚି ପଳାଇ ଆସିଥିବା ବେଳେ ଶନିବାର ସକାଳେ ଭଦ୍ରକ ଚରମ୍ପା ଛକ ନିକଟରୁ ଉଦ୍ଧାର କରାଯାଇଛି। ୪ରୁ ୫ବର୍ଷ ମଧ୍ୟରେ ଦୁଇ ଛାତ୍ରୀଛାତ୍ରଙ୍କ ବୟସ। ଉକ୍ତ ଛାତ୍ରୀଙ୍କ ଘର ଧାମନଗର ବ୍ଲକର କୋଠାର ଓ ଛାତ୍ରଙ୍କ ଘର ତିହିଡ଼ି ଅଞ୍ଚଳରେ। ସେମାନେ ଚରମ୍ପା ଏରେଇଁସ୍ଥିତ ଏକ ଶିକ୍ଷାକେନ୍ଦ୍ରର ହଷ୍ଟେଲରେ ରହୁଥିଲେ। ସକାଳେ ସେମାନେ ହଷ୍ଟେଲରୁ ଲୁଚି ପଳାଇ ଆସି ଚାଲି ଚାଲି ପ୍ରାୟ ୩ କି.ମି. ଆସିବା ପରେ ଚରମ୍ପା ଛକ ନିକଟରେ ସନ୍ଦେହରେ ଜଣେ ଦୋକାନୀ ସେମାନଙ୍କୁ ଅଟକାଇ ପଚରାଉଚରା କରିଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ଦୋକାନୀ ସେମାନଙ୍କ ପରିବାର ଲୋକଙ୍କୁ ଯୋଗାଯୋଗ କରିଥିଲେ। ପରେ ପରିବାର ଲୋକେ ପହଞ୍ଚି ସେମାନଙ୍କୁ ଘରକୁ ନେଇଥିଲେ। ହଷ୍ଟେଲର କର୍ମଚାରୀ ଏବଂ ଟ୍ୟୁଶନ କରୁଥିବା ଶିକ୍ଷୟିତ୍ରୀ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଉଛନ୍ତି ବୋଲି ଦୁଇ ଶିଶୁ ପ୍ରକାଶ କରିଛନ୍ତି। ଏହି ଘଟଣାକୁ ନେଇ ଶିକ୍ଷାକେନ୍ଦ୍ରକୁ ଯାଇଥିବା କେତେଜଣ ଖବରଦାତାଙ୍କୁ ଶିକ୍ଷାକେନ୍ଦ୍ରର ସମ୍ପାଦକ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହେବାରୁ ଗ୍ରାମାଞ୍ଚଳ ଥାନାରେ ତାଙ୍କୁ କିଛି ସମୟ ଅଟକ ରଖାଯାଇଥିଲା। ଶିଶୁମାନଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇ ନ ଥିବା ଆଇଆଇସି ଅମିତାଭ ଦାଶ ସୂଚନା ଦେଇଛନ୍ତି।

## ବିଷାକ୍ତ ମଦ ଜୀବନ ନେଲା

ଭୁବନ, ୨୯।୭ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ଅନ୍ତର୍ଗତ ୨ନଂ. ୱାର୍ଡ ନୂଆ କୁମ୍ଭାର ସାହି ଅଞ୍ଚଳରେ ଶନିବାର ଦେଶୀ ମହୁଲି ମଦ ପିଇ ଦିନମଜୁରିଆ ସନାତନ ନାଏକ(୩୦)ଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଏହା ବିଷାକ୍ତ ମଦମୃତ୍ୟୁ ବୋଲି ପରିବାର ଲୋକେ କହିବା ସହ ମଦ କାଉଣ୍ଟର ସମ୍ମୁଖରେ ମୃତଦେହ ରଖି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅନ୍ୟପଟେ ଏହା ବିଷାକ୍ତ ମଦମୃତ୍ୟୁ ନୁହେଁ। ମୃତକଙ୍କ ପରିବାର ସଦସ୍ୟ କରିଥିବା ଅଭିଯୋଗରେ କୌଣସି ସତ୍ୟତା ନାହିଁ ବୋଲି ଅବକାରୀ ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି।

ପୂର୍ବାହ୍ନ ପ୍ରାୟ ୧୦ଟାରେ ସନାତନ ଗ୍ରାମ ନିକଟରେ ଥିବା ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ସମ୍ମୁଖରେ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଡାକ୍ତର କହିଥିଲେ। ଏହାପରେ ମେଡିକାଲରେ ତୀବ୍ର ଉତ୍ତେଜନା



ସନାତନଙ୍କ ଶୋକାକୁଳ ପରିବାର।

ସୃଷ୍ଟି ହୋଇଥିଲା। ପରିବାର ଲୋକେ ମୃତଦେହକୁ ମଦ ଦୋକାନ ସମ୍ମୁଖକୁ ଆଣି ଧାରଣା ଦେଇଥିଲେ। ବିଷାକ୍ତ ମଦ ପିଇ ସନାତନଙ୍କ ଜୀବନ ଯାଇଥିବା ଅଭିଯୋଗ କରି ସେମାନେ ହୋହଲ୍ଲା କରିଥିଲେ। ସୂଚନା ପାଇ ଭୁବନ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ଏହାପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଥିଲା। ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ମୃତକଙ୍କ ସମ୍ପର୍କୀୟଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ. ୩୨/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତନାଘନା ଆରମ୍ଭ କରିଛି।

# ଖଣି ଅଞ୍ଚଳ ଏବେ ପର୍ଯ୍ୟଟନସ୍ଥଳ

- ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ପାଚେରି ଝରଣା
- ବିକାଶ ଓ ପ୍ରଚାର ପ୍ରସାର କରିବାକୁ ଦାବି

ଯୋଡ଼ା, ୨୯।୭ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳ ଓଡ଼ିଶାରେ ଖଣି ପାଇଁ ପ୍ରସିଦ୍ଧି ଲାଭ କରିଥିବା ବେଳେ ଏବେ ପର୍ଯ୍ୟଟକଙ୍କ ପାଇଁ ଏକ ଦର୍ଶନୀୟ ସ୍ଥାନ ଭାବେ ପରିଗଣିତ ହେଉଛି। ଜଙ୍ଗଲ ଶୋଭାରାଜିରେ କୁଳୁକୁଳୁ ହୋଇ ବୋହିଯାଉଥିବା ଏକାଧିକ ଝରଣା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ସୁଉଚ୍ଚରୁ ଭୂମିଷ୍ଠ ହେଉଥିବା ଜଳପ୍ରପାତ ଯେପରି ହାତଠାରି ଡାକୁଛି। ଲୁହାପଥର, ମାଙ୍ଗାନିଜ ପଥର ପାଇଁ ଦେଶ ଓ ବିଦେଶରୁ ବ୍ୟବସାୟୀ ଆସୁଥିଲେ, ଏବେ ଖଣି ଉପତ୍ୟକାରେ ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଅଞ୍ଚଳରେ ଥିବା ବିଭିନ୍ନ ଆକର୍ଷଣୀୟ ସ୍ଥାନ ମଧ୍ୟରୁ ଯୋଡ଼ା ବ୍ଲକ୍ ମୁର୍ଗା ମହାଦେବ ମନ୍ଦିର ତଥା ଜଳପ୍ରପାତ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇଛି। ମାତ୍ର ଆଜି ପର୍ଯ୍ୟନ୍ତ ସ୍ଥଳର ଉନ୍ନତୀକରଣ ହୋଇପାରିନାହିଁ। ଅଞ୍ଚଳବାସୀ ଉକ୍ତ ପୀଠ ଓ ଜଳପ୍ରପାତ ସହ ଅଞ୍ଚଳରେ ଥିବା ଅନ୍ୟ ଦର୍ଶନୀୟ ସ୍ଥାନର ବିକାଶ କରିବାକୁ ଦାବି କରିଛନ୍ତି।

ଯୋଡ଼ା ବ୍ଲକ୍ ମୁର୍ଗା ମହାଦେବ ମନ୍ଦିର





ଓ ନିକଟରେ ଜଳପ୍ରପାତ, ବୈତରଣୀ ନଦୀ ଶଯ୍ୟାରେ ଗୁରୁବେଡ଼ା, ବଡ଼ବିଲ ନିକଟସ୍ଥ ଝରଣା ପରିବେଷ୍ଟିତ ଜଟେଶ୍ୱର ମହାଦେବ ମନ୍ଦିର ଓ ହ୍ରଦ, ପାଚେରି ଗ୍ରାମରେ ଥିବା ଝରଣା, ଝିଙ୍କାରି ଝରଣା, ବୈତରଣୀ ନଦୀର ତିନି ଧାରିଆ, କୁଣ୍ଡୁଲ ଝରଣା, ସ୍ୱପ୍ନେଶ୍ୱର ମନ୍ଦିର ସମେତ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ସେରେଣ୍ଡା ରିଜର୍ଭ ଜଙ୍ଗଲ, ଥାଲ କୋବାଦ ଭାଲୁ ଗୁମ୍ଫା, କିରିବୁରୁ ଓ ମେଘାତବୁରୁରେ ଥିବା ୭ଶହ ପର୍ବତମାଳା ମଧ୍ୟରେ ଅସ୍ତଗାମୀ ସୂର୍ଯ୍ୟର ମନୋରମ ଦୃଶ୍ୟକୁ ଉପଭୋଗ ପାଇଁ ଶହ ଶହ ପର୍ଯ୍ୟଟକ ଆସୁଛନ୍ତି। ବର୍ଷା ସମୟରେ ଜଳପ୍ରାପତ ଗୁଡ଼ିକରେ ଲୋକଙ୍କ ଭିଡ଼ ଜମୁଛି। ଏହି ସମୟରେ ବଡବିଲରେ ଥିବା ବିଭିନ୍ନ ହୋଟେଲ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ପ୍ୟାକେଜ ଘୋଷଣା କରୁଛନ୍ତି। ଫଳରେ ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକମାନେ ଏଠାକୁ ଆସିବା ଇଚ୍ଛା ପ୍ରକାଶ କରୁଥିବା ଦେଖିବାକୁ ମିଳିଛି। ବଙ୍ଗୀୟ ପତ୍ରିକାଗୁଡ଼ିକରେ ଏ ଅଞ୍ଚଳର ସ୍ଥାନ ଓ ମନୋରମ ଦୃଶ୍ୟ ପ୍ରକାଶିତ ହୋଇଛି। ପର୍ଯ୍ୟଟନ ଅଞ୍ଚଳଗୁଡ଼ିକର ପ୍ରଚାର ଓ ପ୍ରସାର କରିବା ପାଇଁ ଲାଗୁଥିବା ପର୍ଯ୍ୟଟନ ମେଳାରୁ ସୂଚନା ପାଇ ଆସୁଥିବା ପର୍ଯ୍ୟଟକ ବିପ୍ର ମଜୁମଦାର ଓ ଶୁଭ ପ୍ରତିମ ଘୋଷ ସୂଚନା ଦେଇଛନ୍ତି। ଜଣେ ମହିଳା ପର୍ଯ୍ୟଟକ କହିଛନ୍ତି, ଏହି ଅଞ୍ଚଳ ଲାଲମାଟି, ଲାଲ ଆକାଶ, ଲାଲ ଫୁଲେର ଦେଶ। ଟୁର୍ ଅପରେଟର ସନ୍ତୋଷ କୁମାର ବିଶ୍ୱାଳ କହିଛନ୍ତି, ସବୁଠାରୁ ଅଧିକ ମନୋରମ ଦୃଶ୍ୟ ପାଚେରି ଝରଣାରେ ରହିଛି। ବର୍ଷକୁ ପ୍ରାୟ ଅଢ଼େଇ ହଜାର ପର୍ଯ୍ୟଟକ ଆସୁଛନ୍ତି। ମାତ୍ର ରାସ୍ତା ନ ଥିବାରୁ ସେଠାକୁ ପର୍ଯ୍ୟଟକ ଯାଇ ନ ପାରି ଅସନ୍ତୋଷ ପ୍ରକାଶ କରୁଛନ୍ତି। ବଡ଼ବିଲର ବୁଦ୍ଧିଜୀବୀ ଚିତ୍ତରଞ୍ଜନ କର, ଯୋଡ଼ାର ସୋମନାଥ ମହାନ୍ତି, ଯୋଡ଼ା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର କହିଛନ୍ତି, ଅଞ୍ଚଳରେ ଥିବା ପ୍ରାକୃତିକ ସ୍ଥାନଗୁଡ଼ିକର ବିକାଶ କରାଯାଇପାରିଲେ ଅଞ୍ଚଳର ବିକାଶ ହେବା ବେରୋଜଗାର ସମସ୍ୟାକୁ ଅନେକାଂଶରେ ପ୍ରତିହତ କରାଯାଇପାରନ୍ତା। ତେଣୁ ଡିଏମ୍‌ଏଫ୍ ଅର୍ଥର ବିନିଯୋଗ କରାଇ ପର୍ଯ୍ୟଟନସ୍ଥଳଗୁଡ଼ିକର ବିକାଶ ଓ ପ୍ରଚାର ପ୍ରସାର କରାଗଲେ ଅଞ୍ଚଳର ଆର୍ଥିକ ଅଭିବୃଦ୍ଧି ଘଟିବ ବୋଲି କହିଛନ୍ତି।

> ତୁମେ ଯାହା ଜାଣିଛ– ତାହା ହିଁ ଯେ ଏକମାତ୍ର ସତ୍ୟ– ଏବଂ ତୁମର ବିଶ୍ୱାସ ଯେ ଏକମାତ୍ର ସତ୍ୟ ଏବଂ ଅନ୍ୟମାନଙ୍କ ଜ୍ଞାନ ଓ ବିଶ୍ୱାସ ସତ୍ୟ ନୁହେଁ– ତୁମେ ଯଦି ଏହିପରି ଭାବୁଥାଅ– ତା'ହେଲେ ତୁମେ ଜାଣ ଯେ, ଅତୀତରେ ବିଭିନ୍ନ ଧର୍ମ ଓ ସଂପ୍ରଦାୟର ଲୋକମାନେ ଯାହା କରୁଥିଲେ– ତୁମେ ତାହା ହିଁ କରୁଛ । –ଶ୍ରୀମା

# ନାଗରିକତ୍ୱ ବିବାଦ



ଆକାର ପଟେଲ

ଜନ୍ମ ଏବଂ ମୃତ୍ୟୁ ପାଇଁ ଆଧାରକୁ ବାଧ୍ୟତାମୂଳକ କରିବା ସକାଶେ କେନ୍ଦ୍ର ସରକାର ଆଇନ ପ୍ରଣୟନ କରିବାକୁ ଯାଉଛନ୍ତି । ଯଦି ଏହି ବିଲ୍ ଆଇନରେ ପରିଣତ ହୁଏ ତେବେ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍) ଉପରେ ଏହାର ପ୍ରଭାବ ରହିବ । ଅପରପକ୍ଷେ ଏହା ଜାତୀୟ ନାଗରିକ ପଞ୍ଜିକା(ଏନ୍‌ଆର୍‌ସି)କୁ ପୁନର୍ଜୀବିତ କରିବ । ପୂର୍ବରୁ ସରକାର ଏହା କରିବାକୁ ବି ଉଦ୍ୟମ କରିଥିଲେ, କିନ୍ତୁ ୨୦୧୯–୨୦ରେ ସିଏଏକୁ ବିରୋଧ ଫଳରେ ଏହା ପଛରେ ରହିଗଲା । ଏପ୍ରିଲ ୨୦୨୦ରେ, ସରକାର ଏନ୍‌ପିଆର୍ ଲାଗୁ କରିବା ଆରମ୍ଭ କରିଥିଲେ । ହେଲେ ଲଗାତର ବିରୋଧ ପରେ ଏହି ପ୍ରଚେଷ୍ଟା ବନ୍ଦ କରିଦିଆଯାଇଥିଲା । ଲୋକେ ଆନ୍ଦୋଳନକୁ ବନ୍ଦ ନ କରିବାର କାରଣ ହେଲା, ଏନ୍‌ଆର୍‌ସି ଲାଗୁ ହେବ କି ନାହିଁ ପ୍ରଧାନମନ୍ତ୍ରୀ କୌଣସି ଆଶ୍ୱାସନା ଦେଇ ନ ଥିଲେ । ସେ କେବଳ କହିଥିଲେ, ଏହା ଉପରେ ଏପର୍ଯ୍ୟନ୍ତ ଆଲୋଚନା ହୋଇନାହିଁ । ଆସାମରେ ଯାହା ଘଟିଲା ତାହା ଦେଶବ୍ୟାପୀ ଘଟିବ ବୋଲି ବିଶ୍ୱାସ କରୁଥିବା ଲୋକଙ୍କୁ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ ପୂରା ସନ୍ତୁଷ୍ଟ କରିବାରେ ଯଥେଷ୍ଟ ନ ଥିଲା ।

ଲୋକଙ୍କ ପ୍ରତିବାଦ ବ୍ୟତୀତ ଅଣଭାଜପା ଦଳର ବିରୋଧ ବି ଏନ୍‌ପିଆର୍/ଏନ୍‌ଆର୍‌ସି ବନ୍ଦ କରିବାରେ ଭୂମିକା ଥିଲା । କେତେକ ରାଜ୍ୟ କହିଛନ୍ତି ଯେ, ସେମାନେ ଏନ୍‌ପିଆର କାର୍ଯ୍ୟକାରୀ କରିବେ ନାହିଁ । ଆଇନ ଶୃଙ୍ଖଳା ପରିସ୍ଥିତିର ଭୟ ରହିଛି ବୋଲି ସୂଚନା ଦେଇ କେରଳ ସୁପ୍ରିମକୋର୍ଟରେ ଏନ୍‌ଆର୍‌ସିକୁ ଚ୍ୟାଲେଞ୍ଜ କରିଛି । ମଧ୍ୟପ୍ରଦେଶ କଂଗ୍ରେସ ଅଧୀନରେ ଥିବାବେଳେ ଏହାକୁ କାର୍ଯ୍ୟକାରୀ କରିବ ନାହିଁ ବୋଲି କହିଥିଲା । ପଶ୍ଚିମବଙ୍ଗ ପରି ଅନ୍ୟ ରାଜ୍ୟଗୁଡ଼ିକ ସେମାନଙ୍କର ନାଗରିକମାନଙ୍କୁ ଗଣନାକାରୀଙ୍କ ବିରୋଧ କରିବାକୁ ଏବଂ ସେମାନଙ୍କୁ କୌଣସି ଦଲିଲ ନ ଦେଖାଇବାକୁ ଉତ୍ସାହିତ କରିଥିଲେ । ତଥାପି ଅନ୍ୟ ରାଜ୍ୟମାନେ (ଓଡ଼ିଶା ଏବଂ ବିହାର) କୌଣସି ପ୍ରଶ୍ନ ନ ଉଠାଇ ଏନ୍‌ପିଆର୍‌କୁ କେବଳ ଆଂଶିକ କାର୍ଯ୍ୟକାରୀ କରିବେ ବୋଲି କହିଲେ । ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ କହିଥିଲେ, ସେ ଏହି ପ୍ରସଙ୍ଗରେ ରାଜସ୍ଥାନୀଙ୍କୁ ଜେଲରେ ରହିବାକୁ ଦେବେ ନାହିଁ ଏବଂ ଏହା ବଦଳରେ ପ୍ରଥମେ ନିଜେ ଜେଲ ଯିବେ । ସଂଘୀୟସ୍ତରରେ ଏହା ସ୍ପଷ୍ଟ ହେଲା ଯେ ସଂଗୃହୀତ ହେବାକୁ ଥିବା ତଥ୍ୟ ଅସମ୍ପୂର୍ଣ୍ଣ ଏବଂ ଖଣ୍ଡବିଖଣ୍ଡିତ ହେବ । ତେବେ ୨୦୨୦ରେ ଏନ୍‌ପିଆର୍ / ଏନ୍‌ଆର୍‌ସି ପ୍ରକ୍ରିୟାକୁ ଅଟକାଇବାରେ ମୋଦି ସରକାରଙ୍କ ଏହା ତୃତୀୟ କାରଣ । ନାଗରିକତ୍ୱ ଆଇନ ଦ୍ୱାରା ସୃଷ୍ଟି ଧ୍ରୁବୀକରଣ ଦେଶ ଦ୍ୱାରା ଗ୍ରହଣ କରାଯାଇଥିବା କିଛି ଚରମ ପଦକ୍ଷେପରେ ପ୍ରତିଫଳିତ ହେଲା ଏବଂ ଏଗୁଡ଼ିକ ପ୍ରଚାର କରାଯାଇଥିଲା । ଫେବୃୟାରୀ ୨୦୨୦ରେ ହାଇଦ୍ରାବାଦରେ ଆଧାରର ତଦାରଖ କରୁଥିବା ଅଧିକାରୀମାନେ ସେମାନଙ୍କ ଅଧିକାର ବାହାରେ ୧୦୦ରୁ ଅଧିକ ଲୋକଙ୍କୁ ନାଗରିକତ୍ୱ ପ୍ରମାଣ କରିବାକୁ କାର୍ଯ୍ୟାଳୟକୁ ଡକାଇଥିଲେ । ସମ୍ଭବତଃ ଏମାନେ ସମସ୍ତେ ଥିଲେ ମୁସଲମାନ । ଏହି ଖବର ପ୍ରକାଶ ପାଇବା ପରେ ଆଧାର କର୍ତ୍ତୃପକ୍ଷ ସ୍ପଷ୍ଟୀକରଣ ଦେଲେ ଓ ପଛକୁ ହଟିଲେ । ଆସାମର କୌଣସି ଏକ କୋର୍ଟ ଭାରତୀୟ ବୋଲି ଜଣେ ମୁସଲମାନ ମହିଳାଙ୍କ ଦାବିକୁ ରଦ୍ଦ କରିବା ପାଇଁ ୧୯୬୦ ଦଶକରୁ ଥିବା ତାଙ୍କ ଭୋଟର ପରିଚୟ ପତ୍ର ଏବଂ ଜମି ରାଜସ୍ୱ ରେକର୍ଡ ସମେତ ୧୫ଟି ବିଭିନ୍ନ ଦଲିଲକୁ ଗ୍ରହଣ କରି ନ ଥିଲେ, ଯାହାକୁ ବହୁଳ ଭାବେ ପ୍ରଚାର କରାଯାଇଥିଲା । କର୍ନାଟକର ବିଦାରରେ ନାଗରିକତ୍ୱ ଆଇନ ଉପରେ ଏକ ସ୍କୁଲରେ କରାଯାଇଥିବା ନାଟକକୁ ନେଇ ସ୍କୁଲ ପିଲାମାନଙ୍କୁ ପଚରା ଯାଇଥିଲା । ଏପରି କି ଅଭିଭାବକମାନଙ୍କ ଉପରେ ଦେଶଦ୍ରୋହ ଅଭିଯୋଗ ଅଣାଯିବା ସହ ମହିଳାମାନଙ୍କୁ ଜେଲରେ ରଖାଯାଇଥିଲା । ଏ ସବୁର ପରିଣାମ ସ୍ୱରୂପ, ଭାରତର ଅଧିକ ଅଞ୍ଚଳରେ ଏନ୍‌ପିଆର୍ ଏବଂ ଏନ୍‌ଆର୍‌ସି ବିରୋଧରେ ତାମିଲନାଡୁର ଚେନ୍ନାଇ, ତିରୁନେଲଭେଲି, ଭେଲୋର, କୋଇମ୍ବାଟୁର, ଥୋଥୁକୁଡ଼ି, ତିରୁଚି, ମଦୁରାଇ, ସାଲେମ ଏବଂ କୃଷ୍ଣଗିରିରେ ଜନବିରୋଧ ପ୍ରଦର୍ଶନ ଦେଖିବାକୁ ମିଳିଥିଲା । ଜନଗଣନା ଏବଂ ବ୍ୟୟ ଉପରେ ତଥ୍ୟ ସଂଗ୍ରହ କରୁଥିବା ଜାତୀୟ ନମୁନା ସର୍ଭେ (ଏନ୍‌ଏସ୍‌ଏସ୍) ମଧ୍ୟ ସିଏଏ ବିରୋଧ ଦ୍ୱାରା ପ୍ରଭାବିତ ହେଲା । ଏହି କାରଣରୁ ଜନଗଣନା ଏବଂ ପାଞ୍ଚବର୍ଷିଆ ସର୍ଭେଗୁଡ଼ିକ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି ।

ଭାରତର ପୂର୍ବତନ ମୁଖ୍ୟ ପରିସଂଖ୍ୟାନ ବିଶେଷଜ୍ଞ ପ୍ରଣବ ସେନ୍ ସେତେବେଳେ ଏହାକୁ ଏକ ନୂଆ ପ୍ରକାରର ସମସ୍ୟା ବୋଲି କହିଥିଲେ । ସେ କହିଥିଲେ, ଏନ୍‌ଏସ୍‌ଏସ୍‌ର କ୍ଷେତ୍ର ଅନୁସନ୍ଧାନକାରୀଙ୍କ ଉପରେ ଆକ୍ରମଣ ନୂଆ ନୁହେଁ । ଏହା ପୂର୍ବରୁ ମୁଖ୍ୟତଃ ଯେତେବେଳେ ସେମାନେ ଘରର ଆୟ କିମ୍ବା ସମ୍ପତ୍ତି ଏବଂ ଏମିତିକା କିଛି ବିଷୟ ଉପରେ ପ୍ରଶ୍ନ ପଚାରିଥିଲେ ଏଭଳି ଘଟଣା ଘଟିଥିଲା । ନିକଟରେ ବି ଏହା ଘଟିଛି, କିନ୍ତୁ ଅଧିକ ନୁହେଁ । ସେ କହିଥିଲେ, ଯଦି ଜନଗଣନା ଠିକ୍‌ଭାବେ କରା ନ ଯାଏ, ତେବେ ଆସନ୍ତା ୧୦ ବର୍ଷ ପାଇଁ କୌଣସି ଘରୋଇ ସର୍ବେକ୍ଷଣ ନିର୍ଭରଯୋଗ୍ୟ ହେବନାହିଁ, କାରଣ ସମସ୍ତ ଘରୋଇ ସର୍ବେକ୍ଷଣ ଜନଗଣନା ଉପରେ ନିର୍ଭର କରେ । ଯଦି ଜନଗଣନା ସମସ୍ୟାର ସମ୍ମୁଖୀନ ହୁଏ ଏବଂ ଏଥିରେ କିଛି ବିପଦ ରହେ, ତେବେ ପରବର୍ତ୍ତୀ ୧୧ ବର୍ଷ ପାଇଁ ଆପଣ ଅସୁବିଧାରେ ରହିବେ । ଜନ୍ମ ଏବଂ ମୃତ୍ୟୁ ସହିତ ଆଧାରର ସଂଯୋଗ ନାଗରିକତ୍ୱ ଉପରେ ବିତର୍କକୁ ପୁନର୍ଜୀବିତ କରିବ, ଏହା ଦୁର୍ଭାଗ୍ୟଜନକ । ଏହାକୁ ଆମେ ବିଚାର କରିନାହୁଁ ଯେ ମିଳିତ ଜାତିସଂଘର ସେକ୍ରେଟାରି ଜେନେରାଲ, ୟୁରୋପୀୟ ୟୁନିୟନ ଏବଂ ଆମେରିକା କଂଗ୍ରେସର ସଦସ୍ୟମାନେ ୨୦୨୦ରେ ଭାରତରେ ଘଟିଥିବା ଘଟଣାଗୁଡ଼ିକୁ ନେଇ ଚିନ୍ତିତ ହୋଇଥିଲେ ଓ ସ୍ୱର ମଧ୍ୟ ଉଠାଇଥିଲେ । ଏହି ପରିସ୍ଥିତିରେ ଯେକୌଣସି ପଦ୍ଧତିରେ ଏନ୍‌ପିଆର୍ କାର୍ଯ୍ୟକାରୀ କରିବାକୁ ଆଗକୁ ବଢୁଥିବା ସରକାରଙ୍କ ପାଇଁ ଏହାର କିଛି ମାନେ ନାହିଁ । ଆଶା, ଆମେ ପୁଣିଥରେ ନାଗରିକତ୍ୱକୁ ନେଇ ଏକ ବିବାଦ ଆଡ଼କୁ ଅଗ୍ରସର ହେବାବେଳେ ଏସବୁକୁ ବିଚାର କରିବା ଦରକାର ।

Email:aakar.patel@gmail.com

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | 3 | 9 | 4 | | |
| | | | 2 | | | | | |
| 6 | | 5 | | | 1 | 7 | | |
| 3 | 7 | | | 9 | | | | |
| 9 | | 4 | | | | | | 6 |
| | | | | | | 1 | | |
| | | | 5 | | | | | |
| 5 | | 3 | | | | 2 | | |
| | 9 | | | 1 | | | 7 | 5 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 6 | 1 | 8 | 2 | 3 | 4 | 5 |
| 2 | 4 | 8 | 6 | 5 | 3 | 7 | 1 | 9 |
| 5 | 3 | 1 | 9 | 4 | 7 | 2 | 8 | 6 |
| 9 | 6 | 3 | 4 | 1 | 8 | 5 | 7 | 2 |
| 4 | 2 | 5 | 7 | 3 | 6 | 1 | 9 | 8 |
| 8 | 1 | 7 | 5 | 2 | 9 | 6 | 3 | 4 |
| 3 | 8 | 4 | 2 | 6 | 1 | 9 | 5 | 7 |
| 6 | 5 | 9 | 3 | 7 | 4 | 8 | 2 | 1 |
| 1 | 7 | 2 | 8 | 9 | 5 | 4 | 6 | 3 |

ଗତ କାଲିର ଉତ୍ତର

# ନଗ୍ନତା ସଭ୍ୟତା ନୁହେଁ



ଡ. ପବିତ୍ର ସୁବୁଦ୍ଧି

ଜଣେ ବିଶିଷ୍ଟ ସମାଜଶାସ୍ତ୍ରୀ ଏକଦା କହିଥିଲେ– ''ମଣିଷ ମହାନ୍ ହେବା ପାଇଁ ତିନୋଟି ଜିନିଷ ଲୋଡ଼ା । ପୁରୁଷର ମସ୍ତିଷ୍କ, ନାରୀର ହୃଦୟ ଓ ଶିଶୁର ମନ ।'' ନାରୀର ହୃଦୟ ହେଉଛି ଏକ ଭବ୍ୟ ମନ୍ଦିର । ନାରୀ ହେଉଛି ବିଧାତାଙ୍କ ଏକ କମନୀୟ ସୃଷ୍ଟି । ସେଇଥିପାଇଁ ଭାରତୀୟ ସଂସ୍କୃତିର ଅନୁପମ ଉଦ୍‌ଗାତା କବି କାଳିଦାସଙ୍କ ଲେଖନୀରେ ଦିନେ ଫୁଟି ଉଠିଥିଲା ନାରୀ ମହିମାର ଏକ ପ୍ରଶସ୍ତ ବ୍ୟାଖ୍ୟା । ନାରୀ ତନୁର ସ୍ନିଗ୍ଧ ଲାବଣ୍ୟ, ଅନ୍ତରର ସ୍ୱଚ୍ଛନ୍ଦ ପ୍ରୀତିପୀୟୂଷ ଧାରା ଓ ପୁରୁଷ କଳ୍ପନାର ଇନ୍ଦ୍ରଧନୁ ଛଟା, ନାରୀ ଚରିତ୍ରକୁ ଯୁଗେ ଯୁଗେ ମହିମାନ୍ୱିତ କରିଛି । ନାରୀ ଏକାଧାରରେ କଲ୍ୟାଣମୟୀ, ମମତାମୟୀ ଓ ସ୍ନେହମୟୀ । ନାରୀ କରୁଣାର ଚିରସ୍ରୋତା ସ୍ରୋତସ୍ୱିନୀଟିଏ । ଆଶିଷର ମୂର୍ତ୍ତିମନ୍ତ ଆକାଶଦୀପଟିଏ । ସହନଶୀଳତାର ଦୃଢ଼ ପଥରଟିଏ । ନାରୀ କେବଳ ଲୀଳା ସଙ୍ଗିନୀ, ନମ୍ର ସହଚରୀ ବା ପୁରୁଷ ଚକ୍ଷୁରେ କଳ୍ପନାର ମାୟାଜାଲ କିମ୍ବା ଛଳନାମୟୀ ନୃତ୍ୟଶୀଳା ଉର୍ବଶୀ ନୁହେଁ, ସେ ହେଉଛି ସ୍ନେହମୟୀ ପ୍ରେମଶୀଳା ସହଧର୍ମିଣୀ, ସହକର୍ମିଣୀ, ସହମର୍ମିଣୀ, ମୂର୍ତ୍ତିମତୀ ଲକ୍ଷ୍ମୀ । ଜନକତନୟା ରାମଜାୟା ପତିବ୍ରତା ସୀତାଙ୍କଠାରୁ ଆରମ୍ଭ କରି ବ୍ରହ୍ମବାହିନୀ, ବିଶ୍ୱବାରା, ଗାର୍ଗୀ, ମୈତ୍ରେୟୀ ଓ ଲୀଳାବତୀଙ୍କ ପର୍ଯ୍ୟନ୍ତ ବିଦୂଷୀ ଲଳନାମାନଙ୍କର ଅପୂର୍ବ ଜ୍ୟୋତିରେ ନାରୀଜାତି ଚିରଭାସ୍ୱର । ନାରୀ କେବେ ବି ଦୁର୍ବଳା କି ଅବଳା ନୁହେଁ, ବରଂ ସେ ଏକ ପାର୍ଶ୍ୱରେ ସ୍ନେହ, ପ୍ରେମ, କରୁଣାର ତ୍ରିବେଣୀସଙ୍ଗମ ଏବଂ ଅପରପାର୍ଶ୍ୱରେ ସୃଷ୍ଟି, ସ୍ଥିତି ଓ ପ୍ରଳୟକାରିଣୀ ଜଗନ୍ମାତାଙ୍କର ଏକ ଅଂଶବିଶେଷ । ସେଥିପାଇଁ ଭାରତୀୟ କାବ୍ୟଦର୍ଶନରେ ନାରୀ, ରୂପ, ଭାବ ଓ ଅଭିବ୍ୟକ୍ତିର ଜନନୀ ରୂପେ ଚିତ୍ରିତ ହୋଇଛି । ନାରୀର ଏହି ନିର୍ବିକଳ୍ପ ସୌନ୍ଦର୍ଯ୍ୟ କାଳେ କାଳେ କବି କଲମରେ କାଳି ହୋଇ କବିତା ଲେଖେ । ଚିତ୍ରକରର ତୂଳୀରେ ରଙ୍ଗ ହୋଇ ଚିତ୍ର ଆଙ୍କେ । ଶିଳ୍ପୀ ନିହଣର ଧାର ହୋଇ ଶିଳାର କୋଣାର୍କ ଗଢ଼େ । ଗାୟକ କଣ୍ଠର ସ୍ୱରପେଟିକା ହୋଇ ସଙ୍ଗୀତର ସୁର ତୋଳେ । ପ୍ରେମିକାଚକ୍ଷୁର ପୀତବିନ୍ଦୁ ହୋଇ ପ୍ରେମିକାର ଛବି ଉତ୍ତୋଳନ କରେ । ସତରେ କେତେ କଳାକାର୍ତ୍ତିର କର୍ମଶାଳା ଏହି ଲାବଣ୍ୟବତୀ ନାରୀ ! ସେଇଥିପାଇଁ ତ ଲିଓନାର୍ଡ ଦା ଭିନ୍‌ସିଙ୍କ ମୋନାଲିସା ଏବେ ବି ଅମର ।

ଏବେ ପ୍ରଶ୍ନଉଠେ– କୁଆଡ଼େ ଗଲା ନାରୀ ଅଙ୍ଗର ସେହି ନମନୀୟତା, କମନୀୟତା, ସଂହତି, ସୌଷ୍ଠବ ଓ ସୌନ୍ଦର୍ଯ୍ୟ ; ଯାହାକୁ ଦିନେ ଏ ସୃଷ୍ଟି ସ୍ରଷ୍ଟାଙ୍କର ମହାର୍ଘ ଅବଦାନ ରୂପେ ଗ୍ରହଣ କରିଥିଲା । କାହିଁକି ତାକୁ ବିକୃତ, ବିଲୁପ୍ତ କରିବାରେ ଆମେ ସମସ୍ତେ ଚେଷ୍ଟିତ ? କାହିଁକି ଓଢ଼ଣା ଫାଙ୍କରୁ ଆଉ ଦେଖିବାକୁ ମିଳୁନାହିଁ ସଲଜ୍ଜ ନାରୀର ମନ୍ମୟ ମୁହଁ ? କାହିଁକି ଏକବିଂଶ ଶତାବ୍ଦୀର ନାରୀ ଆଜି ମାୟାମୃଗର ଅସତ୍ୟ ପ୍ରଲୋଭନରେ ପଥଭ୍ରଷ୍ଟ ? ଯେଉଁ ନାରୀର ଅପରୂପ ରୂପଲାବଣ୍ୟ ଦିନେ ପୁରୁଷମନରେ ସୃଷ୍ଟି କରୁଥିଲା ପବିତ୍ର ହୋମଶିଖାର ଜ୍ୟୋତି, କାହିଁକି ସେ ନଗ୍ନରୂପ ଆଜି ପୁରୁଷ ପାଇଁ ପାଲଟିଛି କାମନାର ପ୍ରଜ୍ୱଳିତ ଶିଖା ? କେଉଁଠି ଲୁଚିଗଲା ନାରୀର ସେହି ଅମୃତମୟ ଲାବଣ୍ୟ, ଯାହା 'ପଦ୍ମ' ଦର୍ଶନରେ ପାଇଥିଲେ ଭକ୍ତକବି ମଧୁସୂଦନ ରାଓ ଓ ଗାଇଥିଲେ ''କୋଟି ଲାବଣ୍ୟ ନିଧିରେ ପଦ୍ମ ତୁହି, କି ଅମୃତେ ତୋ' ତନୁ ଗଢ଼ିଲା ବିହି । ତୋ ରୂପ ଦରଶନେ ମୋର ହୃଦୟ, ପୁଣ୍ୟେ ଆନନ୍ଦେ ହୁଏ ଅମୃତମୟ ।''



ସମ୍ଭବତଃ ଏବେ ନାରୀ ସୌନ୍ଦର୍ଯ୍ୟର କାହାକଳ୍ପ ଘଟିଛି । ନାରୀର ରୂପକୁ ନେଇ ଏବେ ରାଜନୀତି ଓ ବ୍ୟବସାୟ ଚାଲିଛି । ରମଣୀୟତା ଆଉ ରହସ୍ୟ ହୋଇ ରହିନାହିଁ । ନଗ୍ନତା ପାଲଟିଛି ସଭ୍ୟତା । ସତେ ଯେମିତି ନାରୀର ଅଙ୍ଗଶୋଭା ଆଉ ସ୍ୱର୍ଗୀୟ ସମ୍ପଦ ହୋଇ ରହିନାହିଁ । ସେଇଥିପାଇଁ ରାଜରାସ୍ତାରେ ଝୁଲୁଛି ଏକାଧିକ ଅର୍ଦ୍ଧନଗ୍ନ ନାରୀଙ୍କ ବିରାଟ ବିରାଟ ଚିତ୍ରପଟ । ନିର୍ବସ୍ତ୍ର ନାରୀଙ୍କୁ ନେଇ ଚାଲିଛି କୋଟି କୋଟି ଟଙ୍କାର ବିଜ୍ଞାପନ । ଧନ୍ୟ କହିବ ମଣିଷ ଜାତିର ଏ ରୁଗ୍‌ଣ ମାନସିକତାକୁ । ହେଲେ କେତେକାଳ ଚାଲିବ ଏ ନଗ୍ନ ମାନସିକତାକୁ ନେଇ ବଣିଜ ବେପାର ?

ଏ ପରିପ୍ରେକ୍ଷୀରେ ପୁରାଣରୁ ଆଖ୍ୟାନଟିଏ ସ୍ମରଣକୁ ଆସେ । ଏକଦା ଏକ ନୃତ୍ୟଶାଳାରେ ନୃତ୍ୟ କରୁଥା'ନ୍ତି ସୁନ୍ଦରୀ ଅପ୍‌ସରା ଉର୍ବଶୀ । ସେ ନୃତ୍ୟଶାଳାରେ ଉପସ୍ଥିତ ଥାଆନ୍ତି ଦେବତା ଓ ଦୁଇ ତପସ୍ୱୀ । ଶରୀରରୁ ଗୋଟିଏ ପରେ ଗୋଟିଏ ବସ୍ତ୍ର ଅନାଭରଣ କରି ଚାଲିଥାଆନ୍ତି ଉର୍ବଶୀ । ଉଲଗ୍ନ ଉର୍ବଶୀଙ୍କୁ ଦେଖି ଦେବତା ଓ ଜଣେ ତପସ୍ୱୀଙ୍କ ଅବସ୍ଥା ଅସମ୍ଭାଳ । କିନ୍ତୁ ଉପସ୍ଥିତ ଅନ୍ୟତମ ମହାମୁନି କୁତୁକ ତଥାପି ଥାଆନ୍ତି ଅବିଚଳିତ । ଏଥର ସବୁ ଆଭରଣ ଖୋଲିସାରିଥିବା ଉର୍ବଶୀ କୁତୁକଙ୍କୁ ପଚାରିଲେ– ଆଉ କିଛି ଯେ ଖୋଲିବାର ନାହିଁ । କାହିଁକି ଆପଣ ବସିଛନ୍ତି । କୁତୁକ ଅଳ୍ପ ହସି କହିଲେ–'ନା ଉର୍ବଶୀ ! ତୁମେ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଆଭରଣଶୂନ୍ୟ ହୋଇନାହଁ ।' ଉର୍ବଶୀ ପଚାରିଲେ– କ'ଣ ଆଉ ବାକି ଅଛି ମୁନିବର ? କୁତୁକ କହିଲେ– ଏବେ ବି ଚର୍ମ, ଅସ୍ଥି, ରକ୍ତ, ମାଂସ ଓ ମେଦ ଆଦି ତୁମକୁ ଘୋଡ଼ାଇ ରଖିଛି । ପାରିବ ତ ତାକୁ ଖୋଲିଦିଅ । ମହାମୁନି କୁତୁକଙ୍କର ଏ ମହାନ୍ ତତ୍ତ୍ୱର ତାତ୍ପର୍ଯ୍ୟ ବୁଝି ଲଜ୍ଜିତ ଉର୍ବଶୀ ତାଙ୍କ ପାଦତଳେ ପଡ଼ିଗଲେ ଓ ତତ୍‌କ୍ଷଣାତ କୁତୁକ ନିଜ ଚାଦରରେ ଉର୍ବଶୀଙ୍କ ଉଲଗ୍ନ ଶରୀରକୁ ଢାଙ୍କିଦେଲେ ।

ପାଠକେ ! ସଂସ୍କୃତି ହେଉଛି ଗୋଟିଏ ଜାତିର ସମ୍ପତ୍ତି । ତାକୁ ବାଜ୍ୟାପ୍ତି କରିବାର ଅଧିକାର ଆମ କାହାର ନାହିଁ । ସମ୍ପୂର୍ଣ୍ଣ ନିର୍ବସ୍ତ୍ର ହେବା ଯୌବନର ପ୍ରଦର୍ଶନ ନୁହେଁ, ବରଂ ଯୌନବିକୃତିର ବିଜ୍ଞାପନ । ନାରୀର ରୂପଯୌବନ ପୁରୁଷକୁ ଉତ୍ତେଜିତ କରିବା କଥା ସତ, ମାତ୍ର ନାରୀ କେବଳ ସମ୍ଭୋଗର ସାମଗ୍ରୀ ନୁହେଁ, ସେ କଥା ବି ନାରୀ ମନେରଖିବା ଉଚିତ୍ । କତିପୟ କାମାସକ୍ତ ନାରୀଙ୍କର କଳଙ୍କ ପାଇଁ ସମଗ୍ର ନାରୀଜାତିର ଲାବଣ୍ୟ ଓ ମାଧୁରୀ, ଲଜ୍ଜା ଓ ସଂଭ୍ରମତା ସତେ ଯେମିତି ଆଜି ଅପହୃତ । ନାରୀ ଜାତିର ଚରମ ଆଦର୍ଶ ଆଜି କୀଟଦ୍ରଂଷ୍ଟ ଓ ଧ୍ୱସ୍ତବିଧ୍ୱସ୍ତ । ଦୁଃଖ ତ ଏଇଠି, ଆଜି ଯେତେବେଳେ ସମଗ୍ର ପାଶ୍ଚାତ୍ୟ ଜଗତ ଚାହୁଁଛି ପ୍ରାଚ୍ୟର ମୁଠାମୁଠା ଆଲୁଅ, ସେତେବେଳେ ପ୍ରାଚ୍ୟ ଜଗତ ଚାହୁଁଛି ପାଶ୍ଚାତ୍ୟର ମେଞ୍ଚାମେଞ୍ଚା ଅନ୍ଧାର । ଗତି ଆମର ଆଲୁଅରୁ ଅନ୍ଧାରକୁ । ଜ୍ୟୋତିରୁ ତମସାକୁ । ସ୍ୱର୍ଗରୁ ନର୍କକୁ । ଆମ ପାଖରେ ତ ବସ୍ତ୍ରର ଅଭାବ ନାହିଁ । ଏହା ସତ୍ତ୍ୱେ ଆମର ଏତେ ଦୈନ୍ୟ କାହିଁକି ? ଅଣୁ ପରମାଣୁ ଯୁଗରେ ଥାଇ ଅଧୁନା ବିସ୍ମୃତ ଆଦିମ ପ୍ରସ୍ତର ସଭ୍ୟତାର ଆରଣ୍ୟକ ଯୁଗ ପ୍ରତି ଆମର ଏତେ ଅନୁରକ୍ତି କାହିଁକି ? ଆମେ ଏତେ ଉନ୍ନତ– ପୁଣି ଏତେ ଅସଂସ୍କୃତ । ଏତେ ବିଭବଶାଳୀ–ପୁଣି ଏତେ ଅଶାଳୀନ । ଗୋଟେ ନାରୀକୁ ବିବସନା କରିବାକୁ ଯାଇ ଗୋଟେ ବଂଶ ଧ୍ୱଂସ ହୋଇଗଲା । ନାରୀ ହେଉଛି ଏ ଜାତିର ଜନନୀ ଓ ସମାଜର ଶ୍ରେଷ୍ଠ ଶିକ୍ଷୟିତ୍ରୀ । ଏଣୁ ନାରୀ ଆଜି ନିଜେ ତା'ର ନଗ୍ନତାର ସୀମା ନିର୍ଦ୍ଧାରଣ କରୁ । ନିର୍ଣ୍ଣୟ କରୁ । ନଚେତ୍ ଏ ପୃଥିବୀକୁ ଆଉ ଥରେ ଓହ୍ଲେଇ ଆସିବ ପ୍ରାଗୈତିହାସିକ ଅନ୍ଧକାର । ଖାଲି ଅନ୍ଧାର, ଅନ୍ଧାର ଆଉ ଅନ୍ଧାର । ସେତେବେଳକୁ କେହି କାହାକୁ ଉତ୍ତରଦାୟୀ କରିବାକୁ ନଥିବେ । କେବଳ ସାରା ମୁଲକରେ ବୁଲୁଥିବେ ଲୋଲଜିହ୍ୱା ଲମ୍ବାଇ କିଛି ଲଙ୍ଗଳା ଆଦିମ ମଣିଷ ।

ପ୍ରାଧ୍ୟାପକ, ନୀଳମାଧବ କଲେଜ, କଣ୍ଟିଲୋ
ମୋ: ୬୩୭୦୬୪୫୭୮୯

# ଦ୍ୱୈତ ସଂସ୍କୃତିର ବ୍ୟାଖ୍ୟାକାର

## ବ୍ୟକ୍ତିତ୍ୱ



ଶଙ୍କରୀ ଚନ୍ଦ୍ରନ୍

ଏକ ଦଶନ୍ଧି ପୂର୍ବେ ଅଷ୍ଟ୍ରେଲିଆରେ ରହୁଥିବା ଶ୍ରୀଲଙ୍କା ମୂଳବାସିନ୍ଦା ଶଙ୍କରୀ ଚନ୍ଦ୍ରନ୍ ତାଙ୍କ ପାଣ୍ଡୁଲିପି ଧରି ପ୍ରକାଶକଙ୍କ ପାଖକୁ ଗଲା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଅଷ୍ଟ୍ରେଲୀୟ ପ୍ରକାଶକ ଧରି ନେଇଥିଲେ ଶଙ୍କରୀଙ୍କ ଲେଖା ଅଷ୍ଟ୍ରେଲିଆ ଉପରେ ପର୍ଯ୍ୟବଶିତ ହୋଇ ନ ଥିବାରୁ ତାହା ସ୍ଥାନୀୟ ବଜାରରେ ଚାହିଦା ସୃଷ୍ଟି କରିପାରିବ ନାହିଁ । ଯେହେତୁ ବିକ୍ରି ସମ୍ଭାବନା କମ୍, ସେହେତୁ ତାଙ୍କ ପୁସ୍ତକ ପ୍ରକାଶନର ଆବଶ୍ୟକତା ନାହିଁ । ଏହି ଘଟଣା ସେତେବେଳେ ଶଙ୍କରୀଙ୍କୁ ବହୁତ ଦୁଃଖ ଦେଇଥିଲା । ହେଲେ ସେ ଭାଙ୍ଗିପଡ଼ି ନ ଥିଲେ । ବର୍ତ୍ତମାନ ସେହି ଲେଖିକା ଅଷ୍ଟ୍ରେଲିଆର ଅନ୍ୟତମ ମର୍ଯ୍ୟାଦାଜନକ ପୁରସ୍କାର 'ଦି ମାଇଲ୍ସ ଫ୍ରାଙ୍କଲିନ୍ ସାହିତ୍ୟ ସମ୍ମାନ'–୨୦୨୩ ପାଇ ନିଜ ପ୍ରତିଭାକୁ ବିଶ୍ୱସ୍ତରରେ ପହଞ୍ଚାଇ ପାରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଏହି ପୁରସ୍କାର ୧୯୫୭ ମସିହାରେ ପ୍ରତିଷ୍ଠା କରାଯାଇଥିଲା । ବିଶିଷ୍ଟ ଲେଖକ ଷ୍ଟେଲା ମାରିଆ ସରାହ ମାଇଲ୍ସ ଫ୍ରାଙ୍କଲିନ୍ ଏଭଳି ଏକ ପୁରସ୍କାର ସ୍ଥାପନ କରିବା ସକାଶେ ତାଙ୍କ ଉଇଲ୍‌ରେ ଉଲ୍ଲେଖ କରିଥିଲେ । ବର୍ତ୍ତମାନ ଯେତେବେଳେ ଶଙ୍କରୀ ତାଙ୍କ କୃତି ପାଇଁ କୃତିତ୍ୱ ଅର୍ଜନ କରୁଛନ୍ତି, ସେତେବେଳେ ସେ ପୁରୁଣା ଦିନର ସ୍ମୃତି ରୋମନ୍ଥନ କରୁଛନ୍ତି । ଯେହେତୁ ସେ ଶ୍ରୀଲଙ୍କାର ମୂଳବାସିନ୍ଦା ହୋଇଥିଲେ ଅଷ୍ଟ୍ରେଲୀୟ ପ୍ରକାଶକମାନେ ତାଙ୍କୁ ନ୍ୟୂନ ଦୃଷ୍ଟିରେ ଦେଖୁଥିଲେ । ହେଲେ ବାସ୍ତବତା ଦେଖିଲେ ତାଙ୍କ ପ୍ରତିଟି ଉପନ୍ୟାସରେ ଅଷ୍ଟ୍ରେଲୀୟ ବ୍ୟକ୍ତି, ପରିବେଶ ଓ ଚିନ୍ତାଧାରା ସନ୍ନିବେଶିତ ରହିଆସିଛି । ଶଙ୍କରୀଙ୍କ ଲେଖାର ବିଶେଷତ୍ୱ ହେଲା ଶ୍ରୀଲଙ୍କାର ସଂସ୍କୃତି, ଗୃହଯୁଦ୍ଧକୁ ସେ ଯେଭଳି ଭାବେ ଅନୁଭବ କରିଥିଲେ ଅଷ୍ଟ୍ରେଲିଆରେ ମଧ୍ୟ ଅନେକ ଅସଙ୍ଗତି ତାଙ୍କ ଦୃଷ୍ଟିଗୋଚର ହୋଇଛି । କହିବାକୁ ଗଲେ ତାଙ୍କ ଲେଖାରେ ଦୁଇଟି ଦେଶର ଚିତ୍ର ପ୍ରତିଫଳିତ ।

'ଟାଇ ଟାଇମ୍ ଆଟ୍ ସିନାମୋନ୍ ଗାର୍ଡେନ' ପାଇଁ ଶଙ୍କରୀ ଚଳିତବର୍ଷ 'ଦି ମାଇଲ୍ସ ଫ୍ରାଙ୍କଲିନ୍ ସାହିତ୍ୟ ସମ୍ମାନ'–୨୦୨୩ ପୁରସ୍କାର ପାଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ସେହି ଦୁଇ ଦେଶ ବ୍ୟତୀତ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚିତ ହୋଇଛି । ଏଥିରେ ପରିବାର, ସ୍ମୃତି, ସମ୍ପ୍ରଦାୟ ଓ ଜାତି ସ୍ଥାନ ପାଇଛନ୍ତି । ଏହା ଏକ ଆନ୍ତଃପିଢ଼ି ଘଟଣାସମୂହ ହୋଇଯାଇଛି, ଯେଉଁଥିରେ ବିଶେଷଭାବେ ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆର ଅସ୍ୱାଭାବିକ ସ୍ଥିତି, ଜଟିଳ ସମୀକରଣ ଏବଂ ଉପନିବେଶବାଦର ପରବର୍ତ୍ତୀ ମାନସିକ ଧକ୍‌କାକୁ ସମୟଚକ୍ରରେ ବର୍ଣ୍ଣନା କରାଯାଇଛି । କାହାଣୀରେ ଅଷ୍ଟ୍ରେଲିଆର ପଶ୍ଚିମ ସିଡ୍‌ନୀରେ ଏକ କାଳ୍ପନିକ ନର୍ସିଂହୋମକୁ ଦେଖାଇ ଦିଆଯାଇଛି, ଯାହାର ନାମ ରଖାଯାଇଛି–ସିନାମୋନ୍ ଗାର୍ଡେନ୍‌ସ । ତାହା ୧୯୮୦ ମସିହାର ଆଦ୍ୟ ଭାଗରେ ତାମିଲ ସ୍ୱାମୀ ଜାଖିର ଓ ସ୍ତ୍ରୀ ମାୟାଙ୍କ ଦ୍ୱାରା ଅଧିଗୃହୀତ ହୋଇଛି । ସେମାନେ ତାହାକୁ ସାଂସ୍କୃତିକ ବୈଭବଯୁକ୍ତ ଏକ ନିରାପଦ ସ୍ୱର୍ଗରେ ପରିଣତ କରିଦେଇଛନ୍ତି । ସେଠାରେ ଯୋଗ, ବିଙ୍ଗୋ ନାଇଟ୍‌ସ, ବହୁବିଧ ସଂସ୍କୃତିର ଧାରାକୁ ନେଇ ପାକ୍‌ପ୍ରଣାଳୀ ଏବଂ ଆନ୍ତଃଧର୍ମ ପୂଜାପାଠ କରିବାର ବ୍ୟବସ୍ଥା ସୃଷ୍ଟି ହୋଇଛି । ଏଭଳି ଏକ ସୁନ୍ଦର ପରିକଳ୍ପନାରେ ଗଢ଼ିଉଠିଥିବା ଅଭିନବ ନର୍ସିଂହୋମ୍ ପ୍ରତି ଗୋରା ଗୁଣ୍ଡାଙ୍କ ନଜର ପଡ଼ିଛି । ସେଠାରେ ବର୍ଣ୍ଣବୈଷମ୍ୟ ଦେଖାଦେବା ସହ ହିଂସା ଉପୁଜିଛି । ନର୍ସିଂହୋମ୍‌ର ଶ୍ରୀଲଙ୍କା ସସ୍ତ୍ରୀକଙ୍କ ସମେତ କର୍ମଚାରୀଙ୍କ ପ୍ରତି ସେମାନେ ଦୁର୍ବ୍ୟବହାର କରିଛନ୍ତି । ଏଠାରେ ଔପନ୍ୟାସିକା କାହାଣୀକୁ ଗତିଶୀଳ କରାଇବାକୁ ଯାଇ ତାଙ୍କ ମାତୃଭୂମି ଶ୍ରୀଲଙ୍କାର ଗୃହଯୁଦ୍ଧ ଓ ଅତ୍ୟାଚାରକୁ ସନ୍ନିବେଶିତ କରିଛନ୍ତି । ତାମିଲମାନଙ୍କ ଉପରେ ଶ୍ରୀଲଙ୍କାର ମୂଳବାସିନ୍ଦାଙ୍କ ବ୍ୟବହାର ଓ ତତ୍‌ଜନିତ ଉପୁଜିଥିବା ସମସ୍ୟା ସ୍ଥାନ ପାଇଛି । ଏଥିରେ ଲେଖିକା ଜାତୀୟ ପରିଚୟକୁ ସୂକ୍ଷ୍ମ ଭାବେ ଅବତାରଣା କରିବା ବେଳେ ସଂଖ୍ୟାଲଘୁଙ୍କ ବିରୋଧରେ ହେଉଥିବା ଅତ୍ୟାଚାରକୁ ଏକ ଅସ୍ତ୍ର ଭାବେ ଦର୍ଶାଇଛନ୍ତି । ଅର୍ଥାତ୍ ଶ୍ରୀଲଙ୍କାରେ ତାମିଲ ଏବଂ ଅଷ୍ଟ୍ରେଲିଆରେ ଶ୍ରୀଲଙ୍କା ବାସିନ୍ଦାଙ୍କ ପ୍ରତି ଅସୂୟାଭାବକୁ ଶଙ୍କରୀ ଯେଭଳି ବର୍ଣ୍ଣନା କରିଛନ୍ତି, ତାହା ଅନ୍ତର୍ଜାତୀୟ ସ୍ତରରେ ପାଠକୀୟ ସ୍ୱୀକୃତିଲାଭ କରିଛି । ଶଙ୍କରୀ କହନ୍ତି, ଲେଖିଲା ବେଳେ ସଚ୍ଚୋଟଭାବ ତାଙ୍କ ଲେଖାର ଉପାଦାନ ପାଲଟିଯାଇଥାଏ । ସମ୍ଭବତଃ ସେଥିପାଇଁ ସେ ପାଠକୀୟ ଆଦୃତି ପାଇଛନ୍ତି ।

ବ୍ୟକ୍ତିଗତ ଜୀବନ କହିଲେ ତାଙ୍କ ପରିଚୟ ହେଉଛି ସେ ଅଷ୍ଟ୍ରେଲିଆରେ ରହୁଥିବା ତାମିଲ ଆଇନଜୀବୀ । ଉପନ୍ୟାସ ଲେଖିବାକୁ ସେ ଭଲ ପାଇଥାଆନ୍ତି । ଏଥିସହିତ ତାଙ୍କ କ୍ଷୁଦ୍ରଗଳ୍ପ ବହୁ ପ୍ରସିଦ୍ଧ ସାହିତ୍ୟ ପ୍ରତିକାରେ ପ୍ରକାଶ ପାଇ ପାଠକୀୟ ସ୍ୱୀକୃତି ସାଉଁଟିଛି । ସେ ଏବେ ସିଡ୍‌ନୀଠାରେ ସ୍ୱାମୀ ଓ ୪ ସନ୍ତାନଙ୍କ ସହ ବାସ କରୁଛନ୍ତି ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

କମ୍ ବୟସରେ ବବିତା ରାଜପୁତଙ୍କ କାର୍ଯ୍ୟ ଖୁବ୍ ପ୍ରେରଣାଦାୟକ । ମଧ୍ୟପ୍ରଦେଶର ଅଗୋଥା ଗାଁରେ ରହନ୍ତି ବବିତା । ବହୁ ବର୍ଷ ଧରି ଶୁଖିଲା ପଡ଼ିଥିବା ଏକ ୭୦ ଏକର ବିଶିଷ୍ଟ ହ୍ରଦକୁ ସେ ପୁନରୁଦ୍ଧାର କରିବାକୁ ସକ୍ଷମ ହୋଇଛନ୍ତି । ସେ ପାହାଡ଼ ପାଦଦେଶରେ ୧୨ ଫୁଟ ଚଉଡ଼ା ଏବଂ ୧୦୭ ମିଟର ଲମ୍ବର ଏକ ନାଳ ଖୋଳି ପାହାଡ଼ରୁ ବୋହିଯାଉଥିବା ବର୍ଷାପାଣିକୁ ହ୍ରଦରେ ଠୁଳ କରୁଛନ୍ତି । ବବିତା 'ଜଳ ସାଥୀ ଗ୍ରୁପ୍' ଗଠନ କରି ତା' ମାଧ୍ୟମରେ ନାଳ ଖୋଳିବା କାର୍ଯ୍ୟ ସମ୍ପାଦନ କରିପାରିଛନ୍ତି । ସେ ଏହି ଗ୍ରୁପ୍‌ରେ ୧୨ଟି ଗାଁର ୨୦୦ ମହିଳାଙ୍କୁ ସାମିଲ କରିଛନ୍ତି । ନାଳରେ ଯେତିକି ବର୍ଷା ଜଳ ଆସୁଛି ସେଥିରେ ହ୍ରଦର ୪୦% ପୂରଣ ହେଉଛି ଓ ଅଧିକ ବର୍ଷା ହେଲେ ହ୍ରଦ ପୂରା ହେବ ବୋଲି କହନ୍ତି ବବିତା । ଶୁଖିଲା ହ୍ରଦକୁ ଜବରଦଖଲରେ ରଖିଥିବା ଲୋକମାନେ ପ୍ରଥମେ ବବିତାଙ୍କୁ ବିରୋଧ କରିଥିଲେ ବି ସେମାନେ ପରେ ତାଙ୍କ ସଫଳତାକୁ ପ୍ରଶଂସା କରିଛନ୍ତି । ଏବେ ହ୍ରଦ ନିକଟ କ୍ଷେତରେ ଚାଷ କରାଯାଉଛି ଓ ମରୁଡ଼ି ସମସ୍ୟା ଦୂର ହୋଇପାରିଛି ।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଜୁଲାଇ ୧୯୯୮

- ଅପ୍ରତ୍ୟାଶିତ ଘଟଣାକ୍ରମେ ଗୋଆର ନୂତନ ମୁଖ୍ୟମନ୍ତ୍ରୀ ଭାବେ ୱିଲଫ୍ରେଡ ଡି'ସୌଜା ଶପଥ ଗ୍ରହଣ କରିଛନ୍ତି ।
- ଆସାମର ନାଲ୍‌ବାଡ଼ି ଜିଲାରେ ଉଗ୍ରବାଦୀମାନଙ୍କର ଏକ ଶକ୍ତିଶାଳୀ ବୋମା ବିସ୍ଫୋରଣରେ ୧୧ ନିହତ ।
- ଓଡ଼ିଶା ନ୍ୟାୟାଧିକରଣ (ସ୍ୟାଟ୍)ର ଅଧ୍ୟକ୍ଷ ଭାବେ କେରଳ ହାଇକୋର୍ଟର ମୁଖ୍ୟ ବିଚାରପତି ବି.ଏନ୍. ପଟ୍ଟନାୟକଙ୍କୁ ନିଯୁକ୍ତି ପ୍ରଦାନ ।

## ପାଠକ ଶ୍ରେଷ୍ଠ ବିଚାରକ

### ଉପରେ ବିକାଶ, ଭିତରେ ବିନାଶ

ମହାଶୟ,

ବିଭିନ୍ନ ଯୋଜନାରେ ସବୁଆଡ଼େ ବିକାଶର ଡିଣ୍ଡିମ ପିଟାଯାଉଛି । ଖବରକାଗଜରେ ଯାହା ବାହାରୁଛି ଦେଖିଲେ ଜଣାଯାଉଛି କେବଳ ବିନାଶ ହିଁ ବିନାଶ । ଅଳ୍ପଦିନ ତଳେ ତିଆରି ହୋଇଥିବା ଘରର ଛାତରୁ ଭିତର ପଟୁ ସିମେଣ୍ଟ ଖଣ୍ଡ ଖସୁଛି । ବର୍ଷେ ୨ବର୍ଷର ତିଆରି ଘରର କାନ୍ଥ ଫାଟି ଆଁ କରୁଛି । ରାସ୍ତା କଥା ଛାଡ଼ । କାମ ଶେଷ ନ ହେଉଣୁ ପିଚୁ ଛାଡ଼ି ଯାଉଛି । ଠିକାଦାର ତାଙ୍କ ଟଙ୍କା ନେଇ ଚଲ୍ । ଯେମିତି ଚୋରି ଗଲା ପରେ ଭାଡ଼ି ଶୁଅନ୍ତି ସେମିତି ତଦନ୍ତ ଚାଲୁଛି । କଥା ଉଠୁଛି କାମ ଚାଲୁଥିବା ବେଳେ ତଦାରଖ କରୁଥିବା ବଡ଼ବଡ଼ିଆମାନେ କରୁଥିଲେ କ'ଣ ? ସ୍ୱାମୀ ମରିଗଲା ପରେ ବିଧବା ସ୍ତ୍ରୀମାନେ ମୃତ୍ୟୁ ପ୍ରମାଣପତ୍ରଟିଏ ପାଇଁ ପିଏଚ୍‌ସିଠାରୁ ଆରମ୍ଭକରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ତାହା ପାଇପାରୁ ନାହାନ୍ତି । ବାର ପ୍ରକାର କଥା କହି ତାଙ୍କୁ ନିରାଶ କରାଯାଉଛି । ଏସବୁ ପିସିର କରାମତି ନୁହେଁ ତ ! କଥାରେ ଅଛି ସବୁ ଭିତର ଫମ୍ପା ଉପର ଚକଚକିଆ । ଏ ସବୁ କ'ଣ ବିକାଶ ନା ବିନାଶର ଜୟଯାତ୍ରା ।

– ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନ ପାରଇ ବୁଝି କେହି ମୃଦୁ ପ୍ରାଣେ
କିବା ଅନୁଭୂତି
ଲାଗେ ତା'ର ଅହରହ, ଆଣିଥାଏ ସେ
କେଉଁ ବିଭୂତି,
କରିବାକୁ ଏ ଭୁବନ ପଥେ ନିବେଦନ
ଅଦଭୁତ କି ଉଦ୍‌ଭାବନ !
(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ



ଟିଏମ୍‌ସି ଏମ୍‌ପି ସୁସ୍ମିତା ଦେବ ଓ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଅନ୍ୟ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ଏମ୍‌ପିଙ୍କ ସହ ଶନିବାର ନୂଆଦିଲ୍ଲୀରୁ ହିଂସା ପ୍ରପୀଡ଼ିତ ମଣିପୁର ଯିବା ଲାଗି ବିମାନରେ ବସିଛନ୍ତି।

# ମହରମ ଶୋଭାଯାତ୍ରା କଲେ ବି ମିଳିବନି ଭୋଟ: ଫାରୁକ

**ଭାଜପାକୁ କଲେ ଟାର୍ଗେଟ**

**ଶ୍ରୀନଗର,୨୯।୭ :** ଜମ୍ମୁ-କଶ୍ମୀରର ଶ୍ରୀନଗରରେ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପରେ ପୁଣି ଆରମ୍ଭ ହୋଇଥିବା ମହରମ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନଫରେନ୍ସ ନେତା ଫାରୁକ ଅବଦୁଲ୍ଲା ଭାଜପାକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ମହରମ ଶୋଭାଯାତ୍ରା କଲେ ରାଜ୍ୟରେ ମୁସଲମାନମାନଙ୍କ ଭୋଟ ପାଇବା ପାଇଁ ଭାଜପାର ଉଦ୍ଦେଶ୍ୟ ପୂରଣ ହେବ ନାହିଁ। ରାଜ୍ୟବାସୀ ଭାଜପାକୁ ଭୋଟ ଦେବେନାହିଁ। ଯେତେବେଳେ ମୁଁ ଜମ୍ମୁ-କଶ୍ମୀରର ସିଏମ ଥିଲି, ସେତେବେଳେ ଏପରି ଶୋଭାଯାତ୍ରା କରାଯାଉଥିଲା। ଏବେ ଶାସନରେ ଏହି ଶୋଭାଯାତ୍ରା ଚାଲିଛି? ଏପରି କରି ଭାଜପା ନିଜର ଆଶାକୁ ପୂରଣ କରି ପାରିବ ନାହିଁ। ଦେଶରେ ଭାଜପା ଏକ ସାମ୍ପ୍ରଦାୟିକ ପରିବେଶ ସୃଷ୍ଟି କରିଛି। ଘୃଣିତ ସଙ୍କଟ ଜନକ ହେବାରେ ଲାଗିଛି। ଏଥିସହ ମଣିପୁରରେ ଓ ଦେଶରେ ଚାଲିଥିବା ହିଂସା ଏବଂ ଅତ୍ୟାଚାର ଶେଷ ହେଉ ବୋଲି ସେ ପ୍ରାର୍ଥନା କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦ ଖୁବ ଶୀଘ୍ର ସଂସଦରେ ମଣିପୁର ଉପରେ ବିବୃତି ଦେବେ ବୋଲି ଆଶା କରାଯାଉଛି। ଦେଶ ଜଳୁଛି, କିନ୍ତୁ ଭାଜପା ସାମ୍ପ୍ରଦାୟିକତାର ମଞ୍ଜି ବୁଣିବାରେ ବ୍ୟସ୍ତ ରହିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଫାରୁକ କହିଛନ୍ତି।



ଫାରୁକ ଅବଦୁଲ୍ଲା

# ନୀତୀଶ ପୁଣି ଏନ୍‌ଡିଏକୁ ଫେରିବେ: ରାମଦାସ ଅଠାୱଲେ

**ପାଟନା,୨୯।୭**

କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରୀ ରାମଦାସ ଅଠାୱଲେ ଶନିବାର ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ନୀତୀଶ କୁମାର ଆମର, ସେ ଯେ କୌଣସି ସମୟରେ ଆମ ପାଖକୁ ପୁଣି ଫେରିବେ। ବିହାରର ମୁଙ୍ଗେର ଗସ୍ତରେ ଅଠାୱଲେ ଯାଇଛନ୍ତି। ଯେତେବେଳେ ତାଙ୍କୁ ନୀତୀଶ କୁମାରଙ୍କୁ ଭେଟିବେ କି ନାହିଁ ବୋଲି ପଚରାଯାଇଥିଲା ସେ କହିଥିଲେ ଏଥର ତାଙ୍କୁ ଭେଟି ପାରିବି ନାହିଁ। ଏହା ପୂର୍ବରୁ ଭାଜପା ବହୁଥର କହିଛି କୌଣସି ପରିସ୍ଥିତିରେ ଆଉ ନୀତୀଶ କୁମାରଙ୍କୁ ଏନ୍‌ଡିଏରେ ନିଆଯିବ ନାହିଁ। ମାତ୍ର କେନ୍ଦ୍ରମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟ ରାଜନୈତିକ ମହଲରେ ଏବେ ନୂଆ କଳ୍ପନା ଜଳ୍ପନା ସୃଷ୍ଟି କରିଛି।



ରାମଦାସ ଅଠାୱଲେ

ଆମେ ନୀତୀଶ ଅନୁପସ୍ଥିତି ଅନୁଭବ କରୁଛୁ। ସେ ବିରୋଧୀଙ୍କ ମୁମ୍ବାଇ ବୈଠକଠାରୁ ଦୂରେଇ ରହିବା ଆବଶ୍ୟକ। ବିହାରର ଲୋକମାନେ ଆମର ଲୋକ। ନୀତୀଶ ଆମ ସମସ୍ତଙ୍କର ଜଣେ ବନ୍ଧୁ। ଆମେ ତାଙ୍କୁ ମୁଖ୍ୟମନ୍ତ୍ରୀ କରିଥିବାବେଳେ ତାଙ୍କ ଦଳର ବିଧାନସଭାରେ ମାତ୍ର ୪୪ ଟି ଆସନ ଥିଲା। ଆମେ କିନ୍ତୁ ତାଙ୍କୁ ଗୁରୁତ୍ୱପ୍ରଦାନ କରିଥିଲୁ। ବିହାରରେ ଅନ୍ୟ ରାଜ୍ୟ ତୁଳନାରେ ଏସ୍‌ସି / ଏସଟି ସମ୍ପ୍ରଦାୟ ଉପରେ ଅତ୍ୟାଚାର ମାମଲା ଅଧିକ ରହିଛି। ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ମୁଁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଅନୁରୋଧ କରୁଛି।

ଏଥି ସହିତ ବିରୋଧୀ ଦଳ ସମ୍ପର୍କରେ ଅଠାୱଲେ କହିଛନ୍ତି, ବିରୋଧୀ ମିଳିତ ମେଣ୍ଟର ନାମ ଇଣ୍ଡିଆ ରହିଛି। ଏକ ସମୟ ଥିଲା ଯେତେବେଳେ ଇଣ୍ଡିଆ ଇଜ୍ ଇନ୍ଦିରା କୁହାଯାଉଥିଲା। ମାତ୍ର ଏବେ ସମୟ ବଦଳି ଯାଇଛି। ଆମର ସହଯୋଗୀଙ୍କ ଦଳ ହେଉଛି ଏନ୍‌ଡିଏ। ବିରୋଧୀ ଦଳ ଆମ ବିରୋଧରେ ଏକଜୁଟ ହେଉଛନ୍ତି। ଏହା ସେମାନଙ୍କର ଗଣତାନ୍ତ୍ରିକ ଅଧିକାର। କିନ୍ତୁ ଲୋକପ୍ରିୟତା ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ନମ୍ବରରେ ଅଛନ୍ତି ବୋଲି ସେ କହିଛନ୍ତି।

**ମୋଦି, ପାୱାର ଗୋଟିଏ ମଞ୍ଚରେ ଯୋଗଦେବେ**

# ବିରୋଧୀ ନେତା ଖପ୍ପା

**ନୂଆଦିଲ୍ଲୀ,୨୯।୭**

ମହାରାଷ୍ଟ୍ରର ପୁଣେଠାରେ ଆସନ୍ତା ୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ଗୋଟିଏ ମଞ୍ଚରେ ଏକାଠି ହେବାକୁ ଯାଉଛନ୍ତି। ଏହାକୁ ନେଇ ବିରୋଧୀ ନେତାମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ବିରୋଧୀ ମେଣ୍ଟ ଇଣ୍ଡିଆନ ନ୍ୟାଶନାଲ ଡେଭେଲପମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲିଆନ୍ସ (ଇଣ୍ଡିଆ)ର ତୃତୀୟ ବୈଠକ ମୁମ୍ବାଇରେ ବସିବାକୁ ଯାଉଥିବାବେଳେ ପାୱାର ପ୍ରଧାନମନ୍ତ୍ରୀଙ୍କ ସହ ଏକାଠି ବସିବା ଘଟଣାକୁ ସେମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ପାୱାର ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ହେଉଥିବାରୁ ଶୁକ୍ରବାର ପାର୍ଲାମେଣ୍ଟରେ ଇଣ୍ଡିଆ ବ୍ଲକ୍ ନେତାମାନଙ୍କ ବୈଠକରେ କେତେଜଣ ନେତା ଚିନ୍ତାବ୍ୟକ୍ତ କରିଥିଲେ। ଉତ୍ସବରେ ଯୋଗ ନ ଦେବା ପାଇଁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏନ୍‌ସିପି ସୁପ୍ରିମୋଙ୍କୁ କହନ୍ତୁ ବୋଲି ସେମାନେ ପ୍ରସ୍ତାବ ଦେଇଛନ୍ତି। ଭାଜପାକୁ ୨୦୨୪ ନିର୍ବାଚନରେ ପରାସ୍ତ କରିବା ଲାଗି ସମଭାବାପନ୍ନ ବିରୋଧୀ ଦଳ ନେତାମାନେ ଏକାଠି ହୋଇଥିବାବେଳେ ପାୱାର ପ୍ରଧାନମନ୍ତ୍ରୀଙ୍କ ସହ ଗୋଟିଏ ମଞ୍ଚରେ ଏକାଠି ହେବା ଖରାପ ଧାରଣା ସୃଷ୍ଟି କରିବ ବୋଲି ସେମାନେ କହିଛନ୍ତି।

# ବିରୋଧୀ ମେଣ୍ଟ ଏମ୍‌ପି ପଶ୍ଚିମବଙ୍ଗ, ରାଜସ୍ଥାନ ବି ଯାଆନ୍ତୁ: ଅନୁରାଗ

**ନୂଆଦିଲ୍ଲୀ,୨୯।୭:** ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ଏମ୍‌ପିଙ୍କ ପ୍ରତିନିଧିଦଳ ଶନିବାର ମଣିପୁର ଗସ୍ତ କରିଛନ୍ତି। ଆଉ ଏହାକୁ ନେଇ ବିରୋଧୀଙ୍କୁ ଟାର୍ଗେଟ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର। କୋଲକାତାରେ ଅନୁରାଗ କହିଛନ୍ତି, ବିରୋଧୀ ମେଣ୍ଟର ଏମ୍‌ପିମାନେ ପଶ୍ଚିମବଙ୍ଗ ଓ ରାଜସ୍ଥାନ ଯିବା ଜରୁରୀ। ଅଧୀର ରଞ୍ଜନ ଚୌଧୁରୀ ଏମପିଙ୍କ ସହ ପଶ୍ଚିମବଙ୍ଗର ସ୍ଥିତି ବି ଦେଖିବା ଦରକାର। ଅନୁରାଗ କହିଛନ୍ତି, ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନୀ ହିଂସାରେ ଯେଉଁମାନେ ନିହତ ହୋଇଥିଲେ, ବିରୋଧୀ ଦଳର ଏମ୍‌ପିମାନେ ମଧ୍ୟ ସେମାନଙ୍କ ଘର ପରିଦର୍ଶନ କରିବା ଜରୁରୀ। ବିରୋଧୀ ଏମ୍‌ପିମାନେ ମଧ୍ୟ ରାଜସ୍ଥାନକୁ ଯାଇ ସେଠାରେ ପରିସ୍ଥିତି ଜାଣିବା ଆବଶ୍ୟକ। ଏଥିସହ ମମତା ବାନାର୍ଜୀ ସରକାରକୁ ଟାର୍ଗେଟ କରି କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ମମତାଙ୍କ ନାକ ତଳେ ପଶ୍ଚିମବଙ୍ଗରେ ପଞ୍ଚାୟତ ନିର୍ବାଚନରେ ହିଂସା ଘଟିଛି। ସେ ଗୁଣ୍ଡା,ଅପରାଧୀଙ୍କୁ ସୁରକ୍ଷା ଦିଅନ୍ତି। ମମତାଙ୍କର ସମୟ ଧୀରେ ଧୀରେ ଶେଷ ହେଉଛି ବୋଲି କହିଛନ୍ତି କେନ୍ଦ୍ର ମନ୍ତ୍ରୀ ଅନୁରାଗ ।

# ନବ ଦାସ ହତ୍ୟା ମାମଲାରେ ଭାଜପା ହୀନ ରାଜନୀତି କରୁଛି: ବିଜେଡି

**ଭୁବନେଶ୍ୱର,୨୯।୭ (ଅନିଲ ଦାସ)**

ଓଡ଼ିଶା ଭାଜପା ନେତାଙ୍କ ପାଖରେ କୌଣସି ପ୍ରସଙ୍ଗ ନାହିଁ। ସେମାନେ ପ୍ରତି ୧୫ ଦିନରେ ଏହି ସମ୍ବେଦନଶୀଳ ବିଷୟ ଉପରେ ଦୁର୍ଭାଗ୍ୟପୂର୍ଣ୍ଣ ମନ୍ତବ୍ୟ ଦେଉଛନ୍ତି ବୋଲି ବିଜେଡି ମୁଖପାତ୍ର ଦ୍ୟୁମ୍ନନାଥ ପଣ୍ଡା କହିଛନ୍ତି। ଶଙ୍ଖ ଭବନଠାରେ ଶନିବାର ଗଣମାଧ୍ୟମକୁ ସେ କହିଛନ୍ତି, ଓଡ଼ିଶା ଭାଜପାର ଏହି ନେତାମାନେ ହୀନ ଉଦ୍ଦେଶ୍ୟ ରଖି ସମ୍ବେଦନଶୀଳ ମାମଲାଗୁଡ଼ିକୁ ଅଧିକ ସ୍ପର୍ଶକାତର କରିବା ପାଇଁ ତାହା ଉପରେ ମନଗଢ଼ା ଏବଂ ମିଥ୍ୟା ବିବୃତି ଦେଉଛନ୍ତି । ଯଦି ଓଡ଼ିଶା ଭାଜପା ନେତାଙ୍କ ପାଖରେ ଏହା ଉପରେ କିଛି କହିବାକୁ ଅଛି, ତେବେ ସେମାନେ କାହିଁକି ଅଦାଲତଙ୍କ ନିକଟକୁ ଯାଇ ତଥ୍ୟ ପ୍ରମାଣ ଦାଖଲ କରୁନାହାନ୍ତି। ଓଡ଼ିଶାର ଲୋକମାନେ ଏଭଳି ନକାରାତ୍ମକ, ଶସ୍ତା ଏବଂ କୁତ୍ସିତ ରାଜନୀତିକୁ ସବୁବେଳେ ନାପସନ୍ଦ କରିଥାନ୍ତି ବୋଲି ଦ୍ୟୁମ୍ନନାଥ କହିଛନ୍ତି ।

**ଓଏସ୍‌ଏସ୍‌ସି ପ୍ରଶ୍ନପତ୍ର ଲିକ୍ ଘଟଣା**

# ବାଲେଶ୍ୱର ଏସ୍‌ପିଙ୍କ ମନ୍ତବ୍ୟ ହାସ୍ୟାସ୍ପଦ: ଶରତ

**ଏସ୍‌ଆଇଟି ତଦନ୍ତ ଦାବି**

**ଭୁବନେଶ୍ୱର,୨୯।୭ (ଅନିଲ ଦାସ)**

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ସି) ପ୍ରଶ୍ନପତ୍ର ଲିକ୍‌କୁ ନେଇ ସାରା ରାଜ୍ୟ ହଇଚଇ ହୋଇଥିବା ବେଳେ ଗତ ୨୭ ତାରିଖରେ ବାଲେଶ୍ୱର ଏସ୍‌ପିଙ୍କର ମନ୍ତବ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ। ଏସ୍‌ପି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ପ୍ରିଣ୍ଟିଂ ପ୍ରେସ୍‌ରୁ ପ୍ରଶ୍ନପତ୍ର ଲିକ୍ ହୋଇଛି । ଏହାର କିଙ୍ଗପିନ୍ ବିହାରର ଏବଂ ଏହି ପ୍ରଶ୍ନପତ୍ର ଲିକ୍ ସହିତ ଓଏସ୍‌ଏସ୍‌ସିର କୌଣସି ଷ୍ଟାଫ୍ ସମ୍ପୃକ୍ତ ନାହାନ୍ତି । ଯେତେବେଳ ଏହି ଘଟଣାର ତଦନ୍ତ ଚାଲିଛି ଏସ୍‌ପି କେଉଁ ଆଧାରରେ ଓଏସ୍‌ଏସ୍‌ସିକୁ କ୍ଲିନ୍‌ଚିଟ୍ ଦେଲେ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ପ୍ରଶ୍ନ ଉଠାଇଛନ୍ତି। ଜଣେ ବିହାର ଲୋକ ବିନା ଓଏସ୍‌ଏସ୍‌ସି ଷ୍ଟାଫ୍‌ଙ୍କ ସାହାଯ୍ୟରେ କିଭଳି ଓଡ଼ିଶା ଜେଇ ମେନ୍ ପ୍ରଶ୍ନପତ୍ର ଲିକ୍ କରିପାରିଲା। ଯେହେତୁ ସରକାରଙ୍କ ପ୍ରୋତ୍ସାହନରେ ଓଏସ୍‌ଏସ୍‌ସି ପ୍ରଶ୍ନପତ୍ର ଲିକ୍ ହେବାରେ ସାହାଯ୍ୟ କରିଛି ସରକାର ଏସ୍‌ପିଙ୍କ ମାଧ୍ୟମରେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନଙ୍କୁ ସୁରକ୍ଷା ଦେବା ଲାଗି ଏଭଳି ମନଗଢା କଥା କହୁଛନ୍ତି। ଏହାର ତଦନ୍ତ ଏସ୍‌ଆଇଟି ମାଧ୍ୟମରେ ହାଇକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ କରିବା ପାଇଁ ଶରତ ଦାବି କରିଛନ୍ତି।



ଶରତ ପଟ୍ଟନାୟକ

# ରତ୍ନଭଣ୍ଡାର ଚାବି ହଜିବା ସରକାରୀ ପ୍ରାୟୋଜିତ କାର୍ଯ୍ୟକ୍ରମ: କଂଗ୍ରେସ

**ଭୁବନେଶ୍ୱର,୨୯।୭ (ଅନିଲ ଦାସ):** ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି କଂଗ୍ରେସ। ନକଲି ଚାବି ଖୋଜିବା ପାଇଁ ସରକାର ୨ଟି ଟିମ୍ ଗଠନ କରିଥିଲେ। କିନ୍ତୁ ଅସଲି ଚାବି ଖୋଜିବା ପାଇଁ କୌଣସି ପଦକ୍ଷେପ ନେଇ ନ ଥିଲେ। ରତ୍ନଭଣ୍ଡାର ଖୋଲିବା ଦାବିରେ ସାରା ରାଜ୍ୟ ଉଠୁଛି ପଡୁଛି। ରାଜ୍ୟବ୍ୟାପୀ ହେଉଥିବା ଅସନ୍ତୋଷକୁ ପ୍ରଶମିତ କରିବା ପାଇଁ ରାଜ୍ୟ ସରକାର ବିଚାର ବିଭାଗୀୟ ତଦନ୍ତ କମିଶନ ବସାଇଥିଲେ। କମିଶନ ତାଙ୍କ ରିପୋର୍ଟ ୨୦୧୮ ନଭେମ୍ବରରେ ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରିବା ପରେ ମଧ୍ୟ ଏହାକୁ ବିଧାନସଭାରେ ଆଗତ କରୁନାହାନ୍ତି କିମ୍ବା ରତ୍ନଭଣ୍ଡାର ଖୋଲିବା ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। ଏଥିରୁ ସ୍ପଷ୍ଟ ବାରିହୋଇପଡୁଛି ରତ୍ନଭଣ୍ଡାର ଚାବି ହଜିବା ସରକାରୀ ପ୍ରାୟୋଜିତ କାର୍ଯ୍ୟକ୍ରମ ବୋଲି ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି।

କଂଗ୍ରେସ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ୪.୫ କୋଟି ଓଡ଼ିଆଙ୍କୁ ନିଜ ପରିବାର ବୋଲି କହୁଛନ୍ତି ତେବେ ରତ୍ନଭଣ୍ଡାର ଖୋଲି ମହାପ୍ରଭୁଙ୍କର ରତ୍ନ ସୁରକ୍ଷିତ ଅଛି ବୋଲି ପ୍ରମାଣ ଦେଇ କଂଗ୍ରେସର ଅଭିଯୋଗକୁ ମିଥ୍ୟା ପ୍ରମାଣିତ କରନ୍ତୁ ବୋଲି ନିଶିକାନ୍ତ ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ ଏବଂ କୃଷ୍ଣ ଚନ୍ଦ୍ର ପତି ଉପସ୍ଥିତ ଥିଲେ।

# ଭାଜପା ଛାଡ଼ିଲେ ଚାଷୀ ନେତା



ଖବରଦାତା ସମ୍ମିଳନୀରେ ଚାଷୀ ନେତା ଅଧର ଜେନା (ମଝି)

**କାଏମା,୨୯।୭(ଶିବପ୍ରସାଦ ମହାନ୍ତି)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅରାବଳ ଅଞ୍ଚଳର ଜଣାଶୁଣା ଚାଷୀ ନେତା ତଥା ବରିଷ୍ଠ ଭାଜପା ନେତା ଅଧର ଜେନା ଶନିବାର ଭାଜପାର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏନେଇ ଜେନା ଆରାବଳ ଲକ୍ଷ୍ମୀ ନାରାୟଣ ମନ୍ଦିର ନିକଟରେ ଏକ ଖବରଦାତା ସମ୍ମିଳନୀ କରି ଭାଜପା ରାଜ୍ୟ ସଭାପତି ଓ ଅନ୍ୟ ନେତୃବୃନ୍ଦଙ୍କ ଉପରେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ ଅନେକ ସମୟରେ ଧର୍ମଶାଳା ଅଞ୍ଚଳରେ ହେଉଥିବା ଦୁର୍ନୀତିକୁ ବିରୋଧ କରିଛନ୍ତି। ତାଙ୍କ ଅଞ୍ଚଳରେ ଯେବେ ବନ୍ଧ ଭାଙ୍ଗି ଘାଇ ସୃଷ୍ଟି ହୋଇଥିଲା ସେଥିରେ ଅନେକ ଚାଷ ଜମି ନଷ୍ଟ ହୋଇଥିଲା। ଏହାର କ୍ଷତି ପୂରଣ ପାଇଁ ସେ ୩୦ରୁ ଊର୍ଦ୍ଧ୍ୱ ଦିନ ଧାରଣାରେ ବସିଥିଲେ ଓ ଜିଲପାଳଙ୍କୁ ଅବଗତ କରାଇଥିଲେ। ଏତେ ସବୁ ପରେ ବି ପାର୍ଟିରେ ତାଙ୍କୁ ଅଣଦେଖା କରାଯାଇଛି। ପାର୍ଟିରେ ଏକ ଛତ୍ରବାଦ ଓ ମନମାନିକୁ ସେ ବିରୋଧ କରି ଇସ୍ତଫା ଦେଇଛନ୍ତି। ଆଗାମୀ ଦିନରେ ସେ ନିଜ ଅଞ୍ଚଳ ଚାଷୀଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବେ ବୋଲି କହିଛନ୍ତି। ଅଧରଙ୍କ ସହ ତାଙ୍କର ପ୍ରାୟ ୫୦ ସମର୍ଥକ ଭାଜପାରୁ ଇସ୍ତଫା ଦେଇଛନ୍ତି। ନିଜର ଇସ୍ତଫା ନେଇ ଅଧର କେନ୍ଦ୍ରୀୟ ନେତୃବୃନ୍ଦଙ୍କୁ ଚିଠି ଲେଖିବା ସହ ସମର୍ଥକଙ୍କ ମତାମତ ନେଇ ନିଜର ରାଜନୈତିକ କାର୍ଯ୍ୟକ୍ରମ ସ୍ଥିର କରିବେ ବୋଲି କହିଛନ୍ତି।

# ବିଜେଡି ସରକାର ସବୁଜ ପତ୍ରିକାଧାରୀଙ୍କୁ ପ୍ରତାରଣା କରିଛନ୍ତି : ଭାଜପା

**ଭୁବନେଶ୍ୱର,୨୯।୭ (ଅନିଲ ଦାସ)**

ଦେଶରେ ଦ୍ରୁତ ଜନସଂଖ୍ୟା ବୃଦ୍ଧିକୁ ରୋକିବା ପାଇଁ ଦେଶବାସୀଙ୍କ ସହଯୋଗରେ ୧୯୮୩ରେ 'ଆମେ ଦୁଇ, ଆମର ଦୁଇ'ର ନାରା ଦେଇ ତତ୍କାଳୀନ ସରକାର ସବୁଜ ପତ୍ରିକା ଆରମ୍ଭ କରିଥିଲେ । ବିଭିନ୍ନ ସାମାଜିକ ପ୍ରତିବନ୍ଧକ ଓ ପରିବାର ଲୋକଙ୍କ ଆକଟକୁ ଭ୍ରୂକ୍ଷେପ ନ କରି ମା' ଓ ଭଉଣୀମାନେ ମାତୃତ୍ୱକୁ ବଳିଦେବାକୁ ସ୍ଥିର କରି ଗର୍ଭ ନିରୋଧ ଅସ୍ତ୍ରୋପଚାର କରିଥିଲେ । ଏହି ଯୋଜନାକୁ ସଫଳ କରିବା ପାଇଁ ଏବଂ ଅସ୍ତ୍ରୋପଚାର ହେଉଥିବା ମହିଳାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସବୁଜ ପତ୍ରିକାଧାରୀଙ୍କୁ ବିଭିନ୍ନ ସୁବିଧା ସୁଯୋଗ ମିଳିବାର ପ୍ରତିଶ୍ରୁତି ଦିଆଯାଇଥିଲା । ଏହି ଯୋଜନା ସୁରୁଖୁରୁରେ ଚାଲିଥିବା ବେଳେ ରାଜ୍ୟ ସରକାର ୨୦୧୨ରେ ଏହାକୁ ହଠାତ୍ ବନ୍ଦ କରିଦେବା ସହିତ ମିଳୁଥିବା ସମସ୍ତ ସୁବିଧା ସୁଯୋଗକୁ ମଧ୍ୟ ବନ୍ଦ କରିଦେଲେ । ବନ୍ଦ କରାଯାଇଥିବା ଏହି ଯୋଜନାକୁ ପୁନଃ କାର୍ଯ୍ୟକାରୀ କରାଯିବା ଦାବିରେ ସବୁଜ ପତ୍ରିକାଧାରୀ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରୁଥିଲେ ବି ରାଜ୍ୟ ସରକାର କର୍ଣ୍ଣପାତ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ କହିଛନ୍ତି ।



ମନମୋହନ ସାମଲ

ଓଡ଼ିଶା ସବୁଜ ପତ୍ରିକା ମହିଳା ମହାସଂଘର ରାଜ୍ୟ ସଭାପତି ପ୍ରଭାକର ମହାପାତ୍ରଙ୍କ ନେତୃତ୍ୱରେ ସଂଘର ସମସ୍ତ ଜିଲା ସଭାନେତ୍ରୀ, ସମ୍ପାଦକ ଓ କୋଷାଧ୍ୟକ୍ଷମାନଙ୍କ ଏକ ପ୍ରତିନିଧି ଦଳ ଶନିବାର ରାଜ୍ୟ ଭାଜପା କାର୍ଯ୍ୟାଳୟ ଠାରେ ସଭାପତିଙ୍କୁ ଭେଟି ତାଙ୍କ ଦାବି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସବୁଜ ପତ୍ରିକାଧାରୀ ପରିବାରଙ୍କୁ ରାଜ୍ୟ ସରକାର କିମ୍ବା ଗୃହ ନିର୍ମାଣ ସଂସ୍ଥା ଦ୍ୱାରା ନିର୍ମିତ ଗୃହଗୁଡ଼ିକ ମଧ୍ୟରୁ ଶତକଡା ୫ ପ୍ରତିଶତ ଗୃହ ଯୋଗାଇ ଦିଆଯିବ, ଘରଡିହ ନ ଥିବା ପରିବାରକୁ ୪ ଡିସିମିଲ ପରିବର୍ତ୍ତେ ୮ ଡିସିମିଲ ଭୂମି ବିନା ମୂଲ୍ୟରେ ଯୋଗାଇ ଦିଆଯିବ, ନିମ୍ନ ଆୟ ବା ମଧ୍ୟମ ଆୟ ଗୋଷ୍ଠୀର ଲୋକଙ୍କୁ ଦିଆଯାଉଥିବା ଗୃହ ନିର୍ମାଣ ଋଣରୁ ଶତକଡା ୫ ପ୍ରତିଶତ ସବୁଜ ପତ୍ରିକାଧାରୀ ପରିବାର ପାଇଁ ସଂରକ୍ଷଣ ରହିବ, ମେଡିକାଲ, ଇଞ୍ଜିନିୟରିଂ, ପଲିଟେକ୍‌ନିକ ଓ ଆଇଟିଆଇ ପ୍ରଭୃତି ଶିକ୍ଷାନୁଷ୍ଠାନଗୁଡ଼ିକରେ ଶତକଡା ୫ ପ୍ରତିଶତ ସ୍ଥାନ ସବୁଜ ପତ୍ରିକାଧାରୀ ପରିବାରର ପିଲାଙ୍କ ପାଇଁ ସଂରକ୍ଷଣ ରହିବ, ଏହି ଦମ୍ପତିଙ୍କ ମଧ୍ୟରୁ ସ୍ତ୍ରୀ କିମ୍ବା ସ୍ୱାମୀ ରାଜ୍ୟ ସରକାରଙ୍କ କର୍ମଚାରୀ ହୋଇଥିଲେ ତାଙ୍କ ଦରମାର ୨ଟି ଇନ୍‌କ୍ରିମେଣ୍ଟର ସମତୁଲ ପ୍ରୋତ୍ସାହନ ଭତ୍ତା ମିଳିବ, ସବୁଜ ପତ୍ରିକାଧାରୀମାନଙ୍କ ପାଇଁ ୧୦ ହଜାର ଏକ ବାର୍ଷିକ ଲଟେରିର ସୁଯୋଗ ଅସ୍ତ୍ରୋପଚାର ହେବାଠାରୁ ୫ବର୍ଷ ପର୍ଯ୍ୟନ୍ତ ଉନ୍ମୁକ୍ତ ରହିବ, କିନ୍ତୁ ଏହି ଲଟେରିରେ ପତ୍ରିକାଧାରୀ ଥରେ ବିଜୟୀ ହେଲେ ପରବର୍ତ୍ତୀ ଲଟେରି ପାଇଁ ତାଙ୍କ ନାମ ରହିବ ନାହିଁ ଏଭଳି ପ୍ରୋତ୍ସାହନ ଦେବାର ବ୍ୟବସ୍ଥା ସରକାର କରିଥିଲେ। ମାତ୍ର ସେସବୁରୁ ସବୁଜ ପତ୍ରିକାଧାରୀମାନଙ୍କୁ ବଞ୍ଚିତ କରାଯାଇଛି। ରାଜ୍ୟ ସରକାର ମହିଳା ସଶକ୍ତୀକରଣ ନାଁରେ ଡିଣ୍ଡିମ ପିଟୁଛନ୍ତି । କିନ୍ତୁ ଏଠି ସବୁଜ ପତ୍ରିକାଧାରୀ ନ୍ୟାୟ ପାଇଁ ଆନ୍ଦୋଳନ କରୁଥିଲେ ବି ନବୀନବାବୁ କୌଣସି ପଦକ୍ଷେପ ନ ନେବା ମହିଳାଙ୍କ ପ୍ରତି ଅବହେଳାକୁ ସ୍ପଷ୍ଟ ପ୍ରମାଣିତ କରୁଛି । ବିଜେଡି ସରକାର ସବୁଜ ପତ୍ରିକାଧାରୀ ମା'ମାନଙ୍କ ପ୍ରତି ପ୍ରତାରଣା କରିଛନ୍ତି ବୋଲି ମନମୋହନ କହିଛନ୍ତି । ଏହି ଅବସରରେ ରାଜ୍ୟ ଭାଜପା ଉପସଭାନେତ୍ରୀ ପ୍ରଭାତୀ ପରିଡା, ରାଜ୍ୟ ସମ୍ପାଦିକା ପିଙ୍କି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।


OFFICE OF THE DISTRICT JUDGE, KENDRAPARA

ADVERTISEMENT No. 02/Rect./2023

Dated, Kendrapara the 28th day of July, 2023

No. W-30: Applications in the prescribed format are invited from the eligible candidates for filling up of the following vacancies in the judgeship of Kendrapara

| Sl. No. | Name of the Post | Scale of Pay | Category SC | ST | SEBC | UR | Total No. of Posts |
|---|---|---|---|---|---|---|---|
| 1 | Junior Clerk-cum-Copyist | Rs.19,900 - Rs.63,200/- under Level-4 of the pay matrix given in the 1st Schedule of the O.R.S.P. Rules, 2017 | 01 | - | 01 | 05 | 07 |
| 2 | Stenographer Grade - III | Rs.25,500 - Rs.81,100/- under Level-7 of the pay matrix given in the 1st Schedule of the O.R.S.P. Rules, 2017 | - | 02 | - | - | 02 |
| 3 | Salaried Amin | Rs.21,700 - Rs.69,100/- under Level-5 of the pay matrix given in the 1st Schedule of the O.R.S.P. Rules, 2017 | - | 01 | - | 01 | 02 |

Last date of Receipt of Application: 31.08.2023 at 5.00 P.M.
For details please visit the official website of District Court, Kendrapara at www.districts.ecourts.gov.in/kendrapara.

Sd./- District Judge-cum-Chairman
District Recruitment Committee, Kendrapara
OIPR-18066/11/0002/2324



ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. eT-M-KUR-PSASTNCLG-229-23

କାର୍ଯ୍ୟର ନାମ : 03 (ତିନି) ବର୍ଷ (1096 ଦିନ) ସମୟ ନିମନ୍ତେ ପଲାସା (PSA), ଇଚ୍ଛାପୁରମ୍ ଏବଂ ସୋମପେଟା ଷ୍ଟେସନ ଓ ଏହା ସହିତ ପ୍ଲାଟଫର୍ମ ପରିସର, ଟ୍ରାକ୍, କାର୍ଯ୍ୟାଳୟ ଭବନ, ସଂରକ୍ଷଣ କାର୍ଯ୍ୟାଳୟ, କନକୋର୍ସ କ୍ଷେତ୍ର, ପରିଚାଳନା କ୍ଷେତ୍ର, ପ୍ରଶିକ୍ଷାଳୟ ପରିସର, ହୋମ ସିଗ୍ନାଲ ରୁ ହୋମ ସିଗ୍ନାଲ ଏବଂ ପଲାସା, ଇଚ୍ଛାପୁରମ ଏବଂ ସୋମପେଟାର କଲୋନୀଗୁଡ଼ିକର ସଫେଇ ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟ ସହିତ ଷ୍ଟେସନ ଏବଂ କଲୋନୀ ପାର୍ଶ୍ୱସ୍ଥ ଡମ୍ପିଂ ୟାର୍ଡ଼ ପର୍ଯ୍ୟନ୍ତ ଅଥବା ସ୍ଥାନୀୟ ନଗରପାଳିକାର ଅଧିକାରୀଙ୍କ ନିର୍ଦ୍ଦେଶାନୁସାରେ କଠିନ ଆବର୍ଜନା ସଂଗ୍ରହ, ପୃଥକୀକରଣ ଏବଂ ନିଷ୍ପାଦନ କାର୍ଯ୍ୟ ।

ବିଜ୍ଞାପିତ ମୂଲ୍ୟ (₹) : 8,14,36,416.63, EMD (₹): 5,57,200/-, ଟେଣ୍ଡର ନଥିପତ୍ର ମୂଲ୍ୟ (₹) : 11,800/-, ଶେଷ ହେବା ଅବଧି : 36 ମାସ ।

ବିଡ଼ ଆରମ୍ଭ ହେବା ତାରିଖ : ତା.31.07.2023ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.14.08.2023 ରିଖ 1530 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର http://www.ireps.gov.in ରେ ଉପଲବ୍ଧ ଅଟେ ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର, ଖୋର୍ଦ୍ଧାରୋଡ଼
PR-400/O/23-24



GOVERNMENT OF ODISHA

"e" PROCUREMENT NOTICE

Bid Identification No. 24 of 2023-24

No. O-498: The Executive Engineer, RWS&S Division, Balangir on behalf of Governor of Odisha invites percentage bid through e-procurement in double cover system according to norm of e-procurement system in online mode for the different work in different blocks under Balangir District.

Nature of Work : Execution of RPWS to Village: **Siletkani** under **Deogaon** Block with 5 years Operation and Maintenance

1. Total No. of Work : 01 No.
2. Estimated Cost : Rs.108.68 lakh
3. Eligible Class of Contractor : "B", "A" Contractor
4. Period of Completion : Eighteen Months
5. Other Details :

| Procurement Officer | Bid Identification No. | Availability of Tender Online for Bidding From | To |
|---|---|---|---|
| Executive Engineer, RWSS Division, Balangir | 24 of 2023 - 24 | Dt.07.08.2023 at 11.00 hrs. | Dt.22.08.2023 upto 17.00 hrs. |

Further details can be had in the DTCN available in the website **www.tendersodisha.gov.in**.

Sd./- Executive Engineer
RWS&S Division, Balangir
OIPR-25033/11/0007/2324



GOVERNMENT OF ODISHA

OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SAMBALPUR

E-mail Id: serwcirclesbp@yahoo.com

Bid Identification No. Road Tender Online RWCSBP-17 No. 1786 Dated: 27.07.2023

No. O-496: The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 03 (Three) Nos. of Road work under CMRL.

1. Name of Work : Road works under CMRL
2. No. of Work : 03 (Three) Nos. of Road work Details as per DTCN
3. Estimated Cost : Approximately cost Rs.181.24 lakhs to Rs.439.51 lakhs
4. Class of Contractor : 'B', 'A' Class
5. Cost of tender paper and mode of deposit : Rs.10,000/- per set (to be deposited Online) in favour concerned Superintending Engineer
6. Mode of submission of tender : Tender should be submitted only Online in website **www.tendersorissa.gov.in (https//tendersodisha.gov.in)**
7. EMD and mode of Deposit : **1% of estimated cost** of the work to be remitted online as mentioned in DTCN.
8. Summary of key dates are provided below:

| Procurement Officer | Bid Identification No. | Availability of Tender Online for Bidding From | To | Last date & time for seeking clarification | Date & time of opening of tender Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Road Tender Online RWCSBP: 17/2023-24 | 07.08.2023 at 11.00 A.M. | 21.08.2023 upto 5.00 P.M. | 18.08.2023 upto 5.00 P.M. | 22.08.2023 at 11.00 A.M. | To be intimated later |

- Further details can be seen from the e-procurement portal **www.tendersorissa.gov.in (https//tendersodisha.gov.in)**.
- Subsequent modification/Corrigendum/Addendum if required shall appear in website only.
- The amount put to bid is exclusive of GST.
- Bidder should inspect the road before bidding and quote his rate accordingly.

Sd./- Chief Construction Engineer
Rural Works Circle, Sambalpur
OIPR-25091/11/0030/2324



ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/23-24/E-Tender/55 ତା.26.07.2023ରିଖ

(1) ଟେଣ୍ଡର ସଂ. e-tender-CENTKUR-150-2023, ତା.21.07.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଭୁବନେଶ୍ୱର ପରିସୀମା ଅଧୀନସ୍ଥ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ଗ୍ଲୁଡ୍ ଜଏଣ୍ଟ ଏବଂ SEJ ର ଦେଖାଶୁଣା, ରେଲ୍, ସ୍ଲିପର, GRSP, ଗ୍ଲୁଡ୍ ଜଏଣ୍ଟ ଏବଂ SEJର ସମୟାନୁସାର ନବୀକରଣ, ରେଲ୍ ଜଏଣ୍ଟଗୁଡ଼ିକର ୱେଲ୍ଡିଂ, ଟ୍ରାକ୍‌ର ଲିଫ୍ଟିଙ୍ଗ୍ ଏବଂ ପ୍ୟାକିଙ୍ଗ୍, ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ଟାମ୍ପିଙ୍ଗ୍ କାର୍ଯ୍ୟ ଭଳି ବିଭିନ୍ନ P.Way କାର୍ଯ୍ୟ ତଥା ଅନ୍ୟ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟ ସମୂହ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 287.21 ଲକ୍ଷ, EMD (₹) : 2,93,600.00, ଶେଷ ହେବା ଅବଧି : 11 (ଏଗାର) ମାସ ।

(2) ଟେଣ୍ଡର ସଂ. e-tender-CENTKUR-152-2023, ତା.21.07.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way) / ଢେଙ୍କାନାଳ ପରିସୀମା ଅଧୀନସ୍ଥ ବିଭିନ୍ନ ସ୍ଥାନଗୁଡ଼ିକ ଠାରେ ସାଲୋ ସ୍କ୍ରିନିଙ୍ଗ୍, ଟ୍ରାକ୍‌ର ଲିଫ୍ଟିଙ୍ଗ୍, ଥ୍ରୋ ପ୍ୟାକିଙ୍ଗ୍, ରେଲ୍ ଜଏଣ୍ଟଗୁଡ଼ିକର ୱେଲ୍ଡିଙ୍ଗ୍, ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ଟାମ୍ପିଙ୍ଗ୍ କାର୍ଯ୍ୟ, ଲେଭେଲ କ୍ରସିଙ୍ଗଗୁଡ଼ିକର ଓଭରହାଲିଙ୍ଗ୍, ବାଲାଷ୍ଟର ବକ୍ସିଙ୍ଗ୍ ଏବଂ ପ୍ରୋଫାଇଲିଙ୍ଗ୍ (Boxing & profiling), ରେଲ୍ ଏବଂ ସ୍ଲିପରଗୁଡ଼ିକର ସମୟାନୁସାର ନବୀକରଣ ଭଳି ବିବିଧ P.Way କାର୍ଯ୍ୟ ତଥା ଅନ୍ୟ P.Way ସମ୍ବନ୍ଧୀୟ କାର୍ଯ୍ୟ ସମୂହ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 202.86 ଲକ୍ଷ, EMD (₹) : 2,51,400.00, ଶେଷ ହେବା ଅବଧି : 11 (ଏଗାର) ମାସ ।

(3) ଟେଣ୍ଡର ସଂ. e-tender-CENTKUR-58-2023, ତା.25.04.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଭୁବନେଶ୍ୱର ୟାର୍ଡ଼ (ଅପ୍ ଲୁପ୍ ପ୍ରସ୍ତାବିତ ତୃତୀୟ ମେନ୍ (Main) ଲାଇନ୍) ର ମାର୍ଗ-6 ରେ 1.00 କି.ମି.ଲୟ ନିମନ୍ତେ CTR(P) କାର୍ଯ୍ୟଗୁଡ଼ିକର ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 39.41 ଲକ୍ଷ, EMD (₹) : 78,800.00, ଶେଷ ହେବା ଅବଧି : 04 (ଚାରି) ମାସ ।

(4) ଟେଣ୍ଡର ସଂ. e-tender-CENTKUR-159-2023, ତା.21.07.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଲିଙ୍ଗରାଜ ଟେମ୍ପଲ ରୋଡ଼ ଷ୍ଟେସନର ପ୍ରସ୍ତାବିତ ଉନ୍ନୟନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 531.70 ଲକ୍ଷ, EMD (₹) : 4,15,900.00, ଶେଷ ହେବା ଅବଧି : 06 (ଛଅ) ମାସ ।

(5) ଟେଣ୍ଡର ସଂ. e-tender-CENTKUR-160-2023, ତା.21.07.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ସେଣ୍ଟ୍ରାଲ) ଅଧୀନସ୍ଥ ବିଭିନ୍ନ ୟାର୍ଡ଼ଗୁଡ଼ିକ ଠାରେ ନୂଆ ଥିକ୍ ୱେବ୍ ସୁଇଚ୍‌ଗୁଡ଼ିକ ଦ୍ୱାରା କ୍ଷତିଗ୍ରସ୍ତ କର୍ଭ ସୁଇଚ୍‌ଗୁଡ଼ିକର ନବୀକରଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 149.73 ଲକ୍ଷ, EMD (₹) : 2,24,900.00, ଶେଷ ହେବା ଅବଧି : 12 (ବାର) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ): ତା.11.08.2023ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼
PR-401/O/23-24

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କୋଣାର୍କ,୨୯।୭(ଜ୍ୟୋତିରାଜ ମହାନ୍ତି)

ପୁରୀ-କୋଣାର୍କ ବେଳାମାର୍ଗ ବାଲିଘାଇ ଛକ ନିକଟ ବେଲେଶ୍ୱର ଶୈବ ପୀଠ ନିକଟ ଜଙ୍ଗଲରୁ ରାମଚଣ୍ଡୀ ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ତେବେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮/୨୩) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବେଲେଶ୍ୱର ମନ୍ଦିର ନିକଟ ଜଙ୍ଗଲରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଅନ୍ୟପକ୍ଷରେ ମୃତଦେହଟି ୩ରୁ ୪ଦିନ ତଳର ବୋଲି ପୋଲିସ ଅନୁମାନ କରୁଛି।

### ୫୫ ୟୁନିଟ୍ ରକ୍ତ ସଂଗ୍ରହ



ଜଟଣୀ,୨୯।୭(ରବୀନ୍ଦ୍ର ନାଥ ମହାକୁଡ଼)

କୃଷକ ନେତା ଗୋ.ବା. ବିଠଲ ଭାଇ ରାଦଡିୟାଜୀଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅବସରରେ ଶନିବାର ଜଟଣୀ ସ୍ଥିତ ରୟାରୀ କ୍ଲବଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରୋଟାରୀ ଏବଂ ରୋଟ୍ରାକଟ କ୍ଲବ ପକ୍ଷରୁ ଆୟୋଜିତ ଏହି ଶିବିରକୁ ଶ୍ରୀଜିକୃପା ପ୍ରୋଜେକଟ ଲିମିଟେଡର ନିର୍ଦ୍ଦେଶକ ଗିରିଧର ପଟେଲ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ସାମାଜିକ କର୍ମୀ ଡ.ସନ୍ତୋଷ ଜେନା ଯୋଗଦେଇ ମତବ୍ୟକ୍ତ କରିଥିଲେ। ଖୋର୍ଦ୍ଧା ରକ୍ତ ଭଣ୍ଡାର ସହାୟତାରେ ଡା. ସୌରଭ ସୁନ୍ଦରରାୟଙ୍କ ତତ୍ତ୍ୱାବଧାନରେ ମୋଟ ୫୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ଉକ୍ତ ଶିବିରକୁ ସୁରକ୍ଷା ମଞ୍ଚ ସମିତର କର୍ମକର୍ତ୍ତା ସହଯୋଗ କରିଥିଲେ। ଚିତ୍ତ ପ୍ରଧାନ, ଜୀବନ ବଲ୍ଲଭ ମହାନ୍ତି, ଧୀରେନ୍ଦ୍ର ଜେନା, ପ୍ରିତମ ମିଶ୍ର, ଜଟଣୀ ରୋଟାରୀ କ୍ଲବ ସଭାପତି ସୁନୀଲ ଅଗ୍ରୱାଲ, ସମ୍ପାଦକ କମଳକାନ୍ତ ପଟ୍ଟନାୟକ, ରାଧାମୋହନ ପଟ୍ଟନାୟକ, ରସିକ ପଟେଲ, ଅମୀୟ ରଞ୍ଜନ ବେହେରା, ଅଭିଷେକ ଅଗ୍ରୱାଲ, ସୌରଭ ବାରିକ, ମଧୁସ୍ମିତା ମହାନ୍ତି, କେ.ସୁଭଦ୍ରା, ଗୀତାଞ୍ଜଳି ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମେଶିନରେ ନାବାଳକଙ୍କ ହାତ ଆଙ୍ଗୁଠି କଟିଲା

ପିପିଲି,୨୯।୭(ଦୁର୍ଗାମାଧବ ମିଶ୍ର)

ପିପିଲି ହାଟ ଛକସ୍ଥିତ ଏକ ଦୋକାନରେ ଶୁକ୍ରବାର ମେଶିନ ଦ୍ୱାରା ରୁଟି ପ୍ରସ୍ତୁତ କରିବା ବେଳେ ଜଣେ ନାବାଳକଙ୍କ ଡାହାଣ ହାତର ଦୁଇଟି ଆଙ୍ଗୁଠି କଟିଯାଇଛି। ଅଗ୍ନିଶମ କର୍ମଚାରୀ ପହଞ୍ଚି ମେଶିନକୁ ସତର୍କତାର ସହ କାଟି ନାବାଳକଙ୍କ ହାତ ବାହାର କରି ତାଙ୍କୁ ଚିକିତ୍ସା ପାଇଁ ପିପିଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସମ୍ପୃକ୍ତ ନାବାଳକ ହେଲେ ରୁଦ୍ରପ୍ରତାପ ରାଉତ। ସେ ପିପିଲି ବ୍ଲକ ଛକ ନିକଟରେ ନିଜ ପରିବାର ସହ ଭଡ଼ାରେ ରହୁଥିବାବେଳେ ଏହି ରୁଟି ଦୋକାନରେ କାମ କରୁଥିଲେ।

# ୬୦ ପ୍ରତିଶତ ଜମିରେ ହୋଇନି ତଳିରୁଆ

ଖୋର୍ଦ୍ଧା,୨୯।୭(ପ୍ରଭାତ ପାଣିଗ୍ରାହୀ)

ଜୁନ୍‌ରେ ନିଅଣ୍ଟିଆ ରହିଲା, ମୌସୁମୀ ବର୍ଷା ଯେତିକି ହେବା କଥା ସେତିକି ହେଲାନାହିଁ। ସ୍ୱାଭାବିକଠାରୁ ପ୍ରାୟ ୩୦ ପ୍ରତିଶତ କମ୍ ବର୍ଷା ହୋଇଥିଲା। ବର୍ଷା ଅଭାବରୁ ଜମି ଶୁଖିଲା ପଡ଼ିଲା। ନିଅଣ୍ଟିଆ ବର୍ଷା ଯୋଗୁ ଜିଲାରେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଜୁଲାଇରେ ମଧ ସମାନ ସ୍ଥିତି। ଆବଶ୍ୟକ ବର୍ଷା ଅଭାବରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ଗୋଟିଏପଟେ ପ୍ରାକୃତିକ ବିପର୍ଯ୍ୟୟ ଚାଷୀର ପିଛା ଛାଡୁ ନ ଥିବାବେଳେ ନିଅଣ୍ଟିଆ ବର୍ଷା ଯୋଗୁ ଚାଷୀର ମେରୁଦଣ୍ଡ ଦୋହଲିଗଲାଣି। ବିଳମ୍ବିତ ମୌସୁମୀ ଯୋଗୁ ୨୦ ପ୍ରତିଶତ ନିଅଣ୍ଟିଆ ବର୍ଷାରେ ଜୁନ୍ ସରିଲା। ଜୁଲାଇରେ ଭଲ ବର୍ଷା ହେବା ନେଇ ପାଣିପାଗ ବିଭାଗ ଅନୁମାନ କରିଥିବାବେଳେ ସ୍ୱାଭାବିକଠାରୁ କମ୍ ବର୍ଷା ଚାଷୀଙ୍କ ଚିନ୍ତା ବଢାଇଛି। ଜୁଲାଇ ସୁଦ୍ଧା ୩୦୪ ମିମି ବର୍ଷା ହେବାର ରେକର୍ଡ ଲକ୍ଷ୍ୟ ରହିଥିବାବେଳେ ୨୫ ତାରିଖ ସୁଦ୍ଧା ୨୪୦ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ଜୁଲାଇ ଶେଷହେବାକୁ ଆସୁଥିବାବେଳେ ୨୨ ପ୍ରତିଶତ କମ୍ ରହିଛି। ପାଣିପାଗ ଅନୁମାନ ଚାଷୀକୁଳ ପାଇଁ ଆଶ୍ୱସ୍ତି ଆଣିଥିବା ବେଳେ ଜୁଲାଇରେ ନିଅଣ୍ଟିଆ ବର୍ଷା ଚାଷୀଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି। ଜୁନର ନିଅଣ୍ଟିଆ ବର୍ଷାର ଭରଣା ଜୁଲାଇରେ ହେବ ବୋଲି ଚାଷୀ ଆଶା କରିଥିଲେ। ତେବେ ଚାଷୀଙ୍କ ସବୁ ଆଶା ଫସର ଫାଟିଗଲା। ଆଗକୁ ବର୍ଷା ସ୍ୱାଭାବିକ ନ ହେଲେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି। ରାଜ୍ୟରେ ଏବେ ନିଅଣ୍ଟିଆ ବର୍ଷା ଲାଗି ରହିଛି। ଜୁଲାଇ ପ୍ରଥମ ଓ ଦ୍ୱିତୀୟ ସପ୍ତାହରେ ଲଘୁଚାପ ବର୍ଷା ଚାଷୀଙ୍କ ମୁଖରେ ହସ ଫୁଟାଇଥିଲା। ପରେ ସ୍ୱଳ୍ପବୃଷ୍ଟି କାରଣରୁ ଚାଷୀର ଆଶା ମଉଳିଗଲା। ସାଧାରଣତଃ ଜୁନ ତୃତୀୟ ସପ୍ତାହଠାରୁ ବର୍ଷା ଆରମ୍ଭ ହୋଇ ଜୁଲାଇରେ ୧୫ରୁ ୨୦ଦିନ ବର୍ଷା ହୋଇଥାଏ। ଏହି ସମୟରେ ସର୍ବାଧିକ ବର୍ଷା ରେକର୍ଡ କରାଯାଏ। ତେବେ ଜୁଲାଇ ପ୍ରଥମ ସପ୍ତାହରେ ସ୍ୱାଭାବିକ ଠାରୁ କମ୍ ପରିମାଣ ବର୍ଷା ଅର୍ଥାତ ମାତ୍ର ୫୦ ପ୍ରତିଶତ ବର୍ଷା ରେକର୍ଡ କରାଯାଇଥିବା ବେଳେ ଦ୍ୱିତୀୟ ସପ୍ତାହ ସୁଦ୍ଧା ୫୧ ପ୍ରତିଶତ ବର୍ଷା ହୋଇଥିଲା। ଜୁନ ପ୍ରଥମ ସପ୍ତାହରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଥିବା ବେଳେ ୨ୟ ଓ ୩ୟ ସପ୍ତାହରେ କମ୍ ହୋଇଥିଲା। ଜୁନ ଶେଷ ସୁଦ୍ଧା ହାରାହାରି ୧୨୬.୬ ମିମି ବର୍ଷା ହୋଇଥିଲା। ତେବେ ଜୁଲାଇ ସରିବାକୁ ଦୁଇଦିନ ରହିଥିବା ବେଳେ



ପଡ଼ିଆ ପଡ଼ିଥିବା ଜମି ।

**ଜଳସେଚନ ସମସ୍ୟା ଦୂର ହୋଇପାରୁନି**

- ନିଅଣ୍ଟିଆ ବର୍ଷାରେ ଜୁଲାଇ ସରିଲା
- ଜୁନ୍‌ର ଭରଣା ହେଲାନି, ଚାଷୀ ହତାଶ

ସ୍ୱାଭାବିକ ବର୍ଷାଠାରୁ କମ୍ ବର୍ଷା ଚାଷୀଙ୍କ ମୁଖରୁ ପୁଣି ଥରେ ହସ ଛଡାଇନେଇଛି। ଜଳସେଚିତ ଜମିକୁ ବାଦ ଦେଲେ ଡିପ ଜମିରେ ବୁଣାବୁଣି ଓ ମଧମ ଜମିରେ ତଳି ପକାଇବା ପାଇଁ ବର୍ଷା ଯଥେଷ୍ଟ ନୁହେଁ। ପୁଣି ଆଗାମୀ ସପ୍ତାହ ଯାଏ ଭଲ ବର୍ଷାର ସମ୍ଭାବନା ନ ଥିବାରୁ ବୁଣାବୁଣି ବିଳମ୍ବ ହେବ। କୃଷି ବିଭାଗ ରିପୋର୍ଟ ଅନୁସାରେ, ବର୍ତ୍ତମାନ ସୁଦ୍ଧା ଜିଲାରେ ୬୦ ପ୍ରତିଶତ ଜମିରେ ତଳି ରୁଆ ହୋଇପାରିନାହିଁ। ଜଳସେଚିତ ଜମିରେ ବୁଣାକାମ ସରିଥିବାବେଳେ ଅଣଜଳସେଚିତ ଜମିରେ ବର୍ଷା ଅଭାବରୁ ତଳି ପୋଡ଼ିଗଲାଣି। ୧ଲକ୍ଷ ୨୦ ହଜାର ୧୫୦ ହେକ୍ଟର ଚାଷଜମି ରହିଛି। ଚଳିତ ଖରିଫ ଋତୁରେ ୧ଲକ୍ଷ ୩ହଜାର ୧୬୦ ହେକ୍ଟର ଜମିରେ ଧାନ ଫସଲ ଅମଳ ଲକ୍ଷ୍ୟ ରଖିଛି କୃଷି ବିଭାଗ। ତନ୍ମଧ୍ୟରୁ ୧୭ ହଜାର ୪୭୫ ହେକ୍ଟର ଡିପ, ୪୩ ହଜାର ୩୩୮ ହେକ୍ଟର ସମତୁଲ ଜମି ଏବଂ ଅବଶିଷ୍ଟ ୪୮,୮୦୭ ହେକ୍ଟର ତଳିଆ ଜମିରେ ଖରିଫ ଧାନ ଫସଲ ଅମଳ ଲକ୍ଷ୍ୟ ରହିଥିବା ବେଳେ ୨ହଜାର ହେକ୍ଟର ଜମିରେ ଅଣଧାନ ଚାଷ କରିବାକୁ ବିଭାଗ ଲକ୍ଷ୍ୟ ରଖିଛି। ଦୟା, ମଳାଗୁଣୀ, ରଣ ପ୍ରଭୃତି ନଦୀ ଦ୍ୱାରା ୨୧,୦୯୦ ହେକ୍ଟର ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ରହିଥିବା ବେଳେ କେନାଲ ଦ୍ୱାରା ୬୮୧୫ ହେକ୍ଟର ଜମି, ଉଠାଜଳସେଚନ ଦ୍ୱାରା ୩୩୧୭ ହେକ୍ଟର, ନଳକୂପ ଜରିଆରେ ୭୩୦ ହେକ୍ଟର ଏବଂ ଅନ୍ୟାନ୍ୟ ପ୍ରାକୃତିକ ଉତ୍ସ ଦ୍ୱାରା ୧୫୯ ହେକ୍ଟର ଚାଷଜମିକୁ ଜଳସେଚିତ ହୋଇଥାଏ। ଜିଲାବ୍ୟାପୀ ପ୍ରାୟ ୫୬,୭୨୧ ହେକ୍ଟର ଚାଷଜମିକୁ ଜଳସେଚନର ସୁବିଧା ରହିଥିବା କୃଷି ବିଭାଗ ପକ୍ଷରୁ ଜଣାପଡିଛି। ତେବେ ଜୁଲାଇ ୨୫ ସୁଦ୍ଧା ୩୯,୯୬୨ ହେକ୍ଟର ଚାଷଜମିରେ ଧାନଚାଷ ହୋଇଛି। ଏହାର ପରିମାଣ ୩୮ ପ୍ରତିଶତ। ବଳକା ଜମିରେ ତଳିପକା ଆରମ୍ଭ ହୋଇ ନ ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗତ ଦୁଇବର୍ଷ ଧରି ସ୍ୱାଭାବିକଠାରୁ କମ୍ ବର୍ଷା, ଅନାବୃଷ୍ଟି ଯୋଗୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଗଜା ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଯେନତେନ ପ୍ରକାରେ ଚାଷୀ ଚାଷ କରିଥିବା ବେଳେ ଅମଳ ସମୟରେ ଲଘୁଚାପ ବର୍ଷା, ବନ୍ୟା ବାତ୍ୟା ଯୋଗୁ ଜମିରେ ପାଚିଲା ଧାନ ପରିଶଢ଼ି ନଷ୍ଟ ହୋଇଥିଲା। ବହୁ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ। ବିଗତ ବର୍ଷ ପରି ଚଳିତ ବର୍ଷ ମଧ ସମାନ ଦୃଶ୍ୟ ରହିଛି। କେନାଲରେ ପାଣି ନାହିଁ। ଆଗକୁ ମୌସୁମୀ ବର୍ଷା ନ ହେଲେ ଧାନ ଗଜା ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଜଳସେଚନ ଅଭାବରୁ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସ୍ଥାୟୀ ପ୍ରତିକାର ପାଇଁ ଚାଷୀଙ୍କ ମହଲରୁ ବାରମ୍ବାର ଦାବି ସତ୍ତ୍ୱେ ରାଜନୈତିକ ଇଚ୍ଛାଶକ୍ତି ଏବଂ ପ୍ରଶାସନିକ ଅବହେଳା ଏଥିରେ ବାଧକ ସାଜିଛି।

### ଟମାଟୋ ପାଇଁ ୨ ନାବାଳକ ବନ୍ଧା ପଡ଼ିଲେ

କଟକ,୨୯।୭(ସୁପ୍ରିୟା ପ୍ରିୟଦର୍ଶିନୀ)

ବଜାରରେ ଟମାଟୋ ଦର ଆକାଶ ଛୁଆଁ ହୋଇଛି। ଏହାକୁ କିଣିବା ପାଇଁ ଗରିବଠାରୁ ଧନୀ ପର୍ଯ୍ୟନ୍ତ ପଛାଉଛନ୍ତି। ତେବେ ଏହାକୁ ନେଇ ଶନିବାର କଟକ ଛତ୍ରବଜାର ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତି ଟମାଟୋ କିଣିବାକୁ ଆସି ୨ ଜଣ ନାବାଳକଙ୍କୁ ବନ୍ଧା ପକାଇ ଫେରାର ହୋଇଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ନନ୍ଦନକାନନ ଓ ଶିଖରଚଣ୍ଡୀ ଅଞ୍ଚଳରୁ ଦୁଇଜଣ ନାବାଳକଙ୍କୁ ଜଣେ ବ୍ୟକ୍ତି ଆଣି ଛତ୍ରବଜାରକୁ ଆସିଥିଲେ। ସେଠାକାର ଦୁଇଟି ଦୋକାନରେ ୨ ଜଣ ନାବାଳକଙ୍କୁ ବସାଇ ୨ କେଜି ଲେଖାଏ ଟମାଟୋ ନେଇଥିଲେ। ବାକି ୮ କେଜି ଟମାଟୋ ବାଛିବାକୁ ସେମାନଙ୍କୁ କହିଥିଲେ। କିଛି ସମୟ ପରେ ଆସି ଟମାଟୋ ନେଇଯିବେ ବୋଲି ବ୍ୟକ୍ତି ଜଣଙ୍କ କହି ସେଠାରୁ ଚାଲି ଯାଇଥିଲେ। ଇତିମଧ୍ୟରେ ୨ ଘଣ୍ଟା ବିତିଯାଇଥିଲେ ମଧ ସେ ଆସି ନ ଥିଲେ। ଫଳରେ ବ୍ୟବସାୟୀ ଦ୍ୱୟଙ୍କର ସନ୍ଦେହ ହେବାରୁ ସେମାନେ ସମ୍ପୃକ୍ତ ୨ ଜଣ ନାବାଳକଙ୍କୁ ପଚରାଉଚରା କରିଥିଲେ। ଏହାପରେ ନାବାଳକ ଦ୍ୱୟ କହିଥିଲେ, ଆମକୁ ୩୦୦ ଟଙ୍କା ଦେଇ ଫ୍ରିଜ୍ ଉଠାଇବାକୁ କହି ଆଣିବା ପରେ ଏଠାରେ ଫସାଇ ଦେଇଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ଠିକଣା ସମ୍ପର୍କରେ ସେମାନେ ଜାଣି ନାହାନ୍ତି। ଏହାପରେ ଜଣାପଡିଲା ଟମାଟୋ ପାଇଁ ଅଚିହ୍ନା ନାବାଳକଙ୍କୁ ଯୁବକ ଜଣଙ୍କ ବ୍ୟବସାୟୀଙ୍କ ପାଖରେ ବନ୍ଧା ପକାଇ ଫେରାର ହୋଇଯାଇଛନ୍ତି। ପରେ ସ୍ଥାନୀୟ ବ୍ୟବସାୟୀ ନାବାଳକ ଦ୍ୱୟଙ୍କୁ ବୁଝାସୁଝା କରି ସେମାନଙ୍କ ଘରକୁ ପଠାଇଥିଲେ।

**ନନ୍ଦନକାନନରେ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ପାଳନ**

# ‘ବାଘ ପାଇଁ ଦିନଟିଏ’




ବ୍ୟାଘ୍ର ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ ପିଲାମାନେ।

ବାରଙ୍ଗ,୨୯।୭(ଲିଙ୍ଗରାଜ ରାଉତ)

ନନ୍ଦନକାନନରେ ଶନିବାର ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବ ପାଇଁ ନନ୍ଦନକାନନ, ବିବେକାନନ୍ଦ, ଝୁନ୍‌ଝୁନ୍‌ୱାଲା ଆଦି ୪ଟି ବିଦ୍ୟାଳୟର ୬୬ଜଣ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ନନ୍ଦନକାନନ ଉପନିର୍ଦ୍ଦେଶକ ସନତ ନାରାୟଣଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳଚିତ୍ର ଅଭିନେତ୍ରୀ ସମର୍ପିତା ଦାଶ ମୁଖ୍ୟ ଆକର୍ଷଣ ସାଜି ବ୍ୟାଘ୍ର ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ‘ବାଘ ପାଇଁ ଦିନଟିଏ’ର ଏହି କାର୍ଯ୍ୟକ୍ରମ ଜରିଆରେ ପିଲାଙ୍କୁ ବାଘଙ୍କ ସୁରକ୍ଷା ପାଇଁ ଚିକିତ୍ସା, ଯତ୍ନ, ଖାଦ୍ୟ ପ୍ରଦାନ ଆଦି ବିଷୟରେ ବୁଝାଯାଇ ସଚେତନ କରାଯାଇଥିଲା। ପିଲାଙ୍କୁ ନେଇ ଆୟୋଜିତ କୁଇଜ୍ ପ୍ରତିଯୋଗିତାର କୃତୀ ଛାତ୍ର ପ୍ରଜ୍ଞାଶେଖର ସାହୁ, ସୁନାଲି ବିଶ୍ୱାସ, ନର୍ମଦା ପରମିତାଙ୍କ ସମେତ ୨୦ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦିଆଯାଇଥିଲା। ଏଥିସହ ବାଘ ଏନ୍‌କ୍ଲୋଜରରେ ନିୟୋଜିତ କର୍ମଚାରୀ ସୁବାସ ପ୍ରଧାନ, ଭାସ୍କର ସାମଲ, ରାମଚନ୍ଦ୍ର ନାୟକ, ଗୁଣ୍ଡିଚା ଭୋଇଙ୍କ ସମେତ ୧୬ଜଣ ଜନ୍ତୁ ରକ୍ଷକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପର୍ଯ୍ୟଟକଙ୍କୁ ନେଇ ଏକ ଦସ୍ତଖତ ଅଭିଯାନ କରାଯାଇଥିଲା। ଫେସ୍‌ବୁକ ଲାଇଭ ମାଧ୍ୟମରେ ବ୍ୟାଘ୍ର ସୁରକ୍ଷା ଉପରେ ସଚେତନ ମଧ କରାଯାଇଥିଲା। ଏଥିସହ ବ୍ୟାଘ୍ର ଏନ୍‌କ୍ଲୋଜରରେ ପର୍ଯ୍ୟଟକଙ୍କ ପାଇଁ ଏକ ସେଲ୍ଫି ପଏଣ୍ଟର ଆୟୋଜନ କରାଯାଇଥିଲା। ପରେ ଛାତ୍ରୀଛାତ୍ର ଏକାଠି ହୋଇ ବାଘଙ୍କ ସୁରକ୍ଷା ଉପରେ ସ୍ଲୋଗାନ ଦେଇଥିଲେ। ଉତ୍ସବକୁ ନନ୍ଦନକାନନ ଶିକ୍ଷା ଅଧିକାରୀ ମିଳନ ପଣ୍ଡା, ଜନ୍ତୁବିଭାଗ ଦାୟିତ୍ୱରେ ଥିବା ଜି ଏଫ୍. ଖାନ୍‌ଙ୍କ ସମେତ ଅନ୍ୟ ଅଧିକାରୀ ପରିଚାଳନା କରିଥିଲେ। ଏବେ ନନ୍ଦନକାନନରେ ଧଳା, ସାଧାରଣ ବାଘ, କଳା ଲୋମଯୁକ୍ତ ବାଘକୁ ନେଇ ୩ ପ୍ରଜାତିର ୨୭ଟି ବାଘଙ୍କ ମଧ୍ୟରେ ୭ଟି ଧଳାବାଘ, ୩ଟି କଳାବାଘ ଓ ୧୭ଟି ସାଧାରଣ ବାଘ ଅଛନ୍ତି।

### ସମୁଦ୍ରରେ ଭାସିଯାଇ ପର୍ଯ୍ୟଟକ ନିଖୋଜ

**୨ଜଣଙ୍କୁ ଉଦ୍ଧାର କଲେ ଲାଇଫ୍ ଗାର୍ଡ**

ପୁରୀ, ୨୯।୭(ଅଜିତ ମହାନ୍ତି):

ପୁରୀ ସମୁଦ୍ରରେ ଶନିବାର ଏକ ଅଘଟଣ ଘଟିଛି। ସମୁଦ୍ରରେ ଗାଧୋଉଥିବା ବେଳେ ଜଣେ ପର୍ଯ୍ୟଟକ ଭାସିଯାଇ ନିଖୋଜ ହୋଇଥିବା ସୂଚନା ମିଳିଛି। ସେ ହେଲେ ବାଲେଶ୍ୱର ଜିଲା ଗୋପୀନାଥପୁର ଅଞ୍ଚଳର ସଞ୍ଜୟ କୁମାର ଜେନା(୨୯)। ଅଗ୍ନିଶମ ବାହିନୀ ସହାୟତାରେ ଲାଇଫ୍‌ଗାର୍ଡମାନେ ତାଙ୍କୁ ଉଦ୍ଧାର କରିବାକୁ ଖୋଜାଖୋଜି ଜାରି ରଖିଛନ୍ତି। ସୂଚନା ଅନୁଯାୟୀ, ସଞ୍ଜୟ ତାଙ୍କ ସମ୍ପର୍କୀୟମାନଙ୍କ ସହ ପୁରୀ ବୁଲିବାକୁ ଆସି ଶନିବାର ପୂର୍ବାହ୍ନ ୧୧ଟାରେ ବେଳାଭୂମିର ସେକ୍ଟର ୮ ଏବଂ ୯ଠାରେ ଗାଧୋଉଥିଲେ। ଏହି ସମୟରେ ଉଚ୍ଛଳହଡ଼ି ମାଡ଼ରେ ସେ ସମୁଦ୍ର ଭିତରକୁ ଭାସିଯାଇଥିଲେ। ସେଠାରେ ମୁତୟନ ଥିବା ଲାଇଫଗାର୍ଡମାନେ ସମୁଦ୍ରକୁ ଯାଇ ତାଙ୍କୁ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ପରେ ଅଗ୍ନିଶମ ବାହିନୀ ଏବଂ ଲାଇଫ ଗାର୍ଡ ମିଳିତ ଭାବେ ସ୍ପିଡ୍ ବୋଟ୍ ମାଧ୍ୟମରେ ଖୋଜାଖୋଜି ଚାଲିଛି। ଅପରପକ୍ଷେ ସମୁଦ୍ରରେ ଭାସିଯାଉଥିବା ଅନ୍ୟ ୨ଜଣ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି। ଅନୁଗୋଳ ଜିଲାର ରାକେଶ ଦାସ (୨୨) ଅପରାହ୍ନ ୨ଟା ୫୫ରେ ସେକ୍ଟର ୫ରେ ଗାଧୋଉଥିବାବେଳେ ସମୁଦ୍ର ଭିତରକୁ ଭାସି ଯାଇଥିଲେ। ସେହିପରି ଅପରାହ୍ନ ୩ଟା ୧୫ରେ ଛତିଶଗଡ଼ର ଜଗନ୍ନାଥ ଯାଦବ ସେକ୍ଟର ୮ରେ ଗାଧୋଉଥିବାବେଳେ ଭାସିଯାଇଥିଲେ। ଉଭୟଙ୍କୁ ଲାଇଫଗାର୍ଡ ଉଦ୍ଧାର କରିଥିଲେ।

### ସୂର୍ଯ୍ୟମନ୍ଦିର ବୁଲି ଦେଖିଲେ ୭୮ ଶିକ୍ଷାସେବା ଅଧିକାରୀ



କୋଣାର୍କ,୨୯।୭(ଜ୍ୟୋତିରାଜ ମହାନ୍ତି):

ଓଡ଼ିଶା ଶିକ୍ଷା ସେବାରେ ନବନିଯୁକ୍ତ ୭୮ଜଣ ଶିକ୍ଷାସେବା ଅଧିକାରୀ କୋଣାର୍କ ପରିଭ୍ରମଣରେ ଆସି ସୂର୍ଯ୍ୟମନ୍ଦିର, ଅର୍କକ୍ଷେତ୍ର ବ୍ୟାଖ୍ୟାନ କେନ୍ଦ୍ର, ଚନ୍ଦ୍ରଭାଗାର ସ୍ୱର୍ଣ୍ଣିମ ବେଳାଭୂମି ଓ ମୁକ୍ତାକାଶ ରଙ୍ଗମଞ୍ଚ ପରିଦର୍ଶନ କରିଛନ୍ତି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ(ଓସେପା) ପକ୍ଷରୁ ଭୁବନେଶରେ ଆୟୋଜିତ ୧୫ଦିନିଆ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଏହି ଯୁବ ଶିକ୍ଷା ପ୍ରଶାସକମାନେ କୋଣାର୍କ ଗସ୍ତ ବେଳେ ନିମାପଡ଼ା ସରକାରୀ ହାଇସ୍କୁଲର ଶୈକ୍ଷିକ ଭିତ୍ତିଭୂମି ମଧ ଅନୁଧ୍ୟାନ କରିଥିଲେ। ଏହା ପରେ ସୂର୍ଯ୍ୟମନ୍ଦିର ଓ ଅର୍କକ୍ଷେତ୍ର ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରି ଉତ୍କଳୀୟ ସୂକ୍ଷ୍ମ ଭାସ୍କର୍ଯ୍ୟ କଳାକୁ ଉପଭୋଗ କରିଥିଲେ। ଓଡ଼ିଶା ସରକାରଙ୍କ ଦ୍ୱାରା ନବନିଯୁକ୍ତ ୧୫୮ଜଣ ଯୁବ ଶିକ୍ଷା ସେମା ଅଧିକାରୀଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୭୮ଜଣଙ୍କୁ ଓସେପା ପକ୍ଷରୁ ପ୍ରଶିକ୍ଷଣ ପ୍ରଦାନ କାର୍ଯ୍ୟକ୍ରମ ଜାରି ରହିଛି। ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ନବନିଯୁକ୍ତ ଯୁବ ଶିକ୍ଷା ପ୍ରଶାସକଙ୍କ କର୍ତ୍ତବ୍ୟ ନିଷ୍ଠା ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସମୁନ୍ନତ କରିବ ବୋଲି ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା କହିଛନ୍ତି। ଏହି ପରିଭ୍ରମଣ କାର୍ଯ୍ୟକ୍ରମରେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶାହାଙ୍କ ସମେତ ଅତିରିକ୍ତ ନିର୍ଦ୍ଦେଶକ ସରୋଜ କୁମାର ବେହେରା, ଉପ ନିର୍ଦ୍ଦେଶକ ମହେଶ୍ୱର ସାହୁ, ପୁରୀ ଜିଲା ଶିକ୍ଷା ଅଧିକାରୀ ଡ. ବିଶ୍ୱଜିତ୍ ଘୋଷ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମରଥ ଓ ଗୋପ ବ୍ଲକ ଶିକ୍ଷା ଅଧିକାରୀ ସୁଶୀଳ କୁମାର ବ୍ରହ୍ମା ସାମିଲ ଥିଲେ। ସିଆରସିସି ରବୀନ୍ଦ୍ର ନାଥ ବାହିନୀପତି, ଶିକ୍ଷକ ପ୍ରତାପ ରାଉତ ଓ ଶିକ୍ଷକ ରାମକୃଷ୍ଣ ମହାନ୍ତି ଯାତ୍ରୀ ନିବାସଠାରେ ଅତିଥିଙ୍କୁ ସ୍ୱାଗତ କରିଥିଲେ।

# ୪ ମାସ ଶୟନ ଗଲେ ମହାପ୍ରଭୁ

**ଶ୍ରୀମନ୍ଦିରରେ ହରିଶୟନ ଏକାଦଶୀ ନୀତି ସମ୍ପନ୍ନ**

ପୁରୀ, ୨୯।୭(ଅଜିତ ମହାନ୍ତି)

ଶ୍ରାବଣ ମାସ ମଳ ଶୁକ୍ଳପକ୍ଷ ଏକାଦଶୀ ଅବସରରେ ଶନିବାର ଶ୍ରୀମନ୍ଦିରରେ ହରିଶୟନ ଏକାଦଶୀ ନୀତି ସମ୍ପନ୍ନ ହୋଇଛି। ପୌରାଣିକ କଥା ଅନୁଯାୟୀ, ଏହି ଦିନଠାରୁ ଦୀର୍ଘ ୪ ମାସ ପର୍ଯ୍ୟନ୍ତ ମହାପ୍ରଭୁ ଶୟନ କରିଥାନ୍ତି। ସେହିପରି ମହାପ୍ରଭୁଙ୍କ ଶୟନ କାଳ ମଣିଷଙ୍କ ପାଇଁ ଅଶୁଭ କାଳ ଭାବେ ଗ୍ରହଣ କରାଯାଏ। ଏହି ସମୟରେ ଜ୍ୟୋତିଷ ଶାସ୍ତ୍ରମତେ ସୂର୍ଯ୍ୟଙ୍କ ଦକ୍ଷିଣାୟନ ଯୋଗୁ କୌଣସି ଶୁଭକାର୍ଯ୍ୟ କରାଯାଏନାହିଁ। ତେଣୁ ବିବାହ, ବ୍ରତଘର ଆଦି କାର୍ଯ୍ୟ ଏହି ୪ମାସ ପର୍ଯ୍ୟନ୍ତ ହୋଇ ନ ଥାଏ। କାର୍ତ୍ତିକ ମାସ ଏକାଦଶୀ ପରେ ଠାକୁର ଶୟନରୁ ଉଠିଲେ ଶୁଭ କାର୍ଯ୍ୟ କରାଯାଇଥାଏ। ଆଷାଢ଼ ମାସ ଶୁକ୍ଳପକ୍ଷ ଏକାଦଶୀ ଅବସରରେ ରଥ ଉପରେ ଠାକୁର ଥିବା ସମୟରେ ହରିଶୟନ ଏକାଦଶୀ ନୀତି ସମ୍ପନ୍ନ ହୋଇଥାଏ। ଚଳିତ ବର୍ଷ ଯୋଡା ଶ୍ରାବଣ ପଡୁଥିବାରୁ ପରମ୍ପରା ଅନୁଯାୟୀ ଆଷାଢରେ ହରିଶୟନ ଏକାଦଶୀ ନୀତି ନ ହୋଇ ଶ୍ରାବଣ ମଳ ଶୁକ୍ଳ ଏକାଦଶୀରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ହରିଶୟନ ଏକାଦଶୀ ନୀତି ପାଳନ ହୋଇଛି।

ମହାପ୍ରଭୁଙ୍କ ଚନ୍ଦନଲାଗି, ବଡ଼ସିଂହାର ବେଶ, ବଡ଼ସିଂହାର ଭୋଗ, ମଇଲମ ପରେ ଶୟନ ଠାକୁର ରତ୍ନସିଂହାସନକୁ ବିଜେ ହୋଇଥିଲେ। ତିନିଜଣ ପୂଜାପଣ୍ଡା ସାମନ୍ତ ଶୟନ ଠାକୁର ତିନିମୂର୍ତ୍ତି ସୁବର୍ଣ୍ଣ ପ୍ରତିମାଙ୍କୁ ରତ୍ନସିଂହାସନ ଉପରକୁ ବିଜେ କରାଇଥିଲେ। ତିନିମୂର୍ତ୍ତି ମଧ୍ୟରେ ଶ୍ରୀବଳଭଦ୍ରଙ୍କ ବାଡ଼ରେ ବାସୁଦେବ, ଦେବୀ ସୁଭଦ୍ରାଙ୍କ ବାଡ଼ରେ ଭୁବନେଶ୍ୱରୀ ଏବଂ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଶ୍ରୀନାରାୟଣଙ୍କୁ ବିଜେ କରାଯାଇଥିଲା। ଶୟନ ଠାକୁର ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗ ଲାଗିହେଲା ପରେ ମହାସ୍ନାନ ନୀତି ହୋଇଥିଲା। ପରେ ସର୍ବାଙ୍ଗ, ନୂଆ ପତନି ଲୁଗା ଓ ମାଳଫୁଲ ଲାଗି ନୀତି ସମ୍ପନ୍ନ କରାଯାଇଥିଲା। ବଲ୍ଲଭ ବଡ଼ସିଂହାର ବେଶ ସମ୍ପନ୍ନ ପରେ ପୂଜାପଣ୍ଡା ସାମନ୍ତମାନଙ୍କ ଦ୍ୱାରା ଷୋଡ଼ଶ ଉପଚାରରେ ବଲ୍ଲଭ ବଡ଼ସିଂହାର ଭୋଗ ପୂଜା ସମ୍ପନ୍ନ ପରେ ହରିଶୟନ ନୀତି ହୋଇଥିଲା। ଶୟନ ଠାକୁରମାନଙ୍କୁ ହାତରେ ବିଜେ କରାଇ ପୂଜାପଣ୍ଡା ସାମନ୍ତ ଭଣ୍ଡାରଦୁଆର ନିକଟକୁ ନେଇଥିଲେ। ସେଠାରେ ବିଧି ମୁତାବକ ଶୟନ ନୀତି ଅନୁଷ୍ଠିତ ହୋଇଥାଏ। କୋଠ ସୁଆଁସିଆ ଦେଇଥିବା ତାଟପେଡ଼ି, ଦରଜିଙ୍କ ଶେଯ ଓ ତକିଆରେ ଠାକୁରଙ୍କୁ ଶୁଆଇ ଦିଆଯାଇଥିଲା। ମୁଦିରଥ ପ୍ରସାଦ ଲାଗି କରିବା ସହ ପୁଷ୍ପାଞ୍ଜଳି, କର୍ପୂର ଆଳତି ସଞ୍ଜ ଆଳତି ଓ ବନ୍ଦାପନା ଆଦି କରିଥିଲେ। ପେଡ଼ିକୁ ବନ୍ଦ କରାଯାଇ ସମସ୍ତେ ଆସିବା ପରେ ଶୟନ ଘରକୁ ବନ୍ଦ କରାଯାଇଥିଲା।

# ଜିପିଆର୍‌ଏସ୍ ଦ୍ୱାରା ବାଘ ଗଣନା ସହଜ ହେଉଛି

ଭୁବନେଶ୍ୱର, ୨୯।୭(ବନ୍ଦନା ସେଠୀ)

ବିଶ୍ୱ ବ୍ୟାଘ୍ର ଦିବସ ଘୋଷଣା ହେବା ପରେ ଦେଶରେ ବାଘଙ୍କ ସଂଖ୍ୟା ବଢିଛି। ଏବେ ୭୫%ରୁ ଅଧିକ ବାଘ କେବଳ ଭାରତରେ ଅଛନ୍ତି। ଓଡ଼ିଶାରେ ଯଦିଓ ଏହି ସଂଖ୍ୟା କିଛିମାତ୍ରାରେ କମିଛି, ତଥାପି ସମଗ୍ର ବିଶ୍ୱରେ ସବୁଠାରୁ ଅଧିକ ବାଘ ଭାରତରେ ରହିଛନ୍ତି। ପୂର୍ବରୁ ବାଘର ପଗ୍‌ମାର୍କ ଦେଖି ଗଣନା କରାଯାଉଥିଲା। ଏବେ ଜିପିଆର୍‌ଏସ୍ ଆସିଲାଣି। ଟେକ୍ନୋଲୋଜିରେ ପରିବର୍ତ୍ତନ ଘଟିଲେ ତଥ୍ୟରେ ନିଶ୍ଚିତପକ୍ଷେ ଫରକ ଆସିବ। ତେବେ ଏହାଦ୍ୱାରା ବାଘ ଗଣନା ସହଜ ହୋଇପାରୁଛି ବୋଲି ଇଷ୍ଟର୍ନ ଇଣ୍ଡିଆ ଫିଲାଟେଲିକ୍ ଆସୋସିଏଶନ୍ ସେକ୍ରେଟାରି ଶାନ୍ତି ସ୍ୱରୂପ ରଥ କହିଛନ୍ତି। ଶନିବାର ରିଜିଓନାଲ ସାଇନ୍ସ ସେଣ୍ଟରଠାରେ ବିଶ୍ୱ ବ୍ୟାଘ୍ର ଦିବସ ପାଳନ କରାଯାଇଥିଲା।



ଏଥିରେ ଅତିଥି ଭାବେ ଯୋଗଦେଇ ଶାନ୍ତି ସ୍ୱରୂପ କହିଲେ, ମନୁଷ୍ୟମାନେ ଅତ୍ୟଧିକ ମାତ୍ରାରେ ବନ୍ୟଜନ୍ତୁଙ୍କ ଅଞ୍ଚଳକୁ ମାଡିଯାଉଛନ୍ତି। ଫଳରେ ଅନେକ ସମୟରେ ସେମାନେ ଜନବସତି ଅଞ୍ଚଳକୁ ଆସିବା ସହିତ ବିଭିନ୍ନ ସମସ୍ୟା ଦେଖାଦେଉଛି। ସେହିପରି ଶିକାରୀମାନେ ମଧ କେତେକାଂଶରେ ବାଘ ବଂଶ ଲୋପ କରିବାକୁ ଲାଗିପଡିଛନ୍ତି। ତେବେ ଏସବୁ ଦିଗ ପ୍ରତି ଦୃଷ୍ଟି ଦିଆଯିବା ସହ ବାଘଙ୍କ ସୁରକ୍ଷା ଦିଗରେ ଅନେକ ପଦକ୍ଷେପ ନିଆଯାଉଛି ବୋଲି ସେ ମତ ଦେଇଛନ୍ତି। ପୂର୍ବତନ ଆଇଏଫ୍‌ଏସ୍ ଅଧିକାରୀ ସୁରେଶ ଚନ୍ଦ୍ର ମିଶ୍ର ଯୋଗଦେଇ ବାଘଙ୍କ ସୁରକ୍ଷା ଓ ସେମାନଙ୍କ ସହ ଜଡିତ କିଛି ରୋଚକ କଥା ଉପରେ ଆଲୋଚନା କରିଥିଲେ। ରିଜିଓନାଲ ସାଇନ୍ସ ସେଣ୍ଟର ଅଧିକାରୀ କପିଲ ଜୈନ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବାଘକୁ ନେଇ ସାଧାରଣତଃ ଲୋକଙ୍କ ମଧ୍ୟରେ ବେଶି କିଛି ଧାରଣା ନାହିଁ। ତେଣୁ ବାଘ ବିଷୟରେ କିଛି ନୂଆ କଥା ଜାଣିବା ତଥା ବନ୍ୟ ବିଶେଷଜ୍ଞଙ୍କଠାରୁ ସେମାନଙ୍କ ଅନୁଭୂତି ଜାଣିବା ସକାଶେ ପିଲାଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ବୋଲି ଜୈନ କହିଥିଲେ। ଏହି ଅବସରରେ ଏକ ପ୍ରଦର୍ଶନୀର ଆୟୋଜନ ହୋଇଥିଲା। ବାଘଙ୍କ ସଂରକ୍ଷଣ, ସେମାନଙ୍କ ଚାଲିଚଳଣ, ଜଙ୍ଗଲ ନିଆଁ କମାଇବା ଆଦି ବିଭିନ୍ନ ଦିଗକୁ ଏଥିରେ ଦର୍ଶାଯାଇଥିଲା।

## ସଂକ୍ଷେପରେ

### ପୂଜା ପାଉଥିବା ଭାସମାନ ପଥରରେ ବର୍ଣ୍ଣିତ ମୂର୍ତ୍ତିକୁ ନେଇ ଚର୍ଚ୍ଚା



ଗୋପ,୨୯।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ରାଞ୍ଚ କେନାଲରୁ ମିଳିଥିବା ଭାସମାନ ଅଲୌକିକ ପଥରର ୪ ପାର୍ଶ୍ୱରେ ବିଭିନ୍ନ ଦେବଦେବୀଙ୍କ ଫଟୋ ଦେଖା ଦେବାକୁ ନେଇ ଏବେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଏପରି କି ପୂଜାର୍ଚ୍ଚନା ହେଉଥିବା ଏହି ଭାସମାନ ଅଲୌକିକ ପଥର ଦେଖିବା ପରେ କଳିଯୁଗର ଶେଷ ହେବ ସତ୍ୟଯୁଗ ଫେରିବ ବୋଲି ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିଶ୍ୱାସ ଆସିଛି ବୋଲି ଦକ୍ଷିଣେଶ୍ୱର ପୂଜକ ଗୋପାଳ ଚନ୍ଦ୍ର ପାଢ଼ୀ, ବାୟାକୁଦା ଗ୍ରାମର ଯୋଗେନ୍ଦ୍ର ସେନାପତିଙ୍କ ସହିତ ଅନେକ ଶ୍ରଦ୍ଧାଳୁ ଓ ଭକ୍ତମାନେ କହିଛନ୍ତି। ଏହି ଭାସମାନ ଅଲୌକିକ ପଥରରେ ରାଧାକୃଷ୍ଣ, ହନୁମାନ ଓ ମା' ତାରିଣୀଙ୍କ ଫଟୋ ଦେଖାଯାଉଛି। ଅଲୌକିକ ପଥର ଦେଖିବାକୁ ଶନିବାର ଦିନସାରା ଭିଡ଼ ଦେଖାଦେଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ଶୁକ୍ରବାର ଅପରାହ୍ନରେ କେନାଲରେ ସଞ୍ଜୟ ବେହେରା ତାଙ୍କ ମଇଁଷି ଗୋଠକୁ ଗାଧେଇବାକୁ ନେବାବେଳେ ଅଲୌକିକ ପଥର ଭାସିଯାଉଥିବା ଦେଖି ଉପରକୁ ଆଣିଥିଲେ। ଏହାପରେ ସ୍ଥାନୀୟ ଅଞ୍ଚଳର ଲୋକେ ଉକ୍ତ ପଥରକୁ ନେଇ ନିକଟ ବଳରାମ ଦାସଙ୍କ ସମାଧି ପୀଠରେ ରଖିଥିଲେ।

### ଭାଜପା ପକ୍ଷରୁ ବନ୍ଧୁମିଳନ କାର୍ଯ୍ୟକ୍ରମ

ପୁରୀ,୨୯।୭(ଅଜିତ ମହାନ୍ତି):

ପୁରୀ ଲୋକ ସଭା ଅନ୍ତର୍ଗତ ବ୍ରହ୍ମଗିରି ବିଧାନସଭାର ୧୧ ପଞ୍ଚାୟତରେ ଭାରତୀୟ ଜନତା ପାର୍ଟି (ଭାଜପା)ର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର, ଯୁବନେତ୍ରୀ ଉପାସନା ମହାପାତ୍ର ଏବଂ ଜିଲାର ବରିଷ୍ଠ କର୍ମକର୍ତ୍ତାଙ୍କ ସମେତ ୧୧ ପଞ୍ଚାୟତର ୩୦୦ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ସମ୍ବିତ ପାତ୍ର ସମ୍ବୋଧିତ କରି କହିଥିଲେ, ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ଲଗାତାର ତୃତୀୟଥର ପାଇଁ ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରିବା ପାଇଁ ପରିଶ୍ରମ କରୁଛନ୍ତି। ମୋଦୀ ସରକାରଙ୍କ କଲ୍ୟାଣକାରୀ ଯୋଜନା ଓ ବିକାଶଧାରାକୁ ନେଇ ଲୋକେ ଉତ୍ସାହିତ ଅଛନ୍ତି। ସେମାନେ ଏଥର ପୁରୀ ଲୋକ ସଭାରେ ପଦ୍ମ ଫୁଟେଇବେ ବୋଲି ଆଶା କରୁଛି।

# ତନ୍ତ୍ର ସାଧନାରେ ବ୍ୟାଘାତ ଯୋଗୁ ମାରିଦେଲେ

ପୁରୀ, ୨୯।୭(ଅଜିତ ମହାନ୍ତି):

**ସାଧୁଙ୍କୁ ହତ୍ୟା ମାମଲା**

- ଜେଲ୍ ଗଲେ ଅଭିଯୁକ୍ତ ବିଷ୍ଣୁ ବାବା
- ତଦନ୍ତ ପରେ କାରଣ ସ୍ପଷ୍ଟ ହେବ: ପୋଲିସ

ପୁରୀ ବାସେଳିସାହି ଥାନା ଅଞ୍ଚଳରେ ଥିବା ଗୁରୁକୃପା ଆଶ୍ରମରେ ଶୁକ୍ରବାର ହତ୍ୟାକାଣ୍ଡ ଘଟାଇଥିବା ଅଭିଯୁକ୍ତ ସାଧୁ ବିଷ୍ଣୁବାବା ଓରଫ ରବୀନ୍ଦ୍ର ଜେନାଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। କୋର୍ଟରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ବିଷ୍ଣୁ ବାବାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ପୋଲିସ ପକ୍ଷରୁ ଏକ କେସ୍ (ନଂ. ୧୬୫/୨୩) ରୁଜୁ ହୋଇଛି। ସେହିପରି ହତ୍ୟାର ଶିକାର ହୋଇଥିବା ଅର୍ଜୁନ ବାବା ଓରଫ ନାରୁଗୋପାଳ ମିଶ୍ରଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଅପରପକ୍ଷେ ଆଶ୍ରମର ପରିଚାଳକ ରାଧାମାଧବ ଦାସ ଏହି ଘଟଣା ସମ୍ପର୍କରେ ମୁହଁ ଖୋଲିଛନ୍ତି। ଉଭୟ ବିଷ୍ଣୁବାବା ଏବଂ ଅର୍ଜୁନ ବାବା ତନ୍ତ୍ର ସାଧନା କରୁଥିଲେ। ତନ୍ତ୍ର ସାଧନାରେ ବ୍ୟାଘାତ ହେବାରୁ ଅର୍ଜୁନ ବାବାଙ୍କୁ ବିଷ୍ଣୁବାବା ପିଟି ମାରିଦେଲେ ବୋଲି ଦାସ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ତେବେ ତଦନ୍ତ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, ବାସେଳିସାହି ଥାନା ଅନ୍ତର୍ଗତ ଲୋକନାଥ ରୋଡ୍‌ରେ ଥିବା ଗୁରୁକୃପା ଆଶ୍ରମରେ ଶୁକ୍ରବାର ଅର୍ଜୁନ ବାବାଙ୍କୁ କୌଣସି କାରଣକୁ ନେଇ ବିଷ୍ଣୁ ବାବା ପିଟି ପିଟି ହତ୍ୟା କରିଥିଲେ। ସେହିପରି ତାଙ୍କ ଆକ୍ରମଣରେ ଅନ୍ୟଜଣେ ସାଧୁ ଆହତ ହୋଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ କାଠଫାଳିଆ ଓ ବ୍ଲେଡ୍ ଜବତ କରିଥିଲା। ସେହିପରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଅପରାଧରେ ବ୍ଲେଡ୍ ବ୍ୟବହାରକୁ ନେଇ ପୋଲିସ ତନାଘନା ଚଳାଇଛି। ମୃତ ଅର୍ଜୁନ ବାବାଙ୍କ ଶରୀରର କୌଣସି ସ୍ଥାନରେ ବ୍ଲେଡ୍ କଟାଦାଗ ରହିଛି କି ନାହିଁ ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ପୋଲିସ କହିଛି। ଗୁରୁକୃପା ଆଶ୍ରମର ପରିଚାଳକ ଦାୟିତ୍ୱରେ ଥିବା ରାଧାମାଧବ ଦାସ କହିଛନ୍ତି, ବିଷ୍ଣୁ ବାବା ଏବଂ ଅର୍ଜୁନ ବାବା ଆଶ୍ରମର ଉପର ମହଲାରେ ରହୁଥିଲେ। ଶୁକ୍ରବାର ବିଷ୍ଣୁ ବାବା ଅର୍ଜୁନ ବାବାଙ୍କୁ ହତ୍ୟା କରି ତଳକୁ ଆସିବା ସମୟରେ ତାଙ୍କ ଶରୀର ଓ ମୁହଁରେ ରକ୍ତ ଲାଗିଥିଲା। ସେ ଅଭିଯୋଗ କରିଛନ୍ତି ଯେ, ବିଷ୍ଣୁ ବାବା ତନ୍ତ୍ର ସାଧନାରେ ଲିପ୍ତ ଥିବାରୁ ରକ୍ତ ଶୋଷିଛନ୍ତି। ତନ୍ତ୍ର ସାଧନାରେ ବ୍ୟାଘାତ ହେବାରୁ ବିଚଳିତ ଓ କ୍ରୋଧିତ ହୋଇ ଏପରି ଘଟଣା ଘଟାଇଛନ୍ତି। ଉଭୟ ବାବା ତନ୍ତ୍ର ସାଧନା କରୁଥିଲେ। ହତ୍ୟାକାଣ୍ଡର ମୂଳ କାରଣ ତନ୍ତ୍ର ସାଧନା ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି ଆଶ୍ରମରେ ରହୁଥିବା ସାଧୁ ଦୟାନିଧି ବାବାଙ୍କୁ ମଧ୍ୟ ଅଭିଯୁକ୍ତ ବିଷ୍ଣୁ ବାବା ତଳେ ପକାଇ ତାଙ୍କ ମୁଣ୍ଡରେ ପଥର ଛେଚି ମାରିଦେବାକୁ ଚେଷ୍ଟା କରିଥିଲେ। ଦୟାନିଧି ବାବା ଗୁରୁତର ଆହତ ହୋଇ ଏବେ ଭୁବନେଶ୍ୱରରେ ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଏସ୍‌ପି କନୱର ବିଶାଲ ସିଂହ କହିଛନ୍ତି, ସମ୍ପୂର୍ଣ୍ଣ ତଦନ୍ତ ସରି ରିପୋର୍ଟ ଆସିବା ପରେ କାରଣ ସମ୍ପର୍କରେ ସ୍ପଷ୍ଟ ହେବ। ଥାନା ଅଧିକାରୀ ତଦନ୍ତ କରୁଥିବାବେଳେ ଅତିରିକ୍ତ ଏସ୍‌ପି ମାମଲା ପରିଚାଳନା କରୁଛନ୍ତି। ୩୦ ଦିନ ମଧ୍ୟରେ ଚାର୍ଜଶିଟ୍ ଦାଖଲ କରିବା ପାଇଁ ପୋଲିସ ଲକ୍ଷ୍ୟ ରଖିଛି।

# ସାହିତ୍ୟ ବଞ୍ଚିଲେ ସମାଜ ବଞ୍ଚିବ



ସାକ୍ଷୀଗୋପୀନାଥ ଦେବଙ୍କ ମନ୍ଦିର ସମ୍ମୁଖରେ ପୁସ୍ତକ ଲୋକାର୍ପଣ କରାଯାଉଛି ।

ସାକ୍ଷୀଗୋପାଳ,୨୯।୭ (ଭରତ ରାଉତ/ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

**'କର୍ମ ଘେନି ଫଳ' ପୁସ୍ତକ ଲୋକାର୍ପିତ**

ନୀଳଚକ୍ର ପ୍ରକାଶନ, ଡେଲାଙ୍ଗ, ପୁରୀ ପକ୍ଷରୁ ସାରସ୍ୱତ ସାଧକ 'ଫକୀର ଚରଣ ପାଢ଼ୀ'ଙ୍କ ରଚିତ 'କର୍ମ ଘେନି ଫଳ' ପୁସ୍ତକ ଏକାଦଶୀ ତିଥିରେ ସାକ୍ଷୀଗୋପୀନାଥ ଦେବଙ୍କ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶନିବାର ଲୋକାର୍ପିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ 'ବନ୍ଦନା' ପତ୍ରିକାର ସମ୍ପାଦକ ତଥା ଲେଖକ ରବୀନ୍ଦ୍ରନାଥ ଷଡ଼ଙ୍ଗୀ ପୁସ୍ତକ ଲୋକାର୍ପଣ କରିଥିଲେ। ସାହିତ୍ୟ ବଞ୍ଚିଲେ ସମାଜ ବଞ୍ଚିବ, ସାହିତ୍ୟ ଅବକ୍ଷୟ ରୋକିବା ଏବଂ ଉତ୍ତମ ସାହିତ୍ୟ ସୃଷ୍ଟି କରିବାକୁ ସେ ସାହିତ୍ୟିକଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଉକ୍ତ ପୁସ୍ତକ ସମସ୍ତଙ୍କ ମନକୁ ଛୁଇଁବ ବୋଲି ମତବ୍ୟକ୍ତ କରି ସାରସ୍ୱତ ସାଧକ ପାଢ଼ୀଙ୍କ ଲେଖନୀ ଚାଳନାର ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଲେଖିକା ବନ୍ଦନା ମହାପାତ୍ର, ସୁଜାତା ଦେବୀ, ବରିଷ୍ଠ ଖବରଦାତା କିଶୋରଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ହୋଇ ଲେଖକଙ୍କ ରଚିତ କାଳଜୟୀ ପୁସ୍ତକଗୁଡ଼ିକର ବ୍ୟାଖ୍ୟା କରିଥିଲେ। ପ୍ରକୃତିମିତ୍ର ପୁରସ୍କୃତ ତଥା ଆଇନଜୀବୀ ହୃଷୀକେଷ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ କରିଥିଲେ।



ଗୋପ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳାରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ ।

# ସଂସ୍କାର, ଶିକ୍ଷା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ

ଗୋପ,୨୯।୭ (ଭାରତୀ ଭୂଷଣ ଉପାଧ୍ୟାୟ)

**ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା**

ସଂସ୍କାର ଓ ଶିକ୍ଷା ହେଉଛି ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ। ସଂସ୍କାର ରହିଲେ ଶିକ୍ଷାକ୍ଷେତ୍ରରେ ଆଗକୁ ଯାଇପାରିବ। ଶିକ୍ଷା ସହିତ ସଂସ୍କାରୀ ହେବାର ଆବଶ୍ୟକତା ଅଧିକ ରହିଛି। ଗୋପ ନିଗମାନନ୍ଦ ଖେଳପଡ଼ିଆ ନିକଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଇଞ୍ଜିନିୟର ରବିନାରାୟଣ ପାଇକରାୟ ଯୋଗଦେଇ ଏହା କହିଥିଲେ। ସରସ୍ୱତୀ ଶିଶୁ ମନ୍ଦିରର ସଭାପତି ତଥା ଶିକ୍ଷାବିତ୍ ଦାମୋଦର ପାଢ଼ୀ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋପ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ, ଶିକ୍ଷାବିତ୍ ନାରାୟଣ ସେନାପତି, ଯୋଗେଶଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଗୁଣାତ୍ମକ ଶିକ୍ଷା ଆମମାନଙ୍କ ଗତିପଥ ବଦଳାଇ ଦେଇପାରିବ ବୋଲି କହିଥିଲେ। ଏହି ମେଳାରେ ଗଣିତ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରଶ୍ନମଞ୍ଚ, ଗଣିତ ପ୍ରୟୋଗ, ବିଜ୍ଞାନ ପ୍ରୟୋଗ ସହିତ ଆଉ କେତେକ ଶିକ୍ଷାକୁ ନେଇ ୮୯ଜଣ ଶିଶୁ ପ୍ରାରମ୍ଭଠାରୁ ୮ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୨୬ ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜ୍ଞାନ ବିଜ୍ଞାନ ପ୍ରକଳ୍ପଗୁଡ଼ିକୁ ବିଚାରକମଣ୍ଡଳୀ ବୁଲି ଦେଖିବା ସହ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସରସ୍ୱତୀ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ତୋଫାନ ଦଳାଇ, ସ୍କୁଲ ସମ୍ପାଦକ ସତ୍ୟନାରାୟଣ ସେନାପତି, ସହସମ୍ପାଦକ କମ୍ବୁ ପାଣି ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିବାବେଳେ ଆଚାର୍ଯ୍ୟ ପ୍ରତିନିଧି ବବିତା ପ୍ରଧାନ, ତୃପ୍ତିମୟୀ ସାହୁ, ସ୍ମିତାରେଖା ଜେନା, ବବିତା ସେନାପତି, ବନିତା ଦେଇ, ଅନନ୍ୟା ପ୍ରିୟଦର୍ଶିନୀ ପାତ୍ର, ଦିଲୀପ ଭୋଇ, ଦେବାଶିଷ ଦିକ୍ଷିତ, ଅଶୋକ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ସମୁଦ୍ରରେ ଭାସିଯାଇ ପର୍ଯ୍ୟଟକ ନିଖୋଜ

### ୨ଜଣଙ୍କୁ ଉଦ୍ଧାର କଲେ ଲାଇଫ୍ ଗାର୍ଡ

ପୁରୀ, ୨୯।୭(ଅଜିତ ମହାନ୍ତି):

ପୁରୀ ସମୁଦ୍ରରେ ଶନିବାର ଏକ ଅଘଟଣ ଘଟିଛି। ସମୁଦ୍ରରେ ଗାଧୋଉଥିବା ବେଳେ ଜଣେ ପର୍ଯ୍ୟଟକ ଭାସିଯାଇ ନିଖୋଜ ହୋଇଥିବା ସୂଚନା ମିଳିଛି। ସେ ହେଲେ ବାଲେଶ୍ୱର ଜିଲା ଗୋପୀନାଥପୁର ଅଞ୍ଚଳର ସଞ୍ଜୟ କୁମାର ଜେନା(୨୯)। ଅଗ୍ନିଶମ ବାହିନୀ ସହାୟତାରେ ଲାଇଫ୍‌ଗାର୍ଡମାନେ ତାଙ୍କୁ ଉଦ୍ଧାର କରିବାକୁ ଖୋଜାଖୋଜି ଜାରି ରଖିଛନ୍ତି। ସୂଚନା ଅନୁଯାୟୀ, ସଞ୍ଜୟ ତାଙ୍କ ସମ୍ପର୍କୀୟମାନଙ୍କ ସହ ପୁରୀ ବୁଲିବାକୁ ଆସି ଶନିବାର ପୂର୍ବାହ୍ନ ୧୧ଟାରେ ବେଳାଭୂମିର ସେକ୍ଟର ୮ ଏବଂ ୯ଠାରେ ଗାଧୋଉଥିଲେ। ଏହି ସମୟରେ ଉଚ୍ଛଳହଡ଼ି ମାଡ଼ରେ ସେ ସମୁଦ୍ର ଭିତରକୁ ଭାସିଯାଇଥିଲେ। ସେଠାରେ ମୁତୟନ ଥିବା ଲାଇଫଗାର୍ଡମାନେ ସମୁଦ୍ରକୁ ଯାଇ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ପରେ ଅଗ୍ନିଶମ ବାହିନୀ ଏବଂ ଲାଇଫ ଗାର୍ଡ ପକ୍ଷରୁ ମିଳିତ ଭାବେ ସ୍ପିଡ୍ ବୋଟ୍ ମାଧ୍ୟମରେ ଖୋଜାଖୋଜି ଚାଲିଛି। ଅପରପକ୍ଷେ ସମୁଦ୍ରରେ ଭାସିଯାଉଥିବା ଅନ୍ୟ ୨ଜଣ ପର୍ଯ୍ୟଟକଙ୍କୁ ଉଦ୍ଧାର କରାଯାଇଛି। ଅନୁଗୋଳ ଜିଲାର ରାକେଶ ଦାସ (୨୨) ଅପରାହ୍ନ ୨ଟା ୫୫ରେ ସେକ୍ଟର ୫ରେ ଗାଧୋଉଥିବାବେଳେ ସମୁଦ୍ର ଭିତରକୁ ଭାସି ଯାଇଥିଲେ। ସେହିପରି ଅପରାହ୍ନ ୩ଟା ୧୫ରେ ଛତିଶଗଡ଼ର ଜଗନ୍ନାଥ ଯାଦବ ସେକ୍ଟର ୮ରେ ଗାଧୋଉଥିବାବେଳେ ଭାସିଯାଇଥିଲେ। ଉଭୟଙ୍କୁ ଲାଇଫଗାର୍ଡ ଉଦ୍ଧାର କରିଥିଲେ।

# ଜ୍ଞାନବିଜ୍ଞାନ ମେଳା: ଭାଗନେଲେ ୫୦ ଛାତ୍ରୀଛାତ୍ର



ଜଣେ ପ୍ରତିଯୋଗୀ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

ପୁରୀ, ୨୯।୭(ଅଜିତ ମହାନ୍ତି):

ମଧୁବନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପ୍ରତିଭାଗୀମାନଙ୍କୁ ବିଭିନ୍ନ ବର୍ଗରେ ବିଭକ୍ତ କରି ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। ଔଷଧୀୟ ଉଦ୍ୟାନ ପ୍ରତିଷ୍ଠା, ବୈଜ୍ଞାନିକଙ୍କ ଜୀବନୀ ସହ ବୈଜ୍ଞାନିକ ପ୍ରଫୁଲ୍ଲ ରାୟଙ୍କ ଜୀବନୀ ଉପରେ କଥନ କାର୍ଯ୍ୟକ୍ରମରେ ଶିଶୁମାନେ ଅଂଶଗ୍ରହଣ କରିଥିଲେ। ପ୍ରାୟ ୫୦ ଜଣ ଛାତ୍ରୀଛାତ୍ର ଏହି ବିଜ୍ଞାନ ମେଳାରେ ଭାଗନେଇଥିଲେ। ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ଅନୋଖି ମିଶ୍ର ନିମଗଛର ଔଷଧୀୟ ଗୁଣ ସମ୍ପର୍କରେ ବୁଝାଇବା ସହ ଚାରା ରୋପଣ ପାଇଁ ବାର୍ତ୍ତା ଦେଇଥିଲେ। ଏହି ପ୍ରକଳ୍ପ ପାଇଁ ଅନୋଖି ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ବିଜ୍ଞାନ ଶିକ୍ଷୟିତ୍ରୀଶିକ୍ଷକମାନେ ବିଚାରକ ଭାବେ ଯୋଗଦେଇ ପ୍ରତ୍ୟେକ ବିଭାଗରୁ ୩ଜଣ ଲେଖାଏ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉଦ୍‌ଯାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମମତା ମିଶ୍ର, ସମ୍ମାନିତ ଅତିଥି ଭାବେ ପୁରୀ ବିଜ୍ଞାନ ପର୍ଯ୍ୟବେକ୍ଷକ ତାପସ ପ୍ରିୟଦର୍ଶନ ଯୋଗଦେଇ ଶ୍ରେଷ୍ଠ ପ୍ରତିଭାଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

## ଟ୍ରେନ୍ ଲାଇନ ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଜବତ

ଡେଲାଙ୍ଗ,୨୯।୭(ରଶ୍ମି ରଞ୍ଜନ ପ୍ରଧାନ):

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଜଗଦଳପୁର ନିକଟ ଟ୍ରେନ୍‌ଲାଇନ ପାର୍ଶ୍ୱରୁ ଜିଆର୍‌ପି ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତ ଯୁବକ ହେଲେ ଛତିଶଗଡ ପେଣ୍ଡୁରା ଅଞ୍ଚଳର ପ୍ୟାରେଲାଲଙ୍କ ପୁଅ ରବି(୧୮)। ସୂଚନା ଅନୁଯାୟୀ, ଶନିବାର ସକାଳେ ଟ୍ରାକ୍‌ମ୍ୟାନ କୁମାର ବହିଆ ରେଳଧାରଣାର ତଦାରଖ କରୁଥିଲେ। ଜଣେ ଯୁବକ ରେଳଧାରଣା କଡରେ ଖୁଣ୍ଟି ନଂ.୪୯୫/୪ ନିକଟରେ ପଡିଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ରେଳ ଫାଟକ ଜଗୁଆଳିଙ୍କୁ ଜଣାଇବା ସହିତ ସାକ୍ଷୀଗୋପାଳ ଜିଆରପି ଫାଣ୍ଡିକୁ ଖବର ଦେଇଥିଲେ। ଖବରପାଇ ଜିଆରପି ଫାଣ୍ଡି ଅଧିକାରୀ ଇନ୍ଦୁମତି ଶୁକ୍ଲା ସଦଳବଳ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ। ରବିଙ୍କ ପକେଟରୁ ଆଧାର କାର୍ଡ ଓ କିଛି ଟଙ୍କା ପୋଲିସ ଜବତ କରିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୩)ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଫାଣ୍ଡି ଅଧିକାରୀ ଶୁକ୍ଲା କହିଛନ୍ତି।

## ତୃତୀୟା ଦେବ ସାହିତ୍ୟ ସଂସଦର କର୍ମକର୍ତ୍ତା ନିର୍ବାଚିତ

ସାକ୍ଷୀଗୋପାଳ ୨୯।୭(ଭରତ ରାଉତ)

ତୃତୀୟା ଦେବ ସାହିତ୍ୟ ସଂସଦର ଏକ ସ୍ୱତନ୍ତ୍ର ବୈଠକ ସ୍ଥାନୀୟ ଶୁକଳ ପଞ୍ଚାୟତର ଶୁକଳ ତୃତୀୟା ଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭାଷା, ସାହିତ୍ୟର ସୁରକ୍ଷା, ବିକାଶ ଓ ପ୍ରଚାର ପ୍ରସାର ନିମିତ୍ତ ଆବଶ୍ୟକ ହେଉଥିବା ଅନୁଶାସିକ ଉପଲବ୍ଧତା ଆଲୋଚନାକୁ ନେଇ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା। ଶିକ୍ଷାବିତ୍ କୃଷ୍ଣମୋହନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମାସିକ ସାହିତ୍ୟ ଆସର, କବିତା ପାଠୋତ୍ସବ, ଗଳ୍ପ, ପ୍ରବନ୍ଧ ଓ ସଂସଦର ମୁଖ୍ୟପତ୍ର ପ୍ରଚଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଂସଦର କର୍ମକର୍ତ୍ତା ନିର୍ବାଚନରେ ସଭାପତି ଭାବେ କୃଷ୍ଣମୋହନ ମହାନ୍ତି, ସମ୍ପାଦକ ଦୀନକୃଷ୍ଣ ପ୍ରଧାନ, ଯୁଗ୍ମ ସମ୍ପାଦକ ସରୋଜ ବରାଳ, ସହ ସମ୍ପାଦିକା ସୁମିତ୍ରା ପ୍ରଧାନ ମନୋନୀତ ହୋଇଥିଲେ। ଏଥିସହ ଦିଲୀପ ଶ୍ରୀଚନ୍ଦନଙ୍କୁ ଉପସଭାପତି, ଶଙ୍କର୍ଷଣ ପରିଡ଼ା ଓ କୈବଲ୍ୟ ଚରଣ ପତି ଉପଦେଷ୍ଟା ଭାବେ ଚୟନ କରାଯାଇଛି।



ବୈଠକରେ ଉପସ୍ଥିତ ସାହିତ୍ୟ ସଂସଦର କର୍ମକର୍ତ୍ତାମାନେ ।

# ସେବାୟତ, ପ୍ରଶାସନିକ ଅଧିକାରୀଙ୍କୁ ରଥସେବା ସମ୍ମାନ

ପୁରୀ, ୨୯।୭:



କାର୍ଯ୍ୟକ୍ରମରେ ସେବାୟତମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି । (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

ଚଳିତ ବର୍ଷର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅତ୍ୟନ୍ତ ଶୃଙ୍ଖଳିତ ଭାବେ ଶେଷ ହୋଇସାରିଛି। ବିପୁଳ ଭକ୍ତଙ୍କ ସମାଗମ ସତ୍ତ୍ୱେ ସମସ୍ତଙ୍କ ସହଯୋଗ ସର୍ବୋପରି ବିଶ୍ୱନିୟନ୍ତାଙ୍କ ଆଶୀର୍ବାଦରୁ ଏହା ସଫଳ ହୋଇପାରିଛି। ତେଣୁ ରଥ ନିର୍ମାଣଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟରେ ସହଯୋଗ କରିଥିବା ସେବାୟତ, ରଥ ସେବକ, ପ୍ରଶାସନିକ କର୍ମକର୍ତ୍ତା, ଶ୍ରୀମନ୍ଦିର ପ୍ରଶାସନ ଏଥିପାଇଁ ଧନ୍ୟବାଦର ପାତ୍ର ବୋଲି ଶୁକ୍ରବାର ପୁରୀ ରାଜଭବନ ପରିସରରେ ଅନୁଷ୍ଠିତ ରଥସେବା ସମ୍ମାନ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ରଥଯାତ୍ରାର ସଫଳତା ପାଇଁ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ପୁରୀ ଏକ ଶ୍ରେଷ୍ଠ ଧାର୍ମିକ ଓ ପର୍ଯ୍ୟଟନ କ୍ଷେତ୍ରରେ ପରିଗଣିତ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଯୋଗଦେଇ କହିଥିଲେ, ମହାପ୍ରଭୁଙ୍କ ଯାତ୍ରାକୁ ନିଜେ ମହାପ୍ରଭୁ ପରିଚାଳନା କରନ୍ତି। ତେବେ ଆମେ ସମସ୍ତେ ସହଯୋଗୀ ଭାବେ କାର୍ଯ୍ୟ କରି ଏହାକୁ ସଫଳ କରିପାରିବା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ନାଲ୍କୋ ଅଧ୍ୟକ୍ଷ ତଥା ଏମ୍‌ଡି ଶ୍ରୀଧର ପାତ୍ର, ଓଡ଼ିଶା ମୋ ପରିବାର ସଂଯୋଜକ ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ରଥ ନିର୍ମାଣ, ରଥଯାତ୍ରାଠାରୁ ମହାପ୍ରଭୁଙ୍କ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସେବା ଉଚ୍ଚକୋଟିର ଏବଂ ସମ୍ପୃକ୍ତ ସେବକମାନଙ୍କ ନିଷ୍ଠାପର ଓ ସମର୍ପିତ ସେବା ପ୍ରଶଂସନୀୟ ବୋଲି କହିଥିଲେ। ପ୍ରାରମ୍ଭରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ସମ୍ପାଦକ ରାଜେଶ କୁମାର ମହାନ୍ତି ସ୍ୱାଗତ ଜଣାଇବା ସହ ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସଂଯୋଜକ ଶ୍ୟାମସୁନ୍ଦର ସେନାପତି ଓ ବିଶ୍ୱନାଥ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଉପଦେଷ୍ଟା ଗୌରହରି ପ୍ରଧାନ, ମୁଖ୍ୟ ସଂଯୋଜକ ହେକ୍ଟର ମିଶ୍ର, ସଙ୍ଗଠନ ସମ୍ପାଦକ ସତ୍ୟବ୍ରତ ଦାସ, କୋଷାଧ୍ୟକ୍ଷ ନାରାୟଣ ପାତ୍ର, ପୁଷ୍କର ସାହୁ, ପୂର୍ଣ୍ଣଚନ୍ଦ୍ର ଓଝା, ଦାମୋଦର ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ସେବାୟତ, ରଥ ନିର୍ମାଣ ସେବକ, ପ୍ରଶାସନିକ ଅଧିକାରୀ ଓ ଅନ୍ୟାନ୍ୟ କ୍ଷେତ୍ରର ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେବାୟତମାନଙ୍କ ମଧ୍ୟରେ ହଳଧର ଦାସମହାପାତ୍ର, ରାମଚନ୍ଦ୍ର ଦାସମହାପାତ୍ର, ଜଗନ୍ନାଥ ସ୍ୱାଇଁ ମହାପାତ୍ର, ନବ କିଶୋର ପତିମହାପାତ୍ର , ପାଟଯୋଶୀ ଜନାର୍ଦ୍ଦନ ଦାସ ମହାପାତ୍ର, ଭିତରଛ ଭବାନୀ ଶଙ୍କର ମହାପାତ୍ର, ରାମକୃଷ୍ଣ ଦାସମହାପାତ୍ର, ତଳୁଛ ବାସୁଦେବ ମହାପାତ୍ର, ନାରାୟଣ ମୁଦିରସ୍ତ, ରାମଚନ୍ଦ୍ର ବଡ଼ପଣ୍ଡା ସାମନ୍ତ, ମାଧବ ଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ରବି ନାରାୟଣ କର, ରାମ ନାରାୟଣ ଗୋଛିକାର, ନାରାୟଣ ମହାସୁଆର, ଦାମୋଦର ପଣ୍ଡା, ଜନ୍ମେଶ୍ୱର ପଣ୍ଡା, ରଜତ କୁମାର ପ୍ରତିହାରୀ, ହରି ନାରାୟଣ ଖୁଣ୍ଟିଆ, ରବିନାରାୟଣ ଖୁଣ୍ଟିଆ, ନାରାୟଣ ମେକାପ, ଶନିରଞ୍ଜନ ପଣ୍ଡା, ଫକିର ପଣ୍ଡା, ମଦନମୋହନ ଦତ୍ତ ମହାପାତ୍ର, ଅନନ୍ତ କୁମାର ତିଆଡ଼ି, ସୁଜିତ କୁମାର ମହାନ୍ତି, ରବିନାରାୟଣ ପଣ୍ଡା, ଜଗନ୍ନାଥ ରାଉତ, ଭୀମସେନ ଆପଟ, ସନ୍ଦୀପ ମୁଦୁଲି, ଶ୍ରୀକାନ୍ତ ବେଜ, ସୁବାସ ଚନ୍ଦ୍ର ମହାନ୍ତି, ସୂର୍ଯ୍ୟକାନ୍ତ ଘଟୁଆରୀ, ଦୁର୍ଗାପ୍ରସାଦ ପଣ୍ଡା, ଗଣେଶ ମହାସୁଆର, ରବିନାରାୟଣ ଦାଶ, ଦ୍ୱାରିକାନାଥ ପ୍ରଧାନୀ, କୃଷ୍ଣଚନ୍ଦ୍ର ମହାପାତ୍ର, ଗଣେଶ ମେକାପ, ନରସିଂହ ମେକାପ, ରାମଚନ୍ଦ୍ର ମୁଦ୍ରା, ଚନ୍ଦ୍ରଶେଖର ମଙ୍ଗରାଜ, ସୁଧାଂଶୁ ଶେଖର ପଟ୍ଟନାୟକ, ମଦନମୋହନ ଖୁଣ୍ଟିଆ, ରାମଚନ୍ଦ୍ର ସୁଆର, ନରସିଂହ ମହାପାତ୍ର, ଲକ୍ଷ୍ମୀଧର ରଣା, ଦୋଳଗୋବିନ୍ଦ ପଣ୍ଡା, ମାଧବ ଚନ୍ଦ୍ର ପଣ୍ଡା, ଈଶ୍ୱର ଚନ୍ଦ୍ର ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ପ୍ରଶାସନିକ ସେବା କ୍ଷେତ୍ରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂହ, ଜ୍ଞାନରଞ୍ଜନ ମହାପାତ୍ର, ପ୍ରଦୀପ କୁମାର ସାହୁ, କୈଳାସ ଚନ୍ଦ୍ର ନାୟକ, ଶରତ କୁମାର ମହାପାତ୍ର, ଜିତେନ୍ଦ୍ର କୁମାର ସାହୁ, ଭବତାରଣ ସାହୁ, ଜ୍ୟୋତିଶଙ୍କର ମହାପାତ୍ର, ସରୋଜ କୁମାର ସ୍ୱାଇଁ, ସନ୍ତୋଷ କୁମାର ସେଠୀ, ହେମନ୍ତ କୁମାର ବେହେରା, ସରୋଜ କାନ୍ତ ପ୍ରଧାନ, ଚନ୍ଦନ କୁମାର ସାହୁ, ଇଂ. ଅଜିତ କୁମାର ମହାପାତ୍ର, ଇଂ. ଅଭିମନ୍ୟୁ ବାରିକ, ସୁଜାତା ମିଶ୍ର, ସ୍ମୃତିରଞ୍ଜନ ସ୍ୱାଇଁ, ଭବାନୀ ଶଙ୍କର ମହାନ୍ତି, ରବିନ କୁମାର ପଟ୍ଟନାୟକ, ନାରାୟଣ ଦାସ, ସୁନୀଲ୍ କୁମାର ପ୍ରଧାନ, ଯୋଗେଶ ଚନ୍ଦ୍ର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ବିଶ୍ୱକର୍ମା ସେବକ ଭାବେ ବିଜୟ କୁମାର ମହାପାତ୍ର, କୃଷ୍ଣଚନ୍ଦ୍ର ମହାରଣା, ନରସିଂହ ମହାରଣା, ରବିନାରାୟଣ ଭୋଇ, କାର୍ତ୍ତିକ ଭୋଇ, ସ୍ୱର୍ଗତ ନକୁଳ ଭୋଇଙ୍କ ସ୍ତ୍ରୀ ଇନ୍ଦୁ ଭୋଇ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଏବଂ ରାଜେନ୍ଦ୍ର କୁମାର ମହାପାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା।

## ଅବକାରୀ ଏଏସ୍ଆଇ, ଡ୍ରାଇଭରଙ୍କୁ ଆକ୍ରମଣ ଘଟଣା, ଅଭିଯୁକ୍ତ ଗିରଫ

ଖୁଣ୍ଟୁଣୀ,(ସଚ୍ଚିଦାନନ୍ଦ ପଣ୍ଡା): ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଡାଲୁଆ ଓ ଖଣ୍ଡୁଆଳି ଗ୍ରାମ ନିକଟ ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବେ ଚାଲିଥିବା ଚୋରା ଦେଶୀ ମଦଭାଟି ଉପରେ ରାଜ୍ୟ ଫ୍ଲାଇଂ ସ୍କ୍ୱାଡ୍, କଟକ ୟୁନିଟ୍-୧ର ମୋବାଇଲ ସ୍କ୍ୱାଡ୍ ଓ ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇଥିଲା। ଚଢ଼ାଉବେଳେ କେତେଜଣ ଚୋରା ମଦ ବ୍ୟବସାୟୀ ମୁଖା ପିନ୍ଧି ଅବକାରୀ ଏଏସ୍ଆଇ ହେମନ୍ତ ମଲ୍ଲିକ ଓ ଡ୍ରାଇଭର ବିଷ୍ଣୁ ମୋହନ ଦାସଙ୍କୁ ଆକ୍ରମଣ କରିଥିଲେ। ଏଥିସହ ୪ ଗାଡି ଭଙ୍ଗାରୁଜା କରିଥିଲେ। ଏହି ଘଟଣାରେ ଖୁଣ୍ଟୁଣୀ ପୋଲିସ ରାଧାକୃଷ୍ଣପୁର ପଞ୍ଚାୟତ ଅନ୍ତର୍ଗତ ଖଣ୍ଡୁଆଳି ଗ୍ରାମର କମଳ ଲୋଚନ ଦାସଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି।

**ସଂକ୍ଷେପରେ**

## ୩୯ ଟାୟାର ଚୋରି ଅଭିଯୋଗରେ ଡ୍ରାଇଭର ଗିରଫ

ମଙ୍ଗୁଳି-ଜଗତପୁର,୨୯।୭
(ମାନସ ସାମଲ)

ଟାୟାର ଚୋରି ଅଭିଯୋଗରେ ଜଣେ ଡ୍ରାଇଭରଙ୍କୁ ଜଗତପୁର ପୋଲିସ ଗିରଫ କରି ଶନିବାର କୋର୍ଟ ଚଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ଚନ୍ଦ୍ରା ଗ୍ରାମର ବ୍ରହ୍ମାନନ୍ଦ ବାରିକ(୫୫)। ପୋଲିସ ସୂଚନା ମୁତାବକ, ରାଜେନ୍ଦ୍ରନଗରସ୍ଥିତ ଆଶିଷ ଟ୍ରାନ୍ସପୋର୍ଟ ସର୍ଭିସରେ କାମ କରୁଥିବା ଧନେଶ୍ୱର ଲେଙ୍କା କିଛି ସାମଗ୍ରୀ ବଡବିଲ ପଠାଇବା ନିମନ୍ତେ ଓଡ଼ିଶା ରୋଡ୍‌ଲାଇନ୍ସର ମାଲିକ ମନୋଜ କୁମାର ପାତ୍ରଙ୍କଠାରୁ ଗତ ଏପ୍ରିଲ ୨୯ରେ ଏକ ଗାଡ଼ି ମଗାଇଥିଲେ। ମନୋଜ ସ୍ଲିପ୍ ନମ୍ବର ଓ ଗାଡି ସହିତ ଡ୍ରାଇଭର ବ୍ରହ୍ମାନନ୍ଦଙ୍କୁ ପଠାଇଥିଲେ। ବ୍ରହ୍ମାନନ୍ଦ ଗୁଜରପୁରସ୍ଥିତ ଆପୋଲୋ ଟାୟାର ଗୋଦାମରୁ ୬୨୩ ଖଣ୍ଡ ଟାୟାର, ଟ୍ୟୁବ୍ ଓ ଫ୍ଲାପ୍‌ସ୍ ଲୋଡ୍ କରି ବଡବିଲ ଯାଇଥିଲେ। ହେଲେ ବଡବିଲରେ ଜିନିଷ ଖାଲି କରିବା ସମୟରେ ସେଥିରୁ ୩୯ ଖଣ୍ଡ ଟାୟାର କମ୍ ଥିବା ଜଣାପଡିଥିଲା। ଯାହାର ବଜାର ମୂଲ୍ୟ ପ୍ରାୟ ୨ଲକ୍ଷ ୩୭ ହଜାର ୮୩୨ ଟଙ୍କା ହେବ। ଧନେଶ୍ୱର ଏ ବାବଦୀୟ ଟଙ୍କା ଦେବା ପାଇଁ ମନୋଜଙ୍କୁ କହିବାରୁ ସେ ମନା କରିଥିଲେ। ଏନେଇ ଧନେଶ୍ୱର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୨୧/୨୩) ରୁଜୁ କରିଥିଲା।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**ମଣିପୁରରେ ମହିଳା ନିର୍ଯାତନା ଘଟଣା**

ମଙ୍ଗୁଳି-ଜଗତପୁର,(ମାନସ ସାମଲ)/ଚୌଦ୍ୱାର,
(ଆଶୁତୋଷ ଦାସ) ୨୯।୭

ମଣିପୁରରେ ଲୋମହର୍ଷଣକାରୀ, ବର୍ବରୋଚିତ ଓ ଅମାନବୀୟ ମହିଳା ନିର୍ଯାତନା ଘଟଣା ଦେଶବାସୀଙ୍କୁ ବ୍ୟଥିତ କରିଛି। ଏ ନେଇ ଚୌଦ୍ୱାର ନଗର ମହିଳା କଂଗ୍ରେସ କମିଟି ପକ୍ଷରୁ ଶନିବାର ଏକ ଶୋଭାଯାତ୍ରା ବାହାରି ଥାନା ପର୍ଯ୍ୟନ୍ତ ଯାଇଥିଲା। ପରେ କମିଟି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଚୌଦ୍ୱାର ଥାନା ଅତିରିକ୍ତ ଆଇଆଇସି ସସ୍ମିତା ଖିଲାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି, କିଛିଦିନ ତଳେ ମଣିପୁରରେ ୨ ଜଣ ମହିଳାଙ୍କୁ ଉଲଗ୍ନ କରି ରାସ୍ତାରେ ବୁଲାଇବା ସହ ହତ୍ୟା କରାଯାଇଥିଲା। ଏହି ଘଟଣାକୁ କଂଗ୍ରେସ ପକ୍ଷରୁ ନିନ୍ଦା କରାଯିବା ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କଠୋର ଦଣ୍ଡ ଦେବା ପାଇଁ ଦାବି କରାଯାଇଛି। ବରିଷ୍ଠ ମହିଳା କଂଗ୍ରେସ ନେତ୍ରୀ ଲିପ୍ସା ଚିନ୍ତାପଲ୍ଲୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱର୍ଣ୍ଣପ୍ରଭା ନାୟକ, ମାନିଆ ସାହୁ, ରୁବି ବିନ୍ଧାଣୀ, ଦମୟନ୍ତୀ ମୁଦୁଲି, ମଞ୍ଜୁଲତା ବେହେରା, ମୋନାଲିସା ଦାସ, ରାଜୀବ ମହାନ୍ତି, ସୁବାସ ସୁବୁଦ୍ଧିରାୟ, କୈଳାସ ଚନ୍ଦ୍ର ସାହାଣୀଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ଅନ୍‌ଲାଇନ୍ ଖଜଣା ଆଦାୟରେ ସମସ୍ୟା

କଟକ,୨୯।୭(କାର୍ତ୍ତିକ ସାହୁ)

**ଯୁଗ୍ମଖାତାଧାରୀ ଦେଇପାରୁନାହାନ୍ତି ଖଜଣା**

ଜମି ଖଜଣା ଦେବାକୁ ନେଇ ଅଡୁଆରେ ପଡୁଛନ୍ତି ଯୁଗ୍ମଖାତାଧାରୀ। ଅନ୍‌ଲାଇନ୍ ଖଜଣା ଦେୟ ବ୍ୟବସ୍ଥାକୁ ନେଇ ଉପୁଜିଛି ସମସ୍ୟା। ଯୁଗ୍ମଖାତାର ଅଂଶୀଦାରମାନେ ନିଜ ଭାଗ ଜମିର ଖଜଣା ଦେଇପାରୁନାହାନ୍ତି। ପୂର୍ବରୁ ଗୋଟିଏ ଖାତାରେ ଅଂଶୀଦାର ଭାବେ ରହିଥିବା ଲୋକମାନେ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କୁ ଖଜଣା ଦେଇ ରସିଦ୍ କାଟୁଥିଲେ। ହେଲେ ଏବେ ମାନୁଆଲ ରସିଦ କଟା ବନ୍ଦ ହୋଇଯାଇଥିବାରୁ ଅସୁବିଧା ଦେଖାଦେଇଛି। ଏହାଦ୍ୱାରା ମଧ୍ୟ ରାଜ୍ୟ ସରକାରଙ୍କର ବିପୁଳ ପରିମାଣର ରାଜସ୍ୱ ହାନି ହେଉଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କଲାଇ ଗ୍ରାମର ବାସିନ୍ଦା ତଥା ହାଇକୋର୍ଟର ଆଇନ୍‌ଜୀବୀ ଅମ୍ବୁଜ ବନ୍ଧୁ ପରିଡ଼ା ଏନେଇ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଏଥିସହ ଖଜଣା ଆଦାୟ ପାଇଁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ ବ୍ୟବସ୍ଥା କରିବାକୁ ଆବେଦନ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଭଦ୍ରକ ତହସିଲର କଲାଇ ମୌଜା ଅନ୍ତର୍ଗତ ୩୮ ନମ୍ବର ଖାତାର ଜମି ଶ୍ରୀ କପିଳେଶ୍ୱର ମହାଦେବ ବିଜେଙ୍କ ନାମରେ ରହିଥିବାବେଳେ ସେଥିରେ ଏକାଧିକ ଟ୍ରଷ୍ଟି ମାର୍ଫତଦାର ଭାବେ ରହିଛନ୍ତି। ଉକ୍ତ ୩୮ ନମ୍ବର ଖାତାର ମନ୍ତବ୍ୟ ସ୍ତମ୍ଭରେ ପ୍ଲଟ୍ ନଂ. ୪୨୬, ଜମି ପରିମାଣ ଏ.୦.୪୩ ଡିସିମିଲ ସ୍ୱର୍ଗତ ସାଧୁ ଚରଣ ପରିଡ଼ାଙ୍କ ପୁତ୍ର ଉଦୟନାଥ ପରିଡ଼ା, ରମାନାଥ ପରିଡ଼ା ଓ ଗଣନାଥ ପରିଡ଼ାଙ୍କ ଦଖଲରେ ରହିଛି। ସେହିପରି ସମାନ ଖାତାର ପ୍ଲଟ୍ ନଂ. ୪୨୭, ଜମି ପରିମାଣ ଏ.୦.୩୩ ଡିସିମିଲ ଆବେଦନକାରୀଙ୍କ ପୂର୍ବଜ ନିତ୍ୟାନନ୍ଦ ପରିଡ଼ାଙ୍କ ଦଖଲରେ, ପ୍ଲଟ୍ ନଂ. ୪୨୮, ଜମି ପରିମାଣ ଏ.୦.୩୪ ଡିସିମିଲ ନାରାୟଣ ପରିଡ଼ା, ଲକ୍ଷ୍ମୀକାନ୍ତ ପରିଡ଼ା, ସୀତା ପରିଡ଼ା, ନଟବର ପରିଡ଼ା ଓ ବିଶ୍ୱନାଥ ପରିଡ଼ାଙ୍କ ଦଖଲରେ ଏବଂ ପ୍ଲଟ୍ ନଂ. ୪୨୯, ଜମି ପରିମାଣ ଏ.୦.୩୧ ଓ ପ୍ଲଟ୍ ନଂ.୪୩୧, ଜମି ପରିମାଣ ଏ.୦.୪୧ ଡିସିମିଲ ମାଳତୀ ପରିଡ଼ା, ନରେନ୍ଦ୍ର ପରିଡ଼ା ଓ ବିନୋଦ ପରିଡ଼ାଙ୍କ ଦଖଲରେ ରହିଛି। ଏ ସମସ୍ତ ଜମିର ଖାତା ନମ୍ବର ଗୋଟିଏ ହୋଇଥିବାବେଳେ ବିଭିନ୍ନ ବ୍ୟକ୍ତିଙ୍କ ଦ୍ୱାରା ଭିନ୍ନ ଭିନ୍ନ ପ୍ଲଟ୍ ଭୋଗଦଖଲ ହେଉଛି। ହେଲେ ବର୍ତ୍ତମାନ ଅନ୍‌ଲାଇନ ଖଜଣା ଆଦାୟ ବ୍ୟବସ୍ଥାରେ ଜଣେ ବ୍ୟକ୍ତିଙ୍କଠାରୁ ପୂରା ଖାତାର ଖଜଣା ଆଦାୟ କରାଯାଉଛି। ଯାହାକି ସମ୍ପୃକ୍ତ ବ୍ୟକ୍ତି ପୂରା ଖାତାରେ ଥିବା ସମସ୍ତ ପ୍ଲଟ୍‌ର ଭୋଗଦଖଲକାରୀ ନୁହନ୍ତି। ଅନ୍‌ଲାଇନ୍ ବ୍ୟବସ୍ଥା ପ୍ରଚଳନ ହେବା ପୂର୍ବରୁ ଉପରୋକ୍ତ ଭୋଗଦଖଲକାରୀମାନେ ପୃଥକ ଭାବେ ଖଜଣା ପଇଠ କରି ରସିଦ୍ କାଟୁଥିଲେ। ହେଲେ ଏବେ ତାହା ସମ୍ଭବ ହେଉନାହିଁ। ସେହି ଖାତା ଅନ୍ତର୍ଗତ କୌଣସି ନିର୍ଦ୍ଦିଷ୍ଟ ପ୍ଲଟ୍‌ର ଭୋଗଦଖଲକାରୀ ନିଜ ଖଜଣା ପୃଥକ ଭାବେ ଦେବାକୁ ଚାହିଁଲେ ଦେଇପାରୁନାହାନ୍ତି। ଆଂଶିକ ଖଜଣା ଦେବା ନିମନ୍ତେ ଅନ୍‌ଲାଇନ୍‌ରେ କୌଣସି ବ୍ୟବସ୍ଥା ନାହିଁ। ପୁରା ଖାତାର ଖଜଣା ଦେବାକୁ ପଡୁଥିବାରୁ ପ୍ରତ୍ୟେକ ଅଂଶୀଦାର ଭୋଗଦଖଲକାରୀ ଏଥିପାଇଁ ଅମଙ୍ଗ ହେଉଛନ୍ତି। ଆଂଶିକ ଦେୟ ଦାଖଲ ନିମନ୍ତେ ସାତଭଉଣୀ ଆର୍‌ଆଇ ଓ ଭଦ୍ରକ ତହସିଲଦାରଙ୍କୁ ଆବେଦନକାରୀ ଅନୁରୋଧ କରିଥିଲେ ମଧ୍ୟ ସେ ଏ ଦିଗରେ ନିଜର ଅକ୍ଷମତା ପ୍ରକାଶ କରିଛନ୍ତି। ଏଭଳି ତ୍ରୁଟିଯୁକ୍ତ ବ୍ୟବସ୍ଥା ଦ୍ୱାରା ଖଜଣା ଆଦାୟ ହୋଇ ନ ପାରି ରାଜ୍ୟ ସରକାରଙ୍କର ବହୁ ପରିମାଣର ରାଜସ୍ୱ ହାନି ହେଉଛି। ତେଣୁ ସରକାର ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଆବେଦନକାରୀ ଦାବି କରିଛନ୍ତି।



କଟକ ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ଅନୁଷ୍ଠିତ ବାର୍ଷିକ ବିଜ୍ଞାନ ମେଳାରେ ଜଣେ ଛାତ୍ରୀ ପ୍ରକଳ୍ପ ବିଷୟରେ ବୁଝାଉଛନ୍ତି।

## ଦ୍ରୁତଗତିରେ ବାଇକ ଚାଳନା ରୋକିବାକୁ ଦାବି

କଟକ ସଦର,୨୯।୭
(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଧୀନ ଦଧିବାମନପୁରଠାରେ ୪୨ ମୌଜା ଥାନା ପକ୍ଷରୁ ବରିଷ୍ଠ ନାଗରିକମାନଙ୍କୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଏସିପି ଚନ୍ଦନ ଘଡ଼େଇ ସଭାପତିତ୍ୱ କରିଥିଲେ। ୪୨ ମୌଜା ମୁଖ୍ୟ ରାସ୍ତାରେ କେତେଜଣ ଯୁବକ ଦ୍ରୁତ ଗତିରେ ବାଇକ୍ ଚଳାଇବା ଓ ରାତିରେ ଗାଡ଼ିର ହେଡ୍‌ଲାଇଟ୍ ମୁହଁକୁ ପକାଇବାରୁ ଅଧିକାଂଶ ସମୟରେ ବରିଷ୍ଠ ନାଗରିକମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ଦ୍ରୁତ ଗାଡ଼ି ଚାଳନାକୁ ରୋକିବା ଓ ସମ୍ପୃକ୍ତ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ଓ ଗାଡି କାଗଜପତ୍ର ପୋଲିସ ଯାଞ୍ଚ କରିବା ପାଇଁ ଦାବି ହୋଇଥିଲା। ଏହାଛଡା ୨୫ ଜଣ ବରିଷ୍ଠ ନାଗରିକଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଏହି ଆଲୋଚନାରେ ଥାନାଧିକାରୀ ଗିରିଶ ଚନ୍ଦ୍ର ମହାରଣାଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ଓ ବରିଷ୍ଠ ନାଗରିକମାନେ ଅଂଶଗ୍ରହଣ କରିଥିଲେ।

## ରାଷ୍ଟ୍ରପତିଙ୍କୁ ଭେଟିଲେ ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ସଦସ୍ୟ



କଟକ,୨୯।୭ (କାର୍ତ୍ତିକ ସାହୁ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଓଡ଼ିଶା ଗସ୍ତ ଅବସରରେ ରାଜଭବନଠାରେ ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟର ସଦସ୍ୟମାନେ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଓଳାଶୁଣୀ ଗୁମ୍ଫା ପୀଠର ସର୍ବାଙ୍ଗୀନ ବିକାଶ ସହିତ ଏହି କ୍ଷେତ୍ରକୁ ଆସିବା ପାଇଁ ସେମାନେ ରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ କରିଥିଲେ। ପ୍ରାକୃତିକ ପରିବେଶମଣ୍ଡିତ ଏହି କ୍ଷେତ୍ରର ଭିତ୍ତିଭୂମି ସହିତ ପାହାଡ଼ ପାଦଦେଶରେ ପ୍ରାଚୀନ ପ୍ରସ୍ତର ଗୁମ୍ଫାରେ ପୂଜା ପାଉଥିବା ମା' ଓଳାଶୁଣୀଙ୍କ କ୍ଷେତ୍ରର ବିକାଶ ପାଇଁ ଟ୍ରଷ୍ଟ ପକ୍ଷରୁ ଏକ ନିବେଦନ ପତ୍ର ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଥିଲା। ବିଶ୍ୱବିଖ୍ୟାତ ହୀରକ ତ୍ରିଭୁଜ ବୌଦ୍ଧସର୍କିଟ ଉଦୟଗିରି-ରତ୍ନଗିରି-ଲଳିତଗିରିର ବିକାଶ ସମ୍ପର୍କରେ ଟ୍ରଷ୍ଟର ସଦସ୍ୟମାନେ ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯାଜପୁର ଜିଲାର ଏହିସବୁ କ୍ଷେତ୍ର କିଭଳି ଦେଶ ବିଦେଶର ପର୍ଯ୍ୟଟକ, ଗବେଷକ ଓ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଆକର୍ଷଣୀୟ କ୍ଷେତ୍ର ହୋଇପାରିବ ସେ ସମ୍ପର୍କରେ ପ୍ରତିନିଧିମଣ୍ଡଳୀ ରାଷ୍ଟ୍ରପତିଙ୍କୁ ଅବଗତ କରାଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ ସନ୍ଥସାଧକଙ୍କ ଆତ୍ମଜୀବନୀମୂଳକ ଅମୂଲ୍ୟ ଗ୍ରନ୍ଥ 'ମହୀମଣ୍ଡଳ ଗୀତା' ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେଶନ ପକ୍ଷରୁ ପ୍ରକାଶିତ 'ଓଳାଶୁଣୀ' ପୁସ୍ତକ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଥିଲା। ଟ୍ରଷ୍ଟ ପକ୍ଷରୁ ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ, ମ୍ୟାନେଜିଂ ଟ୍ରଷ୍ଟି ଶୁଭେନ୍ଦୁ କୁମାର ଭୂୟାଁ ଓ ଟ୍ରଷ୍ଟି ବିରୂପାକ୍ଷ ତ୍ରିପାଠୀ ପ୍ରମୁଖ ରାଷ୍ଟ୍ରପତିଙ୍କୁ ସାକ୍ଷାତ୍ କରିଥିଲେ।

## ଜିଓ ଟ୍ୟାଗ୍‌ବେଳେ ଅର୍ଥ ଆଦାୟ ଅଭିଯୋଗ

କଟକ ସଦର,୨୯।୭
(ସୁଶାନ୍ତ କୁମାର ଜେନା)

**ପ୍ରଧାନମନ୍ତ୍ରୀ ଆବାସ**

କଟକ ସଦର ବ୍ଲକ ଅଞ୍ଚଳର କେତେଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସରେ କାର୍ଯ୍ୟାଦେଶ ସହ ପ୍ରଥମ କିସ୍ତି ବାବଦକୁ ୪୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ନିର୍ମାଣ ପୂର୍ବରୁ ଜାଗାର ଜିଓ ଟ୍ୟାଗ୍ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଯଦି ନିର୍ମାଣ ସ୍ଥଳୀର ଠିକ୍ ଭାବେ ଜିଓ ଟ୍ୟାଗ୍ କରାଯାଇ ନ ଥିବ ତା'ହେଲେ ଦ୍ୱିତୀୟ କିସ୍ତି ମିଳିବ ନାହିଁ। ସର୍ଭେ ବେଳର ଜିଓ ଟ୍ୟାଗ୍ ସହ ବର୍ତ୍ତମାନର ମେଳ ଖାଉଥିବା ଦରକାର। ହେଲେ ଏଥିରେ ଏପଟ ସେପଟ କରି ଦ୍ୱିତୀୟ କିସ୍ତି କରାଇଦେବା ପାଇଁ ମଧ୍ୟସ୍ଥମାନେ ଗାଁ ଗାଁ ବୁଲୁଥିବା କଟକ ସଦର ବ୍ଲକ କାର୍ଯ୍ୟାଳୟରେ ଶୁକ୍ରବାର ଅଭିଯୋଗ ହୋଇଛି। ୧୦ ହଜାର ଟଙ୍କା ଦେଲେ କମ୍ପ୍ୟୁଟରରେ ଅପ୍‌ଲୋଡ୍ ହୋଇଥିବା ପୁରୁଣା ଜିଓ ଟ୍ୟାଗ୍‌କୁ ବଦଳାଇ ନୂଆ ସ୍ଥାନରେ କରାଇଦେବା ପାଇଁ ମଧ୍ୟସ୍ଥମାନେ ହିତାଧିକାରୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଉଛନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ ସର୍ଭେବେଳେ ଲୋକମାନେ ଗୁହାଳ, ଘସିଘର ଦେଖାଇଥିଲେ। ଜିଓ ଟ୍ୟାଗ୍‌ରେ ଜମିର ଅକ୍ଷାଂଶ, ଦ୍ରାଘିମା ଓ ମାଲିକାନା, କିସମ ସବୁ ଜଣାପଡ଼ିଯାଉଛି। ନୂଆ ସ୍ଥାନରେ ଘର କଲେ ପୁରୁଣା ସହ ମେଳ ହେବ ନାହିଁ। ଏ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ପଚାରିବାରୁ ଏଭଳି କୌଶଳ ରହିଥିବା କଥା ସେ ଜାଣି ନ ଥିବା କହିଥିଲେ।

## ବିଧାୟକ ମୋକିମଙ୍କ ବହିଷ୍କାର ଦାବି

କଟକ,୨୯।୭ (କାର୍ତ୍ତିକ ସାହୁ)

ବିଧାୟକ ମହମ୍ମଦ ମୋକିମଙ୍କୁ କଂଗ୍ରେସ ଦଳରୁ ବହିଷ୍କାର ନିମନ୍ତେ ଯୁବନେତା ମାନସ ପରିଡ଼ା ଦାବି କରିଛନ୍ତି। ଜଗତପୁରସ୍ଥିତ ଉତ୍କଳ ଦୁର୍ଗାପୂଜା ମଣ୍ଡପ ସଭାଗୃହରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମାନସ କହିଛନ୍ତି, ଗତ କର୍ପୋରେଶନ ନିର୍ବାଚନ ସମୟରେ ବାରବାଟୀ-କଟକରେ ବିଜେଡିଠାରୁ ପ୍ରାୟ ୧୮ ହଜାର ଭୋଟ ପଛରେ ରହିଥିଲା କଂଗ୍ରେସ। ଏଥିସହ କଂଗ୍ରେସର ୮ ଜଣ କର୍ପୋରେଟର ଜିତିଥିଲେ। କୌଣସି ଦାୟିତ୍ୱରେ ନ ଥାଇ ଅନ୍ୟ ନିର୍ବାଚନ ମଣ୍ଡଳୀ ସଙ୍ଗଠନ ଦାୟିତ୍ୱରେ ଥିବା ନଗର ସଭାପତି, ଜିଲା ସଭାପତିଙ୍କ ଅନୁମତି ନ ନେଇ ବିଭିନ୍ନ ସଭାସମିତି କରିବା ଆଦି କାର୍ଯ୍ୟ ମଧ୍ୟ ବିଶୃଙ୍ଖଳିତ ଆଚରଣ। ତେଣୁ ଶୃଙ୍ଖଳା ଦୃଷ୍ଟିରୁ ତାଙ୍କୁ ଦଳରୁ ବହିଷ୍କାର କରାଯାଉ ବୋଲି ମାନସ ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଚୌଦ୍ୱାର-କଟକ ଯୁବ କଂଗ୍ରେସର ପୂର୍ବତନ ସଭାପତି ମାନସ ନାୟକ, କର୍ମୀ ଜୟ ନାରାୟଣ ତ୍ରିପାଠୀ, ୪୯ନଂ. ୱାର୍ଡ କଂଗ୍ରେସ ସଭାପତି ଦୁର୍ଯ୍ୟୋଧନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ବିଧାୟକ ମହମ୍ମଦ ମୋକିମଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ମନ୍ତବ୍ୟ ଦେବାକୁ ମନା କରିଥିଲେ।

## ବଜ୍ରପାତରେ ୨ ଆହତ

ଖୁଣ୍ଟୁଣୀ,୨୯।୭(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଞ୍ଚଳର ଦୁଇଟି ସ୍ଥାନରେ ଶନିବାର ବଜ୍ରପାତ ଘଟି ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଖୁଣ୍ଟୁଣୀ ପଞ୍ଚାୟତ ଅଧୀନ ରଗଡିପଡା ଗ୍ରାମର ପାର୍ବତୀ ନାଏକ(୪୦) ଓ ରାଧାକୃଷ୍ଣପୁର ଗ୍ରାମ ଜନଜାତି ସାହିର କାଜଲ ନାଏକ(୧୬) । ସେମାନଙ୍କୁ ଚିକିତ୍ସା ନିମନ୍ତେ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସନ୍ଧ୍ୟାରେ ଖୁଣ୍ଟୁଣୀ ଓ ଆଖପାଖ ଅଞ୍ଚଳରେ ବର୍ଷା ସହ ବଜ୍ରପାତ ହୋଇଥିଲା। ଏହି ସମୟରେ ପାର୍ବତୀ ବିଲରୁ କାମ ସାରି ଘରକୁ ଫେରୁଥିବାବେଳେ ବଜ୍ରପାତରେ ଆହତ ହୋଇଥିଲେ। ସେହିପରି କାଜଲ ଘର ବାରଣ୍ଡାରେ ବସିଥିବାବେଳେ ବଜ୍ରପାତ ହେବାରୁ ଆହତ ହୋଇଥିଲେ।

## ବ୍ଲାକ୍ ଗ୍ରେପ୍‌ସ ଇଣ୍ଡିଆର 'ଓଫେମ ୨.୦' ରେଷ୍ଟୁରାଣ୍ଟ ଉଦ୍‌ଘାଟିତ



ଫୁଲନଖରା,୨୯।୭
(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ପାହାଳଠାରେ ଶୁକ୍ରବାର ବ୍ଲାକ୍ ଗ୍ରେପ୍‌ସ ଇଣ୍ଡିଆର 'ଓଫେମ୍ ୨.୦' ଭିନ୍ନକ୍ଷମଙ୍କ ଗହଣରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ବିଏମ୍‌ସିର ୪ନମ୍ବର ୱାର୍ଡ କର୍ପୋରେଟର ସୁକୁମାର ସାହୁ ଯୋଗଦେଇ ଉକ୍ତ ରେଷ୍ଟୁରାଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ରେଷ୍ଟୁରାଣ୍ଟଟି ବ୍ଲାକ୍ ଗ୍ରେପ୍‌ସ ଇଣ୍ଡିଆ ଦ୍ୱାରା ପରିଚାଳିତ। ଏଠାରେ ଇଣ୍ଡିଆନ, କଣ୍ଟିନେଣ୍ଟାଲ, ଚାଇନିଜ୍ ତନ୍ଦୁରୀ, ମଲ୍ଟି କ୍ୟୁଜାକ୍ ଖାଦ୍ୟ ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ। ଉତ୍ତମ ଗ୍ରାହକ ସେବା ଲକ୍ଷ୍ୟ ଆମର। ଓଫେମ ରେଷ୍ଟୁରାଣ୍ଟ ଅତ୍ୟନ୍ତ ଆଧୁନିକ ଶୈଳୀରେ ନିର୍ମିତ ହୋଇଛି। ଏଥିରେ ଉତ୍ତମ ସେବା ଯୋଗାଇ ଦେବା ପାଇଁ ଆବଶ୍ୟକ କର୍ମଚାରୀ ନିଯୋଜିତ ଅଛନ୍ତି। ଉଦ୍‌ଘାଟନୀ ଦିବସରେ ରେଷ୍ଟୁରାଣ୍ଟରେ ଦୃଷ୍ଟିବାଧିତ ୭୦ରୁ ଉର୍ଦ୍ଧ୍ୱ ଝିଅପୁଅଙ୍କୁ ବିନା ମୂଲ୍ୟରେ ଖାଦ୍ୟ ପରଷା ଯାଇଥିଲା। ସେମାନେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ଆନନ୍ଦ ମନରେ ଖାଇ ଆତ୍ମସନ୍ତୋଷ ପ୍ରକାଶ କରିଥିଲେ। ଏହି ଅବସରରେ ରେଷ୍ଟୁରାଣ୍ଟର ସମସ୍ତ କର୍ମଚାରୀ ତଥା ପରିଚାଳନା ଦାୟିତ୍ୱରେ ଥିବା ବ୍ଲାକ ଗ୍ରେପ୍‌ସ ଇଣ୍ଡିଆ କର୍ମକର୍ତ୍ତା ଉପସ୍ଥିତ ରହି ଦୃଷ୍ଟି ବାଧିତ ପିଲାଙ୍କୁ ଉତ୍ସାହିତ କରିଥିଲେ। ବ୍ଲାକ ଗ୍ରେପ୍‌ସ ଇଣ୍ଡିଆ ପକ୍ଷରୁ ପାର୍ଟନର ରୋଶନ ପ୍ରଧାନ ଓ ନରେନ୍ଦ୍ର ଅଗ୍ରୱାଲ ଉପସ୍ଥିତ ରହି ସମସ୍ତ ଙ୍କୁ ଉତ୍ସାହିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ନାଟକ 'ପ୍ରଜାପତିର ଡେଣା' ମଞ୍ଚସ୍ଥ

କଟକ,୨୯।୭ (କାର୍ତ୍ତିକ ସାହୁ)

ଅନ୍ନପୂର୍ଣ୍ଣା ଥିଏଟର-ବି ଗ୍ରୁପ୍ ପକ୍ଷରୁ ନାଟକ 'ପ୍ରଜାପତିର ଡେଣା' କଟକ ଦରଘାବଜାରସ୍ଥିତ ପ୍ରେକ୍ଷାଳୟରେ ଶନିବାର ମଞ୍ଚସ୍ଥ ହୋଇଯାଇଛି। ଜଣେ ଶିକ୍ଷିତା ଝିଅ ତା'ର ମଦୁଆ ବାପା ଓ ନିଶାସକ୍ତ ଭାଇ ପାଇଁ ଅପମାନ ଏବଂ କଷ୍ଟ ସହି ପରିବାରକୁ ଉଦ୍ଧାର କରିବାକୁ ଉଦ୍ୟମ କରିଛି। କମ୍ ବୟସର ହୋଇ ସୁଦ୍ଧା ସମ୍ପତ୍ତି ପାଇବା ଏବଂ ନାନା ଟାହି ଟାପରାରୁ ମୁକୁଳିବା ପାଇଁ ସେ ଜଣେ ବୟସ୍କ ତଥା କର୍କଟ ଆକ୍ରାନ୍ତ ରୋଗୀଙ୍କୁ ସର୍ତ୍ତ ରଖି ବିବାହ କରନ୍ତି। ସର୍ତ୍ତାନୁଯାୟୀ କର୍କଟ ରୋଗଗ୍ରସ୍ତ ସ୍ୱାମୀ ବଞ୍ଚିଥିବା ଯାଏ ସେ ସେବା କରିବେ। ତାଙ୍କ ଅନ୍ତେ ତାଙ୍କ ସମ୍ପତ୍ତିର ମାଲିକାଣୀ ହେବେ। ତେବେ ଇତିମଧ୍ୟରେ ତାଙ୍କର ଜଣେ ସମ୍ପର୍କୀୟ ଦିଅର ତାଙ୍କୁ ପ୍ରେମ ଜାଲରେ ଛନ୍ଦି ଦିଅନ୍ତି। ଏଥିରେ ସ୍ୱାମୀ ମାନସିକ ଭାରସାମ୍ୟ ହରାଇ ତାଙ୍କ ସ୍ତ୍ରୀ ନାମରେ ସମ୍ପତ୍ତି ଲେଖିଦେଇ ଘରୁ ପଳାଇଯାଆନ୍ତି। ଏହାପରେ ସ୍ତ୍ରୀର ନୂତନ ସଂସାର ଗଢ଼ିବା ପାଇଁ ରାସ୍ତା ପରିଷ୍କାର ହୁଏ। ମାତ୍ର ନୂତନ ପ୍ରେମିକ ସହିତ ସଂସାର କରିବା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ସାରା ଜୀବନ ସ୍ୱାମୀଙ୍କ ଫେରିବା ବାଟକୁ ଚାହିଁ ଜୀବନ ବିତାଇ ଦେବାକୁ ସ୍ତ୍ରୀ ପଣ କରନ୍ତି। ଏଭଳି ଏକ ଭିନ୍ନ ସ୍ୱାଦର କାହାଣୀକୁ ନେଇ ଦର୍ଶକଙ୍କୁ ଭରପୂର ମନୋରଞ୍ଜନର ଖୋରାକ ଯୋଗାଇଥିଲା ଏହି ନାଟକ। ଭାବଗ୍ରାହୀ ଦାଶଙ୍କ ରଚିତ ଏହି ନାଟକର ନିର୍ଦ୍ଦେଶନା ଦେଇଥିଲେ ହେମନ୍ତ ଦାଶ। ସହ ନିର୍ଦ୍ଦେଶନା ସୌମ୍ୟାଶ୍ରୀ ଦାଶ ଓ ଆଲୋକ ନାୟକ ମଞ୍ଚ ପରିଚାଳନା କରିଥିଲେ। ଚନ୍ଦନ କୁମାର ସାହୁ, ସୁଜିତ ଦାସ, ସୁଭଦ୍ରା ମହାରଣା, ଅବିନାଶ ପ୍ରଧାନ, ସାଗୁନ ଦିଙ୍ଗାଲ୍ ହାଁସଦା, ସତ୍ୟବ୍ରତ ପୃଷ୍ଟି, ତପସ୍ୱିନୀ ସେଠୀ, ଚୌଧୁରୀ ଶାଶ୍ୱତ ମହାପାତ୍ର, ରଜତ ନାୟକ, ରଶ୍ମି ରଞ୍ଜନ ସାହୁ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଏହି ଅବସରରେ ଅନ୍ନପୂର୍ଣ୍ଣା ଥିଏଟର ସଭାପତି ପ୍ରଣବ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ନିରାମୟ ଉପଦେଷ୍ଟା ରଞ୍ଜନ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ନାଟ୍ୟ ବିଶ୍ଳେଷକ ଡ. ଅଜୟ କୁମାର ମିଶ୍ର ଓ ଶୁଭାଶିଷ କର ଯୋଗଦେଇଥିଲେ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ହରିଶ ମହାନ୍ତିଙ୍କୁ ଅନ୍ନପୂର୍ଣ୍ଣା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ସଂକ୍ରାନ୍ତି ସାଂସ୍କୃତିକ ପରିଷଦ ପକ୍ଷରୁ ନାଟକର ଶ୍ରେଷ୍ଠ ଅଭିନେତାଙ୍କୁ ସମ୍ମାନିତ କରାଯାଇଥିଲା। ଅଶୋକ ଦଳାଇ କାର୍ଯ୍ୟକ୍ରମ ପରିଚାଳନା ଓ ସମ୍ପାଦିକା ଆହ୍ଲାଦିନୀ କର ଧନ୍ୟବାଦ ଦେଇଥିଲେ।



## 'ପ୍ରଯୁକ୍ତିବିଦ୍ୟା ସାହିତ୍ୟ ପାଇଁ ଆହ୍ୱାନ'

କଟକ,୨୯।୭ (କାର୍ତ୍ତିକ ସାହୁ)

ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସାହିତ୍ୟ ପାଇଁ ବଡ଼ ଆହ୍ୱାନ ପାଲଟିଛି। ସୃଜନଶୀଳ ଓ ନିଷ୍ଠାପର ସାହିତ୍ୟ ସାଧକମାନେ ଏହାକୁ ସାମ୍ନା କରିବା ଏବେ ବଡ଼ ପ୍ରଶ୍ନ ହୋଇଛି। ପ୍ରଯୁକ୍ତିବିଦ୍ୟାର ସୁଫଳ ଆମେ ଅନୁଭବ କରୁଛୁ। କିନ୍ତୁ କ୍ରମେ ଏହି ପ୍ରଯୁକ୍ତିବିଦ୍ୟା ସାହିତ୍ୟ ପାଇଁ ପ୍ରତିକୂଳ ଅବସ୍ଥା ସୃଷ୍ଟି କରିପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି ରାଜ୍ୟ ସଭା ସଦସ୍ୟ ଡ. ଅମର ପଟ୍ଟନାୟକ। କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜର ୧୨୧ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାଂସଦ ଡ. ଅମର ପଟ୍ଟନାୟକ ଯୋଗଦେଇ ଉତ୍କଳ ସାହିତ୍ୟ ସମାଜର ଗୌରବମୟ ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ ସାହିତ୍ୟ ଶୀର୍ଷକରେ ଆଲୋଚନା କରି ସାହିତ୍ୟର ବର୍ତ୍ତମାନ ଓ ଭବିଷ୍ୟତ ସ୍ଥିତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ।



ଉତ୍କଳ ସାହିତ୍ୟ ସମାଜର ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

**ଉତ୍କଳ ସାହିତ୍ୟ ସମାଜର ସମାବର୍ତ୍ତନ ଉତ୍ସବ**

ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ବିଶିଷ୍ଟ ଶିକ୍ଷାବିତ୍ ପଦ୍ମଶ୍ରୀ ପ୍ରିୟମ୍ବଦା ମହାନ୍ତି ହେଜମାଦି ଉଦ୍‌ଘାଟନ କରି କହିଥିଲେ, ଉତ୍କଳ ସାହିତ୍ୟ ସମାଜ ଏକ ପରିବାର। ଶ୍ରୀରାମଚନ୍ଦ୍ର ଭବନ ଏକ ତୀର୍ଥଭୂମି। ଏହିଠାରେ ଛୋଟବେଳୁ ସେ ନୃତ୍ୟ ଶିକ୍ଷା କରିବାର ରୋମନ୍ଥନ କରିଥିଲେ। ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ବିକାଶରେ ଏହି ଅନୁଷ୍ଠାନର ଅବଦାନକୁ ଅକ୍ଷୁଣ୍ଣ ରଖିବା ଆମ୍ଭମାନଙ୍କର କର୍ତ୍ତବ୍ୟ ବୋଲି ସେ କହିଥିଲେ। ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଡ. ପ୍ରୀତିଧାରା ସାମଲ ସ୍ୱାଗତ ଭାଷଣ ଓ ଜୀବନାନନ୍ଦ ଅଧିକାରୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଉତ୍ସବ ସମ୍ପର୍କରେ ସୂଚନା, ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ ଅତିଥି ପରିଚୟ ପ୍ରଦାନ ଓ କୋଷାଧ୍ୟକ୍ଷ ଶିବାଶିଷ କର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଏହି ଅବସରରେ ଈପ୍‌ସିତା ମିଶ୍ର ଓ ମଧୁସ୍ମିତା ଶତପଥୀଙ୍କୁ ଦେବାତ୍ମା ପ୍ୟାରୀମୋହନ ଆଚାର୍ଯ୍ୟ ବିଦ୍ୟା ପୁରସ୍କାର ଏବଂ ଶିବରାମ ପାତ୍ର ଓ ଆଶୁତୋଷ ନନ୍ଦଙ୍କୁ ଗୋବିନ୍ଦପାଣି ସୁଶୀଳାଦେବୀ ମେଧା ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ସରୋଜ କୁମାର ସାମଲ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

**ସମୁଦ୍ରରେ ଭାସିଯାଇ ପର୍ଯ୍ୟଟକ ନିଖୋଜ**

ପୁରୀ, (ଅଜିତ ମହାନ୍ତି): ପୁରୀ ସମୁଦ୍ରରେ ଶନିବାର ଏକ ଅଘଟଣ ଘଟିଛି। ସମୁଦ୍ରରେ ଗାଧୋଉଥିବା ବେଳେ ଜଣେ ପର୍ଯ୍ୟଟକ ଭାସିଯାଇ ନିଖୋଜ ହୋଇଥିବା ସୂଚନା ମିଳିଛି। ସେ ହେଲେ ବାଲେଶ୍ୱର ଜିଲା ଗୋପୀନାଥପୁର ଅଞ୍ଚଳର ସଞ୍ଜୟ କୁମାର ଜେନା(୨୯)। ଅଗ୍ନିଶମ ବାହିନୀ ସହାୟତାରେ ଲାଇଫ୍‌ଗାର୍ଡମାନେ ତାଙ୍କୁ ଉଦ୍ଧାର କରିବାକୁ ଖୋଜାଖୋଜି ଜାରି ରଖିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- କସ୍ତୁରୀ ପକ୍ଷରୁ ଦକ୍ଷତାବିକାଶ ପ୍ରତିଯୋଗିତା, ସୂଚନା ଭବନ, ସକାଳ ୯ଟା।
- ଗ୍ଲୋବାଲ ଫୋକସ୍ ଏଜୁକେଶନ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଆବ୍ରର୍ଡ ଏଜୁକେଶନ ଫେୟାର, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ନୟାଗଡ଼ ବିକାଶ ମଞ୍ଚ ପକ୍ଷରୁ ପର୍ବତାରୋହୀ ସୌଭାଗ୍ୟ ରଥଙ୍କୁ ଶୁଭେଚ୍ଛା ସମାରୋହ, ଓଡ଼ିଆ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ କାର୍ଯ୍ୟାଳୟ, ଆଚାର୍ଯ୍ୟ ବିହାର, ପୂର୍ବାହ୍ନ ୧୦ଟା।
- ବାର୍ଷିକ ଫିଟନେସ୍ ଉତ୍ସବ, ଲୁମ୍ବିନି ଏନକ୍ଲେଭ୍, ନୀଳାଦ୍ରି ବିହାର, ପୂର୍ବାହ୍ନ ୧୦ଟା।
- ରୋଟାରୀ କ୍ଲବ ଭୁବନେଶ୍ୱର ଆଞ୍ଜେଲା ପକ୍ଷରୁ ୩ୟ ଅଧିଷ୍ଠାନ ଉତ୍ସବ, ରୋଟାରୀ ଭବନ, ୟୁନିଟ୍-୯, ପୂର୍ବାହ୍ନ ୧୦ଟା ୩୦।
- ଭାରତ ଅନ୍ତର୍ଜାତୀୟ ଡ୍ୟାନ୍ସ ଉତ୍ସବ, ଭଞ୍ଜକଳା ମଣ୍ଡପ, ଅପରାହ୍ନ ୩ଟା।
- ଗଞ୍ଜାମ ବିକାଶ ମଞ୍ଚ ପକ୍ଷରୁ ପ୍ରଥମ ପ୍ରତିଷ୍ଠା ଦିବସ, ସୂଚନା ଭବନ, ସନ୍ଧ୍ୟା ୬ଟା।

# ଅନ୍‌ଲାଇନ୍ ଖଜଣା ଆଦାୟରେ ସମସ୍ୟା

## ଯୁଗ୍ମଖାତାଧାରୀ ଦେଇପାରୁନାହାନ୍ତି ଖଜଣା

କଟକ,୨୯।୭ (କାର୍ତ୍ତିକ ସାହୁ)

ଜମି ଖଜଣା ଦେବାକୁ ନେଇ ଅଡୁଆରେ ପଡୁଛନ୍ତି ଯୁଗ୍ମଖାତାଧାରୀ। ଅନ୍‌ଲାଇନ୍ ଖଜଣା ଦେୟ ବ୍ୟବସ୍ଥାକୁ ନେଇ ଉପୁଜିଛି ସମସ୍ୟା। ଯୁଗ୍ମଖାତାର ଅଂଶୀଦାରମାନେ ନିଜ ଭାଗ ଜମିର ଖଜଣା ଦେଇପାରୁନାହାନ୍ତି। ପୂର୍ବରୁ ଗୋଟିଏ ଖାତାରେ ଅଂଶୀଦାର ଭାବେ ରହିଥିବା ଲୋକମାନେ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କୁ ଖଜଣା ଦେଇ ରସିଦ୍ କାଟୁଥିଲେ। ହେଲେ ଏବେ ମାନୁଆଲ ରସିଦ କଟା ବନ୍ଦ ହୋଇଯାଇଥିବାରୁ ଅସୁବିଧା ଦେଖାଦେଇଛି। ଏହାଦ୍ୱାରା ମଧ୍ୟ ରାଜ୍ୟ ସରକାରଙ୍କର ବିପୁଳ ପରିମାଣର ରାଜସ୍ୱ ହାନି ହେଉଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କଲାଇ ଗ୍ରାମର ବାସିନ୍ଦା ତଥା ହାଇକୋର୍ଟର ଆଇନ୍‌ଜୀବୀ ଅମ୍ବୁଜ ବନ୍ଧୁ ପରିଡ଼ା ଏନେଇ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଏଥିସହ ଖଜଣା ଆଦାୟ ପାଇଁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ ବ୍ୟବସ୍ଥା କରିବାକୁ ଆବେଦନ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଭଦ୍ରକ ତହସିଲର କଲାଇ ମୌଜା ଅନ୍ତର୍ଗତ ୩୮ ନମ୍ବର ଖାତାର ଜମି ଶ୍ରୀ କପିଳେଶ୍ୱର ମହାଦେବ ବିଜେଙ୍କ ନାମରେ ରହିଥିବାବେଳେ ସେଥିରେ ଏକାଧିକ ଟ୍ରଷ୍ଟି ମାର୍ଫତଦାର ଭାବେ ରହିଛନ୍ତି। ଉକ୍ତ ୩୮ ନମ୍ବର ଖାତାର ମନ୍ତବ୍ୟ ସ୍ତମ୍ଭରେ ପ୍ଲଟ୍ ନଂ. ୪୨୬, ଜମି ପରିମାଣ ଏ.୦.୪୩ ଡିସିମିଲ ସ୍ୱର୍ଗତ ସାଧୁ ଚରଣ ପରିଡ଼ାଙ୍କ ପୁତ୍ର ଉଦୟନାଥ ପରିଡ଼ା, ରମାନାଥ ପରିଡ଼ା ଓ ଗଣନାଥ ପରିଡ଼ାଙ୍କ ଦଖଲରେ ରହିଛି। ସେହିପରି ସମାନ ଖାତାର ପ୍ଲଟ୍ ନଂ. ୪୨୭, ଜମି ପରିମାଣ ଏ୦.୩୩ ଡିସିମିଲ ଆବେଦନକାରୀଙ୍କ ପୂର୍ବଜ ନିତ୍ୟାନନ୍ଦ ପରିଡ଼ାଙ୍କ ଦଖଲରେ, ପ୍ଲଟ୍ ନଂ. ୪୨୮, ଜମି ପରିମାଣ ଏ୦.୩୪ ଡିସିମିଲ ନାରାୟଣ ପରିଡ଼ା, ଲକ୍ଷ୍ମୀକାନ୍ତ ପରିଡ଼ା, ସୀତା ପରିଡ଼ା, ନଟବର ପରିଡ଼ା ଓ ବିଶ୍ୱନାଥ ପରିଡ଼ାଙ୍କ ଦଖଲରେ ଏବଂ ପ୍ଲଟ୍ ନଂ. ୪୨୯, ଜମି ପରିମାଣ ଏ୦.୩୧ ଓ ପ୍ଲଟ୍ ନଂ.୪୩୧, ଜମି ପରିମାଣ ଏ୦.୪୧ ଡିସିମିଲ ମାଳତୀ ପରିଡ଼ା, ନରେନ୍ଦ୍ର ପରିଡ଼ା ଓ ବିନୋଦ ପରିଡ଼ାଙ୍କ ଦଖଲରେ ରହିଛି। ଏ ସମସ୍ତ ଜମିର ଖାତା ନମ୍ବର ଗୋଟିଏ ହୋଇଥିବାବେଳେ ବିଭିନ୍ନ ବ୍ୟକ୍ତିଙ୍କ ଦ୍ୱାରା ଭିନ୍ନ ଭିନ୍ନ ପ୍ଲଟ୍ ଭୋଗଦଖଲ ହେଉଛି। ହେଲେ ବର୍ତ୍ତମାନ ଅନ୍‌ଲାଇନ ଖଜଣା ଆଦାୟ ବ୍ୟବସ୍ଥାରେ ଜଣେ ବ୍ୟକ୍ତିଙ୍କଠାରୁ ପୂରା ଖାତାର ଖଜଣା ଆଦାୟ କରାଯାଉଛି। ଯାହାକି ସମ୍ପୃକ୍ତ ବ୍ୟକ୍ତି ପୂରା ଖାତାରେ ଥିବା ସମସ୍ତ ପ୍ଲଟ୍‌ର ଭୋଗଦଖଲକାରୀ ନୁହନ୍ତି। ଅନ୍‌ଲାଇନ୍ ବ୍ୟବସ୍ଥା ପ୍ରଚଳନ ହେବା ପୂର୍ବରୁ ଉପରୋକ୍ତ ଭୋଗଦଖଲକାରୀମାନେ ପୃଥକ ଭାବେ ଖଜଣା ପଇଠ କରି ରସିଦ୍ କାଟୁଥିଲେ। ହେଲେ ଏବେ ତାହା ସମ୍ଭବ ହେଉନାହିଁ। ସେହି ଖାତା ଅନ୍ତର୍ଗତ କୌଣସି ନିର୍ଦ୍ଦିଷ୍ଟ ପ୍ଲଟ୍‌ର ଭୋଗଦଖଲକାରୀ ନିଜ ଖଜଣା ପୃଥକ ଭାବେ ଦେବାକୁ ଚାହିଁଲେ ଦେଇପାରୁନାହାନ୍ତି। ଆଂଶିକ ଖଜଣା ଦେବା ନିମନ୍ତେ ଅନ୍‌ଲାଇନ୍‌ରେ କୌଣସି ବ୍ୟବସ୍ଥା ନାହିଁ। ପୂରା ଖାତାର ଖଜଣା ଦେବାକୁ ପଡୁଥିବାରୁ ପ୍ରତ୍ୟେକ ଅଂଶୀଦାର ଭୋଗଦଖଲକାରୀ ଏଥିପାଇଁ ଅମଙ୍ଗ ହେଉଛନ୍ତି। ଆଂଶିକ ଦେୟ ଦାଖଲ ନିମନ୍ତେ ସାତଭଉଣୀ ଆର୍‌ଆଇ ଓ ଭଦ୍ରକ ତହସିଲଦାରଙ୍କୁ ଆବେଦନକାରୀ ଅନୁରୋଧ କରିଥିଲେ ମଧ୍ୟ ସେ ଏ ଦିଗରେ ନିଜର ଅକ୍ଷମତା ପ୍ରକାଶ କରିଛନ୍ତି। ଏଭଳି ତ୍ରୁଟିଯୁକ୍ତ ବ୍ୟବସ୍ଥା ଦ୍ୱାରା ଖଜଣା ଆଦାୟ ହୋଇ ନ ପାରି ରାଜ୍ୟ ସରକାରଙ୍କର ବହୁ ପରିମାଣର ରାଜସ୍ୱ ହାନି ହେଉଛି। ତେଣୁ ସରକାର ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଆବେଦନକାରୀ ଦାବି କରିଛନ୍ତି।



ପବିତ୍ର ମହରମ ପର୍ବ ଅବସରରେ ଶିରିପୁରରେ ମୁସଲିମ୍ ସମ୍ପ୍ରଦାୟର ଲୋକେ ତାଜିଆ ଶୋଭାଯାତ୍ରାରେ ଯାଉଛନ୍ତି।

# ପାଣିରେ ବୁଡ଼ିଗଲା ଫାଉଣ୍ଟେନ



ବାରଙ୍ଗ,୨୯।୭(ଲିଙ୍ଗରାଜ ରାଉତ): ନନ୍ଦନକାନନକୁ ବିଶ୍ୱସ୍ତରୀୟ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଏଥିନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆସୁଥିବା ଅନୁଦାନ ନନ୍ଦନକାନନର ବିକାଶ ପାଇଁ ଖର୍ଚ୍ଚ କରାଯାଉଛି। ତେବେ ହେଉଥିବା କାମକୁ ଠିକ ଭାବେ ତଦାରଖ କରା ନ ଯିବାରୁ ନନ୍ଦନକାନନକୁ ବହୁ ସମୟରେ ବଦନାମ ହେବାକୁ ପଡୁଛି। ଏହାର ଏକ ଉଦାହରଣ ନନ୍ଦନକାନନ ପକ୍ଷରୁ କରାଯାଇଥିବା ବହୁତଳ ପାର୍କିଂ ସ୍ଥଳରେ ଦେଖିବାକୁ ମିଳିଛି।

ପ୍ରକାଶ ଯେ, ବହୁତଳ ପାର୍କିଂ ସ୍ଥଳରେ ଏକ ପୁଷ୍କରିଣୀ କରାଯାଇ ସେଥିରେ ଫାଉଣ୍ଟେନ ବ୍ୟବସ୍ଥା ହୋଇଥିଲା। ଏଥିନିମନ୍ତେ ଜନ୍ତୁବିଭାଗର ଜଣେ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଠିକାଦାର ଚୟନ କରାଯାଇ ୨୬ଲକ୍ଷ ଟଙ୍କା ବ୍ୟୟ ବରାଦରେ ନୂଆ ଫାଉଣ୍ଟେନ ଲଗାଯାଇଥିଲା। କିନ୍ତୁ ବହୁତଳ ପାର୍କିଂ ସ୍ଥଳକୁ ୨୦୨୨ ମେ'୨୭ରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହାକୁ ୧ବର୍ଷରୁ ଉର୍ଦ୍ଧ୍ୱ ଦିନ ବିତିଯାଇଥିଲେ ସୁଦ୍ଧା ଦିନେ ହେଲେ ଫାଉଣ୍ଟେନ ଚାଲିବାର କେହି ଦେଖିନାହାନ୍ତି। ଏବେ ଫାଉଣ୍ଟେନ ପାଣି ଭିତରେ ଲୁଚି ରହିଛି। ପାର୍କିଂରେ ଗାଡି ରଖୁଥିବା ପର୍ଯ୍ୟଟକ ଥକାପଣ ମେଣ୍ଟାଇବାକୁ ଓ ମନକୁ ପ୍ରଫୁଲ୍ଲିତ କରିବାକୁ ପୁଷ୍କରିଣୀର ଚତୁଃପାର୍ଶ୍ୱରେ ହୋଇଥିବା ଘାସଗାଲିଚା ଉପରେ ବସି ପୁଷ୍କରିଣୀ ସହ ଫାଉଣ୍ଟେନର ମଜା ଉଠାଇବା ଉଦ୍ଦେଶ୍ୟରେ ଏହା କରାଯାଇଥିଲା, କିନ୍ତୁ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ଏବେ ତାହା କାମରେ ଲାଗୁନି। ଏଥିପ୍ରତି କାହାର ଚିନ୍ତା ନ ଥିବା ଭଳି ମନେ ହେଉଛି। ଏହିଭଳି ମନୋଭାବ ନେଇ ଯଦି କାର୍ଯ୍ୟ କରିବେ ତେବେ ବିଶ୍ୱସ୍ତରୀୟ ଚିଡିଆଖାନାର ସ୍ୱପ୍ନ କେଉଁଭଳି ପୂରଣ ହେବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ୪ ମାସ ଶୟନ ଗଲେ ମହାପ୍ରଭୁ

## ଶ୍ରୀମନ୍ଦିରରେ ହରିଶୟନ ଏକାଦଶୀ ନୀତି ସମ୍ପନ୍ନ

ପୁରୀ, ୨୯।୭(ଅଜିତ ମହାନ୍ତି)

ଶ୍ରାବଣ ମାସ ମଳ ଶୁକ୍ଳପକ୍ଷ ଏକାଦଶୀ ଅବସରରେ ଶନିବାର ଶ୍ରୀମନ୍ଦିରରେ ହରିଶୟନ ଏକାଦଶୀ ନୀତି ସମ୍ପନ୍ନ ହୋଇଛି। ପୌରାଣିକ କଥା ଅନୁଯାୟୀ, ଏହି ଦିନଠାରୁ ଦୀର୍ଘ ୪ ମାସ ପର୍ଯ୍ୟନ୍ତ ମହାପ୍ରଭୁ ଶୟନ କରିଥାନ୍ତି। ସେହିପରି ମହାପ୍ରଭୁଙ୍କ ଶୟନ କାଳ ମଣିଷଙ୍କ ପାଇଁ ଅଶୁଭ କାଳ ଭାବେ ଗ୍ରହଣ କରାଯାଏ। ଏହି ସମୟରେ ଜ୍ୟୋତିଷ ଶାସ୍ତ୍ରମତେ ସୂର୍ଯ୍ୟଙ୍କ ଦକ୍ଷିଣାୟନ ଯୋଗୁ କୌଣସି ଶୁଭକାର୍ଯ୍ୟ କରାଯାଏନାହିଁ। ତେଣୁ ବିବାହ, ବ୍ରତଘର ଆଦି କାର୍ଯ୍ୟ ଏହି ୪ମାସ ପର୍ଯ୍ୟନ୍ତ ହୋଇ ନ ଥାଏ। କାର୍ତ୍ତିକ ମାସ ଏକାଦଶୀ ପରେ ଠାକୁର ଶୟନରୁ ଉଠିଲେ ଶୁଭ କାର୍ଯ୍ୟ କରାଯାଇଥାଏ। ଆଷାଢ଼ ମାସ ଶୁକ୍ଳପକ୍ଷ ଏକାଦଶୀ ଅବସରରେ ରଥ ଉପରେ ଠାକୁର ଥିବା ସମୟରେ ହରିଶୟନ ଏକାଦଶୀ ନୀତି ସମ୍ପନ୍ନ ହୋଇଥାଏ। ଚଳିତ ବର୍ଷ ଯୋଡା ଶ୍ରାବଣ ପଡୁଥିବାରୁ ପରମ୍ପରା ଅନୁଯାୟୀ ଆଷାଢରେ ହରିଶୟନ ଏକାଦଶୀ ନୀତି ନ ହୋଇ ଶ୍ରାବଣ ମଳ ଶୁକ୍ଳ ଏକାଦଶୀରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ହରିଶୟନ ଏକାଦଶୀ ନୀତି ପାଳନ ହୋଇଛି।





କ୍ୟାପିଟାଲ ହସ୍ପିଟାଲ ପରିସରରେ ଶନିବାର ଅନୁଷ୍ଠିତ ବିଶ୍ୱ ଶିଶୁ ଚାଲାଣ ନିରୋଧ ଦିବସ ପାଳନ ଅବସରରେ ଶିଶୁଙ୍କ ଗହଣରେ କମିଶନରେଟ ପୋଲିସର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ।

# କ୍ୟାପିଟାଲ ଥାନା ପରିସରରେ ବିଶ୍ୱ ଶିଶୁ ଚାଲାଣ ନିରୋଧ ଦିବସ

ଭୁବନେଶ୍ୱର,୨୯।୭ (ସୂର୍ଯ୍ୟକାନ୍ତ ବେହେରା)

କ୍ୟାପିଟାଲ ଥାନା ପରିସରରେ ରୁଚିକା ସାମାଜିକ ସେବା ସଂଗଠନ ଓ କମିଶନରେଟ ପୋଲିସର ମିଳିତ ଆନୁକୂଲ୍ୟରେ ବିଶ୍ୱ ଶିଶୁ ଚାଲାଣ ନିରୋଧ ଦିବସ ପାଳିତ ହୋଇଯାଇଛି। ଜୋନ-୧ ଏସିପି ମାନସ ଗଡ଼ନାୟକ, କ୍ୟାପିଟାଲ ଥାନା ଅଧିକାରୀ ପଦ୍ମନାଭ ପ୍ରଧାନଙ୍କ ସମେତ କମିଶନରେଟ ପୋଲିସ ବହୁ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଆକ୍ରମଣ, ଉଦ୍ଧାର, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ ପୁନର୍ବାସ ସେବା ସମେତ ସକ୍ରିୟ କାର୍ଯ୍ୟକଳାପ ସହିତ ଶିଶୁ କାରବାରକୁ ମୁକାବିଲା କରିବା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ବିଭିନ୍ନ ବସ୍ତିରେ ପିଲାମାନଙ୍କ ସହ ବସ୍ତିବାସିନ୍ଦା, ଚାଇଲ୍ଡ ଲାଇନର କର୍ମକର୍ତ୍ତାମାନେ ମଧ୍ୟ ଉପସ୍ଥିତ ଥିଲେ।

# 'ସଂସ୍କାର ଅଭିମୁଖେ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିର' ଆଲୋଚନାଚକ୍ର

ଭୁବନେଶ୍ୱର,୨୯।୭(ଶର୍ମିଷ୍ଠା ପାଣିଗ୍ରାହୀ)

ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ମିଳିତ ଆନୁକୂଲ୍ୟରେ 'ସଂସ୍କାର ଅଭିମୁଖେ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିର' ଶୀର୍ଷକରେ ୧୯୨ତମ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାପରେ ଅତିଥି ଭାବେ ଏମ୍‌ସର ପୂର୍ବତନ ନିର୍ଦ୍ଦେଶକ ଡ. ଅଶୋକ କୁମାର ମହାପାତ୍ର, ଶ୍ରୀମନ୍ଦିରର ପୂର୍ବତନ ବରିଷ୍ଠ ଉପ-ପ୍ରଶାସକ ଡ. ଭାସ୍କର ମିଶ୍ର, ଗୀତିକାର ତଥା ସମାଜସେବୀ ବଦ୍ରି ମିଶ୍ର, ସେବକ ରାମଚନ୍ଦ୍ର ଦାସ ମହାପାତ୍ର, କଥାକାର ଅସୀତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚର ସମ୍ପାଦକ ପୀତବାସ ରାଉତରାୟ ସଭା ପରିଚାଳନା କରିଥିବାବେଳେ ରମାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

# ବ୍ଲାକ୍ ଗ୍ରେପ୍‌ସ ଇଣ୍ଡିଆର 'ଓଫେମ ୨.୦' ରେଷ୍ଟୁରାଣ୍ଟ ଉଦ୍‌ଘାଟିତ

ଫୁଲନଖରା,୨୯।୭ (ସତ୍ୟରଞ୍ଜନ ଦାସମହାପାତ୍ର)



କଟକ ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ପାହାଳଠାରେ ଶୁକ୍ରବାର ବ୍ଲାକ୍ ଗ୍ରେପ୍‌ସ ଇଣ୍ଡିଆର 'ଓଫେମ୍ ୨.୦' ଭିନ୍ନକ୍ଷମଙ୍କ ଗହଣରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ବିଏମ୍‌ସିର ୪ନମ୍ବର ୱାର୍ଡ କର୍ପୋରେଟର ସୁକୁମାର ସାହୁ ଯୋଗଦେଇ ଉକ୍ତ ରେଷ୍ଟୁରାଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ରେଷ୍ଟୁରାଣ୍ଟଟି ବ୍ଲାକ୍ ଗ୍ରେପ୍‌ସ ଇଣ୍ଡିଆ ଦ୍ୱାରା ପରିଚାଳିତ। ଏଠାରେ ଇଣ୍ଡିଆନ, କଣ୍ଟିନେଣ୍ଟାଲ, ଚାଇନିଜ୍ ତନ୍ଦୁରୀ, ମଲ୍ଟି କ୍ୟୁଜାକ୍ ଖାଦ୍ୟ ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ। ଉତ୍ତମ ଗ୍ରାହକ ସେବା ଲକ୍ଷ୍ୟ ଆମର। ଓଫେମ ରେଷ୍ଟୁରାଣ୍ଟ ଅତ୍ୟନ୍ତ ଆଧୁନିକେ ଶୈଳୀରେ ନିର୍ମିତ ହୋଇଛି। ଏଥିରେ ଉତ୍ତମ ସେବା ଯୋଗାଇ ଦେବା ପାଇଁ ଆବଶ୍ୟକ କର୍ମଚାରୀ ନିଯୋଜିତ ଅଛନ୍ତି। ଉଦ୍‌ଘାଟନୀ ଦିବସରେ ରେଷ୍ଟୁରାଣ୍ଟରେ ଦୃଷ୍ଟିବାଧିତ ୭୦ରୁ ଉର୍ଦ୍ଧ୍ୱ ଝିଅପୁଅଙ୍କୁ ବିନା ମୂଲ୍ୟରେ ଖାଦ୍ୟ ପରଷା ଯାଇଥିଲା। ସେମାନେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ଆନନ୍ଦ ମନରେ ଖାଇ ଆତ୍ମସନ୍ତୋଷ ପ୍ରକାଶ କରିଥିଲେ। ଏହି ଅବସରରେ ରେଷ୍ଟୁରାଣ୍ଟର ସମସ୍ତ କର୍ମଚାରୀ ତଥା ପରିଚାଳନା ଦାୟିତ୍ୱରେ ଥିବା ବ୍ଲାକ ଗ୍ରେପ୍‌ସ ଇଣ୍ଡିଆ କର୍ମକର୍ତ୍ତା ଉପସ୍ଥିତ ରହି ଦୃଷ୍ଟି ବାଧିତ ପିଲାଙ୍କୁ ଉତ୍ସାହିତ କରିଥିଲେ। ବ୍ଲାକ ଗ୍ରେପ୍‌ସ ଇଣ୍ଡିଆ ପକ୍ଷରୁ ପାର୍ଟନର ରୋଶନ ପ୍ରଧାନ ଓ ନରେନ୍ଦ୍ର ଅଗ୍ରୱାଲ ଉପସ୍ଥିତ ରହି ସମସ୍ତ ଙ୍କୁ ଉତ୍ସାହିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ଭୁବନେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ ବର୍ଷା ଉତ୍ସବ

ପୁରୁଣା ଭୁବନେଶ୍ୱର,୨୯।୭(ସୁବାସ ଚନ୍ଦ୍ର ପ୍ରଧାନ): ଭୁବନେଶ୍ୱର ସାଂସ୍କୃତିକ ପରିଷଦ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ବର୍ଷା ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱ କରିଥିଲେ। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବିଶିଷ୍ଟ ଗାୟିକା ଇରା ମହାନ୍ତି, ଭାଗ୍ୟଶ୍ରୀ ଦାସ, ମାନସୀ ମିଶ୍ର, ଗାୟକ ଦୀପକ ମହାନ୍ତି, ତାରିକ୍ ଅଜିଜ୍, ଆଙ୍କର ମାନସୀ ମିଶ୍ର, ଗିରିଶ ମହାନ୍ତି, ଓଜିଏସ୍‌ପିଏ ଡ୍ୟାନ୍ସ ଗ୍ରୁପ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ସମରେନ୍ଦ୍ର ସାହୁ ସଭା ପରିଚାଳନା କରିଥିଲେ। ସହସମ୍ପାଦକ ସୁରେଶ ବାରିକ, କୋଷାଧ୍ୟକ୍ଷ ମନୋଜ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦ ଧନ୍ୟବାଦ ଦେଇଥିଲେ।

# ଟମାଟୋ ପାଇଁ ୨ ନାବାଳକ ବନ୍ଧା ପଡିଲେ

## ଫ୍ରିଜ୍ ଉଠାଇବାକୁ କହି ଫସାଇଦେଲେ ଅଚିହ୍ନା ବ୍ୟକ୍ତି

କଟକ,୨୯।୭(ସୁପ୍ରିୟା ପ୍ରିୟଦର୍ଶିନୀ)

ବଜାରରେ ଟମାଟୋ ଦର ଆକାଶଛୁଆଁ ହୋଇଛି। ଚଢ଼ାଦରରେ ଟମାଟୋ କିଣିବା ପାଇଁ ଗରିବଠାରୁ ଧନୀ ପର୍ଯ୍ୟନ୍ତ ପଛାଉଛନ୍ତି। ତେବେ ଏହାକୁ ନେଇ ଶନିବାର କଟକ ଛତ୍ରବଜାର ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତି ଟମାଟୋ କିଣିବାକୁ ଆସି ୨ ଜଣ ନାବାଳକଙ୍କୁ ବନ୍ଧା ପକାଇ ଫେରାର ହୋଇଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ନନ୍ଦନକାନନ ଓ ଶିଖରଚଣ୍ଡୀ ଅଞ୍ଚଳରୁ ଦୁଇଜଣ ନାବାଳକଙ୍କୁ ଜଣେ ବ୍ୟକ୍ତି ଆଣି ଛତ୍ରବଜାରକୁ ଆସିଥିଲେ। ସେଠାକାର ଦୁଇଟି ଦୋକାନରେ ୨ ଜଣ ନାବାଳକଙ୍କୁ ବସାଇ ୨ କେଜି ଲେଖାଏ ଟମାଟୋ ନେଇଥିଲେ। ବାକି ୮ କେଜି ଟମାଟୋ ବାଛିବାକୁ ସେମାନଙ୍କୁ କହିଥିଲେ। କିଛି ସମୟ ପରେ ଆସି ଟମାଟୋ ନେଇଯିବେ ବୋଲି ବ୍ୟକ୍ତି ଜଣଙ୍କ କହି ସେଠାରୁ ଚାଲି ଯାଇଥିଲେ। ଇତିମଧ୍ୟରେ ୨ ଘଣ୍ଟା ବିତିଯାଇଥିଲେ ମଧ୍ୟ ସେ ଆସି ନ ଥିଲେ। ଫଳରେ ବ୍ୟବସାୟୀ ଦ୍ୱୟଙ୍କର ସନ୍ଦେହ ହେବାରୁ ସେମାନେ ସମ୍ପୃକ୍ତ ୨ ଜଣ ନାବାଳକଙ୍କୁ ପଚରାଉଚରା କରିଥିଲେ। ଏହାପରେ ନାବାଳକ ଦ୍ୱୟ କହିଥିଲେ, ଆମକୁ ୩୦୦ ଟଙ୍କା ଦେଇ ଫ୍ରିଜ୍ ଉଠାଇବାକୁ କହି ଆଣିବା ପରେ ଏଠାରେ ଫସାଇ ଦେଇଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ଠିକଣା ସମ୍ପର୍କରେ ସେମାନେ ଜାଣି ନାହାନ୍ତି। ଏହାପରେ ଜଣାପଡିଲା ଟମାଟୋ ପାଇଁ ଅଚିହ୍ନା ନାବାଳକଙ୍କୁ ଯୁବକ ଜଣଙ୍କ ବ୍ୟବସାୟୀଙ୍କ ପାଖରେ ବନ୍ଧା ପକାଇ ଫେରାର ହୋଇଯାଇଛନ୍ତି। ପରେ ସ୍ଥାନୀୟ ବ୍ୟବସାୟୀ ନାବାଳକ ଦ୍ୱୟଙ୍କୁ ବୁଝାସୁଝା କରି ସେମାନଙ୍କ ଘରକୁ ପଠାଇଥିଲେ।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କୋଣାର୍କ,୨୯।୭(ଜ୍ୟୋତିରାଜ ମହାନ୍ତି)

ପୁରୀ-କୋଣାର୍କ ବେଳାମାର୍ଗ ବାଲିଘାଇ ଛକ ନିକଟ ବେଲେଶ୍ୱର ଶୈବ ପୀଠ ନିକଟ ଜଙ୍ଗଲରୁ ରାମଚଣ୍ଡୀ ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ତେବେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮/୨୩) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବେଲେଶ୍ୱର ମନ୍ଦିର ନିକଟ ଜଙ୍ଗଲରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଅନ୍ୟପକ୍ଷରେ ମୃତଦେହଟି ୩ରୁ ୪ଦିନ ତଳର ବୋଲି ପୋଲିସ ଅନୁମାନ କରୁଛି।

# ସୂର୍ଯ୍ୟମନ୍ଦିର ବୁଲି ଦେଖିଲେ ୭୮ ଶିକ୍ଷାସେବା ଅଧିକାରୀ

କୋଣାର୍କ,୨୯।୭(ଜ୍ୟୋତିରାଜ ମହାନ୍ତି)

ଓଡ଼ିଶା ଶିକ୍ଷା ସେବାରେ ନବନିଯୁକ୍ତ ୭୮ଜଣ ଶିକ୍ଷାସେବା ଅଧିକାରୀ କୋଣାର୍କ ପରିଭ୍ରମଣରେ ଆସି ସୂର୍ଯ୍ୟମନ୍ଦିର, ଅର୍କକ୍ଷେତ୍ର ବ୍ୟାଖ୍ୟାନ କେନ୍ଦ୍ର, ଚନ୍ଦ୍ରଭାଗାର ସ୍ୱର୍ଣ୍ଣିମ ବେଳାଭୂମି ଓ ମୁକ୍ତାକାଶ ରଙ୍ଗମଞ୍ଚ ପରିଦର୍ଶନ କରିଛନ୍ତି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ(ଓସେପା) ପକ୍ଷରୁ ଭୁବନେଶରେ ଆୟୋଜିତ ୧୫ଦିନିଆ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଏହି ଯୁବ ଶିକ୍ଷା ପ୍ରଶାସକମାନେ କୋଣାର୍କ ଗସ୍ତ ବେଳେ ନିମାପଡ଼ା ସରକାରୀ ହାଇସ୍କୁଲର ଶୈକ୍ଷିକ ଭିତ୍ତିଭୂମି ମଧ୍ୟ ଅନୁଧ୍ୟାନ କରିଥିଲେ। ଏହା ପରେ ସୂର୍ଯ୍ୟମନ୍ଦିର ଓ ଅର୍କକ୍ଷେତ୍ର ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରି ଉତ୍କଳୀୟ ସୂକ୍ଷ୍ମ ଭାସ୍କର୍ଯ୍ୟ କଳାକୁ ଉପଭୋଗ କରିଥିଲେ। ଓଡ଼ିଶା ସରକାରଙ୍କ ଦ୍ୱାରା ନବନିଯୁକ୍ତ ୧୫୮ଜଣ ଯୁବ ଶିକ୍ଷା ସେମା ଅଧିକାରୀଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୭୮ଜଣଙ୍କୁ ଓସେପା ପକ୍ଷରୁ ପ୍ରଶିକ୍ଷଣ ପ୍ରଦାନ କାର୍ଯ୍ୟକ୍ରମ ଜାରି ରହିଛି। ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ନବନିଯୁକ୍ତ ଯୁବ ଶିକ୍ଷା ପ୍ରଶାସକଙ୍କ କର୍ତ୍ତବ୍ୟ ନିଷ୍ଠା ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସମୁନ୍ନତ କରିବ ବୋଲି ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା କହିଛନ୍ତି। ଏହି ପରିଭ୍ରମଣ କାର୍ଯ୍ୟକ୍ରମରେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶାହାଙ୍କ ସମେତ ଅତିରିକ୍ତ ନିର୍ଦ୍ଦେଶକ ସରୋଜ କୁମାର ବେହେରା, ଉପ ନିର୍ଦ୍ଦେଶକ ମହେଶ୍ୱର ସାହୁ, ପୁରୀ ଜିଲା ଶିକ୍ଷା ଅଧିକାରୀ ଡ. ବିଶ୍ୱଜିତ୍ ଘୋଷ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମରଥ ଓ ଗୋପ ବ୍ଲକ ଶିକ୍ଷା ଅଧିକାରୀ ସୁଶୀଳ କୁମାର ବ୍ରହ୍ମା ସାମିଲ ଥିଲେ। ପର୍ଯ୍ୟଟନ ବିଭାଗର ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ନୂତନ ଶିକ୍ଷା ପ୍ରଶାସକଙ୍କୁ ଶ୍ରୀଜଗନ୍ନାଥଙ୍କ ଫଟୋ ଉପହାର ଦେଇ ପୁରୀ ଜିଲା ଶିକ୍ଷା ଅଧିକାରୀ ଘୋଷ ସମ୍ବର୍ଦ୍ଧିତ କରିଥିଲେ। ସିଆରସିସି ରବୀନ୍ଦ୍ର ନାଥ ବାହିନୀପତି, ଶିକ୍ଷକ ପ୍ରତାପ ରାଉତ ଓ ଶିକ୍ଷକ ରାମକୃଷ୍ଣ ମହାନ୍ତି ଯାତ୍ରୀ ନିବାସଠାରେ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ କୋଣାର୍କ ପରିଭ୍ରମଣରେ ସହଯୋଗ କରିଥିଲେ।

# ଛାତ୍ରୀଛାତ୍ରଙ୍କ ଆତ୍ମବିଶ୍ୱାସ ବଢ଼ାଇବାକୁ ପରାମର୍ଶ

ଭୁବନେଶ୍ୱର,୨୯।୭ (ଅନୁରାଧା ମହାରଣା)



## ନବନିଯୁକ୍ତ ପିଜିଟିଙ୍କ ପ୍ରଶିକ୍ଷଣ ସରିଲା

ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ଭୁବନେଶ୍ୱରସ୍ଥିତ ଆର୍‌ଆଇଇରେ ଚାଲିଥିବା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବନିଯୁକ୍ତ ପିଜିଟିଙ୍କ ପାଞ୍ଚଦିନିଆ ପ୍ରଶିକ୍ଷଣ ଶିବିର ଶେଷ ହୋଇଛି। ଉଦ୍‌ଯାପନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଅଶ୍ୱଥି ଏସ୍ ପିଜିଟିଙ୍କ ସହ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ ମନକୁ ବୁଝି ସେମାନଙ୍କ ଆତ୍ମବିଶ୍ୱାସ ବଢ଼ାଇବା ସହ ସେମାନଙ୍କ ପ୍ରତିଭା ବିକଶିତ ହେବାରେ ସହାୟକ ହେବା ପାଇଁ ସେ ପରାମର୍ଶ ଦେଇଥିଲେ।

ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ସମଗ୍ର ଶିକ୍ଷା ଓ ଷ୍ଟାର୍‌ସରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ଥିବା ବିଭିନ୍ନ ସୁବିଧା ସୁଯୋଗର ଉପଯୋଗ କରିବାକୁ କହିଥିଲେ। ପିଜିଟିମାନେ କଠିନ ପରିଶ୍ରମ କରି ସମସ୍ତ ଆହ୍ୱାନକୁ ସାମ୍ନା କରି ସମାଜର ପରିବର୍ତ୍ତନର ସୂତ୍ରଧର ହେବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଆର୍‌ଆଇଇର ଅଧ୍ୟକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଯୋଗଦେଇ ସମାଜ ଗଠନରେ ଶିକ୍ଷକର ଭୂମିକା ଉପରେ ଆଲୋକପାତ କରିଥିଲେ । ସ୍ୱତନ୍ତ୍ର ଶାସନ ସଚିବ ଶୁଭଶ୍ରୀ ନନ୍ଦ ତାଲିମଶିବିରର ଶିକ୍ଷଣ ଅନୁଭୂତିକୁ କର୍ମକ୍ଷେତ୍ରରେ ପ୍ରୟୋଗ କରି ଛାତ୍ରୀଛାତ୍ରଙ୍କୁ ଉନ୍ନତ ଶିକ୍ଷା ପ୍ରଦାନ ପାଇଁ ଆହ୍ୱାନ ଦେଇଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର୍ ଆୟାର ସ୍ୱାଗତ ଜଣାଇ ପାଞ୍ଚଦିନିଆ ତାଲିମ ଶିବିରରେ ହୋଇଥିବା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଯୋଗାଭ୍ୟାସ, ଶ୍ରେଣୀଗୃହ ପରିଚାଳନା କୌଶଳ, ବିଭିନ୍ନ ସମସ୍ୟା ସମାଧାନରେ ଶିକ୍ଷକର ସକାରାତ୍ମକ ଦୃଷ୍ଟିଭଙ୍ଗୀ, ସାମସ ପୋର୍ଟାଲର ବ୍ୟବହାର, ସ୍କଲାରସିପ ଯୋଜନା, ଆର୍ଥିକ ପରିଚାଳନା, ଚାକିରି ନିୟମାବଳୀ, ଧନ୍ଦାମୂଳକ ଶିକ୍ଷାର ପ୍ରସାର, ବିଦ୍ୟାଳୟ ଓ ଛାତ୍ରା ବାସକୁ ରାଗିଙ୍ଗ ମୁକ୍ତ ଓ କର୍ମକ୍ଷେତ୍ରକୁ ଯୌନ ଶୋଷଣ ମୁକ୍ତ କରିବା ପାଇଁ ଦାୟିତ୍ୱ ଓ ଆଇନ ଶିକ୍ଷା ଆଦି ବିଭିନ୍ନ ପ୍ରସଙ୍ଗରେ ତାଲିମ ସହ ପ୍ରଶିକ୍ଷାର୍ଥୀମାନେ ଆଇସିଟି ଷ୍ଟୁଡିଓରେ ଡେମୋ ଶିକ୍ଷାଦାନ କରିଥିଲେ। ଏତଦ୍ ବ୍ୟତୀତ ସେମାନେ ୱାର୍ଲ୍ଡ ସ୍କିଲ ସେଣ୍ଟର ପରିଦର୍ଶନ କରି ଧନ୍ଦାମୂଳକ ଶିକ୍ଷା ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରିଥିଲେ। କାର୍ଯ୍ୟକ୍ରମକୁ ଯୁଗ୍ମ ନିର୍ଦ୍ଦେଶକ ଡ. ସନାତନ ପଣ୍ଡା ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଗୋଟିଏ କଲୋନିରୁ ୩ ଘରୁ ଚୋରି

ଭୁବନେଶ୍ୱର,୨୯।୭(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରେ ପୁଣି ମାତିଲେ ଦୁର୍ବୃତ୍ତ। ଶୁକ୍ରବାର ବିଳମ୍ବିତ ରାତିରେ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପ୍ରଶାନ୍ତିବିହାରରେ ସିରିଜ ମୋବାଇଲ ଚୋରି ହୋଇଛି। କେତେଜଣ ଦୁର୍ବୃତ୍ତ ଗୋଟିଏ ଲେନ୍‌ରୁ ୩ ଜଣଙ୍କ ଘରୁ ଚୋରିକରି ଫେରାର ହୋଇଯାଇଛନ୍ତି। ପ୍ରଥମେ ଜ୍ୟୋତ୍ସ୍ନାରାଣୀ ମହାରଣାଙ୍କ ଘର ଝରକା ନିକଟରେ ରଖାଯାଇଥିବା ଏକ ମୋବାଇଲ ନେଇଯାଇଥିଲା ବେଳେ ତାଙ୍କ ଘର ପାଖାପାଖି ଅନ୍ୟ ୨ ଜଣଙ୍କ ଘର କ୍ୟାମ୍ପସ ଭିତରେ ପଶି ମୋବାଇଲ ଓ ଇଲୋକ୍ଟ୍ରୋନିକ୍ସ ଜିନିଷ ଚୋରିକରି ନେଇଯାଇଛନ୍ତି। ଏନେଇ କଲୋନୀ ବାସିନ୍ଦା ଇନ୍‌ଫୋସିଟି ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି। ପୋଲିସ ଘଟଣାକୁ ଗୁରୁତର ସହ ନେଇ ସିସିଟିଭି ଫୁଟେଜକୁ ସଂଗ୍ରହକରି ଦୁର୍ବୃତ୍ତମାନଙ୍କୁ ଚିହ୍ନଟ କରିବାକୁ ତଦନ୍ତ ଆରମ୍ଭ କରିଛି।

### ଅଗଷ୍ଟ ୧୧ରେ ବର୍ଷା ଉତ୍ସବ

**ପ୍ରଦୀପ୍ତ ମିଶ୍ର ପାଇବେ 'ବର୍ଷା କଥା ସମ୍ମାନ', ସତ୍ୟବାଦୀ ରାଉତଙ୍କୁ 'କଥା କବିତା ସମ୍ମାନ', ତପନ ବାରିକଙ୍କୁ 'ନବଉନ୍ମେଷ ସମ୍ମାନ'**

ଭୁବନେଶ୍ୱର,୨୯।୭(ଶର୍ମିଷ୍ଠା ପାଣିଗ୍ରାହୀ)

ବର୍ଷା ପବ୍ଲିକେଶନ ପକ୍ଷରୁ ଅଗଷ୍ଟ ୧୧ରେ 'ବର୍ଷା ଉତ୍ସବ' ଆୟୋଜିତ ହେବାକୁ ଯାଉଛି। ଉକ୍ତ ଉତ୍ସବ ଅବସରରେ ପ୍ରାଚୀନ ଓଡ଼ିଆ ସାହିତ୍ୟ ସମ୍ବନ୍ଧିତ ଆଲୋଚନାଚକ୍ର, ପାରମ୍ପରିକ କବିତାକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ, ପୁସ୍ତକ ଉନ୍ମୋଚନ ଓ ବର୍ଷା ସାହିତ୍ୟ ସମ୍ମାନ ପ୍ରଦାନ କରାଯିବ। ଏ ସମ୍ପର୍କରେ ପବ୍ଲିକେଶନର ନିର୍ଦ୍ଦେଶକ ବାଦଲ ମହାନ୍ତି ଶନିବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। କଥାକାର ପ୍ରଦୀପ୍ତ କୁମାର ମିଶ୍ରଙ୍କ ଗଳ୍ପ ପୁସ୍ତକ 'ଛଦ୍ମଘଟ'କୁ 'ବର୍ଷା କଥା ସମ୍ମାନ', ସତ୍ୟବାଦୀ ରାଉତଙ୍କ କବିତା ପୁସ୍ତକ 'ମୁଁ ନ ଥିବି ଏ ନଈ ଥିବ'କୁ 'କବିତା ସମ୍ମାନ' ଓ ଯୁବକବି ତପନ କୁମାର ବାରିକଙ୍କ କବିତା ପୁସ୍ତକ 'କେଇ ଫର୍ଦ୍ଦ ଜହ୍ନ ରାତି'କୁ 'ନବଉନ୍ମେଷ ସମ୍ମାନ' ପ୍ରଦାନ କରାଯିବ। ଗୀତ ଗୋବିନ୍ଦ ସଦନରେ ଆୟୋଜିତ ହେବାକୁ ଯାଉଥିବା ଏହି ଦିନବ୍ୟାପୀ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଲେଖକ, ପାଠକ, ବୁଦ୍ଧିଜୀବୀ ଓ ଶ୍ରୋତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ସମ୍ମିଳନୀରେ କବି ଦିଲୀପ କୁମାର ବିଶ୍ୱାଳ, ଯୁବ ପ୍ରାବନ୍ଧିକ ପରଂବ୍ରହ୍ମ ତ୍ରିପାଠୀ, ଖବରଦାତା ଦେବଦତ୍ତ ପତି, ଯୁବ ସାହିତ୍ୟିକ ବେଦ ପ୍ରକାଶ ବାରିକ ଓ ଆଲୋକ ରଞ୍ଜନ ଷଢଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିପିଆର୍‌ଏସ୍ ଦ୍ୱାରା ବାଘ ଗଣନା ସହଜ ହେଉଛି

ଭୁବନେଶ୍ୱର, ୨୯।୭(ବନ୍ଦନା ସେଠୀ)

ବିଶ୍ୱ ବ୍ୟାଘ୍ର ଦିବସ ଘୋଷଣା ହେବା ପରେ ଦେଶରେ ବାଘଙ୍କ ସଂଖ୍ୟା ବଢ଼ିଛି। ଏବେ ୭୫%ରୁ ଅଧିକ ବାଘ କେବଳ ଭାରତରେ ଅଛନ୍ତି। ଓଡ଼ିଶାରେ ଯଦିଓ ଏହି ସଂଖ୍ୟା କିଞ୍ଚିତମାତ୍ରାରେ କମିଛି, ତଥାପି ସମଗ୍ର ବିଶ୍ୱରେ ସବୁଠାରୁ ଅଧିକ ବାଘ ଭାରତରେ ରହିଛନ୍ତି। ପୂର୍ବରୁ ବାଘର ପଗମାର୍କ ଦେଖି ଗଣନା କରାଯାଉଥିଲା। ଏବେ ଜିପିଆର୍‌ଏସ୍ ଆସିଲାଣି। ଟେକ୍ନୋଲୋଜିରେ ପରିବର୍ତ୍ତନ ଘଟିଲେ ତଥ୍ୟରେ ନିଶ୍ଚିତପକ୍ଷେ ଫରକ ଆସିବ। ତେବେ ଏହାଦ୍ୱାରା ବାଘ ଗଣନା ସହଜ ହୋଇପାରୁଛି ବୋଲି ଇଷ୍ଟର୍ନ ଇଣ୍ଡିଆ ଫିଲାଟେଲିକ୍ ଆସୋସିଏଶନ୍ ସେକ୍ରେଟାରି ଶାନ୍ତି ସ୍ୱରୂପ ରଥ କହିଛନ୍ତି। ଶନିବାର ରିଜିଓନାଲ ସାଇନ୍ସ ସେଣ୍ଟରଠାରେ ବିଶ୍ୱ ବ୍ୟାଘ୍ର ଦିବସ ପାଳନ କରାଯାଇଥିଲା। ଏଥିରେ ଅତିଥି ଭାବେ ଯୋଗଦେଇ ଶାନ୍ତି ସ୍ୱରୂପ କହିଲେ, ମନୁଷ୍ୟମାନେ ଅତ୍ୟଧିକ ମାତ୍ରାରେ ବନ୍ୟଜନ୍ତୁଙ୍କ ଅଞ୍ଚଳକୁ ମାଡିଯାଉଛନ୍ତି। ଫଳରେ ଅନେକ ସମୟରେ ସେମାନେ ଜନବସତି ଅଞ୍ଚଳକୁ ଆସିବା ସହିତ ବିଭିନ୍ନ ସମସ୍ୟା ଦେଖାଦେଉଛି। ସେହିପରି ଶିକାରୀମାନେ ମଧ୍ୟ କେତେକାଂଶରେ ବାଘ ବଂଶ ଲୋପ କରିବାକୁ ଲାଗିପଡିଛନ୍ତି। ତେବେ ଏସବୁ ଦିଗ ପ୍ରତି ଦୃଷ୍ଟି ଦିଆଯିବା ସହ ବାଘଙ୍କ ସୁରକ୍ଷା ଦିଗରେ ଅନେକ ପଦକ୍ଷେପ ନିଆଯାଉଛି ବୋଲି ସେ ମତ ଦେଇଛନ୍ତି। ପୂର୍ବତନ ଆଇଏଫ୍‌ଏସ୍ ଅଧିକାରୀ ସୁରେଶ ଚନ୍ଦ୍ର ମିଶ୍ର ଯୋଗଦେଇ ବାଘଙ୍କ ସୁରକ୍ଷା ଓ ସେମାନଙ୍କ ସହ ଜଡିତ କିଛି ରୋଚକ କଥା ଉପରେ ଆଲୋଚନା କରିଥିଲେ। ରିଜିଓନାଲ ସାଇନ୍ସ ସେଣ୍ଟର ଅଧିକାରୀ କପିଲ ଜୈନ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବାଘକୁ ନେଇ ସାଧାରଣତଃ ଲୋକଙ୍କ ମଧ୍ୟରେ ବେଶି କିଛି ଧାରଣା ନାହିଁ। ତେଣୁ ବାଘ ବିଷୟରେ କିଛି ନୂଆ କଥା ଜାଣିବା ତଥା ବନ୍ୟ ବିଶେଷଜ୍ଞଙ୍କଠାରୁ ସେମାନଙ୍କ ଅନୁଭୂତି ଜାଣିବା ସକାଶେ ପିଲାଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ବୋଲି ଜୈନ କହିଥିଲେ। ଏହି ଅବସରରେ ଏକ ପ୍ରଦର୍ଶନୀର ଆୟୋଜନ ହୋଇଥିଲା। ବାଘଙ୍କ ସଂରକ୍ଷଣ, ସେମାନଙ୍କ ଚାଲିଚଳଣ, ଜଙ୍ଗଲ ନିଆଁ କମାଇବା ଆଦି ବିଭିନ୍ନ ଦିଗକୁ ଏଥିରେ ଦର୍ଶାଯାଇଥିଲା।


ରିଜିଓନାଲ ସାଇନ୍ସ ସେଣ୍ଟରଠାରେ ଆୟୋଜିତ ପ୍ରଦର୍ଶନୀକୁ ଲୋକେ ବୁଲି ଦେଖୁଛନ୍ତି।



ନନ୍ଦନକାନନରେ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ପାଳନ ଅବସରରେ ଛାତ୍ରୀଛାତ୍ରଙ୍କ ସହ ନନ୍ଦନକାନନ ଉପନିର୍ଦ୍ଦେଶକ ସନତ ନାରାୟଣ, ଅଭିନେତ୍ରୀ ସମର୍ପିତା ଦାଶ ଓ ଅନ୍ୟମାନେ।

# ବାଘ ସମ୍ପର୍କରେ ଜାଣିଲେ ପିଲା

ବାରଙ୍ଗ,୨୯।୭(ଲିଙ୍ଗରାଜ ରାଉତ)

**ନନ୍ଦନକାନନରେ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ପାଳନ**

ନନ୍ଦନକାନନରେ ଶନିବାର ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବ ପାଇଁ ନନ୍ଦନକାନନ, ବିବେକାନନ୍ଦ, ଝୁନ୍‌ଝୁନ୍‌ୱାଲା ଆଦି ୪ଟି ବିଦ୍ୟାଳୟର ୬୬ଜଣ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ନନ୍ଦନକାନନ ଉପନିର୍ଦ୍ଦେଶକ ସନତ ନାରାୟଣଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳଚିତ୍ର ଅଭିନେତ୍ରୀ ସମର୍ପିତା ଦାଶ ମୁଖ୍ୟ ଆକର୍ଷଣ ସାଜି ବ୍ୟାଘ୍ର ସୁରକ୍ଷା ଉପରେ ଆଲୋକପାତ କରିଥିଲେ। 'ବାଘ ପାଇଁ ଦିନଟିଏ'ର ଏହି କାର୍ଯ୍ୟକ୍ରମ ଜରିଆରେ ପିଲାଙ୍କୁ ବାଘଙ୍କ ସୁରକ୍ଷା ପାଇଁ ଚିକିତ୍ସା, ଯତ୍ନ, ଖାଦ୍ୟ ପ୍ରଦାନ ଆଦି ବିଷୟରେ ବୁଝାଯାଇ ସଚେତନ କରାଯାଇଥିଲା। ପିଲାଙ୍କୁ ନେଇ ଆୟୋଜିତ କୁଇଜ୍ ପ୍ରତିଯୋଗିତାର କୃତୀ ଛାତ୍ର ପ୍ରଜ୍ଞାଶେଖର ସାହୁ, ସୁନାଲି ବିଶ୍ୱାସ, ନର୍ମଦା ପରମିତାଙ୍କ ସମେତ ୨୦ଜଣ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦିଆଯାଇଥିଲା। ଏଥିସହ ବାଘ ଏନ୍‌କ୍ଲୋଜରରେ ନିୟୋଜିତ କର୍ମଚାରୀ ସୁବାସ ପ୍ରଧାନ, ଭାସ୍କର ସାମଲ, ରାମଚନ୍ଦ୍ର ନାୟକ, ଗୁଣ୍ଡିଚା ଭୋଇଙ୍କ ସମେତ ୧୬ଜଣ ଜନ୍ତୁ ରକ୍ଷକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପର୍ଯ୍ୟଟକଙ୍କୁ ନେଇ ଏକ ଦସ୍ତଖତ ଅଭିଯାନ କରାଯାଇଥିଲା। ଫେସ୍‌ବୁକ ଲାଇଭ ମାଧ୍ୟମରେ ବ୍ୟାଘ୍ର ସୁରକ୍ଷା ଉପରେ ସଚେତନ ମଧ୍ୟ କରାଯାଇଥିଲା। ଏଥିସହ ବ୍ୟାଘ୍ର ଏନ୍‌କ୍ଲୋଜରରେ ପର୍ଯ୍ୟଟକଙ୍କ ପାଇଁ ଏକ ସେଲ୍ଫି ପଏଣ୍ଟର ଆୟୋଜନ କରାଯାଇଥିଲା। ପରେ ଛାତ୍ରୀଛାତ୍ର ଏକାଠି ହୋଇ ବାଘଙ୍କ ସୁରକ୍ଷା ଉପରେ ସ୍ଲୋଗାନ ଦେଇଥିଲେ। ଉତ୍ସବକୁ ନନ୍ଦନକାନନ ଶିକ୍ଷା ଅଧିକାରୀ ମିଳନ ପଣ୍ଡା, ଜନ୍ତୁବିଭାଗ ଦାୟିତ୍ୱରେ ଥିବା ଜି ଏଫ୍. ଖାନ୍‌ଙ୍କ ସମେତ ଅନ୍ୟ ଅଧିକାରୀ ପରିଚାଳନା କରିଥିଲେ। ଏବେ ନନ୍ଦନକାନନରେ ଧଳା, ସାଧାରଣ ବାଘ, କଳା ଲୋମଯୁକ୍ତ ବାଘକୁ ନେଇ ୩ ପ୍ରଜାତିର ୨୭ଟି ବାଘଙ୍କ ମଧ୍ୟରେ ୭ଟି ଧଳାବାଘ, ୩ଟି କଳାବାଘ ଓ ୧୭ଟି ସାଧାରଣ ବାଘ ଅଛନ୍ତି।

### ଭାରସାମ୍ୟ ହରାଇ ବ୍ରିଜ୍ ତଳକୁ ଖସିଲା କାର୍

ଭୁବନେଶ୍ୱର,୨୯।୭ (ସୂର୍ଯ୍ୟକାନ୍ତ ବେହେରା)

ମୈତ୍ରୀବିହାର ଥାନା ଅନ୍ତର୍ଗତ ନୀଳାଦ୍ରିବିହାର ୨୦୦ ଫୁଟିଆ ରାସ୍ତାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ କାର ଭାରସାମ୍ୟ ହରାଇ ବ୍ରିଜ ଉପରୁ ତଳକୁ ଖସିପଡ଼ିଥିଲା। ଫଳରେ କାର ଭିତରେ ଚାପି ହୋଇଯାଇ ଡ୍ରାଇଭର ଦୀର୍ଘ ସମୟ ଗାଡିରୁ ବାହାରି ପାରି ନ ଥିଲେ। ଖବର ପାଇ ଚନ୍ଦ୍ରଶେଖରପୁର ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କାର୍ ଚାଳକଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ।

### କୋଇଲା ଚୁଲା ଯାଞ୍ଚ କଡାକଡି କଲା ବିଏମ୍‌ସି

ଭୁବନେଶ୍ୱର, ୨୯।୭ (ବନ୍ଦନା ସେଠୀ)

ବିଏମ୍‌ସି ପକ୍ଷରୁ ସହରରେ ପରିବେଶ ପ୍ରଦୂଷଣ ଉପରେ ଗୁରୁତ୍ୱ ଦିଆଯାଇ ବିଭିନ୍ନ ହୋଟେଲ ଓ ଖାଦ୍ୟ ତିଆରି ହେଉଥିବା ପ୍ରତିଷ୍ଠାନକୁ ଯାଞ୍ଚ କରାଯାଉଛି। କୋଇଲାରେ ରୋଷେଇ କରୁଥିବା ପ୍ରତିଷ୍ଠାନଗୁଡିକୁ ତାଗିଦ୍ କରାଯିବା ସହ ଆବଶ୍ୟକ ପଡିଲେ ସେଗୁଡିକୁ ସିଲ୍ ମଧ୍ୟ କରାଯାଉଛି। କୋଇଲା ଚୁଲାରେ ରୋଷେଇ କରିବା ଦ୍ୱାରା ପରିବେଶ ପ୍ରଦୂଷଣ ହେବା ସହିତ ଏଥିରୁ ବାହାରୁଥିବା ଧୂଆଁ ଏବଂ ଗୁଣ୍ଡ ପାଖରେ ଥିବା ଖାଦ୍ୟରେ ମିଶୁଛି। ଫଳରେ ସେହି ଖାଦ୍ୟ ବିଷାକ୍ତ ତଥା ଅସ୍ୱାସ୍ଥ୍ୟକର ହେଉଛି। ତେଣୁ ପୂର୍ବରୁ ଏନେଇ ବିଭିନ୍ନ ହୋଟେଲକୁ ବିଏମ୍‌ସି ତାଗିଦ କରିଥିଲା। ନ ମାନିବାରୁ ଗୋଟିଏ ଦିନରେ ୱାର୍ଡ ନଂ. ୧୧ ଓ ୧୨ ଅଞ୍ଚଳର ୯ଟି ହୋଟେଲ ସିଲ୍ କରାଯାଇଛି। ଏହି ଚଢ଼ାଉ ଓ କାର୍ଯ୍ୟାନୁଷ୍ଠାନ ଆଗକୁ ମଧ୍ୟ ଜାରି ରହିବ ବୋଲି ବିଏମ୍‌ସି ସୂଚନା ଦେଇଛି।

## କୋର୍ଟରେ ବୟାନ ବଦଳାଇ ଚାକିରିରୁ ବହିଷ୍କୃତ ହେଲେ ସହକାରୀ ଯନ୍ତ୍ରୀ

ଭୁବନେଶ୍ୱର,୨୯।୭
(ସୂର୍ଯ୍ୟକାନ୍ତ ବେହେରା)

ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଗିରଫ କରୁଥିଲାବେଳେ ଅନେକ ସମୟରେ ସାକ୍ଷୀମାନେ କୋର୍ଟରେ ବୟାନ ବଦଳାଉଥିବାରୁ ଦୋଷୀମାନେ ନିର୍ଦ୍ଦୋଷରେ ଖଲାସ ହେଉଛନ୍ତି। ତେଣୁ ଏଭଳି ସାକ୍ଷୀଙ୍କ ବିରୋଧରେ ଭିଜିଲାନ୍ସ କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ପଦକ୍ଷେପ ଆରମ୍ଭ ହୋଇଛି। ଲାଞ୍ଚ ମାମଲାରେ ଜଡିତ ଜଣେ ଅଧିକାରୀଙ୍କୁ ବଞ୍ଚାଇବାକୁ ଯାଇ କୋର୍ଟରେ ବୟାନ ବଦଳାଇବା ଜଣେ ସହକାରୀ ଯନ୍ତ୍ରୀଙ୍କୁ ଚାକିରି ହରାଇବାକୁ ପଡ଼ିଛି। ସେ ବରଗଡ ଜିଲା ବିଜେପୁର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସହକାରୀ ଯନ୍ତ୍ରୀ ଉପେନ୍ଦ୍ର ଭଞ୍ଜ ନାଏକ। ରାଜ୍ୟ ସରକାର ତାଙ୍କୁ ଚାକିରିରୁ ବହିଷ୍କୃତ କରିଥିବା ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି।

୨୦୧୧ରେ ଲାଞ୍ଚ ନେବାବେଳେ ବରଗଡ ପଶ୍ଚିମ ବିଦ୍ୟୁତ୍ ଡିଭିଜନର ତତ୍କାଳୀନ ବରିଷ୍ଠ କିରାଣି ଆନନ୍ଦ ସରାଫ ଭିଜିଲାନ୍ସ ଜାଲରେ ପଡିଥିଲେ। ଏହି ମାମଲାର ପ୍ରତ୍ୟକ୍ଷଦର୍ଶୀ ଥିଲେ ଉପେନ୍ଦ୍ର। ସେ ସେତେବେଳେ ସୋହେଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସେକ୍ସନର କନିଷ୍ଠ ଯନ୍ତ୍ରୀ ଥିଲେ। ହେଲେ ମାମଲାର ଶୁଣାଣିବେଳେ କୋର୍ଟରେ ପୂର୍ବରୁ ଦେଇଥିବା ବୟାନ ବଦଳାଇଥିଲେ ଉପେନ୍ଦ୍ର। ଅଭିଯୁକ୍ତଙ୍କୁ ସାହାଯ୍ୟ କରିବା ପାଇଁ ମିଛ ପ୍ରମାଣ ମଧ୍ୟ ଦେଇଥିଲେ, ଯେଉଁଥିପାଇଁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ଏହା ଜଣାପଡିବା ପରେ ଭିଜିଲାନ୍ସ ନିର୍ଦ୍ଦେଶାଳୟର ସୁପାରିସ ପରେ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସୂଚନାଯୋଗ୍ୟ, ଗତ ୨ବର୍ଷ ମଧ୍ୟରେ ଭିଜିଲାନ୍ସ ପକ୍ଷରୁ ରୁଜୁ ହୋଇଥିବା ମାମଲାର ୪୫ଟିରେ ସରକାରୀ ସାକ୍ଷୀମାନେ ଶୁଣାଣି ସମୟରେ କିଛି ଜାଣି ନ ଥିବା (ହୋଷ୍ଟାଇଲ୍ ଘୋଷଣା) କହିଛନ୍ତି। ତେଣୁ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ସେମାନଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ସରକାରୀ କର୍ମଚାରୀ (ସାକ୍ଷୀ)ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ଭଲ ସିନେମାରେ ସାହିତ୍ୟକୃତିର ଅନୁପମ ଉପସ୍ଥାପନା ହୋଇଥାଏ



'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ଡ. ରଜନୀ ରଞ୍ଜନ ଓ ଅନ୍ୟ ଅତିଥି।

ଭୁବନେଶ୍ୱର,୨୯।୭(ଶର୍ମିଷ୍ଠା ପାଣିଗ୍ରାହୀ)

ସିନେମା ବହୁ ଆଦୃତ ଗଣମାଧ୍ୟମ ହୋଇଥିବାବେଳେ ସାର୍ଥକ ସାହିତ୍ୟ କୃତିଗୁଡ଼ିକର ଚିତ୍ରାୟନ ବିଶେଷ ଉଲ୍ଲେଖଯୋଗ୍ୟ। ସାର୍ଥକ ସାହିତ୍ୟ କୃତିଗୁଡ଼ିକୁ ଅଧିକ ଲୋକପ୍ରିୟ ଓ ସ୍ମରଣୀୟ କରିବା ଦିଗରେ ସିନେମାର ବଳିଷ୍ଠ ଅବଦାନ ରହିଛି ବୋଲି ସାହିତ୍ୟିକ ତଥା ସଂଳାପ ଲେଖକ ଡ. ରଜନୀ ରଞ୍ଜନ ମତବ୍ୟକ୍ତ କରିଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଶନିବାର ସନ୍ଧ୍ୟାରେ ଆୟୋଜିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଡ. ରଜନୀ ରଞ୍ଜନ 'ମୋ ଜୀବନ: ମୋ ସୃଜନ' ଶୀର୍ଷକ ବକ୍ତବ୍ୟ ରଖି ତାଙ୍କ ଲେଖକୀୟ ଯାତ୍ରାର ବିବରଣୀ ଉପସ୍ଥାପନ କରିଥିଲେ। ସେ କହିଲେ, ଗୋଟିଏ ଭଲ ସିନେମାରେ ସାହିତ୍ୟକୃତିର ଅନୁପମ ଉପସ୍ଥାପନା ହୋଇଥାଏ। ଅନୁଷ୍ଠାନ ଉପସଭାପତି କବି ରକ୍ଷକ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଜୟ ସ୍ୱାଇଁ, ପ୍ରଦୀପ୍ତ କୁମାର ବାରିକ, ନନ୍ଦକିଶୋର ବିଶ୍ୱାଳ, ରଜତରଶ୍ମି ସ୍ୱାଇଁ, ତ୍ରିଲୋଚନ ମହାନ୍ତି ଓ ଆଭାସ ବରାଳ ପ୍ରମୁଖ ଲେଖକଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ତରୁଣ କବି ତୃପ୍ତିରଞ୍ଜନ ଦାସ 'ଏ ମାସର କବି' ଭାବରେ ଯୋଗଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ପରେ ଆୟୋଜିତ କବିତା ପାଠୋତ୍ସବରେ ଡ. ଅଭୟ ନାରାୟଣ ନାୟକ, ବିଜୟବାଳା ପାଇକରାୟ ଓ ସ୍ନେହଦାସ ଲେଙ୍କା ସଂଯୋଜନା କରିଥିବାବେଳେ ବହୁ କବି ଓ କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପୁସ୍ତକ 'ଜରି ଗୋଟାଳି ଝିଅ' ଲୋକାର୍ପିତ

ଭୁବନେଶ୍ୱର,୨୯।୭(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରଶାସକ ତଥା କବି ମଧୁସୂଦନ ଦାଶଙ୍କ ଚତୁର୍ଥ କବିତା ପୁସ୍ତକ 'ଜରି ଗୋଟାଳି ଝିଅ' ଶୁକ୍ରବାର ଭଞ୍ଜକଳା ମଣ୍ଡପ ପ୍ରେକ୍ଷାଳୟରେ ଉନ୍ମୋଚିତ ହୋଇଯାଇଛି। ରାଜ୍ୟବର୍ଦ୍ଧନ ଧଳ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କବି ବାସୁଦେବ ସୁନାନୀଙ୍କ ସଞ୍ଚାଳନରେ ଅନୁଷ୍ଠିତ ସାରସ୍ୱତ ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ବିଶିଷ୍ଟ କବି ରାଜେନ୍ଦ୍ର କିଶୋର ପଣ୍ଡା, ପ୍ରାବନ୍ଧିକ ଅଭିରାମ ବିଶ୍ୱାଳ, କବି ଦିଲୀପ କୁମାର ସ୍ୱାଇଁ, କବି ଶିଶିର ନାୟକ, ପ୍ରକାଶକ ଗଙ୍ଗାଧର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଛାତ୍ର ଓ ଯୁବକମାନେ ବର୍ତ୍ତମାନ ପୁସ୍ତକ ପଠନ ନ କଲେ ଆଗାମୀ ଦିନରେ ସେମାନେ କେବେ ହେଲେ ପୁସ୍ତକ ପଢିପାରିବେ ନାହିଁ। ତେଣୁ ପୁସ୍ତକ ପଠନ ପ୍ରତି ସଚେତନତା ସୃଷ୍ଟି ପାଇଁ ସମସ୍ତେ ଉଦ୍ୟମ କରିବା ସହିତ ପୁସ୍ତକ ଉପହାର ପ୍ରଦାନ କରାଯିବା ଆବଶ୍ୟକ। କବି ମଧୁସୂଦନ ଦାଶଙ୍କ 'ଜରି ଗୋଟାଳି ଝିଅ'ରେ ସାଧାରଣ ମଣିଷର ସ୍ୱର ପ୍ରତିଫଳିତ ହୋଇଛି। ସମାଜରେ ଶ୍ରମଜୀବୀମାନେ ଯେଉଁ କାର୍ଯ୍ୟ କରୁଛନ୍ତି ତାହାଦ୍ୱାରା ସମ୍ଭ୍ରାନ୍ତ ବ୍ୟକ୍ତିମାନେ ସ୍ୱଚ୍ଛନ୍ଦ ଜୀବନ ଯାପନ କରୁଛନ୍ତି। ମଦ୍ୟପଟିଏ ମଦ ପିଇ ଫିଙ୍ଗି ଦେଉଥିବା ମଦ ବୋତଲ, ପ୍ରେମିକ ପ୍ରେମିକା ପିଇବା ପରେ ଫିଙ୍ଗିଦେଉଥିବା ପଇଡଖୋଳ, ଆମେ ପାଣି ପିଇ ଫିଙ୍ଗିଦେଉଥିବା ବୋତଲକୁ ପ୍ରତିଦିନ ସକାଳୁ ଜରି ଗୋଟାଉଥିବା ଝିଅଟି ଗୋଟେଇ ନେଇ ଆମକୁ ସୁସ୍ଥ ପରିବେଶ ପ୍ରଦାନ କରୁଛନ୍ତି। ସାହିତ୍ୟ ସମାଜର ବାସ୍ତବ ଚିତ୍ର ମାଟି ଘର, ମାଠିଆ ପାଣି, ଅଭାବୀ ମାଆ ବାପାଙ୍କ ଦ୍ୱାରା ପିଲାଙ୍କୁ ପ୍ରତିପୋଷଣର ଚିତ୍ର ସହିତ ସାଧାରଣ ମଣିଷର ସଂଘର୍ଷର ଚିତ୍ର କବି ଦାଶଙ୍କ ସବୁ କବିତାରେ ପ୍ରତିଫଳିତ ହୋଇଛି ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ।



ଭଞ୍ଜକଳା ମଣ୍ଡପରେ ଅତିଥିମାନେ କବି ମଧୁସୂଦନ ଦାଶଙ୍କ ଚତୁର୍ଥ କବିତା ପୁସ୍ତକ 'ଜରି ଗୋଟାଳି ଝିଅ'କୁ ଉନ୍ମୋଚନ କରୁଛନ୍ତି।

# ଉଦାହରଣ ସାଜିଛନ୍ତି ଦିବ୍ୟାଙ୍ଗ ଲିପୁନା

ଭୁବନେଶ୍ୱର,୨୯।୭(ଅଭିଜିତ ଦାସ)

**ଟ୍ରାଇ ସାଇକେଲରେ ପରିବା ବିକି ପରିବାର ଚଳାଉଛନ୍ତି**

ଦିବ୍ୟାଙ୍ଗ ହେଲେ ବି ସେ କେଉଁଥିରେ କମ୍ ନୁହନ୍ତି। ଜଣେ ସାଧାରଣ ଲୋକଙ୍କ ପରି ଜୀବନଯାପନ କରୁଛନ୍ତି। କାହା ଉପରେ ନିର୍ଭର ନ କରି ନିଜେ ସବୁକିଛି କରୁଛନ୍ତି। ଏପରିକି ଟ୍ରାଇ ସାଇକେଲରେ ପରିବା ବିକି ପରିବାର ଚଳାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ଲିପୁନା।
୩୦ ବର୍ଷୀୟ ଦିବ୍ୟାଙ୍ଗ ଲିପୁନା ପ୍ରତିହାରୀଙ୍କ ଘର କଟକ ଜିଲା ନରସିଂହପୁରରେ। ଜନ୍ମର ୪ ମାସ ମଧ୍ୟରେ ତାଙ୍କ ବାମଗୋଡରେ ଏକ ଘା ହୋଇଥିଲା। ଘରର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଠିକ୍ ଭାବରେ ଚିକିତ୍ସିତ ହେବାରୁ ବଞ୍ଚିତ ହୋଇଥିଲେ। ଫଳରେ ଘା' ବଡ଼ ଆକାରରେ ହେବା ସହ ପୂରା ଗୋଡ଼କୁ ମାଡ଼ିଯାଇଥିଲା। ଶେଷରେ ଏପରି ହୋଇଥିଲା, ଆଠଗଡର ମାଣିବନ୍ଧ ହସ୍ପିଟାଲରେ ଉକ୍ତ ଗୋଡ଼କୁ କାଟିବାକୁ ପଡିଥିଲା। ଗୋଡ଼ କାଟି ନ ଥିଲେ ଘା' ଶରୀର ଅନ୍ୟ ଅଙ୍ଗକୁ ଆକ୍ରାନ୍ତ କରିବା ସହ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାନ୍ତା ବୋଲି ଡାକ୍ତର କହିଥିଲେ। ଗୋଡ଼ କଟାଯିବା ପରେ ମା'ବାପା ଚିନ୍ତାରେ ପଡିଥିଲେ। ଘରର ଆର୍ଥିକ ବୋଝ ସହ ପୁଅ ଲିପୁନାଙ୍କ ଏପରି ଅବସ୍ଥା ପରିବାରରେ ଦୁଃଖର ଛାୟା ଖେଳାଇ ଦେଇଥିଲା। ସମୟକ୍ରମେ ଲିପୁନା ବଡ଼ ହେବା ସହ ମା'ବାପା ବୁଢ଼ା ବି ହୋଇଯାଇଥିଲେ। ଫଳରେ ପରିବାର ଚଳିବା କଷ୍ଟକର ହୋଇପଡିଥିଲା। ଏହା ଲିପୁନାଙ୍କୁ ସବୁବେଳେ କଷ୍ଟ ଦେଉଥିଲା। ପୁଅ ହୋଇ ବି କିଛି କରିପାରୁ ନ ଥିବାରୁ ମନ ସବୁବେଳେ ଆନ୍ଦୋଳିତ କରୁଥିଲା। ତେଣୁ ପରିବାରର ବୋଝ ସମ୍ଭାଳିବା ସହ ଶେଷ ସମୟରେ ମା'ବାପାଙ୍କ ବୋଝକୁ ହାଲ୍କା କରିବାକୁ ପଦାକୁ ଗୋଡ଼ କାଢ଼ିଥିଲେ। ପ୍ରଥମେ କଟକ ଓ ପରେ ଭୁବନେଶ୍ୱରକୁ ଚାଲିଆସି ଭିକ୍ଷାବୃତ୍ତିକୁ ଆଦରି ନେଇଥିଲେ। ଇତିମଧ୍ୟରେ ଲିପୁନାଙ୍କୁ ଜୀବନସାଥୀ ମିଳିଯାଇଥିଲା। ହେଲେ ସେ ଦୃଷ୍ଟିହୀନ ହୋଇଥିବାରୁ ତାଙ୍କର ଆଉ ଏକ ଦାୟିତ୍ୱ ବଢ଼ିଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କର ୨ ପିଲା ହୋଇଥିଲେ। ଏହାଭିତରେ ଲିପୁନାଙ୍କ ଜୀବନରେ ଏକ ନୂଆ ମୋଡ଼ ଆସିଥିଲା। ମାଷ୍ଟରକ୍ୟାଣ୍ଟିନ ଛକରେ ଭିକ୍ଷାବୃତ୍ତି କରୁଥିବାବେଳେ କେତେଜଣ ସମାଜସେବୀ ଲିପୁନାଙ୍କୁ ଏକ ଟ୍ରାଇ ସାଇକେଲ ଯୋଗାଇ ଦେଇଥିଲେ। ବର୍ତ୍ତମାନ ଲିପୁନା ଉକ୍ତ ଟ୍ରାଇ ସାଇକେଲରେ ପନିପରିବା ସହ ଚା ଓ ପାନ ବିକ୍ରି କରୁଛନ୍ତି। ସାଇକେଲକୁ ଏକ ଛୋଟ ଦୋକାନରେ ପରିଣତ କରିଛନ୍ତି। ସକାଳ ୮ଟାରୁ ସାଇକେଲରେ ପନିପରିବା ଧରି ରାଜଧାନୀର ବିଭିନ୍ନ ଗଳିକନ୍ଦିରେ ବିକ୍ରି କରୁଥିବାବେଳେ ସନ୍ଧ୍ୟାରେ ମୁଖ୍ୟ ଛକଗୁଡ଼ିକରେ ଚା' ପାନ ବିକ୍ରି କରନ୍ତି। କମ୍ ଦାମ୍‌ରେ ସତେଜ ପରିବା ଓ ସୁଆଦିଆ ଚା'ପାନ ଲୋକଙ୍କୁ ଆକୃଷ୍ଟ କରୁଛି।
ରାଜ୍ୟ ସରକାରଙ୍କ ସହାୟତା ସମ୍ପର୍କରେ ଲିପୁନା କହିଛନ୍ତି, ରାଜ୍ୟ ସରକାର ୭ଶହ ଟଙ୍କାର ଦିବ୍ୟାଙ୍ଗ ଭତ୍ତା ଦେଉଛନ୍ତି। ହେଲେ ଏଯାଏ ଅନ୍ୟ କିଛି ସହାୟତା ମିଳିପାରିନାହିଁ। ସ୍ତ୍ରୀ ଦୃଷ୍ଟିହୀନ ହୋଇଥିଲେ ମଧ୍ୟ ତାଙ୍କୁ ଏଯାଏ ଭତ୍ତା ମିଳିପାରୁନି। ପୂର୍ବରୁ ଅନେକଥର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ ମଧ୍ୟ କିଛି ବି ସୁଫଳ ମିଳିନି। ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ମଧ୍ୟ ଭେଟି ଦୁଃଖ ଜଣାଇଛି। ବିଧାୟକ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାଏ ସୁବିଧା ପାଇପାରିନାହିଁ।


ଫଟୋ: ମନୋରଞ୍ଜନ

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକ ମୃତ

ନିଶ୍ଚିନ୍ତକୋଇଲି,୨୯।୭ (ଅଶୋକ କୁମାର ମହାପାତ୍ର):

କଟକ ଜିଲା ନେମାଳ ଥାନା ଅଧୀନ ନଗସପୁର ଜାଗୁଲାଇ ବଜାରରେ ଏକ ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଏନେଇ ଉତ୍ତ୍ୟକ୍ତ ଲୋକେ ନଗସପୁରସ୍ଥିତ ନିଶ୍ଚିନ୍ତକୋଇଲି-କୋରୁଆ ପୂର୍ତ୍ତବିଭାଗ ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ମୃତକ ହେଲେ ନଗସପୁର ଗ୍ରାମର ଅରୁଣ କୁମାର ଭୋଇ(୪୦)। ସ୍ଥାନୀୟ ଜାଗୁଲାଇ ବଜାରରେ ଥିବା ଏକ ଦୋକାନରୁ ଜଳଖିଆ ଖାଇ ସେ ବାହାରକୁ ଆସୁଥିଲେ। ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ଗାଡି ତାଙ୍କୁ ଧକ୍କା ଦେଇ ନିଶ୍ଚିନ୍ତକୋଇଲି ଅଭିମୁଖେ ପଳାଇଯାଇଥିଲା। ନେମାଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଅରୁଣଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି। ଏହାପରେ ଅରୁଣଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବା ଦାବିରେ ଉତ୍ତେଜନା ପ୍ରକାଶ ପାଇଥିଲା। ରିପୋର୍ଟ ଲେଖା ହେଲା ପର୍ଯ୍ୟନ୍ତ ନେମାଳ ଥାନାରେ କୌଣସି ଅଭିଯୋଗ ହୋଇ ନଥିଲା।

### ଉଦ୍ୟୋଗୀ ଦକ୍ଷତା ଚୟନ ଶିବିର

ବାଙ୍କୀ,୨୯।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ଖଜୁରୀପଦା ନୂଆ ସାହିରେ ରାଜ୍ୟ ସରକାରଙ୍କ ଦକ୍ଷତା ପ୍ରାଧିକରଣ ବିଭାଗ ଓ ଶିଖର ଫାଉଣ୍ଡେଶନର ଆନୁକୂଲ୍ୟରେ ଅନ୍ୱେଷଣା ଟ୍ରଷ୍ଟ ପକ୍ଷରୁ ଉଦ୍ୟୋଗୀ ଦକ୍ଷତା ବିକାଶ ପାଇଁ ଏକ ମନୋନୟନ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଳାପଥର ଓ ଆଖପାଖ ଅଞ୍ଚଳର ୧୮ରୁ ୪୫ବର୍ଷର ସ୍ୱୟଂସହାୟିକା ମହିଳାମାନେ ଯୋଗଦେଇଥିଲେ। ସରକାରଙ୍କ ନୀତିନିୟମକୁ ଲକ୍ଷ୍ୟ କରି ଯୋଗ୍ୟ ପ୍ରାର୍ଥୀମାନଙ୍କୁ ମନୋନୟନ କରାଯାଇ ଆସନ୍ତା ୩୧ରୁ ବିଧିବଦ୍ଧ ଭାବେ ତାଲିମ ଦିଆଯିବ ବୋଲି ଏହି ଅବସରରେ ନିଷ୍ପତ୍ତି ହୋଇଛି। ସରକାରଙ୍କ ଏହି ଯୋଜନା ଅନୁସାରେ ପ୍ରାଥମିକତା ଭାବେ ଫ୍ୟାବ୍ରିକେଶନ୍, ଉତ୍ପାଦନ, ବିଜୁଳି, ହସ୍ତତନ୍ତ, ଖାଦ୍ୟ ପ୍ରକ୍ରିୟାକରଣ, ସୌନ୍ଦର୍ଯ୍ୟ ଚର୍ଚ୍ଚା ଇତ୍ୟାଦି ଅନ୍ତର୍ଭୁକ୍ତ । ପ୍ରକଳ୍ପର ଜିଲା ସଂଯୋଜକ ପ୍ରବୀଣ ବିଶ୍ୱାଳ, ପ୍ରଶିକ୍ଷକ ଅନୁପମା ଦାଶ, ସମ୍ପାଦକ ରାଜକିଶୋର ରାୟ ଯୋଗଦେଇଥିଲେ। ଜାନକୀ ବଲ୍ଲଭ ପଣ୍ଡା, କିଶୋର ନାୟକ, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ସତ୍ୟପୀରଙ୍କ ବାର୍ଷିକ ଉତ୍ସବ



ମାହାଙ୍ଗା,୨୯।୭(ଯଯାତି ସିଂହ)

ମାହାଙ୍ଗା ଥାନା ପରିସରରେ ପ୍ରତିଷ୍ଠିତ ଶ୍ରୀ ଶ୍ରୀ ସତ୍ୟପୀରଙ୍କ ବାର୍ଷିକ ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ପରମ୍ପରା ଅନୁଯାୟୀ, ସତ୍ୟପୀର ମନ୍ଦିରରୁ ମା'ଭୁବନେଶ୍ୱରୀଙ୍କୁ ଏକ ସୁସଜ୍ଜିତ ବିମାନରେ ମାହାଙ୍ଗା ମେଡିକାଲ ପରିସରରେ ଥିବା ଧବଳେଶ୍ୱର ମନ୍ଦିରକୁ ଶୋଭାଯାତ୍ରାରେ ନିଆଯାଇଥିଲା। ସେଠାରେ ହରିହରଙ୍କ ବିବାହ ସମ୍ପନ୍ନ ହେବା ପରେ ପୁନଶ୍ଚ ମା'ଭୁବନେଶ୍ୱରୀଙ୍କୁ ମନ୍ଦିରକୁ ଅଣାଯାଇ ସ୍ଥାପନ କରାଯାଇଥିଲା । ଏଥିରେ କନ୍ୟାଙ୍କ ବାପା ଭାବେ ମାହାଙ୍ଗା ଥାନା ଅଧିକାରୀ ବିଜୟ କୁମାର ମଲିକ ଓ ବରଙ୍କ ବାପା ଭାବେ ଡାକ୍ତର ତନ୍ମୟ କୁମାର ବେହେରା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହାପରେ ସତ୍ୟପୀରଙ୍କ ବାର୍ଷିକ ଉତ୍ସବ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ କର୍ତ୍ତାଭାବେ ମାହାଙ୍ଗା ଥାନା ଅଧିକାରୀ ମଲ୍ଲିକ ଓ କର୍ତ୍ତୀ ଭାବେ ଲଳିତା ମଲ୍ଲିକ ପୂଜା କାର୍ଯ୍ୟରେ ବସିଥିବାବେଳେ ପଣ୍ଡିତ ଅନନ୍ତ କିଶୋର ଶତପଥୀ ପୂଜା କାର୍ଯ୍ୟ ସମାପନ କରିଥିଲେ । ଏସ୍‌ଆଇ ଇପ୍‌ସିତା ପ୍ରିୟଦର୍ଶନୀ, ଜୟପୁର ଫାଣ୍ଡି ଅଧିକାରୀ ଗୋପବନ୍ଧୁ ମଲିକ, ଏଏସ୍‌ଆଇ ଭୀଷ୍ମ ପ୍ରଧାନ, ସଂଗ୍ରାମ ସିଂହ, ପ୍ରିତିରଞ୍ଜନ ରାୟ, ଗଜେନ୍ଦ୍ର ବେହେରା, ଅବସରପ୍ରାପ୍ତ ଏଏସ୍‌ଆଇ ନରେନ୍ଦ୍ର ଖୁଣ୍ଟିଆ ଏଥିରେ ସହଯୋଗ କରିଥିଲେ। ସାଲେପୁର ଏସ୍‌ଡିପିଓ ବିମଳ ବାରିକ,ଏସ୍‌ଆଇ ତପନ କୁମାର ନାୟକ, ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଯୁଗଳ କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କୃଷି, ଜଳସେଚନ, ବନ୍ୟା ନିୟନ୍ତ୍ରଣ ଉପରେ ଗୁରୁତ୍ୱ

## ପଞ୍ଚାୟତ ସମିତି ସାଧାରଣ ବୈଠକ

ମାହାଙ୍ଗା,୨୯।୭(ଯଯାତି ସିଂହ)




ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିମାନେ ।

ମାହାଙ୍ଗା ବ୍ଲକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ପଞ୍ଚମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଦୀପା ମଲିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ କୃଷି ଜଳସେଚନ, ବନ୍ୟା ନିୟନ୍ତ୍ରଣ, ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସହ ବିଭିନ୍ନ ପଞ୍ଚାୟତରେ ବିକାଶମୂଳକ କାର୍ଯ୍ୟ କରିବା ନିମନ୍ତେ ବାର୍ଷିକ ଖସଡା ପ୍ରସ୍ତୁତ କରାଯାଇଥିଲା। ଏଥିସହ ବିଶୁଦ୍ଧ ପାନୀୟ ଜଳ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ସମିତି ବୈଠକରେ ବ୍ଲକ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ଭାରପ୍ରାପ୍ତ ବିଡିଓ ଜ୍ଞାନରଞ୍ଜନ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁତ କୁମାର ସାହୁ ,ସହକାରୀ ଯନ୍ତ୍ରୀ ସୁଶାନ୍ତ ମଲିକ, ବ୍ଲକ ପଞ୍ଚାୟତ ଅଧିକାରୀ ବିଶ୍ୱନାଥ ସାହୁ ପ୍ରମୁଖ ଯୋଗଦେଇ ଉପସ୍ଥିତ ପଞ୍ଚାୟତର ଜନପ୍ରତିନିଧିଙ୍କ ସହ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଉପରେ ଆଲୋଚନା କରିଥିଲେ। ପଞ୍ଚାୟତଗୁଡ଼ିକରେ ଉନ୍ନୟନମୂଳକ କାର୍ଯ୍ୟ କିପରି ତ୍ୱରାନ୍ୱିତ ହୋଇପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହି ବୈଠକରେ ମାହାଙ୍ଗାର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗୋଚର ଜମିରେ ପୋଖରୀ ଖୋଳିବା ମାମଲା
# ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ

କଟକ,୨୯।୭ (କାର୍ତ୍ତିକ ସାହୁ)

କିଶନନଗର ତହସିଲ ଅନ୍ତର୍ଗତ ରଟିଲୋ ଗ୍ରାମର ଏକ ଗୋଚର ଜମିରେ ସରକାରୀ ଯୋଜନାରେ ପୋଖରୀ ଖୋଳା ହୋଇଛି। ଏହା ବିରୋଧରେ ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଖଣ୍ଡପୀଠ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଅଗଷ୍ଟ ୧୭ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, ରଟିଲୋ ଗ୍ରାମରେ ଏକ ଗୋଚର ଜମିରେ ପୋଖରୀ ଖନନ କରାଯାଇଛି। ହେଲେ ଏହି ଜମିର କିସମ ପରିବର୍ତ୍ତନ କରାଯାଇ ନାହିଁ। ଏପରି କି ପୋଖରୀ ଖୋଳା ସମ୍ପର୍କିତ କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ଏହି ପୋଖରୀ ଖୋଳା କାର୍ଯ୍ୟ ଜବକାର୍ଡଧାରୀ ଶ୍ରମିକଙ୍କ ଦ୍ୱାରା କରା ନ ଯାଇ ମେଶିନ ଦ୍ୱାରା ହୋଇଛି। ପ୍ରଶାସନ ଏଥିପାଇଁ କେମିତି ଅନୁମତି ଦେଲା ତାହା ତଦନ୍ତ ସାପେକ୍ଷ ବୋଲି ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି। ଏହି ମାମଲାରେ ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ, କଟକ ଜିଲାପାଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ, ସ୍ଥାନୀୟ ବିଡିଓ, ତହସିଲଦାର ଓ ରଟିଲୋ ସରପଞ୍ଚଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀ ଦୀପକ କୁମାର ଲେଙ୍କାଙ୍କ ପକ୍ଷରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମାମଲାର ପରିଚାଳନା କରୁଛନ୍ତି।

# 'କୃଷିର ଉନ୍ନତି ହେଲେ ରାଜ୍ୟରେ ଅର୍ଥନୈତିକ ଅଭିବୃଦ୍ଧି ହେବ'

ଆଠଗଡ,୨୯।୭(ସତ୍ୟ ପ୍ରସାଦ ରଥ)

କୃଷିର ଉନ୍ନତି ସହ କୃଷକ ସଶକ୍ତ ହେଲେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହେବ। ଏନେଇ ସରକାର କୃଷକମାନଙ୍କୁ ବିଭିନ୍ନ ଅର୍ଥକରୀ ଫସଲର ଉନ୍ନତ ବିହନ, କୃଷି ଉପକରଣ ଯୋଗାଇ ଦେଉଛନ୍ତି। ଏଥିସହ କୃଷି ବୀମା ଟଙ୍କାକୁ ସରକାର ବହନ କରୁଛନ୍ତି। ଆଠଗଡ଼ ମିନି ଷ୍ଟାଡ଼ିୟମରେ କୃଷି ସୂଚନା ପରାମର୍ଶ କେନ୍ଦ୍ରର ସଭାପତି ରବୀନ୍ଦ୍ରନାଥ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କୃଷକ କର୍ମଶାଳାରେ ଯୋଗଦେଇ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସାଇଁ କହିଛନ୍ତି। ସେ ଆହୁରି କହିଥିଲେ, ଉଦ୍ୟାନ ବିଭାଗ ତରଫରୁ ରିହାତି ଦରରେ ବିଭିନ୍ନ ଫଳଚାରା ଯୋଗାଇ ଦିଆଯାଉଛି। ସେହିପରି ପ୍ରାଣୀ ସମ୍ପଦ ବିଭାଗ ତରଫରୁ କୁକୁଡ଼ା ଚାଷ, ଗାଈ ଓ ଘୁଷୁରୀ ପାଳନ ପାଇଁ ମଧ୍ୟ ରିହାତି ବ୍ୟବସ୍ଥା କରାଯାଇଛି। କର୍ମଶାଳାରେ ଉଦ୍ୟାନ କୃଷି ବିଭାଗ ଆଠଗଡ ତରଫରୁ ଲଙ୍କା ଚାଷ ପାଇଁ ୧୭୫ ଜଣ ଓ ଧନିଆ ଚାଷ ପାଇଁ ୨୯୦ ଚାଷୀଙ୍କୁ ବିହନ ବଣ୍ଟନ କରାଯାଇଥିଲା। ସେହିପରି ବିରି ଚାଷ ପାଇଁ ୭୦ ଜଣ ଓ ରାଶି ଚାଷ ପାଇଁ ଅନେକ ଚାଷୀଙ୍କୁ ବିହନ ବଣ୍ଟନ କରାଯାଇଥିଲା। ଏହି କର୍ମଶାଳାରେ ୧ ନଂ. ଜିଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ମଲ୍ଲିକ, ବ୍ଲକ କୃଷି ଅଧିକାରୀ ସନାତନ ବେହେରା, ସହକାରୀ କୃଷି ଅଧିକାରୀ ରାକେଶ ରାଉତ, ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ସିଂ, ସହକାରୀ ଉଦ୍ୟାନ ଅଧିକାରୀ ଧନଞ୍ଜୟ ରାଉତ, ସହକାରୀ ସମବାୟ ନିବନ୍ଧକ ଆଲୋକ କୁମାର ବଳ, ପ୍ରଫୁଲ୍ଲ ପ୍ରଧାନ, ସନ୍ତୋଷ କୁମାର ଲେଙ୍କା, ରାଜ୍ୟ ବିହନ ଜୈବିକ ପ୍ରାମାଣିକ ସଂସ୍ଥାର ନିର୍ଦ୍ଦେଶକ ନିରାକାର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ।



କର୍ମଶାଳାରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଞ୍ଚାସୀନ ଅତିଥି ଓ ବିହନ ପାଇଥିବା ଚାଷୀମାନେ ।

## ବାଙ୍କୀରେ ଆନ୍ତର୍ଜାତିକ ବ୍ୟାଘ୍ର ଦିବସ

ବାଙ୍କୀ,୨୯।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ପରିବେଶ ସୁରକ୍ଷା ସମିତି ଆନୁକୂଲ୍ୟରେ ଶନିବାର ଡମପଡ଼ା ବ୍ଲକ ଅନ୍ତର୍ଗତ ସୁନାଦେଇ ପାହାଡ଼ରେ ଆନ୍ତର୍ଜାତିକ ବ୍ୟାଘ୍ର ଦିବସ ପାଳିତ ହୋଇଯାଇଛି। ବାଘମାନଙ୍କର ସୁରକ୍ଷା ଓ ସଂରକ୍ଷଣ ପାଇଁ ଜନସଚେତନତା ସୃଷ୍ଟି କରିବା ଏହି ଦିବସର ତାତ୍ପର୍ଯ୍ୟ। ଏନେଇ ସମିତି ଆବାହକ ଦୀପକ କୁମାର ସାମନ୍ତରାଙ୍କ ତତ୍ତ୍ୱାବଧାନରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବାଙ୍କୀ କଲେଜ ପ୍ରାଣୀବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତ ଏବଂ ଓଡ଼ିଶାରେ କେଉଁ କାରଣରୁ ବାଘ ବଂଶ ଲୋପପାଇବାକୁ ବସିଛି ସେ ସଂପର୍କରେ କହିଥିଲେ। ଆଗାମୀ ଦିନରେ ବାଘମାନଙ୍କର ବଂଶବିସ୍ତାର ପାଇଁ ବେସରକାରୀ ଓ ସରକାରୀସ୍ତରରେ ଉଚିତ୍ ପଦକ୍ଷେପ ନ ନେଲେ ବାଘବଂଶ ଲୋପ ପାଇଯିବ ବୋଲି ପ୍ରାଧ୍ୟାପକ ମହାପାତ୍ର ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିବେଶବିତ୍‌ଅମିତ୍‌ସାହୁ, ମନୋଜ ଦଳେଇ ଓ ବୈକୁଣ୍ଠନାଥ ପଣ୍ଡା ପ୍ରମୁଖ ଯୋଗଦେଇ ଜନସଚେତନତା ସୃଷ୍ଟି କରିଥିଲେ।

## ଶିଶୁ ବିଦ୍ୟାମନ୍ଦିର ବିଜ୍ଞାନ ମେଳାରେ ୩୯୭ ପ୍ରକଳ୍ପ ପ୍ରଦର୍ଶିତ



ଛାତ୍ରୀମାନେ ସେମାନଙ୍କ ପ୍ରକଳ୍ପ ଦେଖାଉଛନ୍ତି ।

ନିଶ୍ଚିନ୍ତକୋଇଲି,୨୯।୭ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୯୭ଜଣ ଶିଶୁ ଯୋଗଦେଇ ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। କୁନି ବୈଜ୍ଞାନିକ ଆରାଧ୍ୟା ରାଉଳ ନିଜର ପ୍ରକଳ୍ପକୁ ନେଇ ଚିତ୍ତାକର୍ଷକ ତଥ୍ୟ ଉପସ୍ଥାପନ କରିଥିଲେ। ପରିବେଶ ସନ୍ତୁଳନ ଓ ଏହାକୁ ରକ୍ଷା କରିବା ପାଇଁ ଦାୟିତ୍ୱବୋଧ ଉପରେ ସେ ଏକ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ତଥା ଶିକ୍ଷାବିତ ଦୀପାଞ୍ଜଳି ମିଶ୍ରଙ୍କ ମାର୍ଗଦର୍ଶନରେ ଏହି ସଭା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ବିଜ୍ଞାନ ପରିଦର୍ଶକ ଅକ୍ଷୟ କୁମାର ନନ୍ଦ ଯୋଗଦେଇ ସାମ୍ପ୍ରତିକ ସମୟରେ ବିଜ୍ଞାନର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତାଭାବେ ପରିଚାଳନା କମିଟି ସମ୍ପାଦକ ତପନ କୁମାର ଦାଶ ବିଜ୍ଞାନ ଓ ବୈଦିକ ପରମ୍ପରା ଉପରେ ଟିପ୍ପଣୀ ରଖିଥିଲେ। ସମ୍ମାନିତ ଅତିଥିଭାବେ ପରିଚାଳନା କମିଟି ଉପସଭାପତି ଆଇନଜୀବୀ ଅଶୋକ କୁମାର ମହାପାତ୍ର ଏବଂ ସହ ସମ୍ପାଦିକା ବିଦ୍ୟୁଲତା ପଣ୍ଡା ଯୋଗଦେଇ ବିଦ୍ୟାମନ୍ଦିରର ବିଭିନ୍ନ ବିଧି ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରାଣକୃଷ୍ଣ ମଲିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅର୍ପିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଚାରକଭାବେ ଶିକ୍ଷକ ଜ୍ଞାନରଞ୍ଜନ ରାଉତରାୟ, ନିରଞ୍ଜନ ସାହୁ ଓ ଧନଞ୍ଜୟ ବରାଳ ଯୋଗଦେଇ ପ୍ରକଳ୍ପଗୁଡ଼ିକୁ ନିରୀକ୍ଷଣ କରି ମୂଲ୍ୟାୟନ କରିଥିଲେ।

# ଟମାଟୋ ପାଇଁ ୨ ନାବାଳକ ବନ୍ଧା ପଡ଼ିଲେ

**ଫ୍ରିଜ୍ ଉଠାଇବାକୁ କହି ଫସାଇଦେଲେ ଅଚିହ୍ନା ବ୍ୟକ୍ତି**

କଟକ,୨୯।୭(ସୁପ୍ରିୟା ପ୍ରିୟଦର୍ଶିନୀ)

ବଜାରରେ ଟମାଟୋ ଦର ଆକାଶଛୁଆଁ ହୋଇଛି। ଚଢାଦରରେ ଟମାଟୋ କିଣିବା ପାଇଁ ଗରିବଠାରୁ ଧନୀ ପର୍ଯ୍ୟନ୍ତ ପଛାଉଛନ୍ତି। ତେବେ ଏହାକୁ ନେଇ ଶନିବାର କଟକ ଛତ୍ରବଜାର ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତି ଟମାଟୋ କିଣିବାକୁ ଆସି ୨ ଜଣ ନାବାଳକଙ୍କୁ ବନ୍ଧା ପକାଇ ଫେରାର ହୋଇଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ନନ୍ଦନକାନନ ଓ ଶିଖରଚଣ୍ଡୀ ଅଞ୍ଚଳରୁ ଦୁଇଜଣ ନାବାଳକଙ୍କୁ ଜଣେ ବ୍ୟକ୍ତି ଆଣି ଛତ୍ରବଜାରକୁ ଆସିଥିଲେ। ସେଠାକାର ଦୁଇଟି ଦୋକାନରେ ୨ ଜଣ ନାବାଳକଙ୍କୁ ବସାଇ ୨ କେଜି ଲେଖାଏ ଟମାଟୋ ନେଇଥିଲେ। ବାକି ୮ କେଜି ଟମାଟୋ ବାଛିବାକୁ ସେମାନଙ୍କୁ କହିଥିଲେ। କିଛି ସମୟ ପରେ ଆସି ଟମାଟୋ ନେଇଯିବେ ବୋଲି ବ୍ୟକ୍ତି ଜଣଙ୍କ କହି ସେଠାରୁ ଚାଲି ଯାଇଥିଲେ। ଇତିମଧ୍ୟରେ ୨ ଘଣ୍ଟା ବିତିଯାଇଥିଲେ ମଧ୍ୟ ସେ ଆସି ନ ଥିଲେ। ଫଳରେ ବ୍ୟବସାୟୀ ଦ୍ୱୟଙ୍କର ସନ୍ଦେହ ହେବାରୁ ସେମାନେ ସମ୍ପୃକ୍ତ ୨ ଜଣ ନାବାଳକଙ୍କୁ ପଚରାଉଚରା କରିଥିଲେ। ଏହାପରେ ନାବାଳକ ଦ୍ୱୟ କହିଥିଲେ, ଆମକୁ ୩୦୦ ଟଙ୍କା ଦେଇ ଫ୍ରିଜ୍ ଉଠାଇବାକୁ କହି ଆଣିବା ପରେ ଏଠାରେ ଫସାଇ ଦେଇଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ଠିକଣା ସମ୍ପର୍କରେ ସେମାନେ ଜାଣି ନାହାନ୍ତି। ଏହାପରେ ଜଣାପଡିଲା ଟମାଟୋ ପାଇଁ ଅଚିହ୍ନା ନାବାଳକଙ୍କୁ ଯୁବକ ଜଣଙ୍କ ବ୍ୟବସାୟୀଙ୍କ ପାଖରେ ବନ୍ଧା ପକାଇ ଫେରାର ହୋଇଯାଇଛନ୍ତି। ପରେ ସ୍ଥାନୀୟ ବ୍ୟବସାୟୀ ନାବାଳକ ଦ୍ୱୟଙ୍କୁ ବୁଝାଶୁଝା କରି ସେମାନଙ୍କ ଘରକୁ ପଠାଇଥିଲେ।

## ଶେଯ ତଳୁ ୩ ଫୁଟର ନାଗସାପ ଉଦ୍ଧାର

ବାଙ୍କୀ,୨୯।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ନୂଆଗାଁ କମଳପୁର ଗ୍ରାମର ଧୀରେନ୍ଦ୍ର ରାଉତଙ୍କ ଘରୁ ୩ଫୁଟର ଏକ ନାଗସାପ ରବିବାର ଉଦ୍ଧାର ହୋଇଛି। ଶୁକ୍ରବାର ରାତିରେ ଦୁର୍ଗାମାଧବ ଶୋଇଥିଲା ବେଳେ ନାଗ ସାପଟି ତାଙ୍କ ଶେଯ ତଳେ ପଶିଯାଇଥିଲା। ସକାଳେ ଉଠିବା ପୂର୍ବରୁ ତାଙ୍କ ହାତ ସାପ ଉପରେ ପଡିଯାଇଥିଲା। ସେତେବେଳେ ସେ ତୁରନ୍ତ ଉଠି ବାହାରକୁ ଚାଲିଯାଇଥିଲେ। ସାପର ଗର୍ଜନ ଶୁଣି ବାଙ୍କୀ ସ୍ନେକ ହେଲ୍ପଲାଇନ୍‌କୁ ଖବର ଦେଇଥିଲେ। ସାପଧରାଳି ଦୁର୍ଗାମାଧବ ମହାପାତ୍ର ସେଠରେ ପହଞ୍ଚି ନାଗସାପକୁ ଉଦ୍ଧାର କରି ଏକ ଜଙ୍ଗଲିଆ ସ୍ଥାନରେ ଛାଡିଦେଇଥିଲେ।

# କୋର୍ଟରେ ବୟାନ ବଦଳାଇ ଚାକିରିରୁ ବହିଷ୍କୃତ ହେଲେ ସହକାରୀ ଯନ୍ତ୍ରୀ

**ଉପେନ୍ଦ୍ରଙ୍କ ମିଥ୍ୟା ପ୍ରମାଣରେ ଖଲାସ ହୋଇଥିଲେ ଅଭିଯୁକ୍ତ**

ଭୁବନେଶ୍ୱର,୨୯।୭ (ସୂର୍ଯ୍ୟକାନ୍ତ ବେହେରା):

ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଗିରଫ କରୁଥିଲାବେଳେ ଅନେକ ସମୟରେ ସାକ୍ଷୀମାନେ କୋର୍ଟରେ ବୟାନ ବଦଳାଉଥିବାରୁ ଦୋଷୀମାନେ ନିର୍ଦ୍ଦୋଷରେ ଖଲାସ ହେଉଛନ୍ତି। ତେଣୁ ଏଭଳି ସାକ୍ଷୀଙ୍କ ବିରୋଧରେ ଭିଜିଲାନ୍ସ କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ପଦକ୍ଷେପ ଆରମ୍ଭ ହୋଇଛି। ଲାଞ୍ଚ ମାମଲାରେ ଜଡିତ ଜଣେ ଅଧିକାରୀଙ୍କୁ ବଞ୍ଚାଇବାକୁ ଯାଇ କୋର୍ଟରେ ବୟାନ ବଦଳାଇବା ଜଣେ ସହକାରୀ ଯନ୍ତ୍ରୀଙ୍କୁ ଚାକିରି ହରାଇବାକୁ ପଡ଼ିଛି। ସେ ବରଗଡ ଜିଲା ବିଜେପୁର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସହକାରୀ ଯନ୍ତ୍ରୀ ଉପେନ୍ଦ୍ର ଭଞ୍ଜ ନାଏକ। ରାଜ୍ୟ ସରକାର ତାଙ୍କୁ ଚାକିରିରୁ ବହିଷ୍କୃତ କରିଥିବା ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି।

୨୦୧୧ରେ ଲାଞ୍ଚ ନେବାବେଳେ ବରଗଡ ପଶ୍ଚିମ ବିଦ୍ୟୁତ୍ ଡିଭିଜନର ତତ୍କାଳୀନ ବରିଷ୍ଠ କିରାଣି ଆନନ୍ଦ ସରାଫ ଭିଜିଲାନ୍ସ ଜାଲରେ ପଡିଥିଲେ। ଏହି ମାମଲାର ପ୍ରତ୍ୟକ୍ଷଦର୍ଶୀ ଥିଲେ ଉପେନ୍ଦ୍ର। ସେ ସେତେବେଳେ ସୋହେଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସେକ୍ସନର କନିଷ୍ଠ ଯନ୍ତ୍ରୀ ଥିଲେ। ହେଲେ ମାମଲାର ଶୁଣାଣିବେଳେ କୋର୍ଟରେ ପୂର୍ବରୁ ଦେଇଥିବା ବୟାନ ବଦଳାଇଥିଲେ ଉପେନ୍ଦ୍ର। ଅଭିଯୁକ୍ତଙ୍କୁ ସାହାଯ୍ୟ କରିବା ପାଇଁ ମିଛ ପ୍ରମାଣ ମଧ୍ୟ ଦେଇଥିଲେ, ଯେଉଁଥିପାଇଁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ଏହା ଜଣାପଡିବା ପରେ ଭିଜିଲାନ୍ସ ନିର୍ଦ୍ଦେଶାଳୟର ସୁପାରିସ ପରେ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସୂଚନାଯୋଗ୍ୟ, ଗତ ୨ବର୍ଷ ମଧ୍ୟରେ ଭିଜିଲାନ୍ସ ପକ୍ଷରୁ ରୁଜୁ ହୋଇଥିବା ମାମଲାର ୪୫ଟିରେ ସରକାରୀ ସାକ୍ଷୀମାନେ ଶୁଣାଣି ସମୟରେ କିଛି ଜାଣି ନ ଥିବା (ହୋଷ୍ଟାଇଲ୍ ଘୋଷଣା) କହିଛନ୍ତି। ତେଣୁ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ସେମାନଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ସରକାରୀ କର୍ମଚାରୀ (ସାକ୍ଷୀ)ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ଉଦାହରଣ ସାଜିଛନ୍ତି ଦିବ୍ୟାଙ୍ଗ ଲିପୁନା

**ଟ୍ରାଇ ସାଇକେଲରେ ପରିବା ବିକି ପରିବାର ଚଳାଉଛନ୍ତି**

ଭୁବନେଶ୍ୱର,୨୯।୭(ଅଭିଜିତ ଦାସ):



ଦିବ୍ୟାଙ୍ଗ ହେଲେ ବି ସେ କେଉଁଥିରେ କମ୍ ନୁହନ୍ତି। ଜଣେ ସାଧାରଣ ଲୋକଙ୍କ ପରି ଜୀବନଯାପନ କରୁଛନ୍ତି। କାହା ଉପରେ ନିର୍ଭର ନ କରି ନିଜେ ସବୁକିଛି କରୁଛନ୍ତି। ଏପରିକି ଟ୍ରାଇ ସାଇକେଲରେ ପରିବା ବିକି ପରିବାର ଚଳାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ଲିପୁନା।

୩୦ ବର୍ଷୀୟ ଦିବ୍ୟାଙ୍ଗ ଲିପୁନା ପ୍ରତିହାରୀଙ୍କ ଘର କଟକ ଜିଲା ନରସିଂହପୁରରେ। ଜନ୍ମର ୪ ମାସ ମଧ୍ୟରେ ତାଙ୍କ ବାମଗୋଡରେ ଏକ ଘା ହୋଇଥିଲା। ଘରର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଠିକ୍ ଭାବରେ ଚିକିତ୍ସିତ ହେବାରୁ ବଞ୍ଚିତ ହୋଇଥିଲେ। ଫଳରେ ଘା' ବଡ଼ ଆକାରରେ ହେବା ସହ ପୂରା ଗୋଡ଼କୁ ମାଡ଼ିଯାଇଥିଲା। ଶେଷରେ ଏପରି ହୋଇଥିଲା, ଆଠଗଡର ମାଣିବନ୍ଧ ହସ୍ପିଟାଲରେ ଉକ୍ତ ଗୋଡ଼କୁ କାଟିବାକୁ ପଡିଥିଲା। ଗୋଡ଼ କାଟି ନ ଥିଲେ ଘା' ଶରୀର ଅନ୍ୟ ଅଙ୍ଗକୁ ଆକ୍ରାନ୍ତ କରିବା ସହ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାନ୍ତା ବୋଲି ଡାକ୍ତର କହିଥିଲେ। ଗୋଡ଼ କଟାଯିବା ପରେ ମା'ବାପା ଚିନ୍ତାରେ ପଡିଥିଲେ। ଘରର ଆର୍ଥିକ ବୋଝ ସହ ପୁଅ ଲିପୁନାଙ୍କ ଏପରି ଅବସ୍ଥା ପରିବାରରେ ଦୁଃଖର ଛାୟା ଖେଳାଇ ଦେଇଥିଲା। ସମୟକ୍ରମେ ଲିପୁନା ବଡ଼ ହେବା ସହ ମା'ବାପା ବୁଢ଼ା ବି ହୋଇଯାଇଥିଲେ। ଫଳରେ ପରିବାର ଚଳିବା କଷ୍ଟକର ହୋଇପଡିଥିଲା। ଏହା ଲିପୁନାଙ୍କୁ ସବୁବେଳେ କଷ୍ଟ ଦେଉଥିଲା। ପୁଅ ହୋଇ ବି କିଛି କରିପାରୁ ନ ଥିବାରୁ ମନ ସବୁବେଳେ ଆନ୍ଦୋଳିତ କରୁଥିଲା। ତେଣୁ ପରିବାରର ବୋଝ ସମ୍ଭାଳିବା ସହ ଶେଷ ସମୟରେ ମା'ବାପାଙ୍କ ବୋଝକୁ ହାଲ୍‌କା କରିବାକୁ ପଦାକୁ ଗୋଡ଼ କାଢ଼ିଥିଲେ। ପ୍ରଥମେ କଟକ ଓ ପରେ ଭୁବନେଶ୍ୱରକୁ ଚାଲିଆସି ଭିକ୍ଷାବୃତ୍ତିକୁ ଆଦରି ନେଇଥିଲେ। ଇତିମଧ୍ୟରେ ଲିପୁନାଙ୍କୁ ଜୀବନସାଥୀ ମିଳିଯାଇଥିଲା। ହେଲେ ସେ ଦୃଷ୍ଟିହୀନ ହୋଇଥିବାରୁ ତାଙ୍କର ଆଉ ଏକ ଦାୟିତ୍ୱ ବଢ଼ିଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କର ୨ ପିଲା ହୋଇଥିଲେ। ଏହାଭିତରେ ଲିପୁନାଙ୍କ ଜୀବନରେ ଏକ ନୂଆ ମୋଡ଼ ଆସିଥିଲା। ମାଷ୍ଟରକ୍ୟାଣ୍ଟିନ ଛକରେ ଭିକ୍ଷାବୃତ୍ତି କରୁଥିବାବେଳେ କେତେଜଣ ସମାଜସେବୀ ଲିପୁନାଙ୍କୁ ଏକ ଟ୍ରାଇ ସାଇକେଲ ଯୋଗାଇ ଦେଇଥିଲେ। ବର୍ତ୍ତମାନ ଲିପୁନା ଉକ୍ତ ଟ୍ରାଇ ସାଇକେଲରେ ପନିପରିବା ସହ ଚା ଓ ପାନ ବିକ୍ରି କରୁଛନ୍ତି। ସାଇକେଲକୁ ଏକ ଛୋଟ ଦୋକାନରେ ପରିଣତ କରିଛନ୍ତି। ସକାଳ ୮ଟାରୁ ସାଇକେଲରେ ପନିପରିବା ଧରି ରାଜଧାନୀର ବିଭିନ୍ନ ଗଳିକନ୍ଦିରେ ବିକ୍ରି କରୁଥିବାବେଳେ ସନ୍ଧ୍ୟାରେ ମୁଖ୍ୟ ଛକଗୁଡ଼ିକରେ ଚା' ପାନ ବିକ୍ରି କରନ୍ତି। କମ୍ ଦାମ୍‌ରେ ସତେଜ ପରିବା ଓ ସୁଆଦିଆ ଚା'ପାନ ଲୋକଙ୍କୁ ଆକୃଷ୍ଟ କରୁଛି।

ରାଜ୍ୟ ସରକାରଙ୍କ ସହାୟତା ସମ୍ପର୍କରେ ଲିପୁନା କହିଛନ୍ତି, ରାଜ୍ୟ ସରକାର ୭ଶହ ଟଙ୍କାର ଦିବ୍ୟାଙ୍ଗ ଭତ୍ତା ଦେଉଛନ୍ତି। ହେଲେ ଏଯାଏ ଅନ୍ୟ କିଛି ସହାୟତା ମିଳିପାରିନାହିଁ। ସ୍ତ୍ରୀ ଦୃଷ୍ଟିହୀନ ହୋଇଥିଲେ ମଧ୍ୟ ତାଙ୍କୁ ଏଯାଏ ଭତ୍ତା ମିଳିପାରୁନି। ପୂର୍ବରୁ ଅନେକଥର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ ମଧ୍ୟ କିଛିବି ସୁଫଳ ମିଳିନି। ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ମଧ୍ୟ ଭେଟି ଦୁଃଖ ଜଣାଇଛି। ବିଧାୟକ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାଏ ସୁବିଧା ପାଇପାରିନାହିଁ।

## ସଂକ୍ଷେପରେ

### ଗୋରୁ ବୋଝେଇ ପିକ୍ଅପ୍ ଭ୍ୟାନ ଜବତ, ୨ ଗିରଫ

ଟାଙ୍ଗୀ,୨୯।୭(ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ପଥରବନ୍ଧଠାରେ ଶନିବାର ପୋଲିସ ଚଢ଼ାଉ କରି ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନ ଜବତ କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ଗ୍ରାମର ସୈକତ ଅଲ୍ଲୀ ଖାଁ ଓ ସେକ୍ ଅନସର କଳାପାହାଡ଼। ଉଦ୍ଧାର ୧୨ ଗୋରୁଙ୍କୁ ଗୋଶାଳାରେ ଛଡ଼ାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ. ୫୬୪/୨୩) ରୁଜୁ ହୋଇଛି ବୋଲି ଆଇଆଇସି ସୁଶାନ୍ତ କୁମାର ବେହେରା କହିଛନ୍ତି। ସୂଚନା ମୁତାବକ, ଆନ୍ଧ୍ରପ୍ରଦେଶକୁ ଗୋ ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ସବଇନ୍ସପେକ୍ଟର ଅଶୋକ ମହାପାତ୍ର ଏକ ଟିମ୍ ସହ ପଥରବନ୍ଧଠାରେ ପହଞ୍ଚି ଚଢ଼ାଉ କରିଥିଲେ। ପିକଅପ ଭ୍ୟାନ (ଓଡି ୩୩ଏସି ୯୨୮୨)କୁ ଜବତ କରିବା ସହ ଗୋରୁଙ୍କୁ ଉଦ୍ଧାର କରିଥିଲେ।

### ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ନିରାକାରପୁର,୨୯।୭(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ଶନିବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସରକାରୀ ପ୍ରାଥମିକ ବିଦ୍ୟାଳୟ ବୋଡଙ୍ଗରା ପାଟଣାଠାରେ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଗୀତାଞ୍ଜଳୀ ପ୍ରଧାନ, ପୂର୍ବତନ ସଭାପତି ପାଣ୍ଡବ ପ୍ରଧାନଙ୍କ ସମେତ ସମସ୍ତ ସଭ୍ୟା, ସଭ୍ୟ, ବଡପୋଖରିଆ ପଞ୍ଚାୟତର ପୂର୍ବତନ ସରପଞ୍ଚ ସାଗର ବଳିୟାରସିଂହ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର କୁମାର ଦାଶ, ସହକାରୀ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମହାପାତ୍ର ଉକ୍ତ ବିଦ୍ୟାଳୟରେ ଦୀର୍ଘ ୩ବର୍ଷ ଧରି ଶିକ୍ଷାଦାନ କରିଥିଲେ। ପରେ ନିରାକାରପୁରକୁ ଯାଇ ଅବସର ନେଇଛନ୍ତି ବୋଲି ବୋଡଙ୍ଗରା ସ୍କୁଲର ପ୍ରଧାନ ଶିକ୍ଷକ ଦାଶ ସୂଚନା ଦେଇଛନ୍ତି।

### ଏଟିଏମ୍ ଲୁଟ୍ ଉଦ୍ୟମ ବିଫଳ




ନିରାକାରପୁର,୨୯।୭(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ଅଧୀନ ରାମବଜାର ସ୍ଥିତ ଆଇସିଆଇସିଆଇ ବ୍ୟାଙ୍କ ଏଟିଏମ୍‌ରୁ ଲୁଟ୍ ଉଦ୍ୟମ ବିଫଳ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଏହି ଏଟିଏମ୍ ମେଶିନକୁ ଦୁର୍ବୃତ୍ତମାନେ ଭଙ୍ଗାରୁଜା କରିଥିଲେ ମଧ୍ୟ ଟଙ୍କା ନେଇପାରି ନାହାନ୍ତି। ଶନିବାର ସ୍ଥାନୀୟ ଲୋକେ ଏଟିଏମ୍ ଭଙ୍ଗା ହୋଇଥିବା ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଉକ୍ତ ଅଞ୍ଚଳରେ ୭ଟି ଏଟିଏମ୍ ରହିଥିବା ବେଳେ ସବୁଥିରେ ସିକ୍ୟୁରିଟି ବ୍ୟବସ୍ଥା ଏବଂ ରାତି ୧୧ଟା ପରେ ଏଟିଏମ୍ ବନ୍ଦ ରହିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି।

# ୨ ବର୍ଷ ହେଲା କାମ ସରୁନି

ଖୋର୍ଦ୍ଧା,୨୯।୭ (ପ୍ରଭାତ ପାଣିଗ୍ରାହୀ)

### ବରୁଣେଇ ସ୍ମାର୍ଟ ପାର୍କ, ଜରିପୋଖରୀ ସୌନ୍ଦର୍ଯ୍ୟକରଣ



ଖୋର୍ଦ୍ଧା ପୌରାଞ୍ଚଳରେ ବିକାଶ ଏକପ୍ରକାର ସ୍ଥାଣୁ ପାଲଟିଛି। ପ୍ରତିବର୍ଷ ଲକ୍ଷାଧିକ ଟଙ୍କାର ପ୍ରକଳ୍ପ କାମ ଚାଲୁଛି। ତେବେ ପୁରୁଣା ପ୍ରକଳ୍ପ କାମ ସରୁନି। ଗତ ୨ବର୍ଷ ଧରି ଚାଲିଥିବା ବରୁଣେଇ ସ୍ମାର୍ଟ ପାର୍କ ଏବଂ ସାମନ୍ତରାପୁରସ୍ଥିତ ଜରି ପୋଖରୀ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସରିପାରୁନାହିଁ। ସେହିପରି ଟିଏଲ୍‌ସି ରୋଡସ୍ଥିତ ଆଦର୍ଶ ଶ୍ମଶାନ କାର୍ଯ୍ୟ ନିର୍ଦ୍ଧାରିତ ସମୟଠାରୁ ବହୁ ବିଳମ୍ବରେ ଲୋକାର୍ପିତ ହେଲା।

ସୂଚନା ଅନୁଯାୟୀ, ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ବରୁଣେଇ ସ୍ମାର୍ଟ ପାର୍କ ଏବଂ ଟିଏଲ୍‌ସି ରୋଡଠାରେ ଆଦର୍ଶ ଶ୍ମଶାନ ନିର୍ମାଣ ପାଇଁ ୨୦୨୦ ଡିସେମ୍ବର ୧୬ରେ ପୌର ପ୍ରଶାସନ ପକ୍ଷରୁ ଶିଳାନ୍ୟାସ କରାଯାଇଥିଲା। ମାର୍ଚ୍ଚ ଶେଷ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ସାରିବାକୁ ସମୟ ଧାର୍ଯ୍ୟ ହୋଇଥିଲା। ତେବେ ଅଢେଇ ବର୍ଷ ବିତିଲାଣି, କାମ ସରୁନି। ଗତ ୨୦୨୧ ଅକ୍ଟୋବର ୨୪ରେ ତତ୍କାଳୀନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏବଂ ଖୋର୍ଦ୍ଧା ଉପଜିଲାପାଳ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଇ. ଗୌରବ ଶିବାଜୀଙ୍କ ସହ ବରୁଣେଇ ପରିଦର୍ଶନ ବେଳେ ନଭେମ୍ବର ସୁଦ୍ଧା କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏବେ ବି ନିର୍ମାଣ କାର୍ଯ୍ୟ ଜାରି ରହିଛି। କାର୍ଯ୍ୟରେ ମନ୍ଥରତା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସହରରେ ଏକାଧିକ ପ୍ରକଳ୍ପ ଅଧାରେ ଅଟକି ରହିଥିବା ବେଳେ କିଛି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ପୁରୁଣା କାର୍ଯ୍ୟ ସରି ନ ଥିବା ବେଳେ ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ଏକାଧିକ ପ୍ରକଳ୍ପ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଯୋଜନାରେ ବରୁଣେଇ ପାଦଦେଶରେ ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ୨୦୨୦ ଡିସେମ୍ବର ୧୬ରେ ୧.୮୪ ଏକର ଜମିରେ ୧ କୋଟି ଟଙ୍କା ବ୍ୟୟ ଅଟକଳରେ ସ୍ମାର୍ଟ ପାର୍କ ଏବଂ ୨୦୨୧ ଅଗଷ୍ଟ ୩୧ରେ ଜରି ପୋଖରୀ ସୌନ୍ଦର୍ଯ୍ୟକରଣ ପାଇଁ ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଶିଳାନ୍ୟାସ କରିଥିଲେ। ଏହି ସ୍ମାର୍ଟ ପାର୍କରେ ଅତ୍ୟାଧୁନିକ ବ୍ୟବସ୍ଥା ରହିବ। ଲାଇଟ ଆଣ୍ଡ୍ ସାଉଣ୍ଡ ସିଷ୍ଟମ ସହ ମ୍ୟୁଜିକାଲ ଫାଉଣ୍ଟେଶନ, ପାଦଚଲା ରାସ୍ତା, ଉଦ୍ୟାନ, ଶୌଚାଳୟ, ଟିକେଟ କାଉଣ୍ଟର, ପାର୍କିଂ ବ୍ୟବସ୍ଥା କରାଯିବ। ପାର୍କରେ ଗୋଟିଏ ଲେଖାଏ ପ୍ରବେଶ ଓ ପ୍ରସ୍ଥାନ ରହିବ। ଆମୋଦପ୍ରମୋଦ ବ୍ୟବସ୍ଥା ସହ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ରଖାଯିବାର ଯୋଜନା ରହିଛି। କୋଭିଡ୍ କଟକଣା ହଟିବା ପରେ ଧୀରେ ଧୀରେ ବରୁଣେଇ ପୀଠକୁ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି। ଅଥଚ ଯାହାଙ୍କ ଉଦ୍ଦେଶ୍ୟରେ ଏହି ପାର୍କ ନିର୍ମାଣ ଲକ୍ଷ୍ୟ ରହିଥିଲା, ତାହା ଆଜିପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ନିର୍ମାଣ କାର୍ଯ୍ୟ ସରି ନ ଥିବାରୁ ପର୍ଯ୍ୟଟକଙ୍କ ଆଶା ମଉଳିଛି। ଖୋର୍ଦ୍ଧା ସହରର ଏକାଧିକ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି ବୋଲି କଂଗ୍ରେସ ନେତା ଶିଶିର ପରିଡା ଅଭିଯୋଗ କରିଛନ୍ତି। ଖୋର୍ଦ୍ଧା ସୁରକ୍ଷା ମଞ୍ଚ ଆବାହକ ଶୋଭନ ଘୋଷ କହିଛନ୍ତି, ସହରର ବିକାଶ କଚ୍ଛପ ଗତିରେ ଚାଲିଛି। ସହରରେ ଡ୍ରେନ୍ ପୋତି ହୋଇଗଲାଣି। ବର୍ଷ ବର୍ଷ ଧରି ଡ୍ରେନ ସଫା ନ ହେବା ଫଳରେ ଆବର୍ଜନା ପଡ଼ିରହି ରାସ୍ତା ସହ ମିଶିଗଲାଣି। ମୁକୁଳା ଡ୍ରେନରେ ପଡ଼ି ଶିଶୁ, ପଥଚାରୀ, ଗୋରୁ ଆହତ ହେଉଛନ୍ତି। ତେଣୁ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବା ଉଚିତ। ଏନେଇ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର କହିଛନ୍ତି, ଉଭୟ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଲୋକଙ୍କ ସେବାରେ ଲାଗିବ।

## ହଜିଲା ପୁଅକୁ ଫେରିପାଇଲେ ପରିବାର



ସୂର୍ଯ୍ୟକାନ୍ତଙ୍କୁ ପରିବାର ଲୋକେ ନେବାବେଳେ ପୋଲିସ, ସରପଞ୍ଚ ଏବଂ ଗ୍ରାମବାସୀ ଉପସ୍ଥିତ।

### ୨ ବର୍ଷ ପରେ ଗାଁକୁ ଫେରିଲେ ଯୁବକ

ଭେଡ଼େନ,୨୯।୭ (ସୁଦନ ମହାକୁର)

ବରଗଡ଼ ଜିଲା ଭେଡ଼େନ ଥାନା ତଥା ରୁଷୁଡା ଫାଣ୍ଡି ଅନ୍ତର୍ଗତ ଗୋଡ଼ଭଗା-ସୋନପୁର ୫୪ ନମ୍ବର ରାଜ୍ୟ ରାଜପଥର ପଧାନପାଲି ଗ୍ରାମର ଏକ ଆବର୍ଜନା କୁଣ୍ଡ ନିକଟରେ ଆଶ୍ରୟ ନେଇଥିବା ଜଣେ ଯୁବକଙ୍କୁ ପୋଲିସ ଉଦ୍ଧାର କରିଛି। ପରିଚୟ ଜଣାପଡିବା ପରେ ପୋଲିସ ଉକ୍ତ ଯୁବକଙ୍କ ପରିବାର ଲୋକଙ୍କୁ ଡକାଇ ଶନିବାର ହସ୍ତାନ୍ତର କରିଛି। ଦୀର୍ଘ ୨ ବର୍ଷ ପରେ ପରିବାର ଲୋକେ ହଜିଲା ପୁଅକୁ ଫେରିପାଇଥିବାରୁ ଖୁସିବ୍ୟକ୍ତ କରିଛନ୍ତି।

ପ୍ରକାଶ ଯେ, ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଲୋକିପୁର ଗ୍ରାମର ହାଡ଼ିବନ୍ଧୁ ନାୟକଙ୍କ ବଡ଼ପୁଅ ସୂର୍ଯ୍ୟକାନ୍ତ (୩୨) ମେଣ୍ଢା ଚରେଇବାକୁ ଯାଇ ପ୍ରାୟ ୨ବର୍ଷ ତଳେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କର ସନ୍ଧାନ ନ ମିଳିବାରୁ ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ। ତେବେ ସୂର୍ଯ୍ୟକାନ୍ତ ୨ ବର୍ଷ ହେଲା ପଧାନପାଲିର ଏକ ଆବର୍ଜନା କୁଣ୍ଡ ନିକଟରେ ପଡ଼ି ରହିଥିଲେ। କୌଣସି ସହୃଦୟ ବ୍ୟକ୍ତି କିଛି ଖାଇବାକୁ ଦେଲେ ସେ ଖାଉଥିଲେ ନଚେତ୍ ଉପାସରେ ରହୁଥିଲେ। କିଛିଦିନ ତଳେ ରୁଷୁଡ଼ା ଫାଣ୍ଡି ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂ କରିବା ସମୟରେ ଉକ୍ତ ଅପରିଚିତ ଯୁବକଙ୍କୁ ଦେଖିଥିଲେ। ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ସାହୁ ଯୁବକଙ୍କ ସମସ୍ତ ତଥ୍ୟ ପଚାରି ବୁଝିବା ପରେ ତାଙ୍କର ସାମାନ୍ୟ ମସ୍ତିଷ୍କ ବିକୃତି ରହିଥିବା ଜଣାପଡିଥିଲା। ତେବେ ସେ କେମିତି ଏଠାକୁ ଆସିଲେ କିଛି କହି ପାରି ନ ଥିଲେ ଏବଂ ଘରକୁ ଫେରିବାକୁ ଚାହୁଁଥିବା ପୋଲିସ ଆଗରେ କହିଥିଲେ। ଏ ନେଇ ରୁଷୁଡା ପୋଲିସ ବେଗୁନିଆ ଥାନା ସହିତ ଯୋଗାଯୋଗ କରିଥିଲା। ଖବର ପାଇ ଯୁବକଙ୍କ ପରିବାର ଲୋକେ ଭେଡେନ ଆସିଥିଲେ। ଶନିବାର ପୋଲିସ, ଗ୍ରାମବାସୀ ଏବଂ ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ପରିବାର ଲୋକେ ସୂର୍ଯ୍ୟକାନ୍ତଙ୍କୁ ନିଜ ଗାଁକୁ ନେଇଥିଲେ।



ବୋଲଗଡ଼ ବ୍ଲକ ସଦରମହକୁମାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ଜ୍ଞାନବିଜ୍ଞାନ ମେଳା ଅବସରରେ ଅତିଥିଙ୍କ ଗହଣର ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

## ଜ୍ଞାନବିଜ୍ଞାନ ମେଳାରେ ୯୮ ପ୍ରକଳ୍ପ ପ୍ରଦର୍ଶିତ

ବୋଲଗଡ଼,୨୯।୭(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସଦରମହକୁମା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଉକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଜ୍ଞାନବିଜ୍ଞାନ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କବୟିତ୍ରୀ ସେବତି ପରିଡା ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ପ୍ରାଧାପକ ଗାନ୍ଧୀ କୁମାର ସାହୁ, ସମ୍ପାଦକ ରାମଚନ୍ଦ୍ର ସାହୁ, ପ୍ରଧାନ ଆଚାର୍ଯ୍ୟ ବିରଞ୍ଚି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ୯୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅତିଥିମାନେ ପ୍ରକଳ୍ପ ବୁଲି ଦେଖିବା ସହ ପ୍ରଶଂସା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମେଳାରେ ଅଂଶଗ୍ରହଣ କରିଥିବା କୁନି ବୈଜ୍ଞାନିକଙ୍କୁ ପରିଷଦର କୋଷାଧ୍ୟକ୍ଷ ବସନ୍ତ ପାଢି ପୁରସ୍କାର ପ୍ରଦାନ କରିଥିଲେ। ଆଚାର୍ଯ୍ୟ ଦେବ ପ୍ରସାଦ ସାହୁ କାର୍ଯ୍ୟକ୍ରମ ପରିଚାଳନା, ଆଚାର୍ଯ୍ୟା ପୁଷ୍ପଲତା ସାହୁ ବିବରଣୀ ପାଠ ଏବଂ ବରିଷ୍ଠ ଆଚାର୍ଯ୍ୟ କୈଳାସ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ୧୫୭ଜଣ ବିଦ୍ୟାର୍ଥୀ ପ୍ରଶ୍ନମଞ୍ଚ, ପତ୍ରବାଚନ, ପ୍ରୟୋଗ, ମୂର୍ତ୍ତିକଳା ଓ ନିବନ୍ଧ ପ୍ରତିଯୋଗିତରେ ଅଂଶଗ୍ରହଣ କରିଥିବା ବେଳେ ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀ ସଙ୍କୁଳସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ।

### ବ୍ୟବସାୟୀ ବିଜୟଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଜଟଣୀ,୨୯।୭(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ହାଟବଜାର ନିବାସୀ ବ୍ୟବସାୟୀ ବିଜୟ ନାୟକଙ୍କ ବିୟୋଗରେ ଶନିବାର ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଏବଂ ମେଳାପୀ ବ୍ୟକ୍ତି ଭାବେ ପରିଚିତ ଥିଲେ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ତାଙ୍କ ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ। ଗତ ୧୯ ତାରିଖରେ ବିଜୟଙ୍କ ବିୟୋଗ ହୋଇଥିଲା।

## ତାଲିମ ନେଲେ ଧନ୍ଦାମୂଳକ ଟ୍ରେନର

ବୋଲଗଡ଼,୨୯।୭ (ଦେବବ୍ରତ ହୋତା)

ଭୁବନେଶ୍ୱର ସ୍ଥିତ ଏଟିଡିସି କାର୍ଯ୍ୟାଳୟ ଠାରେ ଧନ୍ଦାମୂଳକ ପ୍ରଶିକ୍ଷିକା, ପ୍ରଶିକ୍ଷିକମାନଙ୍କ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଲିମ ସଂସ୍ଥାର ପ୍ରିନ୍ସିପାଲ ମଳୟ ରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ପ୍ରାରମ୍ଭରେ ସଂସ୍ଥାର ସଂଯୋଜକ ଗଗନ ମିଶ୍ର ତାଲିମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବରିଷ୍ଠ ଅଧ୍ୟାପକ ତଥା ଆଇନଜିବୀ ଡ.ଅଶୋକ ମିଶ୍ର, ଓସେପାର ପିଏମ୍‌ୟୁ ବିଭାଗ ପରିଚାଳନାରେ ଥିବା ସାଗରିକା ମହାପାତ୍ର ଏବଂ ଟେକ୍ନିସିଆନ ମହେଶ୍ୱର ଭଞ୍ଜ ସଂସ୍ଥା ଅଧୀନରେ ଥିବା ପ୍ରଶିକ୍ଷକ ଏବଂ ପ୍ରଶିକ୍ଷିକାମାନଙ୍କୁ ବିଭିନ୍ନ ବିଷୟରେ ତାଲିମ ଦେଇଥିଲେ। ଡ.ମିଶ୍ର ଶିକ୍ଷାର ଗୁଣାତ୍ମକ ବିକାଶ ଏବଂ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କିପରି ସୁଯୋଗାଯୋଗ ସ୍ଥାପନ ହୋଇପାରିବ ସେ ବିଷୟରେ ମତବ୍ୟକ୍ତ କରିଥିଲେ। ସେହିପରି ମହାପାତ୍ର ଛାତ୍ରୀଛାତ୍ର କିପରି ରୋଜଗାରକ୍ଷମ ହୋଇପାରିବେ ଆଲୋଚନା କରିଥିଲେ। ସେହିପରି ଭଞ୍ଜ ଲାଇଟ ହାଉସ ଆପରେ ଥିବା ସମସ୍ୟା ଏବଂ ତ୍ରୁଟିକୁ କିପରି ସମାଧାନ କରାଯାଇପାରିବ ସେ ବିଷୟରେ ଅବଗତ କରାଇଥିଲେ।




ତାଲିମ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଧନ୍ଦାମୂଳକ ଟ୍ରେନର ଓ ଅନ୍ୟମାନେ।

## କାର୍ଯ୍ୟାଦେଶ ପାଇ ପ୍ରଥମ କିସ୍ତି ଅପେକ୍ଷାରେ ହିତାଧିକାରୀ

ବୋଲଗଡ଼,୨୯।୭(ଦେବବ୍ରତ ହୋତା)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍ଏୱାଇ)ର କାର୍ଯ୍ୟାଦେଶ ପାଇବାର ୪ ମାସ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କଲେ ହିତାଧିକାରୀଙ୍କୁ ମିଳିବ ସବ୍‌ସିଡି, ବିଦ୍ୟୁତ୍‌କରଣ ଓ ପାନୀୟଜଳ ସଂଯୋଗ ଆଦି ବହୁ ସୁବିଧା। ହେଲେ କାର୍ଯ୍ୟାଦେଶ ପାଇ କାମ ଅରମ୍ଭ କରିବା ପାଇଁ ହିତାଧିକାରୀ ତତ୍ପର ହୋଇଥିବା ବେଳେ ଏହା ସାଥିରେ ମିଳିବାକୁ ଥିବା ପ୍ରଥମ କିସ୍ତି ୪୦ହଜାର ଟଙ୍କା ଆକାଉଣ୍ଟକୁ ଆସି ନ ଥିବାରୁ କାର୍ଯ୍ୟ ଆଗେଇପାରୁନି। ଗ୍ରାମାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତତଃ ୨୬୯ ବର୍ଗଫୁଟ (୨୫ ବର୍ଗମିଟର) ପରିମିତ ଢଳେଇ ଛାତ ବିଶିଷ୍ଟ ଗୃହ ନିର୍ମାଣ ନିମନ୍ତେ ବୋଲଗଡ଼ ବ୍ଲକ ଅଞ୍ଚଳରେ ଚୟନ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି। କାର୍ଯ୍ୟାଦେଶ ସୂଚନା ଅନୁସାରେ ଏହି ଗୃହ ନିର୍ମାଣ ନିମନ୍ତେ ଆର୍ଥିକ ସହାୟତା ରାଶି ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ରେ କିସ୍ତିୱାରୀ ସିଧାସଳଖ ଜମା କରାଯିବ। ଏଥିପାଇଁ କାର୍ଯ୍ୟାଦେଶ ସହିତ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ପ୍ରଥମ କିସ୍ତି ବାବଦକୁ ୪୦ ହଜାର ଟଙ୍କା ଦିଆଯିବାର ନିୟମ ରହିଛି। ମାତ୍ର ବୋଲଗଡ଼ ବ୍ଲକ ଅଞ୍ଚଳରେ ଏହି କାର୍ଯ୍ୟାଦେଶ ପାଇଥିବା ବହୁ ପଞ୍ଚାୟତର କେତେଜଣ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରଥମ କିସ୍ତି ଆସି ନ ଥିବା ଅଭିଯୋଗ ହେଉଛି। ଟଙ୍କା ପାଇ ନ ଥିବା ହିତାଧିକାରୀ ପ୍ରଥମ କିସ୍ତି ତୁରନ୍ତ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଧୋବେଇ ନାୟକ କହିଛନ୍ତି, ଏଥିପ୍ରତି ଦୃଷ୍ଟି ଦିଆଯାଇ ପ୍ରଥମ କିସ୍ତି ଖୁବ୍‌ଶୀଘ୍ର ଯୋଗାଇ ଦିଆଯିବ।

## ମହରମ ପର୍ବରେ ଚାରାରୋପଣ

ବେଗୁନିଆ,୨୯।୭(ହର ପ୍ରସନ୍ନ ପଣ୍ଡା)

ମହରମ ପର୍ବ ଅବସରରେ ଶନିବାର ବେଗୁନିଆ ବ୍ଲକ ଅଞ୍ଚଳର ବିଭିନ୍ନ ମସଜିଦ ଓ ଇଦ୍‌ଗାପଡ଼ିଆରେ ସଂଖ୍ୟା ଲଘୁ ସମ୍ପ୍ରଦାୟର ଭାଇମାନେ ଭାଇଚାରାର ବାର୍ତ୍ତା ବାଣ୍ଟିଥିଲେ। ସିକୋ, ରାଉତପଡା, କୁଶପଲ୍ଲା, ଶର୍ଦ୍ଧାପୁର ଆଦି ଗ୍ରାମରେ ଏହି ପର୍ବ ପାଳନ କରାଯାଇଥିଲା। ପଙ୍ଗାରସିଂହ ଗ୍ରାମସ୍ଥିତ ଇଦ୍‌ଗାପଡ଼ିଆ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ବ୍ରଜବନ୍ଧୁ ସୁବୁଦ୍ଧି ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାରାରୋପଣ କରିବା ସହିତ ବୃକ୍ଷର ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ। ସବୁଜ ପୃଥିବୀ ସୃଷ୍ଟି କରିବା ପାଇଁ ସମସ୍ତେ ସଙ୍କଳ୍ପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୋଲଗଡ ବ୍ଲକର ପୂର୍ବତନ ଜିଲାପରିଷଦ ସଭ୍ୟ ଦିଲ୍ଲୀପ ଦତ୍ତ, ସମିତି ସଭ୍ୟ ପ୍ରଦୀପ ପ୍ରଧାନ, ସୁଶାନ୍ତ କୁମାର ମହାପାତ୍ର, ଖବରଦାତା ଶରତ ଚନ୍ଦ୍ର ବାରିକ, ୱାର୍ଡ ମେମ୍ବର ରୁକ୍ସନା ବିବି, ପ୍ରମିଳା ଦାସ, ନାଏବ ସରପଞ୍ଚ ନିରଞ୍ଜନ ଚମ୍ପତି, ସାମାଜିକ କର୍ମୀ ଦିଗମ୍ବର ମହାପାତ୍ର, ତାଜୁରୁଦ୍ଦିନ ଖାଁ, ତଯୁବ ଖାଁ ପ୍ରମୁଖ ଉପସ୍ଥିତ ଥିଲେ।



ଚାରାରୋପଣ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ଧର୍ମଗୁରୁଙ୍କୁ ମନେପକାଇଲେ ଶିୟା ସମ୍ପ୍ରଦାୟ

ଜଟଣୀ,୨୯।୭(ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀରେ ଶନିବାର ଶିୟା ସମ୍ପ୍ରଦାୟ ମୁସଲମାନଙ୍କ ପକ୍ଷରୁ ମହରମ ପାଳିତ ହୋଇଯାଇଛି। ଶିୟା ସମ୍ପ୍ରଦାୟର ଧର୍ମ ଗୁରୁ ଇମାମ ହୁସେନଙ୍କ ବଳିଦାନକୁ ମନେପକାଇ ଏହି ପର୍ବ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଶନିବାର ସକାଳେ ପ୍ରଥମେ ଫଜର ନମାଜ ପାଠ ଏବଂ ଜହର ନମାଜ ପାଠ କରାଯାଇଥିଲା। ମଧ୍ୟାହ୍ନରେ ଲଙ୍ଗର ତଥା ଫତିଆ ହେବା ପରେ ସମସ୍ତ ଶିୟା ମହିଳା, ପୁରୁଷ, ଯୁବତୀ ଯୁବକ ଏକାଠି ଖାଇବା ପରେ ପଞ୍ଜା ବାହାରିଥିଲା। ସ୍ଥାନୀୟ ବାଲିଛକ ମୁଣ୍ଡିଆସାହିସ୍ଥିତ ହୁସେନି ଇମାମବାଡାରୁ ଶିୟା ସମ୍ପ୍ରଦାୟର ପୁରୁଷ ଓ ମହିଳାମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ସହ ମାତମ କରିଥିଲେ। ପରେ ରାଜାବାଜରସ୍ଥିତ ଇମାମବାଡାଠାରେ ଏହି ମାତମ ଶେଷ ହୋଇଥିଲା। ଏହି ମାତମ ଶୋଭାଯାତ୍ରାକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା।



ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ।



ମହରମ ପାଳନ ଅବସରରେ ଯୁବକମାନେ ମାତମ କରୁଛନ୍ତି।

ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଜଟଣୀ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଆୟୋଜକ ହୁସୈନୀ ଇମାମବାଡାର ସଭାପତି ସୟଦ ନୌସିର ଅଲ୍ଲୀ କହିଛନ୍ତି, ମହାପୁରୁଷ ମହମ୍ମଦଙ୍କ ନାତି ଇମାମ ହୁସେନଙ୍କ ବଳିଦାନକୁ ମନେପକାଇବା ସହିତ ମାନବ ସମାଜକୁ ସତ୍‌ମାର୍ଗ ଦେଖାଇବା ପାଇଁ ୧୯୬୯ ମସିହାରୁ ଜଟଣୀରେ ସୟଦ ମହମ୍ମଦ

### ଜଟଣୀରେ ମହରମ ପାଳିତ

ଅଲ୍ଲୀ ଏହି ମାତମ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଯାହା ଆଜି ପର୍ଯ୍ୟନ୍ତ ପାଳନ କରାଯାଉଛି ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଶିୟା ସମ୍ପ୍ରଦାୟର ଧର୍ମଗୁରୁ ଇମାମ ହୁସେନ ସବୁ ଧର୍ମକୁ ଭଲ ପାଉଥିଲେ। ସେ ସବୁବେଳେ ଲୋକଙ୍କୁ ସତ୍‌ମାର୍ଗରେ ଯିବା ପାଇଁ କହୁଥିଲେ। ଏଥିସହ ଇରାକ୍‌ର ଶାସକ ୟଜିଦ୍‌ଙ୍କ ମାର୍ଗକୁ ଅନୁସରଣ ନ କରିବା ପାଇଁ ଲୋକଙ୍କୁ ଉପଦେଶ ଦେଉଥିଲେ। ୟଜିଦ୍‌ଙ୍କ ମାର୍ଗକୁ ସମର୍ଥନ ନ କରିବାରୁ ୬୮୦ ଖ୍ରୀଷ୍ଟାବ୍ଦ ୧୦ ତାରିଖରେ ଶାସକ ୟଜିଦ୍ ଇରାକ୍‌ର କରବଲାରେ ଥିବା ନେହେରା ଫରାକ ନଦୀକୂଳରେ ଶିୟା ଧର୍ମଗୁରୁ ହୁସେନଙ୍କ ସମେତ ତାଙ୍କ ପରିବାର, ୭୨ ଜଣ ସମର୍ଥକଙ୍କୁ ହତ୍ୟା କରିଥିଲେ। ମାନବ ସମାଜକୁ ସତ୍‌ମାର୍ଗରେ ନେବାକୁ ଯାଇ ଧର୍ମଗୁରୁ ହୁସେନ୍ ନିଜ ଜୀବନକୁ ବଳିଦାନ ଦେଇଥିବାରୁ ତାଙ୍କୁ ମନେ ପକେଇବା ପାଇଁ ଶିୟା ସମ୍ପ୍ରଦାୟର ଭଉଣୀ ଭାଇମାନେ ୪୦ ଦିନ ବ୍ୟାପୀ କଳାବସ୍ତ୍ର ପରିଧାନ କରିଥାନ୍ତି। ଏଥିସହ ମହିଳାମାନେ କୌଣସି ଅଳଙ୍କାର ପରିଧାନ କରି ନ ଥାନ୍ତି। ଏପରି କି କୌଣସି ଶୁଭକାର୍ଯ୍ୟରେ ସାମିଲ ନ ହୋଇ ଏହି ବ୍ରତ ରଖିଥାନ୍ତି।

# ୪ ମାସ ଶୟନ ଗଲେ ମହାପ୍ରଭୁ

## ଶ୍ରୀମନ୍ଦିରରେ ହରିଶୟନ ଏକାଦଶୀ ନୀତି ସମ୍ପନ୍ନ

**ପୁରୀ, ୨୯।୭(ଅଜିତ ମହାନ୍ତି):** ଶ୍ରାବଣ ମାସ ମଳ ଶୁକ୍ଳପକ୍ଷ ଏକାଦଶୀ ଅବସରରେ ଶନିବାର ଶ୍ରୀମନ୍ଦିରରେ ହରିଶୟନ ଏକାଦଶୀ ନୀତି ସମ୍ପନ୍ନ ହୋଇଛି। ପୌରାଣିକ କଥା ଅନୁଯାୟୀ, ଏହି ଦିନଠାରୁ ଦୀର୍ଘ ୪ ମାସ ପର୍ଯ୍ୟନ୍ତ ମହାପ୍ରଭୁ ଶୟନ କରିଥାନ୍ତି। ସେହିପରି ମହାପ୍ରଭୁଙ୍କ ଶୟନ କାଳ ମଣିଷଙ୍କ ପାଇଁ ଅଶୁଭ କାଳ ଭାବେ ଗ୍ରହଣ କରାଯାଏ। ଏହି ସମୟରେ ଜ୍ୟୋତିଷ ଶାସ୍ତ୍ରମତେ ସୂର୍ଯ୍ୟଙ୍କ ଦକ୍ଷିଣାୟନ ଯୋଗୁ କୌଣସି ଶୁଭକାର୍ଯ୍ୟ କରାଯାଏନାହିଁ। ତେଣୁ ବିବାହ, ବ୍ରତଘର ଆଦି କାର୍ଯ୍ୟ ଏହି ୪ମାସ ପର୍ଯ୍ୟନ୍ତ ହୋଇ ନ ଥାଏ। କାର୍ତ୍ତିକ ମାସ ଏକାଦଶୀ ପରେ ଠାକୁର ଶୟନରୁ ଉଠିଲେ ଶୁଭ କାର୍ଯ୍ୟ କରାଯାଇଥାଏ। ଆଷାଢ଼ ମାସ ଶୁକ୍ଳପକ୍ଷ ଏକାଦଶୀ ଅବସରରେ ରଥ ଉପରେ ଠାକୁର ଥିବା ସମୟରେ ହରିଶୟନ ଏକାଦଶୀ ନୀତି ସମ୍ପନ୍ନ ହୋଇଥାଏ। ଚଳିତ ବର୍ଷ ଯୋଡ଼ା ଶ୍ରାବଣ ପଡୁଥିବାରୁ ପରମ୍ପରା ଅନୁଯାୟୀ ଆଷାଢ଼ରେ ହରିଶୟନ ଏକାଦଶୀ ନୀତି ନ ହୋଇ ଶ୍ରାବଣ ମଳ ଶୁକ୍ଳ ଏକାଦଶୀରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ହରିଶୟନ ଏକାଦଶୀ ନୀତି ପାଳନ ହୋଇଛି।

ମହାପ୍ରଭୁଙ୍କ ଚନ୍ଦନଲାଗି, ବଡ଼ସିଂହାର ବେଶ, ବଡ଼ସିଂହାର ଭୋଗ, ମଇଲମ ପରେ ଶୟନ ଠାକୁର ରତ୍ନସିଂହାସନକୁ ବିଜେ ହୋଇଥିଲେ। ତିନିଜଣ ପୂଜାପଣ୍ଡା ସାମନ୍ତ ଶୟନ ଠାକୁର ତିନିମୂର୍ତ୍ତି ସୁବର୍ଣ୍ଣ ପ୍ରତିମାଙ୍କୁ ରତ୍ନସିଂହାସନ ଉପରକୁ ବିଜେ କରାଇଥିଲେ। ତିନିମୂର୍ତ୍ତି ମଧ୍ୟରେ ଶ୍ରୀବଳଭଦ୍ରଙ୍କ ବାଡ଼ରେ ବାସୁଦେବ, ଦେବୀ ସୁଭଦ୍ରାଙ୍କ ବାଡ଼ରେ ଭୁବନେଶ୍ୱରୀ ଏବଂ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଶ୍ରୀନାରାୟଣଙ୍କୁ ବିଜେ କରାଯାଇଥିଲା। ଶୟନ ଠାକୁର ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗ ଲାଗିହେଲା ପରେ ମହାସ୍ନାନ ନୀତି ହୋଇଥିଲା। ପରେ ସର୍ବାଙ୍ଗ, ନୂଆ ପତନି ଲୁଗା ଓ ମାଳଫୁଲ ଲାଗି ନୀତି ସମ୍ପନ୍ନ କରାଯାଇଥିଲା। ବଲ୍ଲଭ ବଡ଼ସିଂହାର ବେଶ ସମ୍ପନ୍ନ ପରେ ପୂଜାପଣ୍ଡା ସାମନ୍ତମାନଙ୍କ ଦ୍ୱାରା ଷୋଡ଼ଶ ଉପଚାରରେ ବଲ୍ଲଭ ବଡ଼ସିଂହାର ଭୋଗ ପୂଜା ସମ୍ପନ୍ନ ପରେ ହରିଶୟନ ନୀତି ହୋଇଥିଲା। ଶୟନ ଠାକୁରମାନଙ୍କୁ ହାତରେ ବିଜେ କରାଇ ପୂଜାପଣ୍ଡା ସାମନ୍ତ ଭଣ୍ଡାରଦୁଆର ନିକଟକୁ ନେଇଥିଲେ। ସେଠାରେ ବିଧି ମୁତାବକ ଶୟନ ନୀତି ଅନୁଷ୍ଠିତ ହୋଇଥାଏ। କୋଠ ସୁଆଁସିଆ ଦେଇଥିବା ଟାଟପେଡ଼ି, ଦରଜିଙ୍କ ଶେଯ ଓ ତକିଆରେ ଠାକୁରଙ୍କୁ ଶୁଆଇ ଦିଆଯାଇଥିଲା। ମୁଦିରଥ ପ୍ରସାଦ ଲାଗି କରିବା ସହ ପୁଷ୍ପାଞ୍ଜଳି, କର୍ପୁର ଆଳତି ସଞ୍ଜ ଆଳତି ଓ ବନ୍ଦାପନା ଆଦି କରିଥିଲେ। ପେଡ଼ିକୁ ବନ୍ଦ କରାଯାଇ ସମସ୍ତେ ଆସିବା ପରେ ଶୟନ ଘରକୁ ବନ୍ଦ କରାଯାଇଥିଲା।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**କୋଣାର୍କ,୨୯।୭(ଜ୍ୟୋତିରାଜ ମହାନ୍ତି):** ପୁରୀ-କୋଣାର୍କ ବେଳାମାର୍ଗ ବାଲିଘାଇ ଛକ ନିକଟ ବେଲେଶ୍ୱର ଶୈବ ପୀଠ ନିକଟ ଜଙ୍ଗଲରୁ ରାମଚଣ୍ଡୀ ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ତେବେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮/୨୩) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ବେଲେଶ୍ୱର ମନ୍ଦିର ନିକଟ ଜଙ୍ଗଲରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଅନ୍ୟପକ୍ଷରେ ମୃତଦେହଟି ୩ରୁ ୪ଦିନ ତଳର ବୋଲି ପୋଲିସ ଅନୁମାନ କରୁଛି।

### ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳାରେ ୨୧୦ ପ୍ରକଳ୍ପ ପ୍ରଦର୍ଶିତ

**କାକଟପୁର,୨୯।୭(ଶୁଭଦର୍ଶନ ମିଶ୍ର):** କାକଟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସାରଳା ଆବାସିକ ମହାବିଦ୍ୟାଳୟର ଅଧକ୍ଷ ଚିତ୍ତରଞ୍ଜନ ପରିଡ଼ା ଓ ଶିଶୁ ବିଦ୍ୟାମନ୍ଦିରର ସଭାପତି ପ୍ରମୋଦ କିଶୋର ପୃଷ୍ଟି ଯୋଗଦେଇ ଏହି ମେଳାକୁ ଉଦ୍ଘାଟନ କରିଥିଲେ। ଏହି ମେଳାରେ ମୋଟ୍ ୨୧୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେହିପରି ବିଜ୍ଞାନ ପ୍ରଶ୍ନ ମଞ୍ଚ, ବୈଦିକ ଗଣିତ ପ୍ରଶ୍ନ ମଞ୍ଚ ଏବଂ ସଂସ୍କୃତି ଜ୍ଞାନ ପ୍ରଶ୍ନ ମଞ୍ଚ ଅନୁଷ୍ଠିତ ହୋଇଥିଲା। ଏହା ସହିତ ଗଣିତ ପ୍ରୟୋଗ ଓ ବିଜ୍ଞାନ ପ୍ରୟୋଗପତ୍ର ବାଚନ ଆଦି କାର୍ଯ୍ୟକ୍ରମ ହୋଇଥିଲା। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ପ୍ରଭାକର ଖୁଣ୍ଟିଆ, ପ୍ରଧାନ ଆଚାର୍ଯ୍ୟ ଚିନ୍ମୟ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଶିଶୁ ବିଦ୍ୟାମନ୍ଦିରର ଗୁରୁଜୀ ଗୁରୁମା ଓ ଅନ୍ନଦା ପ୍ରସାଦଙ୍କ ମାର୍ଗଦର୍ଶନରେ ଏହି ମେଳା ସୁଚାରୁଭାବେ ସମ୍ପାଦନ କରାଯାଇଥିଲା।

### ନୂତନ ଏସ୍‌ଡିପିଓଙ୍କ ଯୋଗଦାନ



**ପିପିଲି,୨୯।୭(ଦୁର୍ଗାମାଧବ ମିଶ୍ର):** ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳଙ୍କର ପଦୋନ୍ନତି ହୋଇ ଅନ୍ୟତ୍ର ବଦଳି ହୋଇଯାଇଛି। ତାଙ୍କ ସ୍ଥାନରେ ନୂତନ ଏସ୍‌ଡିପିଓ ଭାବେ ବିରଞ୍ଚି ନାରାୟଣ ପତି ଯୋଗଦେଇଛନ୍ତି। ଏହି ଅବସରରେ ପିପିଲି ଥାନାର କର୍ମଚାରୀମାନେ ତାଙ୍କୁ ଭେଟି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଆଗକୁ ନିର୍ବାଚନ ଆସୁଥିବାବେଳେ ପିପିଲି ଉପଖଣ୍ଡ ଅଧିକାରୀଙ୍କ ପରିସୀମାରେ ରହିଥିବା ଡେଲାଙ୍ଗ, ସତ୍ୟବାଦୀ, ବଳଙ୍ଗା ଏବଂ କଣାସ ଥାନା ଅଞ୍ଚଳରେ ଶାନ୍ତିପ୍ରତିଷ୍ଠା ଲାଗି କାର୍ଯ୍ୟ କରିବା ପାଇଁ ସେ ସମସ୍ତ ଥାନା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପିପିଲି ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ସକାଶେ ସେ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

### ନଦୀରୁ ମହିଳାଙ୍କ ମୃତଦେହ ମିଳିଲା

**କୋଣାର୍କ,୨୯।୭(ଜ୍ୟୋତିରାଜ ମହାନ୍ତି):** କୋଣାର୍କ ଥାନା ଅନ୍ତର୍ଗତ ଅବଦାନ ପଞ୍ଚାୟତ ବାଘଗୋରଡି ଗାଁ କାଦୁଆ ନଦୀରୁ ପୋଲିସ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ମୃତା ହେଲେ କନ୍ତିମଳା ଗ୍ରାମର କିରଣବଳ ବାଳା(୪୫)। କୌଣସି ସୂତ୍ରରୁ ଖବର ପାଇ ମୃତାଙ୍କ ପରିବାର ଲୋକେ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଛନ୍ତି। ସମ୍ପୃକ୍ତ ମୃତ ମହିଳା ହେଲେ କନ୍ତିମଳା ଗ୍ରାମର ପ୍ରସନ୍ନ ବାଳାଙ୍କ ସ୍ତ୍ରୀ କିରଣବଳ ବାଳା(୪୫)।

ସୂଚନା ମୁତାବକ, ଗତ ୨୮ ତାରିଖ ସନ୍ଧ୍ୟାରେ ସେ ଘରୁ ବାହାରି ଆସିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାରଲୋକେ ବହୁ ଖୋଜାଖୋଜି କରି ମଧ୍ୟ ପାଇ ନ ଥିଲେ। ମହିଳା ଜଣକ କୌଣସି କାରଣରୁ ନଦୀକୁ ଯାଇଥିଲା ବେଳେ ଗୋଡ଼ ଖସି ଗଭୀର ପାଣି ଭିତରକୁ ଚାଲିଯାଇ ଜୀବନ ଚାଲିଯାଇଥିବା ସନ୍ଦେହ କରାଯାଉଛି। କୋଣାର୍କ ଥାନା ଏଏସ୍‌ଆଇ ଅଜିତ କୁମାର ସ୍ୱାଇଁ ଏକ ଅପମୃତ୍ୟୁ ମାମଲା (ନଂ. ୧୩/୨୩) ରୁଜୁ କରି ତଦନ୍ତ ଚଳାଇଛନ୍ତି।



ସୂର୍ଯ୍ୟମନ୍ଦିର ପରିଦର୍ଶନ ଅବସରରେ ନବନିଯୁକ୍ତ ଶିକ୍ଷାସେବା ଅଧିକାରୀମାନେ।

# ସୂର୍ଯ୍ୟମନ୍ଦିର ବୁଲି ଦେଖିଲେ ୭୮ ଶିକ୍ଷାସେବା ଅଧିକାରୀ

**କୋଣାର୍କ,୨୯।୭(ଜ୍ୟୋତିରାଜ ମହାନ୍ତି):** ଓଡ଼ିଶା ଶିକ୍ଷା ସେବାରେ ନବନିଯୁକ୍ତ ୭୮ଜଣ ଶିକ୍ଷାସେବା ଅଧିକାରୀ କୋଣାର୍କ ପରିଭ୍ରମଣରେ ଆସି ସୂର୍ଯ୍ୟମନ୍ଦିର, ଅର୍କକ୍ଷେତ୍ର ବ୍ୟାଖ୍ୟାନ କେନ୍ଦ୍ର, ଚନ୍ଦ୍ରଭାଗାର ସ୍ୱର୍ଣ୍ଣିମ ବେଳାଭୂମି ଓ ମୁକ୍ତାକାଶ ରଙ୍ଗମଞ୍ଚ ପରିଦର୍ଶନ କରିଛନ୍ତି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ(ଓସେପା) ପକ୍ଷରୁ ଭୁବନେଶରେ ଆୟୋଜିତ ୧୫ଦିନିଆ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଏହି ଯୁବ ଶିକ୍ଷା ପ୍ରଶାସକମାନେ କୋଣାର୍କ ଗସ୍ତ ବେଳେ ନିମାପଡ଼ା ସରକାରୀ ହାଇସ୍କୁଲର ଶୈକ୍ଷିକ ଭିତ୍ତିଭୂମି ମଧ୍ୟ ଅନୁଧ୍ୟାନ କରିଥିଲେ। ଏହା ପରେ ସୂର୍ଯ୍ୟମନ୍ଦିର ଓ ଅର୍କକ୍ଷେତ୍ର ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରି ଉତ୍କଳୀୟ ସୂକ୍ଷ୍ମ ଭାସ୍କର୍ଯ୍ୟ କଳାକୁ ଉପଭୋଗ କରିଥିଲେ। ଓଡ଼ିଶା ସରକାରଙ୍କ ଦ୍ୱାରା ନବନିଯୁକ୍ତ ୧୫୮ଜଣ ଯୁବ ଶିକ୍ଷା ସେମା ଅଧିକାରୀଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୭୮ଜଣଙ୍କୁ ଓସେପା ପକ୍ଷରୁ ପ୍ରଶିକ୍ଷଣ ପ୍ରଦାନ କାର୍ଯ୍ୟକ୍ରମ ଜାରି ରହିଛି। ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ନବନିଯୁକ୍ତ ଯୁବ ଶିକ୍ଷା ପ୍ରଶାସକଙ୍କ କର୍ତ୍ତବ୍ୟ ନିଷ୍ଠା ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସମୁନ୍ନତ କରିବ ବୋଲି ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା କହିଛନ୍ତି। ଏହି ପରିଭ୍ରମଣ କାର୍ଯ୍ୟକ୍ରମରେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶାହାଙ୍କ ସମେତ ଅତିରିକ୍ତ ନିର୍ଦ୍ଦେଶକ ସରୋଜ କୁମାର ବେହେରା, ଉପ ନିର୍ଦ୍ଦେଶକ ମହେଶ୍ୱର ସାହୁ, ପୁରୀ ଜିଲା ଶିକ୍ଷା ଅଧିକାରୀ ଡ. ବିଶ୍ୱଜିତ୍ ଘୋଷ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ସମରଥ ଓ ଗୋପ ବ୍ଲକ ଶିକ୍ଷା ଅଧିକାରୀ ସୁଶୀଳ କୁମାର ବ୍ରହ୍ମା ସାମିଲ ଥିଲେ। ପର୍ଯ୍ୟଟନ ବିଭାଗର ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ନୂତନ ଶିକ୍ଷା ପ୍ରଶାସକଙ୍କୁ ଶ୍ରୀଜଗନ୍ନାଥଙ୍କ ଫଟୋ ଉପହାର ଦେଇ ପୁରୀ ଜିଲା ଶିକ୍ଷା ଅଧିକାରୀ ଘୋଷ ସମ୍ବର୍ଦ୍ଧିତ କରିଥିଲେ। ସିଆରସିସି ରବୀନ୍ଦ୍ର ନାଥ ବାହିନୀପତି, ଶିକ୍ଷକ ପ୍ରତାପ ରାଉତ ଓ ଶିକ୍ଷକ ରାମକୃଷ୍ଣ ମହାନ୍ତି ଯାତ୍ରୀ ନିବାସଠାରେ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ କୋଣାର୍କ ପରିଭ୍ରମଣରେ ସହଯୋଗ କରିଥିଲେ।

# କୋର୍ଟରେ ବୟାନ ବଦଳାଇ ଚାକିରିରୁ ବହିଷ୍କୃତ ହେଲେ ସହକାରୀ ଯନ୍ତ୍ରୀ

**ଭୁବନେଶ୍ୱର,୨୯।୭(ସୂର୍ଯ୍ୟକାନ୍ତ ବେହେରା):** ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଗିରଫ କରୁଥିଲାବେଳେ ଅନେକ ସମୟରେ ସାକ୍ଷୀମାନେ କୋର୍ଟରେ ବୟାନ ବଦଳାଉଥିବାରୁ ଦୋଷୀମାନେ ନିର୍ଦ୍ଦୋଷରେ ଖଲାସ ହେଉଛନ୍ତି। ତେଣୁ ଏଭଳି ସାକ୍ଷୀଙ୍କ ବିରୋଧରେ ଭିଜିଲାନ୍ସ କାର୍ଯ୍ୟାଳୟ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ପଦକ୍ଷେପ ଆରମ୍ଭ ହୋଇଛି। ଲାଞ୍ଚ ମାମଲାରେ ଜଡିତ ଜଣେ ଅଧିକାରୀଙ୍କୁ ବଞ୍ଚାଇବାକୁ ଯାଇ କୋର୍ଟରେ ବୟାନ ବଦଳାଇବା ଜଣେ ସହକାରୀ ଯନ୍ତ୍ରୀଙ୍କୁ ଚାକିରି ହରାଇବାକୁ ପଡ଼ିଛି। ସେ ବରଗଡ ଜିଲା ବିଜେପୁର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସହକାରୀ ଯନ୍ତ୍ରୀ ଉପେନ୍ଦ୍ର ଭଞ୍ଜ ନାଏକ। ରାଜ୍ୟ ସରକାର ତାଙ୍କୁ ଚାକିରିରୁ ବହିଷ୍କୃତ କରିଥିବା ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି।

# ମେଶିନରେ ନାବାଳକଙ୍କ ହାତ ଆଙ୍ଗୁଠି କଟିଲା

**ପିପିଲି,୨୯।୭(ଦୁର୍ଗାମାଧବ ମିଶ୍ର):** ପିପିଲି ହାଟ ଛକସ୍ଥିତ ଏକ ଦୋକାନରେ ଶୁକ୍ରବାର ମେଶିନ ଦ୍ୱାରା ରୁଟି ପ୍ରସ୍ତୁତ କରିବା ବେଳେ ଜଣେ ନାବାଳକଙ୍କ ଡାହାଣ ହାତର ଦୁଇଟି ଆଙ୍ଗୁଠି କଟିଯାଇଛି। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମେଶିନକୁ ସତର୍କତାର ସହ କାଟି ନାବାଳକଙ୍କ ହାତ ବାହାର କରି ତାଙ୍କୁ ଚିକିତ୍ସା ପାଇଁ ପିପିଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସମ୍ପୃକ୍ତ ନାବାଳକ ହେଲେ ୧୫ ବର୍ଷୀୟ ରୁଦ୍ରପ୍ରତାପ ରାଉତ। ସେ ପିପିଲି ବ୍ଲକ ଛକ ନିକଟରେ ନିଜ ପରିବାର ସହ ଭଡ଼ାରେ ରହୁଥିବାବେଳେ ଗତ କିଛିଦିନ ଧରି ଏହି ରୁଟି ଦୋକାନରେ କାମ କରୁଥିଲେ। ସୂଚନା ଅନୁଯାୟୀ, ରୁଦ୍ର ରୁଟି ମେଶିନରେ ରୁଟି ଗୁଳା ପକାଇବା ସମୟରେ ମେଶିନରେ ହାତ ପଶିଯାଇଥିଲା। ଦୋକାନର ଅନ୍ୟ କର୍ମଚାରୀ ତାଙ୍କ ହାତ କାଢିବା ପାଇଁ ଚେଷ୍ଟା କରି ବିଫଳ ହେବାରୁ ପିପିଲି ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମେଶିନକୁ କଟର ସାହାଯ୍ୟରେ କାଟି ହାତ ବାହାର କରିଥିଲେ। ଖବର ପାଇ ପିପିଲି ପୋଲିସ ପହଞ୍ଚି ନାବାଳକଙ୍କ ମାତାପିତାଙ୍କ ସହିତ ଆଲୋଚନା କରିଥିଲା।

# ଜ୍ଞାନ ବିଜ୍ଞାନ ମେଳାରେ ୧୧୮ ପ୍ରକଳ୍ପ



ପିଲାମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

**ପୁରୀ, ୨୯।୭(ଅଜିତ ମହାନ୍ତି):** ହରଚଣ୍ଡୀ ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସପ୍ତବିଂଶତିତମ ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ତାପସ କୁମାର ପ୍ରିୟଦର୍ଶନ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ସମ୍ପାଦକ ମାଧବ ଚନ୍ଦ୍ର ମହାପାତ୍ର ଏବଂ ବିଦ୍ୟୁତ୍ ପରିଷଦର ସଦସ୍ୟ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ର ବିଜ୍ଞାନ ସଂସଦ ସଭାପତି ଅର୍ପିତା ସାହୁ ସଭାକାର୍ଯ୍ୟ ପରିଚାଳନା ଓ ସମ୍ପାଦିକା ଅନନ୍ୟା ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସଭ୍ୟ ସଚ୍ଚିଦାନନ୍ଦ ପ୍ରଧାନ ଉପସ୍ଥିତ ଥିଲେ। ମୋଟ ୧୧୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିଶୁଙ୍କ ଦ୍ୱାରା ମୂର୍ତ୍ତିକଳା ଓ ଲୋକନୃତ୍ୟ କାର୍ଯ୍ୟକ୍ରମ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବତନ ପ୍ରଧାନ ଆଚାର୍ଯ୍ୟା ଚିନ୍ମୟୀ ଦେବୀ ଓ ଭବାନୀ ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# 'ଭାରତବର୍ଷରେ ଓଡ଼ିଶା ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି'

## ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର

**ନିମାପଡ଼ା,୨୯।୭(ବିଚିତ୍ରାନନ୍ଦ ସାହୁ)** ସମଗ୍ର ଭାରତ ବର୍ଷରେ ଆମ ରାଜ୍ୟ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ଏହା କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଇଁ ସମ୍ଭବ ହୋଇପାରିଛି। ମୁଖ୍ୟମନ୍ତ୍ରୀ ଶୟନେ, ସପନେ, ଜାଗରଣେ ସଦାସର୍ବଦା ରାଜ୍ୟବାସୀଙ୍କ ବିକାଶର ସ୍ୱପ୍ନ ଦେଖି ଚାଲିଛନ୍ତି। ସ୍ୱପ୍ନ ଦେଖାଇବା, ସ୍ୱପ୍ନକୁ ସାକାର କରିବାର କ୍ଷମତା ଏକମାତ୍ର ମୁଖ୍ୟମନ୍ତ୍ରୀଙ୍କ ରହିଛି। ପୁରୀ ଜିଲା ପକ୍ଷରୁ ଆୟୋଜିତ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟକ ବଣ୍ଟନ ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ସମୀର ରଞ୍ଜନ ଦାଶ ଏହା କହିଛନ୍ତି। ଶ୍ରମିକ ଓ କୃଷକ ହେଉଛନ୍ତି ଆମ ଦେଶ ଓ ରାଜ୍ୟର ମେରୁଦଣ୍ଡ। ଶ୍ରମିକ ଓ କୃଷକଙ୍କ ବିକାଶ ହେଲେ ଦେଶ ଓ ରାଜ୍ୟର ପ୍ରଗତି ହେବ ବୋଲି ବିଧାୟକ ଦାଶ କହିଛନ୍ତି। ଶ୍ରମ ଓ କର୍ମଚାରୀ ବୀମା ନିଗମ, ପୁରୀ ଜିଲା ପ୍ରଶାସନ, ପୁରୀ ଶ୍ରମ ବିଭାଗ କାର୍ଯ୍ୟାଳୟ ପୁରୀ ଜିଲା ପକ୍ଷରୁ ଆୟୋଜିତ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିରରେ ସମ୍ମାନିତ ଅତିଥି ଭାବେ ନିମାପଡ଼ା ପଞ୍ଚାୟତ ସମିତି ଅଧକ୍ଷ ଶଙ୍କର ଭୋଇ, ଗୋପ ପଞ୍ଚାୟତ ସମିତି ଅଧକ୍ଷ ଝୁନୁ ମଲ୍ଲିକ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ସାମାଜିକ କର୍ମୀ ଜୀବନାନନ୍ଦ ମହାପାତ୍ର, ଜିଲା ଶ୍ରମ ଅଧିକାରୀ ଚୌଧୁରୀ ସୁବ୍ରତ କୁମାର ଜେନା, ସହଶ୍ରମ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ବିକ୍ରମ କେଶରୀ ପ୍ରଧାନ, ୱେଲଫେୟାର କୋଅର୍ଡିନେଟର ଚିତ୍ରସେନ ସାହୁ, ମଣ୍ଡଳ ଶ୍ରମ ଆୟୁକ୍ତ ଶିବଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇ ଏହି ଶିବିରର ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ, ନିର୍ମାଣ ଶ୍ରମିକଙ୍କ ସହାୟତା, ଶ୍ରମିକ କଲ୍ୟାଣ ଯୋଜନା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଶିବିରରେ ନିମାପଡ଼ା ଗୋପ ବ୍ଲକର ୧୮୦ ନିର୍ମାଣ ଶ୍ରମିକଙ୍କୁ ନୂତନ ପରିଚୟ ପ୍ରଦାନ କରାଯାଇଥିବାବେଳେ ୭୬ ନିର୍ମାଣ ଶ୍ରମିକଙ୍କୁ ୧ କୋଟି ୫୩ ଲକ୍ଷ ଟଙ୍କା ମୃତ୍ୟୁକାଳୀନ ସହାୟତା, ୬୩ ନିର୍ମାଣ ଶ୍ରମିକଙ୍କୁ ୩ ଲକ୍ଷ ୩୫ ହଜାର ଟଙ୍କା ଅନ୍ତେଷ୍ଟିକ୍ରିୟା ସହାୟତା, ୧୨୧ ଶ୍ରମିକଙ୍କୁ ୬୦ ଲକ୍ଷ ଟଙ୍କା ବିବାହ ସହାୟତା, ୧୫୦ ନିର୍ମାଣ ଶ୍ରମିକଙ୍କୁ ୯ ଲକ୍ଷ ୭୧ ହଜାର ୮ଶହ ଟଙ୍କା ଶିକ୍ଷା ସହାୟତା ଏହିପରି ମୋଟରେ ୪୧୦ ନିର୍ମାଣ ଶ୍ରମିକଙ୍କୁ ୨ କୋଟି ୨୬ ଲକ୍ଷ ୬୮୦୦ ଟଙ୍କା ସହାୟତା ଓ ଚେକ ପ୍ରଦାନ କରାଯାଇଥିଲା। ଅନଲାଇନ ଜରିଆରେ ଶ୍ରମିକଙ୍କୁ ଏହି ଅର୍ଥରାଶି ପ୍ରଦାନ କରାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ଏହି ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଶ୍ରମିକଙ୍କୁ ଅନୁଦାନ ରାଶି ପ୍ରଦାନ ମୁଖ୍ୟମନ୍ତ୍ରୀଙ୍କ ଏକ ଅଭିନବ ପ୍ରୟାସ। ଏହାଦ୍ୱାରା ନିର୍ମାଣ ଶ୍ରମିକ ବହୁଳ ଭାବେ ଉପକୃତ ହୋଇପାରୁଥିବା ଅତିଥିମାନେ ଗୁରୁତ୍ୱାରୋପ କରିଛନ୍ତି। ଆୟୋଜିତ ସମାରୋହରେ ବିଭିନ୍ନ ଟ୍ରେଡ୍ ୟୁନିୟନ ଓ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।




ବିଧାୟକ ସମୀର ରଞ୍ଜନ ଦାଶ ଜଣେ ହିତାଧିକାରୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

# 'ଶ୍ରମିକଙ୍କ ଅଧିକାର ଛଡ଼ାଇ ନେଉଛନ୍ତି ସରକାର'




ଶ୍ରମିକ ସମାବେଶରେ ମଞ୍ଚାସୀନ ବକ୍ତାମାନେ।

**ପୁରୀ, ୨୯।୭(ଅଜିତ ମହାନ୍ତି):** କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନସ୍ୱାର୍ଥ ବିରୋଧୀ ନୀତି ବିରୋଧରେ ଶନିବାର ପୁରୀ ସାଲବେଗ ପୀଠଠାରେ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ସଭାପତି ମଣ୍ଡଳୀ ଶ୍ରୀକାନ୍ତ ପରିଜା, ହରିହର ସେନାପତି ଏବଂ ଜ୍ଞାନରଞ୍ଜନ ଦାସ ପ୍ରମୁଖ ଯୋଗଦେଇ କହିଥିଲେ, କେନ୍ଦ୍ର ସରକାରଙ୍କ ଜନସ୍ୱାର୍ଥ ବିରୋଧୀ ନୀତି ଏବଂ ଦରଦାମ୍ ବୃଦ୍ଧି ଯୋଗୁ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ପନିପରିବାଠାରୁ ଆରମ୍ଭକରି କାଗଜ କଲମ, ଔଷଧ, ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଆଦି ଅତିଷ୍ଠ କରୁଛି। ସବୁକ୍ଷେତ୍ରରେ ଠିକା ନିଯୁକ୍ତି ଚାଲିଛି, ବେକାର ସମସ୍ୟା ବୃଦ୍ଧି ପାଉଛି। ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ବ୍ୟବହାର ହେଉଥିବା ଯନ୍ତ୍ରପାତିକୁ ଘରୋଇ କମ୍ପାନୀକୁ ଅଗ୍ରିମ ଦିଆଯାଉଛି। ସରକାର ଶ୍ରମ ଆଇନ ସଂଶୋଧନ କରି ଶ୍ରମିକଙ୍କ ଅଧିକାର ଛଡ଼ାଇ ନେଉଛନ୍ତି। ମଣିପୁର ହିଂସାରେ ଜଳୁଥିବା ବେଳେ ପ୍ରଧାନମନ୍ତ୍ରୀ କାହିଁକି ନୀରବ ବୋଲି ବକ୍ତାମାନେ ପ୍ରଶ୍ନ କରିଛନ୍ତି। ପୁରୀ ଜିଲାରେ ୮ ମାସ ଧରି ଗହମ ଯୋଗାଣ ବନ୍ଦ ଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଏହାକୁ ନିନ୍ଦା କରାଯାଇଛି। ଏହି ସମାବେଶରେ ବ୍ରଜବନ୍ଧୁ ପ୍ରଧାନ, ଜଗନ୍ନାଥ ଦେଓ, ମୋହନ ନାଇଡୁ, ପ୍ରତାପ ଚିନ୍ନରା, ପ୍ରଦୀପ ମହାନ୍ତି, ଟୁନା ନାୟକ, ପ୍ରଫୁଲ୍ଲ ମହାପାତ୍ର, ବନମାଳୀ ସାହୁ, ଜ୍ୟୋତି ପ୍ରକାଶ ନାୟକ, ଦେବାଶିଷ ସାମଲ, ବିଦ୍ୟୁଲତା ପୃଷ୍ଟି, ତରୁଲତା ମିଶ୍ର, ଏବଂ ଗୋବିନ୍ଦ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ନିଶା ପାଇଁ ହିଂସା ବଢୁଛି, ପରିବାର ଉଜୁଡୁଛି'

- ପଞ୍ଚକୋଶୀ ଅଞ୍ଚଳରେ ସବୁ ମଦଦୋକାନ ବନ୍ଦ ଦାବି
- ଅଗଷ୍ଟ ୧୫, ଅକ୍ଟୋବର ୨୩ରେ ଗଣ ଆନ୍ଦୋଳନ

**ପୁରୀ,୨୯।୭(ଅଜିତ୍ ମହାନ୍ତି):** ରାଜ୍ୟ ସରକାରଙ୍କ ଅଜବ ଅବକାରୀ ନୀତି ଯୋଗୁ ରାଜ୍ୟରେ ମଦ୍ୟପଙ୍କ ସଂଖ୍ୟା ବଢ଼ି ଚାଲିଛି। ଫଳରେ ଘରୋଇ ହିଂସା, ସାମାଜିକ ଅପରାଧ, ଚୋରୀ, ରାହାଜାନି, ଡକାୟତି, ଛିନତାଇ ସମେତ ବେକାରି ଓ ନିଶାପାନଜନିତ ସ୍ୱାସ୍ଥ୍ୟ ସମସ୍ୟା ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ମଦ୍ୟପାନ ଯୋଗୁ ଅନେକ ଗରିବ, ଖଟିଖିଆ, ଶ୍ରମିକ ଶ୍ରେଣୀ ପରିବାର ତଳିତଳାନ୍ତ ହେଲେଣି। ପୁରୀ ଜିଲାରେ ମଦ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟର ପ୍ରସାର ଯୋଗୁ ଅପରାଧ ବୃଦ୍ଧି ପାଉଛି। ଏଭଳି ସ୍ଥିତି ଜାରି ରହିଲେ ଭବିଷ୍ୟତରେ ବ୍ୟାପକ ଧନ, ଜୀବନହାନି ସହିତ ସାମାଜିକ ଓ ସାଂସ୍କୃତିକ ବିଶୃଙ୍ଖଳା ସୃଷ୍ଟି ହେବ ବୋଲି ପୁରୀସ୍ଥିତ ମଙ୍ଗଳାମଣ୍ଡପଠାରେ ମିଳିତ ଓଡ଼ିଶା ନିଶାମୁକ୍ତି ଅଭିଯାନ ଦ୍ୱାରା ଆୟୋଜିତ ଜିଲାସ୍ତରୀୟ ସାଧାରଣ ବୈଠକରେ ମତ ପ୍ରକାଶ ପାଇଛି। ଅଭିଯାନର ରାଜ୍ୟ ଗଣମାଧ୍ୟମ ସମ୍ପାଦକ ମଧୁସୂଦନ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ସାହିତ୍ୟିକ ବଦ୍ରି ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ ଅଧିବେଶନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅଧିବେଶନରେ ଜିଲାର ବିଭିନ୍ନ ବ୍ଲକରୁ ସଦସ୍ୟମାନେ ଯୋଗଦେଇଥିଲେ। ସରକାରଙ୍କ ମଦନୀତିକୁ ସଭାରେ ତୀବ୍ର ବିରୋଧ କରାଯାଇଥିଲା। ଚକ୍ରଧର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଅସ୍ଥାୟୀ ଜିଲା ସଂଯୋଜନା କମିଟି ଗଠନ କରାଯାଇଛି। ଆଗାମୀ ୫ଦିନ ମଧ୍ୟରେ ବ୍ଲକ୍ କମିଟି ଗଠନ କରାଯାଇ ଅଗଷ୍ଟ ୫ତାରିଖ ସୁଦ୍ଧା ପୂର୍ଣ୍ଣାଙ୍ଗ ଜିଲା କମିଟି ଗଠନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସରକାର ତୁରନ୍ତ ପଞ୍ଚକୋଶୀ ଅଞ୍ଚଳରେ ସମସ୍ତ ମଦଦୋକାନ ବନ୍ଦ କରିବାକୁ ସଭାରେ ଦାବି କରାଯାଇଛି। ନଚେତ୍ ଆଗାମୀ ଅଗଷ୍ଟ ୧୫ ଓ ଅକ୍ଟୋବର ୨୩ରେ ଜିଲା ଓ ବ୍ଲକ ସଦର ମହକୁମା ସମ୍ମୁଖରେ ଗଣ ଆନ୍ଦୋଳନ ଓ ପିକେଟିଂ କରାଯିବ। ସରକାର ଦାବି ନ ଶୁଣିଲେ ଏହି ଆନ୍ଦୋଳନକୁ ଗ୍ରାମସଭା ପର୍ଯ୍ୟନ୍ତ ନିଆଯିବ ବୋଲି ସଦସ୍ୟମାନେ ମିଳିତ ଶପଥ ଗ୍ରହଣ କରିଥିଲେ। ଅଧିବେଶନରେ ମଳୟ ତ୍ରିପାଠୀ, ଜଗନ୍ନାଥ ଦେଓ, ଲାଲା ଅନନ୍ତ କୁମାର ସିଂ, କିଷାନ ପଟ୍ଟନାୟକ, ଛାୟାକାନ୍ତ ନାୟକ, ଡାକ୍ତର ରାଧେଶ୍ୟାମ ରଥ, ଶୁଭେନ୍ଦୁ ରାଉତରାୟ, ଦିଗମ୍ବର ବେହେରା, ଉମେଶ ଦାସ, ଅପର୍ଣ୍ଣା ନାୟକ, ସସ୍ମିତା ସାହୁ, କବିତା ପରିଡ଼ା, କୁନ୍ତଳା କୁମାରୀ ବିଶ୍ୱାଳ, ଜୟନ୍ତୀ ମହାପାତ୍ର, ଶୁଭଶ୍ରୀ ଦାଶ, ବିଦ୍ୟୁଲତା ଆଚାର୍ଯ୍ୟ, ସତ୍ୟ ନାରାୟଣ ସାହୁ, ଦେବରାଜ ଦାସ, ଶାଶ୍ୱତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ।



ବୈଠକରେ ମିଳିତ ଓଡ଼ିଶା ନିଶାମୁକ୍ତି ଅଭିଯାନର କର୍ମକର୍ତ୍ତା ଓ ସଦସ୍ୟମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୯।୭।୨୦୨୩

| | |
|---|---|
| ୫,୯୪,୩୯୮ ଟଙ୍କା | |
| ସୁନା | ୬.୮୫୦ ଗ୍ରାମ୍ |
| ରୁପା | ୪୪.୬୦୦ ଗ୍ରାମ୍ |

# ନିର୍ମାଣାଧୀନ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧହୋଇ ୨ ମୃତ

### ରାଜଧାନୀରେ ଅଭାବନୀୟ ଘଟଣା

- ଜଣେ ଠିକାଦାରଙ୍କ ପୁଅ
- ଅନ୍ୟଜଣେ ଶ୍ରମିକ ହୋଇଥିବା ସୂଚନା

ଭୁବନେଶ୍ୱର,୨୯।୭ (ସୂର୍ଯ୍ୟକାନ୍ତ ବେହେରା)





ନିର୍ମାଣାଧୀନ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ ରଘୁନାଥ ନଗର ଲେନ୍-୨ରେ ଏହି ଦୁଃଖଦ ଘଟଣା ଘଟିଛି। ମୃତକ ଦ୍ୱୟ ହେଲେ ପଶ୍ଚିମବଙ୍ଗର ସୁମନ ସେକ୍ ଓ ସଫିକ ସେକ୍। ସୁମନ ହେଉଛନ୍ତି କୋଠା ସହ ପାଇଖାନା ଟାଙ୍କି ନିର୍ମାଣ କରୁଥିବା ଠିକାଦାର ସେଖ୍ ରହିମୁଦ୍ଦିନଙ୍କ ପୁଅ। ସଫିକ୍ ହେଉଛନ୍ତି ସେଠାରେ ନିୟୋଜିତ ଶ୍ରମିକ। ଶନିବାର ସକାଳ ପ୍ରାୟ ୧୦ଟାରେ ସେଣ୍ଟ୍ରିଂ ଶିଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ଖୋଲିବା ପାଇଁ ସଫିକ ଓ ସୁମନ ଟାଙ୍କି ଭିତରକୁ ଯାଇଥିଲେ। ଉକ୍ତ ପାଇଖାନା ଟାଙ୍କିଟି ୨୧ଦିନ ପୂର୍ବରୁ ଛାତ ପଡ଼ିଥିବାବେଳେ ଭିତରକୁ ଛୋଟ ବାଟ ରହିଥିଲା। ତେଣୁ ଟାଙ୍କି ଭିତରେ ଅମ୍ଳଜାନ ନ ଥିବା ସନ୍ଦେହ କରାଯାଉଛି। ସଫିକ୍ ଓ ସୁମନ ଭିତରକୁ ଯିବାମାତ୍ରେ ନିଃଶ୍ୱାସପ୍ରଶ୍ୱାସ ନେଇ ନ ପାରି ଅସୁସ୍ଥ ହୋଇପଡିଥିଲେ। ଏପରିକି ସେମାନେ ବାହାରକୁ ବାହାରିବାକୁ ଶକ୍ତି ପାଇ ନ ଥିଲେ। ଏହା ଜଣାପଡିବା ପରେ ଦମକଳ କେନ୍ଦ୍ରକୁ ଖବର ଦିଆଯାଇଥିଲା। ଅଗ୍ନିଶମ ଟିମ୍ ସେଠାରେ ପହଞ୍ଚି ଉଭୟ ସୁମନ ଓ ସଫିକ୍‌ଙ୍କୁ ଟାଙ୍କି ଭିତରୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଧଉଳି ଥାନା ଅଧିକାରୀ ଚିତ୍ତରଞ୍ଜନ ରାଉତଙ୍କ ସୂଚନାନୁସାରେ, ଦେବପ୍ରିୟ ଦଳେଇଙ୍କ ନିର୍ମାଣାଧୀନ କୋଠାରେ ଉକ୍ତ ପାଇଖାନା ଟାଙ୍କି କାମ ଚାଲିଥିଲା। କାମ ନେଇଥିବା କୋଲକାତାର ଠିକାଦାର ସେଖ୍ ରହିମୁଦ୍ଦିନ ତାଙ୍କ ପରିବାର ସହିତ ନିର୍ମାଣାଧୀନ କୋଠା ନିକଟରେ ଭଡାଘରେ ରହୁଥିଲେ। ପୁଅ ସୁମନ କାମ ଦେଖାରଖା କରିବା ସହ ଶ୍ରମିକଙ୍କୁ ସହଯୋଗ କରନ୍ତି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ସୁମନ ପ୍ରଥମେ ପାଇଖାନା ଟାଙ୍କିରେ ପ୍ରବେଶ କରିଥିଲେ। ହେଲେ ସେ ବାହାରକୁ ଆସିପାରି ନ ଥିଲେ କି କିଛି ବି ଉତ୍ତର ଦେଇ ନ ଥିଲେ। ତେଣୁ ସେଠାରେ କାର୍ଯ୍ୟ କରୁଥିବା ଶ୍ରମିକ ସଫିକ୍ ଭିତରକୁ ଯାଇ ସେ ମଧ୍ୟ ଫସି ରହିଥିଲେ।

## ଜିଲାସ୍ତରରେ କିଣାଯାଇପାରିବ ଟ୍ରୁ-ନାଟ୍ ମାଇକ୍ରୋ ପିସିଆର୍ କିଟ୍

ଭୁବନେଶ୍ୱର,୨୯।୭(ଅଭିଜିତ ଦାସ)

ଜିଲାସ୍ତରରେ କିଣାଯାଇପାରିବ ଟ୍ରୁ-ନାଟ ମାଇକ୍ରୋ ପିସିଆର୍ କିଟ୍। ଏନେଇ ସମସ୍ତ ଭେଷଜ ମହାବିଦ୍ୟାଳୟକୁ ଚିଠି ଲେଖି ଜନସ୍ୱାସ୍ଥ୍ୟ ବିଭାଗ ଅବଗତ କରିଛି। ରାଜ୍ୟରେ ହେପାଟାଇଟିସ୍ 'ବି' ଏବଂ 'ସି' ନିୟନ୍ତ୍ରଣରେ ରହିଥିବାବେଳେ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ତେବେ ଉକ୍ତ କିଟ୍ ଜରିଆରେ ଲୋକଙ୍କ ରକ୍ତ ନମୁନା ପରୀକ୍ଷଣ କରାଯାଇ ହେପାଟାଇଟିସ୍ 'ବି' ଏବଂ 'ସି'ର ନମୁନାକୁ ଚିହ୍ନଟ କରାଯାଇପାରିବ। ଉକ୍ତ ପରୀକ୍ଷଣ ଲାଗି ୩୫ରୁ ୪୦ ମିନିଟ୍ ସମୟ ଲାଗି ଥାଏ। ଓଡିଶା ଔଷଧ ନିଗମ (ଓଏସ୍ଏମ୍ସିଏଲ୍)ର ପୂର୍ବ ନିର୍ଦ୍ଧାରିତ ନିର୍ଦ୍ଦେଶନାମା ଆଧାରରେ ଭେଷଜ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଉକ୍ତ କିଟ୍ କିଣିପାରିବେ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ଶୁକ୍ରବାର ଚିଠି ଲେଖି ଜଣାଇଛନ୍ତି। ରାଜ୍ୟରେ ହେପାଟାଇଟିସ 'ବି' ଏବଂ 'ସି' ଲାଗି ଓଏସ୍ଏମ୍ସିଏଲ୍ ପକ୍ଷରୁ ଟ୍ରୁ-ନାଟ୍ କିଟ୍ ଦିଆଯାଉଥିବାବେଳେ ଏବେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭେଷଜ ମହାବିଦ୍ୟାଳୟ କର୍ତ୍ତୃପକ୍ଷ କିଟ୍ କିଣିବେ। ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ସିଧାସଳଖ କର୍ତ୍ତୃପକ୍ଷ କ୍ରୟ କରିପାରିବେ ବୋଲି ଚିଠିରେ ଉଲ୍ଲେଖ ରହିଛି।

## ସରକାରୀ ଇ-ମାର୍କେଟିଂ କ୍ଷେତ୍ରରେ ଓଡ଼ିଶା ପୋଲିସ ପୁରସ୍କୃତ




ଭୁବନେଶ୍ୱର,୨୯।୭, (ସୂର୍ଯ୍ୟକାନ୍ତ ବେହେରା)

ସରକାରୀ ଇ-ମାର୍କେଟିଂ କ୍ଷେତ୍ର (ଜେମ୍ ପୋର୍ଟାଲ)ରେ ଉଲ୍ଲେଖନୀୟ ସଫଳତା ନିମନ୍ତେ ଓଡ଼ିଶା ପୋଲିସ ରାଜ୍ୟ ମୁଖ୍ୟାଳୟକୁ ପୁରସ୍କୃତ କରାଯାଇଛି। ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜେମ୍‌ର ସିଇଓ ଆର୍.କେ. ସିଂ ରାଜ୍ୟ ପୋଲିସ ମୁଖ୍ୟାଳୟର ଆଇଜି (ପ୍ରୋଭିଜନ) ଯତୀନ୍ଦ୍ର କୋୟଲଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

ଉଲ୍ଲେଖଯୋଗ୍ୟ, ୨୦୨୨-୨୩ ଆର୍ଥିକ ବର୍ଷରେ ସାରା ରାଜ୍ୟରେ ଜେମ୍ ପୋର୍ଟାଲ ମାଧ୍ୟମରେ ରାଜ୍ୟ ପୋଲିସର ବିକାଶ ନିମନ୍ତେ ସର୍ବାଧିକ ଅର୍ଡର ପ୍ରଦାନ କରି ପ୍ରଥମ ସ୍ଥାନ ଅଧିକାର କରିଛି। ସେହିପରି ରାଜ୍ୟ ପୋଲିସ ବିଭିନ୍ନ ଅତ୍ୟାଧୁନିକ ସାମଗ୍ରୀ କ୍ରୟ କରିବା ସହ ବିଭିନ୍ନ ସେବା ପ୍ରଦାନକାରୀ ସଂସ୍ଥାକୁ ଜେମ୍ ପୋର୍ଟାଲ ମାଧ୍ୟମରେ କାର୍ଯ୍ୟାଦେଶ ପ୍ରଦାନ କରି ତୃତୀୟ ସ୍ଥାନ ଅଧିକାର କରିଥିବାରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଓଏସ୍ଏମ୍ସିଏଲ୍‌ର ଏମ୍‌ଡି ପୋମା ଟୁଡୁ ପ୍ରମୁଖ ଯୋଗ ଉପସ୍ଥିତ ଥିଲେ।

## ପିଏମ୍ ପୋଷଣ ତଦାରଖ : ଦୈନିକ ଏସ୍ଏମ୍ଏସ୍ ଦେବେ ପ୍ରଧାନଶିକ୍ଷକ

ଭୁବନେଶ୍ୱର,୨୯।୭ (ଅନୁରାଧା ମହାରଣା)

ପିଏମ୍ ପୋଷଣ ଯୋଜନାରେ ସ୍କୁଲ୍ ଛାତ୍ରୀଛାତ୍ରଙ୍କୁ ରନ୍ଧାଖାଦ୍ୟ ଯୋଗାଣ ସମ୍ପର୍କରେ ରିପୋର୍ଟିଂ ଓ ତଦାରଖ ପାଇଁ ଏସ୍ଏମ୍ଏସ୍ ଆଧାରିତ ୱେବ୍ ଆପ୍ଲିକେଶନ ବ୍ୟବସ୍ଥା ଆସନ୍ତା ୧ ତାରିଖରୁ କାର୍ଯ୍ୟକାରୀ କରାଯିବ। ପ୍ରତିଦିନ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ନିର୍ଦ୍ଧାରିତ ଫର୍ମାଟରେ ନଂ.୧୫୫୪୪କୁ ଏସ୍ଏମ୍ଏସ୍ ପଠାଇବେ। ଉପସ୍ଥିତ ଛାତ୍ରୀଛାତ୍ର ସଂଖ୍ୟା ଓ କେତେ ଜଣଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଗଲା ତାହା ଜଣାଇବେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ବା ବିଇଓମାନେ ପ୍ରଧାନଶିକ୍ଷକଙ୍କୁ ଏ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇବେ। ବିଦ୍ୟାଳୟଗୁଡ଼ିକ ପାଇଁ ସ୍ୱତନ୍ତ୍ର ମୋବାଇଲ ନମ୍ବର ରହିବ। ବିଭିନ୍ନ ବିଦ୍ୟାଳୟ ପାଇଁ ସମାନ ମୋବାଇଲ ନମ୍ବର ବ୍ୟବହୃତ ହେବ ନାହିଁ ବୋଲି ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଛି।

# ସମସ୍ୟା ସହ ଲଢ଼ି ଆଗକୁ ବଢ଼ିଲେ ସଫଳତା ମିଳେ



ଡ. ଆଶିଷ ଘୋଷ

**ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇନ୍‌ଫରମେଶନ ଟେକ୍ନୋଲୋଜି(ଆଇଆଇଆଇଟି) ଭୁବନେଶ୍ୱରର ନିର୍ଦ୍ଦେଶକ ଭାବେ ଡ. ଆଶିଷ ଘୋଷ ନିଯୁକ୍ତ ହୋଇଛନ୍ତି। ୧୯୬୬ରେ କୋଲକାତାରୁ ପ୍ରାୟ ୨୦ କି.ମି. ଦୂର ବରାଶତ୍ ଗ୍ରାମରେ ଘୋଷଙ୍କ ଜନ୍ମ। ଏକ ସାଧାରଣରେ ପରିବାରେ ଜନ୍ମିତ ଘୋଷ ଦେଶବିଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ ସହ ବିଭିନ୍ନ ପଦପଦବୀରେ କାର୍ଯ୍ୟଭାର ତୁଲାଇଛନ୍ତି। ଦୀର୍ଘ ଦିନର ଅଧ୍ୟାପନା ଭିତରେ ସେ ଅନେକ ସଫଳ ଛାତ୍ର ଗଢ଼ି ତୋଳିଛନ୍ତି। ଆଶିଷଙ୍କ ବ୍ୟକ୍ତିଗତ ଜୀବନ ଓ ବୃତ୍ତିଗତ ଜୀବନକୁ ନେଇ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତ୍କାର...**

**ପ୍ରଃ ଆଇଆଇଆଇଟି ଭୁବନେଶ୍ୱରରେ କାର୍ଯ୍ୟଭାର ଗ୍ରହଣ ପରେ ଆପଣଙ୍କ ମୁଖ୍ୟ ଲକ୍ଷ୍ୟ କ'ଣ ରହିବ?**

**ଉଃ** ଛାତ୍ରୀଛାତ୍ରଙ୍କ ଉନ୍ନତି କ୍ଷେତ୍ରରେ ଯେତେ ଅଧିକ ସମ୍ଭବ କାର୍ଯ୍ୟ କରିବା ମୋର ଲକ୍ଷ୍ୟ ରହିବ। ଅଧ୍ୟାପକ ନିଯୁକ୍ତି ହେଉ ବା ଉନ୍ନତମାନର ଶିକ୍ଷାଦାନ, ଭିତ୍ତିଭୂମି, ଲାବରୋଟାରି ଆଦି, ଛାତ୍ରୀଛାତ୍ରଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ ଗୁରୁତ୍ୱ ଦେବି। ପିଲାଙ୍କ ଶିକ୍ଷାଗ୍ରହଣ ପ୍ରକ୍ରିୟାକୁ ସରଳ କରିବା ପାଇଁ କର୍ମଶାଳା, ସମ୍ମିଳନୀର ଆୟୋଜନ କରିବା ପାଇଁ ଚେଷ୍ଟା କରିବି।

**ପ୍ରଃ ସଫଳ ବ୍ୟକ୍ତିଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ସମସ୍ତେ ଜାଣିବାକୁ ଚାହାନ୍ତି। ଆପଣ ଆପଣଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ କିଛି କହିବେ?**

**ଉଃ** ଅତି ସାଧାରଣ ପରିବାରରେ ମୋର ଜନ୍ମ। ଆମ ପରିବାର ଏକ ବଡ଼ ପରିବାର ଥିଲା। ୬ ଭାଇ ଏବଂ ୨ଭଉଣୀ ଆମେ ଏକାଠି ବଡ଼ ହୋଇଛୁ। ଘରେ ପାଠପଢ଼ା ପାଇଁ ସେମିତି କିଛି ବିଶେଷ ସୁବିଧା ନ ଥିଲା। ଇଚ୍ଛାଶକ୍ତି ହିଁ ଯାହାକିଛି ସଫଳ କରିଛି।

**ପ୍ରଃ ଆପଣ ସମୁଦାୟ କେତେ ଖଣ୍ଡ ବହି ଲେଖିଛନ୍ତି, କେଉଁ ବିଷୟବସ୍ତୁ ଉପରେ ଏହା ଆଧାରିତ?**

**ଉଃ** ପ୍ରାୟ ୧୦ ଖଣ୍ଡ ପୁସ୍ତକ ଲେଖିଛି। ଏବେ ବି କିଛି ଗବେଷଣାତ୍ମକ ଲେଖାଲେଖି କରୁଛି। ସମସ୍ତ ପୁସ୍ତକ ମୁଖ୍ୟତଃ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ମେଶିନ୍ ଲର୍ନିଂ, ଡାଟା ସାଇନ୍ସ ଆଦି ବିଷୟବସ୍ତୁ ଉପରେ ଆଧାରିତ। ଆଗକୁ ଡାଟା ସାଇନ୍ସ ଉପରେ ଆଉ ଏକ ପୁସ୍ତକ ପ୍ରକାଶ ପାଇବ।

**ପ୍ରଃ ଦୀର୍ଘ ଦିନର ଅଧ୍ୟାପନା ଅଭିଜ୍ଞତା ବିଷୟରେ କ'ଣ କହିବେ?**

**ଉଃ** ୨୮ ବର୍ଷର ଅଧ୍ୟାପନା କ୍ଷେତ୍ରରେ ମୁଁ ଅନେକ ଦେଶ ଯାଇଛି। ସେଠାରେ ବିଭିନ୍ନ ଲାବୋରେଟୋରି ସହ ଅନ୍ୟାନ୍ୟ ଟେକ୍ନୋଲୋଜି ଭାରତରେ ଆଣିବା ପାଇଁ ପ୍ରୟାସ କରିବି। ଜାପାନ, ଜର୍ମାନୀ ଓ ଆମେରିକାରେ ରହଣି କାଳରେ ଛାତ୍ରୀଛାତ୍ରଙ୍କ ପାଇଁ ଉନ୍ନତମାନର ଶିକ୍ଷାଦାନ ପ୍ରକ୍ରିୟାକୁ ଏଠାରେ ଲାଗୁ କରିବାକୁ ଚାହିଁବି।

**ପ୍ରଃ ଆପଣଙ୍କ ଝିଅକୁ ଆପଣ ଜଣେ ପିତା ନା ଜଣେ ଅଧ୍ୟାପକ ଭାବେ ବ୍ୟବହାର କରନ୍ତି?**

**ଉଃ** ଉଭୟ। ସ୍କୁଲ ପଢୁଥିବାବେଳେ ମୋତେ ତାକୁ ପଢ଼ାଇବାକୁ ପଡୁଥିଲା। ସେତେବେଳେ ଶିକ୍ଷକ ଏବଂ ପିତା ଭାବେ ବ୍ୟବହାର କରିଥାଏ। ବର୍ତ୍ତମାନ ସେ ଆମେରିକାରେ କମ୍ପ୍ୟୁଟର ସାଇନ୍ସରେ ପଢ଼ାପଢ଼ି କରୁଛି। ତେଣୁ ଏବେ କେବଳ ତା'ର ପିତା ହେବାକୁ ପଡୁଛି।

**ପ୍ରଃ ଆପଣ ଓଡ଼ିଶାରେ ନିଯୁକ୍ତ ହେବା ପରେ ଓଡ଼ିଆ ଭାଷା ଶିଖିବାକୁ ଚାହିଁବେ?**

**ଉଃ** ଓଡ଼ିଆ ଭାଷା ମୁଁ ପ୍ରାୟତଃ ବୁଝିପାରେ। ମାତ୍ର ଲେଖିପାରେନି କିମ୍ବା କହିପାରେନି। ତେଣୁ ଓଡ଼ିଶାରେ ମୋର ପ୍ରଥମ କାର୍ଯ୍ୟ ହେଲା ଓଡ଼ିଆ ଶିଖିବା। ମୁଁ ଯେଉଁ ସବୁ ଦେଶକୁ ଯାଏ ସେଠାର ଭାଷା ଶିଖିବା ପାଇଁ ସବୁବେଳେ ଚେଷ୍ଟା କରେ। ଓଡ଼ିଶା କଥା ତ ସବୁଠୁ ନିଆରା। ଏଠାର ଲୋକମାନଙ୍କ ବ୍ୟବହାର ଚାଲିଚଳଣି ମୋତେ ଖୁବ୍ ଭଲ ଲାଗେ।

**ପ୍ରଃ ଆପଣ ଆଉ କେଉଁ ସବୁ ଭାଷା ଜାଣନ୍ତି?**

**ଉଃ** ବଙ୍ଗାଳା, ହିନ୍ଦୀ, ଇଂରାଜୀ ସହ ମୁଁ ଜାପାନୀ ଭାଷା ମଧ୍ୟ ଶିଖିଛି। ଜର୍ମାନ୍ ଭାଷା ମଧ୍ୟ କିଛି କିଛି ଶିଖିଛି। ଆଞ୍ଚଳିକ ଭାଷା ଶିଖିବା ଦ୍ୱାରା ଲୋକଙ୍କ ସହ ମିଶିବା ଅଧିକ ସରଳ ହୋଇଥାଏ।

**ପ୍ରଃ ଶିକ୍ଷାକ୍ଷେତ୍ରରେ ସଫଳ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ କ'ଣ ପରାମର୍ଶ ଦେବେ?**

**ଉଃ** ଶିକ୍ଷାକ୍ଷେତ୍ରରେ ଯେଉଁ ପିଲାମାନେ ବିଭିନ୍ନ ପାରିପାର୍ଶ୍ୱିକ ପରିସ୍ଥିତିକୁ ଦାୟୀ କରି ପାଠପଢ଼ାକୁ ଗୁରୁତ୍ୱ ଦିଅନ୍ତି ନାହିଁ, ସେହି ଛାତ୍ରୀଛାତ୍ରଙ୍କୁ କହିବାକୁ ଚାହିଁବି ଯେ, ସବୁବେଳେ କଠିନ ପରିଶ୍ରମ କରିବା ଉଚିତ। ସମସ୍ୟା ସହ ଲଢ଼ି ଆଗକୁ ବଢ଼ିଲେ ସଫଳତା ମିଳିଥାଏ।

ସାକ୍ଷାତ୍: ଅନୁରାଧା ମହାରଣା, ଭୁବନେଶ୍ୱର



ବ୍ୟାଙ୍କ୍‌ରେ ଥିବା ଓଡ଼ିଆ ଆସୋସିଏଶନ୍‌ର ବରିଷ୍ଠ ଅଧିକାରୀ ବିଶ୍ୱ ରଞ୍ଜନ ମହାନ୍ତି ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ନିର୍ଦ୍ଦେଶକ ଦିଲୀପ ରାଉତରାଏଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଓଡ଼ିଶା ପରିବାର ପ୍ରବାସୀ ଓଡ଼ିଆଙ୍କୁ କିଭଳି ସହଯୋଗ ଯୋଗାଉଛି ସେସମ୍ପର୍କରେ ଆଲୋଚନା କରୁଛନ୍ତି।



ସାଂସ୍କୃତିକୀ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ଶନିବାର ଉଦ୍‌ଘାଟିତ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଡ୍ୟାନ୍ସ ଫେଷ୍ଟିଭାଲରେ ଅନ୍ୟ ରାଜ୍ୟର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ- ବିକାଶ ନାୟକ)

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବରଦାପ୍ରସାଦ



@ କରିସ୍ମା



@ ଚନ୍ଦନ



@ ତପନ



@ ବିକାଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ବୃଦ୍ଧା ଯାତ୍ରୀଙ୍କ ଜୀବନ ବଞ୍ଚାଇଲେ ଆର୍‌ପିଏଫ୍ କର୍ମଚାରୀ



ଜଟଣୀ,୨୯।୭(ରବୀନ୍ଦ୍ରନାଥ ମହାକୁଡ଼)

ରେଳ ସୁରକ୍ଷା ବଳ (ଆରପିଏଫ୍) କର୍ମଚାରୀଙ୍କ ସାହାସିକତାରୁ ଶନିବାର ସକାଳେ ଜଣେ ବୃଦ୍ଧାଙ୍କ ଜୀବନ ବଞ୍ଚିଯାଇଛି। ଏଭଳି ଦୃଶ୍ୟ ଖୋର୍ଦ୍ଧାରୋଡ୍ ଷ୍ଟେଶନରେ ଦେଖିବାକୁ ମିଳିଛି। ତେବେ ବୃଦ୍ଧାଙ୍କ ପରିଚୟ ମିଳିପାରି ନ ଥିବା ବେଳେ ସେ ନୟାଗଡ଼ ଅଞ୍ଚଳର ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ବୃଦ୍ଧା ଜଣଙ୍କ ପରିବାର ସହିତ ଟ୍ରେନରେ ପୁରୀ ଯିବା ପାଇଁ ଖୋର୍ଦ୍ଧାରୋଡ୍ ଷ୍ଟେଶନରେ ଅପେକ୍ଷା କରିଥିଲେ। ଏହି ସମୟରେ ଦୁର୍ଗରୁ ପୁରୀ ଯାଉଥିବା ଟ୍ରେନ ଷ୍ଟେଶନର ୪ ନମ୍ବର ପ୍ଲାଟଫର୍ମରେ ଅଟକିଥିଲା। ତେବେ ପରିବାର ଲୋକେ ଉକ୍ତ ଟ୍ରେନରେ ଚଢ଼ିଯାଇଥିବା ବେଳେ କୌଣସି କାରଣରୁ ବୃଦ୍ଧା ଜଣଙ୍କ ଖସିପଡ଼ିଥିଲେ। ଏହା ଦେଖି ପ୍ଲାଟଫର୍ମରେ କର୍ତ୍ତବ୍ୟରତ ରେଳ ସୁରକ୍ଷାବଳ କର୍ମଚାରୀ ଏଏସ୍ଆଇ ଜେ. କେ.ଆଚାର୍ଯ୍ୟ ଏବଂ ଏଚସି ୯୩୧୪ ଏମ୍. ୱାଇ. ରାଓ ବୃଦ୍ଧାଙ୍କୁ ପ୍ଲାଟଫର୍ମ ଉପରକୁ ଟାଣି ଆଣିଥିଲେ। ଫଳରେ ବୃଦ୍ଧାଙ୍କ ଜୀବନ ବଞ୍ଚିଯାଇଥିଲା ବୋଲି ରେଲୱେ ସୁରକ୍ଷା ବଳ ଥାନା ଅଧିକାରୀ ମୁନୁ କୁମାର ଶର୍ମା ସୂଚନା ଦେଇଛନ୍ତି।

**ମିରାଇ ଆସେଟ୍ ମଲ୍ଟିକ୍ୟାପ୍ ଫଣ୍ଡର ଶୁଭାରମ୍ଭ**

ନୂଆଦିଲ୍ଲୀ: ମିରାଇ ଆସେଟ୍ ମ୍ୟୁଚୁଆଲ୍ ଫଣ୍ଡର ବହୁ ପ୍ରତୀକ୍ଷିତ ଫଣ୍ଡ ହାଉସ୍ ମିରାଇ ଆସେଟ୍ ମଲ୍ଟିକ୍ୟାପ୍ ଫଣ୍ଡର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହା ଏକ ଓପନ୍ ଏଣ୍ଡେଡ୍ ଇକ୍ୟୁଟି ସ୍କିମ୍, ଯାହାକି ଲାର୍ଜ କ୍ୟାପ୍, ମିଡ୍ କ୍ୟାପ୍ ଓ ସ୍ମଲ୍ କ୍ୟାପ୍ ଷ୍ଟକ୍‌ରେ ନିବେଶ କରିଥାଏ। ଏହି ଫଣ୍ଡ ପାଇଁ ଏନ୍ଏଫ୍ଓ ସବ୍‌ସ୍କ୍ରିପସନ ୨୦୨୩ ଅଗଷ୍ଟ ୧୧ ପର୍ଯ୍ୟନ୍ତ ଉପଲବ୍ଧ। ଏହି ଫଣ୍ଡକୁ ଅଙ୍କିତ ଜୈନ ପରିଚାଳନା କରୁଛନ୍ତି। ଫଣ୍ଡ ପାଇଁ ବେଞ୍ଚମାର୍କ ଇଣ୍ଡେକ୍ସ ନିଫ୍ଟି ୫୦୦ ମଲ୍ଟିକ୍ୟାପ୍ ୫୦:୨୫:୨୫ ଟିଆର୍ଆଇ ରହିଛି। ଏହି ଫଣ୍ଡରେ ସର୍ବନିମ୍ନ ପ୍ରାରମ୍ଭିକ ନିବେଶ ପରିମାଣ ୫,୦୦୦ ଟଙ୍କା ରହିଥିବାବେଳେ ପରବର୍ତ୍ତୀ ସମୟରେ ୧ଟଙ୍କାର ଗୁଣିତକ ଭାବେ ଏହାର ନିବେଶ ହୋଇପାରିବ।

# ସରକାରୀ କ୍ରୟ ପ୍ରକ୍ରିୟାରେ ଉଲ୍ଲେଖନୀୟ ପ୍ରଦର୍ଶନ

**ଭୁବନେଶ୍ୱରରେ ଓଡ଼ିଶା ଜିଇଏମ୍ କର୍ମଶାଳା**




ଭୁବନେଶ୍ୱର, ୨୯।୭: (ଅଭୟ ଦାଶ)

ସରକାରୀ ସେବା ଓ ସାମଗ୍ରୀ କ୍ରୟ ପ୍ରକ୍ରିୟାରେ କାରବାର କରୁଥିବା ଓଡ଼ିଶାର ଲଘୁ ଓ କ୍ଷୁଦ୍ର ଉଦ୍ୟୋଗଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ଆରମ୍ଭ ହୋଇଛି। ଏହି କ୍ରମରେ ଶନିବାର ଭୁବନେଶ୍ୱରଠାରେ ସରକାରୀ ଇ ମାର୍କେଟ ପ୍ଲେସ୍ ବା ଜିଇଏମ୍ ସମ୍ମିଳନୀ ସଫଳତାପୂର୍ବକ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଇଏମ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ସିଂ, ଓଡ଼ିଶା ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଓଡ଼ିଶା ରାଜ୍ୟ ଚିକିତ୍ସା ନିଗମ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶିକା ପୋମା ଟୁଡୁ, ଓଡ଼ିଶା ପୋଲିସ ମହାନିରୀକ୍ଷକ (ବ୍ୟବସ୍ଥା) ୱାଇ.କୋୟଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏଥିସହ ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ, ଦକ୍ଷତା ବିକାଶ ବିଭାଗ, ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର ଆଦି ବିଭିନ୍ନ ବିଭାଗର ଅଧିକାରୀ ଓ ପ୍ରତିନିଧିଗଣ ଉପସ୍ଥିତ ଥିଲେ। ଉତ୍କଳ ଚାମ୍ବର ଅଫ୍ କମର୍ସର ସଚିବ, ଡବ୍ଲ୍ୟୁଟିସିର ପ୍ରତିନିଧି, ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସଂଘର ମହାସଚିବ ଏବଂ ଓଡ଼ିଶା କ୍ଷୁଦ୍ର ଶିଳ୍ପ ସଂଘ (ଓଏସ୍ଏସ୍ଆଇଏ)ର ସଭାପତିଙ୍କ ଉପସ୍ଥିତିରେ ଜିଇଏମ୍ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଉକ୍ତ ବୁଝାମଣାପତ୍ର ଦ୍ୱାରା ଘରୋଇ ଉଦ୍ୟୋଗ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରାଯିବା ସହ ଓଡ଼ିଶାରେ ଉଦ୍ୟମିତାକୁ ପ୍ରୋତ୍ସାହନ ମିଳିବ। କାର୍ଯ୍ୟକ୍ରମକୁ ସମ୍ବୋଧିତକରି ଜିଇଏମ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କହିଥିଲେ, ଜିଇଏମ୍ ପୋର୍ଟାଲ ସ୍ୱଚ୍ଛତା, ଦକ୍ଷତା ଓ ସମାବେଶିତା ସୁନିଶ୍ଚିତ କରୁଛି। ଏପରିକି ବିକ୍ରେତା ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକରୁ ଅଧିକ ସରଳ କରିବା ପାଇଁ ପ୍ରୟାସ କରାଯାଇଛି। ଓଡ଼ିଶାର ଲଘୁ ଓ କ୍ଷୁଦ୍ର ଉଦ୍ୟୋଗଙ୍କ ସଫଳତାକୁ ସେ ପ୍ରଶଂସା କରିଥିଲେ ଏବଂ ଜିଇଏମ୍‌କୁ ଏକ ପସନ୍ଦଯୋଗ୍ୟ ସରକାରୀ କ୍ରୟ ପୋର୍ଟାଲରେ ପରିଣତ କରିବା ଲାଗି ଅର୍ଥ ବିଭାଗ, ଏମ୍ଏସ୍ଏମ୍ଇ ବିଭାଗ ଏବଂ ଅନ୍ୟ ରାଜ୍ୟ ସରକାରୀ ବିଭାଗର ନିରନ୍ତର ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ। ସେହିଭଳି ଏମ୍ଏସ୍ଏମ୍ଇ ସଚିବ ଶାଶ୍ୱତ ଜୋଷୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଇଏମ୍ ପୋର୍ଟାଲ ଜରିଆରେ ଓଡ଼ିଶା ସରକାର, କେନ୍ଦ୍ର ସରକାର ଏବଂ ଅନ୍ୟ ରାଜ୍ୟ ସରକାରଙ୍କ ଠାରୁ ଓଡ଼ିଶାରୁ ଲଘୁ ଓ କ୍ଷୁଦ୍ର ଉଦ୍ୟୋଗମାନଙ୍କୁ ମିଳୁଥିବା ବ୍ୟବସାୟିକ ସୁଯୋଗକୁ ନେଇ ସନ୍ତୋଷ ବ୍ୟକ୍ତ କରିଥିଲେ। ଜିଇଏମ୍ ପୋର୍ଟାଲରେ ପଞ୍ଜୀକରଣ କରିବା ଏବଂ ଏଥିରେ ପ୍ରକାଶ ପାଉଥିବା ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବା ପାଇଁ ସେ ଓଡ଼ିଶାରେ କାରବାର କରୁଥିବା ବିକ୍ରେତା ଓ ସେବା ପ୍ରଦାନକାରୀଙ୍କୁ ଆହ୍ୱାନ କରିଥିଲେ। ସରକାରୀ କ୍ରୟ ପ୍ରକ୍ରିୟା ପାଇଁ ସମ୍ପୂର୍ଣ୍ଣ ଅନ୍‌ଲାଇନ କ୍ରୟ ସମାଧାନ ଯୋଗାଇଦେବା, ବ୍ୟବସ୍ଥାକୁ ସରଳ କରିବା ଓ ସ୍ୱଚ୍ଛତା ଆଣିବା କ୍ଷେତ୍ରରେ ଜିଇଏମ୍‌ର ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ସରକାରୀ କ୍ରୟ ପ୍ରକ୍ରିୟାରେ ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ଜିଇଏମ୍ ପୋର୍ଟାଲ ପ୍ରତି ନିରନ୍ତର ସମର୍ଥନ ପାଇଁ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗ, ସ୍ୱାସ୍ଥ୍ୟ ବିଭାଗ (ଏନ୍ଏଚ୍ଏମ୍ ଏବଂ ଓଏସ୍ଏମ୍ସିଏଲ୍), ଓଡ଼ିଶା ପୋଲିସ, ଇଲେକ୍ଟ୍ରୋନିକ୍ସ ଓ ଆଇଟି (ଓକାକ୍) ଏବଂ ଦକ୍ଷତା ବିକାଶ ବିଭାଗକୁ ଜିଇଏମ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧିକ ଅର୍ଡର ମୂଲ୍ୟ, ଏସ୍ସି-ଏସ୍ଟି ଉଦ୍ୟୋଗୀ, ଷ୍ଟାର୍ଟଅପ୍ ଓ ମହିଳା ଉଦ୍ୟୋଗୀଙ୍କ ଭଳି ବିଭିନ୍ନ ବର୍ଗରେ ଓଡ଼ିଶାର ଲଘୁ ଓ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ ସମ୍ମାନିତ କରାଯାଇଥିଲା।

ଉକ୍ତ ସମ୍ମିଳନୀରେ ଶତାଧିକ ଲଘୁ ଓ କ୍ଷୁଦ୍ର ଉଦ୍ୟୋଗ ମାଗଣାରେ ଜିଇଏମ୍ ପୋର୍ଟାଲରେ ପଞ୍ଜୀକରଣ କରିଥିଲେ। ଓଡ଼ିଶାରେ ଜିଇଏମ୍ ପାଇଁ ବ୍ୟବସାୟ ସୁବିଧା ପ୍ରଦାନକାରୀ ସୁଧାଂଶୁ ପ୍ରଧାନ ଲଘୁ ଓ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ ପ୍ରଶିକ୍ଷଣ ଦେଇଥିଲେ। ଜିଇଏମ୍ ପୋର୍ଟାଲରେ କିପରି ସେମାନଙ୍କ ସାମଗ୍ରୀ ଓ ସେବା ବିକ୍ରି କରାଯାଇପାରିବ ସେ ସମ୍ପର୍କରେ ସଚେତନ କରାଇଥିଲେ। ଓଡ଼ିଶାର ଲଘୁ ଓ କ୍ଷୁଦ୍ର ଉଦ୍ୟୋଗଙ୍କୁ ପ୍ରୋତ୍ସାହନ ଦେବା ଏବଂ ସରକାରୀ କ୍ରୟ ପ୍ରକ୍ରିୟାରେ ସେମାନଙ୍କ ଅଂଶଗ୍ରହଣକୁ ସୁଦୃଢ଼ କରିବା ଦିଗରେ ଭୁବନେଶ୍ୱରରେ ଆୟୋଜିତ ଜିଇଏମ୍ ସମ୍ମିଳନୀ ଏକ ଉଲ୍ଲେଖନୀୟ ପଦକ୍ଷେପ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।

## ଷ୍ଟଲ୍‌ୱାର୍ଟଙ୍କୁ ଷ୍ଟେଟ୍ ବିଜ୍‌ନେସ୍ ଆୱାର୍ଡ



ଭୁବନେଶ୍ୱର,୨୯।୭

ରାଜ୍ୟର ପ୍ରମୁଖ ଘରୋଇ ଗୃହ ନିର୍ମାଣକାରୀ ସଂସ୍ଥା ଷ୍ଟଲ୍‌ୱାର୍ଟ ପ୍ରୋଜେକ୍ଟ ପ୍ରାଇଭେଟ୍ ଲିମିଟେଡ୍(ଏସ୍‌ପିପିଏଲ୍)କୁ ନିକଟରେ ଆଉ ଏକ ରାଜ୍ୟସ୍ତରୀୟ ସମ୍ମାନ ପ୍ରଦାନ କରାଯାଇଛି। ଏପରିକି ନିର୍ବାଣ ଫାଉଣ୍ଡେଶନ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଷ୍ଟେଟ୍ ବିଜ୍‌ନେସ୍ ଆୱାର୍ଡ କାର୍ଯ୍ୟକ୍ରମର ପ୍ରଥମ ସଂସ୍କରଣରେ ଷ୍ଟଲ୍‌ୱାର୍ଟ ଓ ଏସ୍‌ପିପିଏଲ୍‌ର ଏମ୍‌ଡି ଶରତ ସାହୁଙ୍କୁ 'ଷ୍ଟେଟ୍ ବିଜ୍‌ନେସ୍ ଆୱାର୍ଡ' ସମ୍ମାନରେ ସମ୍ମାନିତ କରାଯାଇଛି। ଉଲ୍ଲେଖଯୋଗ୍ୟ, ନିର୍ବାଣ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ନିକଟରେ ଆୟୋଜନ କରାଯାଇଥିବା ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଉତ୍ସବରେ ଉକ୍ତ ସମ୍ମାନ ଷ୍ଟଲ୍‌ୱାର୍ଟ ଓ ଏସ୍‌ପିପିଏଲ୍‌ର ଏମ୍‌ଡି ସାହୁଙ୍କୁ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଏବଂ ଆପୋଲୋ ହସ୍ପିଟାଲ ଭୁବନେଶ୍ୱରର ସିଓଓ ଆଲୋକ ଶ୍ରୀବାସ୍ତବ ଏବଂ ସେଞ୍ଚୁରିଆନ ୟୁନିଭର୍ସିଟି ସ୍କୁଲ ଅଫ୍ ମ୍ୟାରିଟାଇମ ଷ୍ଟଡିଜର ଉପାଧ୍ୟକ୍ଷ କ୍ୟାପ୍‌ଟେନ ରାଜେନ୍ଦ୍ର ନାରାୟଣ ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏପରିକି ଆମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ରାଜ୍ୟର ୩୦ ବିଶିଷ୍ଟ ଉଦ୍ୟୋଗୀଙ୍କୁ ଷ୍ଟେଟ୍ ବିଜ୍‌ନେସ୍ ଆୱାର୍ଡ ପ୍ରଦାନ କରାଯାଇଥିଲା। ଅପରପକ୍ଷରେ ଟ୍ରଷ୍ଟର ମୁଖ୍ୟ ଭରତ ପ୍ରଧାନ ସ୍ୱାଗତ ଅଭିଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ମତପ୍ରକାଶ କରିଥିଲେ। ପରିଶେଷରେ ଟ୍ରଷ୍ଟ ପକ୍ଷରୁ ଅସହାୟ ଶିଶୁମାନଙ୍କୁ ମାଗଣାରେ ବହି, ଖାତା ଓ ପେନ୍ ଆଦି ପ୍ରଦାନ କରାଯାଇଥିଲା।

## ବିଓଆଇର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୨୯।୭

Bank of India
Relationship beyond banking

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଓଆଇର ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଏପରିକି ପ୍ରଥମ ତ୍ରୈମାସିକରେ ବ୍ୟାଙ୍କ ୧୭୬% ଅଭିବୃଦ୍ଧି ହାର ହାସଲକରି ୧,୫୫୧ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିଥିବା ବେଳେ ବ୍ୟାଙ୍କର ନେଟ୍ ଲାଭ ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ୫୬୧କୋଟି ଟଙ୍କା ରହିଥିଲା ବୋଲି ବ୍ୟାଙ୍କ ପକ୍ଷରୁ ବିସ୍ତୃତ ଭାବେ କୁହାଯାଇଛି। ସେହିଭଳି ବ୍ୟାଙ୍କର ପରିଚାଳନାଗତ ଲାଭର ପରିମାଣ ୭୨%କୁ ବୃଦ୍ଧି ପାଇ ୩, ୭୫୨କୋଟି ଟଙ୍କାରେ ପହଞ୍ଚିଛି, ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ୨, ୧୮୩ କୋଟି ଟଙ୍କା ଥିଲା। ବିଶେଷକରି ବ୍ୟାଙ୍କର ଗ୍ରସ୍ ଏନ୍‌ପିଏରେ ୨୬୩ ବିପିଏସ୍ ହ୍ରାସ ପାଇଛି ଏବଂ ବ୍ୟାଙ୍କର ନେଟ୍ ଏନ୍‌ପିଏ ୫୬ ବିପିଏସ୍ ହ୍ରାସ ପାଇଛି। ବ୍ୟାଙ୍କର ପ୍ରୋଭିଜନ୍ କଭରେଜ ରେସିଓ (ପିସିଆର୍)ରେ ମଧ୍ୟ ୧୫୬ ବିପିଏସ୍ ବୃଦ୍ଧି ଘଟିଛି। ସେହିପରି ବ୍ୟାଙ୍କର ଗ୍ଲୋବାଲ ବିଜ୍‌ନେସ୍ ୮.୬୧% ବୃଦ୍ଧି ପାଇ ୧୨ ଲକ୍ଷ କୋଟି ଟଙ୍କାରୁ ଅଧିକରେ ପହଞ୍ଚିଛି, ବ୍ୟାଙ୍କର ଗ୍ଲୋବାଲ ଡିପୋଜିଟ୍‌ରେ ୮.୭୧% ବୃଦ୍ଧି ଘଟିଛି। ବ୍ୟାଙ୍କର ଗ୍ରସ୍ ଅଗ୍ରିମ ୮.୪୮%କୁ ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ବ୍ୟାଙ୍କର ନେଟ୍ ସୁଧ ଆୟ ୪୫% ଅଭିବୃଦ୍ଧି ହାରରେ ୫,୯୧୫ କୋଟି ଟଙ୍କାରେ ପହଞ୍ଚିଛି ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ସମୟରେ ୪,୦୭୨ କୋଟି ଟଙ୍କା ରହିଥିଲା ଏବଂ ବ୍ୟାଙ୍କର ଅଣ ସୁଧ ଆୟରେ ୨୭% ବୃଦ୍ଧି ଘଟି ଏହା ୧,୪୬୨ କୋଟି ଟଙ୍କାରେ ପହଞ୍ଚିଛି, ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ସମୟରେ ୧,୧୫୨ କୋଟି ଟଙ୍କା ରହିଥିଲା। ବ୍ୟାଙ୍କର ଘରୋଇ ଡିପୋଜିଟ୍‌ରେ ୭.୯୮% ବୃଦ୍ଧିଘଟି ୫,୫୯,୫୧୭ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଘରୋଇ କାସା ଡିପୋଜିଟ୍ ୭.୫୬% ବୃଦ୍ଧି ହାରରେ ୨,୬୦,୬୧୫ କୋଟି ଟଙ୍କାରେ ପହଞ୍ଚିବା ସହ କାସା ଡିପୋଜିଟ୍ ୪୪.୫୨%ରେ ରହିଛି।

## ସେଞ୍ଚୁରିଅନ ସ୍କୁଲ ଅଫ୍ ଲ ଉଦ୍‌ଘାଟିତ

ଭୁବନେଶ୍ୱର,୨୯।୭



ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ଜଟଣୀ କ୍ୟାମ୍ପସଠାରେ 'ସେଞ୍ଚୁରିଅନ ସ୍କୁଲ ଅଫ୍ ଲ' ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏମ୍.ଆର୍. ଶାହା, ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଦୀନେଶ ମାହେଶ୍ୱରୀ ଏବଂ ଓଡ଼ିଶାର ଆଡଭୋକେଟ୍ ଜେନେରାଲ ଅଶୋକ ପରିଜା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେଞ୍ଚୁରିଅନ୍ ୟୁନିଭର୍ସିଟିର ଭିସି ପ୍ରଫେସର ସୁପ୍ରିୟା ପଟ୍ଟନାୟକ, ପ୍ରଫେସର ମୁକ୍ତି ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ସେଞ୍ଚୁରିଅନ୍ ୟୁନିଭର୍ସିଟିର ଡିନ୍ ପଲ୍ଲବ ଦାସ କହିଛନ୍ତି, ଆମେ ଖୁବ୍‌ଶୀଘ୍ର ଆମର ଛାତ୍ର ଏବଂ ଅଧ୍ୟାପକମାନଙ୍କ ପାଇଁ ଅନ୍ତର୍ଜାତୀୟ ବିନିମୟ କାର୍ଯ୍ୟକ୍ରମରୁ ଆରମ୍ଭ କରିବୁ ଏବଂ ନ୍ୟାଶନାଲ ଲ ୟୁନିଭର୍ସିଟି ଓଡ଼ିଶା ସହିତ ଏକାଡେମିକ୍ ବିନିମୟ ପାଇଁ ଆମର ଏମ୍‌ଓୟୁ ହୋଇଛି ବୋଲି ଦାସ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ ଦ୍ୱାରା ଅନୁମୋଦିତ ପାଠ୍ୟକ୍ରମ ଯଥା ଇଣ୍ଟିଗ୍ରେଟେଡ୍ ବିଏ ଏଲ୍ଏଲ୍‌ବି ଓ ବିବିଏ ଏଲ୍ଏଲ୍‌ବି ସହିତ ଇଣ୍ଟିଗ୍ରେଟେଡ୍ ମାରିଟାଇମ ଲ (ସାମୁଦ୍ରିକ ଆଇନ)ରେ ମଧ୍ୟ ଏଲ୍ଏଲ୍ଏମ୍ ଏବଂ ବାଣିଜ୍ୟିକ ଆଇନରେ ମଧ୍ୟ ଏଲ୍ଏଲ୍ଏମ୍ ଓ ପିଏଚ୍‌ଡି ଭଳି ପାଠ୍ୟକ୍ରମ (ବିଷୟ)ରେ ଛାତ୍ରୀଛାତ୍ରମାନେ ପଢି ପାରିବେ। ବିଶେଷକରି ଆମର ସ୍ମାର୍ଟ ଶ୍ରେଣୀଗୃହ, ହାଇଟେକ୍ ମୁଟ୍ କୋର୍ଟ ହଲ୍ ଏବଂ ଆଇନ ସହାୟତା କ୍ଲିନିକ୍ ଆଦି ରହିଛି।

ଏହି ଅବସରରେ ଜଷ୍ଟିସ ଶାହା କହିଛନ୍ତି, ସମାଜରେ ନ୍ୟାୟ, ସମାନତା ଏବଂ ନ୍ୟାୟର ନୀତି ରକ୍ଷା କରିବାରେ ଆଇନ ବୃତ୍ତିଧାରୀଙ୍କ ଦାୟିତ୍ୱ ରହିଛି। ଏପରିକି ସେଞ୍ଚୁରିଅନ୍ ୟୁନିଭର୍ସିଟି ପରି ଅନୁଷ୍ଠାନଗୁଡ଼ିକ ଆସନ୍ତାକାଲିର ଆଇନଗତ ମାନସିକତା ପ୍ରତିପୋଷଣ ତଥା ଗଠନ ପାଇଁ ସକ୍ରିୟ ପଦକ୍ଷେପ ନେଉଥିବାର ଦେଖି ମୁଁ ଆନନ୍ଦିତ। ପାରମ୍ପରିକ ତଥା ପ୍ରାୟୋଗିକ ଶିକ୍ଷାର ମିଶ୍ରଣ, ଯୁବ ଆଇନଗତ ଆଶାୟୀ କର୍ମୀମାନଙ୍କୁ ଏହି କ୍ଷେତ୍ରରେ ଉତ୍କର୍ଷ ହେବା ପାଇଁ ଆବଶ୍ୟକ କୌଶଳ ଏବଂ ଜ୍ଞାନ ସହିତ ସଜାଇବାକୁ ପ୍ରତିଜ୍ଞା କରେ। ମୁଁ ଆଶାବାଦୀ ଯେ ସ୍କୁଲ ଅଫ୍ ଲ ଆଇନଗତ ଉତ୍କର୍ଷ ପାଇଁ ଏକ ହବ୍ ହେବ, ସ୍ନାତକୋତ୍ତର ଉତ୍ପାଦନ କରିବ। ଯେଉଁମାନେ କେବଳ ଦକ୍ଷ ବୃତ୍ତିଗତ ହେବେ ନାହିଁ ବରଂ ସକାରାତ୍ମକ ସାମାଜିକ ପରିବର୍ତ୍ତନ ପାଇଁ ମଧ୍ୟ ଓକିଲାତି କରିବେ ବୋଲି ସେ ମତପ୍ରକାଶ କରିଛନ୍ତି।

## ରେନୋ ଇଣ୍ଡିଆର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୨୯।୭

RENAULT

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ରେନୋ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍(ଆର୍ଆଇପିଏଲ୍)ର ସ୍ୱତନ୍ତ୍ର ଅଭିଯାନ 'ରେନୋ ଏକ୍ସପେରିଏନ୍ସ ଡେଜ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଭାରତୀୟ ଗ୍ରାହକଙ୍କ ନିକଟତର ହେବା ପାଇଁ କମ୍ପାନୀ ପକ୍ଷରୁ ଏଭଳି ଏକ ଅଗ୍ରଗାମୀ ଅଭିଯାନ ଆରମ୍ଭ ହୋଇଯାଇଛି। ଏହି ଅଭିଯାନ ଦେଶବ୍ୟାପୀ ହେବ ବୋଲି ଆକଳନ କରାଯାଉଛି। ଉଲ୍ଲେଖଯୋଗ୍ୟ, ଦେଶର ୨୬ ରାଜ୍ୟ ଓ ୩ କେନ୍ଦ୍ର ଶାସିତ ଅଞ୍ଚଳରେ କମ୍ପାନୀର ମୋଟ ୬୨୫ ଟଚ୍ ପଏଣ୍ଟ (ସ୍ଥାନ) ରେ ରେନୋର ଉପସ୍ଥିତି ରହିଛି। ଅପରପକ୍ଷରେ କମ୍ପାନୀର ୨ଟି ଅସାଧାରଣ ପଦକ୍ଷେପ 'ଶୋରୁମ ଅନ୍ ହ୍ୱିଲ୍ସ' ଏବଂ 'ୱାର୍କଶପ ଅନ୍ ହ୍ୱିଲ୍ସ' ଆରମ୍ଭ କରିବ। ଭାରତୀୟ ବଜାରରେ ଏଭଳି କାର୍ଯ୍ୟକଳାପର ସର୍ବପ୍ରଥମ ଆରମ୍ଭକୁ ଐତିହାସିକ ଅଭିଯାନ ଭାବେ ଚିହ୍ନିତ ସହ ଦେଶରେ ରେନୋ ପାଇଁ ଏହା ଏକ ଉଲ୍ଲେଖନୀୟ ପରିବର୍ତ୍ତନର ଆରମ୍ଭକୁ ସୂଚିତ କରିଛି। ଏ ସମ୍ପର୍କରେ ଆର୍ଆଇପିଏଲ୍‌ର ଉପାଧ୍ୟକ୍ଷ (ସେଲ୍ସ ମାର୍କେଟିଂ) ସୁଧୀର ମାଲହୋତ୍ରା କହିଛନ୍ତି, ଭାରତ ବଜାରରେ 'ରେନୋ ଏକ୍ସପେରିଏନ୍ସ ଡେଜ୍' ଅଭିଯାନ ଆରମ୍ଭକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆଶାଠାରୁ ଅଧିକ ଗ୍ରାହକକୈନ୍ଦ୍ରିକ ଅନୁଭୂତି ପାଇଁ ଆମର ଉତ୍ସର୍ଗତାକୁ ପ୍ରସ୍ତୁତି କରିଛୁ। ବିଶେଷକରି 'ଶୋ' ରୁମ ଅନ୍ ହ୍ୱିଲ୍ସ' ଏବଂ 'ୱାର୍କଶପ ଅନ୍ ହ୍ୱିଲ୍ସ' ପଦକ୍ଷେପ ଦ୍ୱାରା ଆମେ ଭାରତର ଲୋକଙ୍କ ସହ ଆମର ସମ୍ପର୍କକୁ ଦୃଢ଼ୀଭୂତ କରି ପ୍ରତିବନ୍ଧକକୁ ଭାଙ୍ଗିବା ଏବଂ ଦେଶର କୋଣ ଅନୁକୋଣରେ ଗ୍ରାହକଙ୍କ ନିକଟରେ ପହଞ୍ଚିବା ପାଇଁ ଲକ୍ଷ୍ୟ ରଖିଛୁ ।

**ରାଜ୍ୟ ଖବର**

## ସମନ୍ୱୟ ରଖି ଶୀଘ୍ର କାମ ସାରିବାକୁ ତାଗିଦ



ରେଳ ମହାପ୍ରବନ୍ଧକ ହୀରାକୁଦ ଷ୍ଟେଶନ ବୁଲି ଦେଖୁଛନ୍ତି।

**ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ସମୀକ୍ଷା**

ସମ୍ବଲପୁର,୨୯।୭ (ଶୁଭାଶିଷ ପାଢୀ)

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ମନୋଜ ଶର୍ମା ଶନିବାର ସମ୍ବଲପୁର ଗସ୍ତରେ ଆସି ରେଳମଣ୍ଡଳ ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପ କାମର ସମୀକ୍ଷା କରିଥିଲେ। ସମ୍ବଲପୁର ରେଳମଣ୍ଡଳ ଅଫିସରେ ଅନୁଷ୍ଠିତ ବୈଠକରେ ମଣ୍ଡଳ ପ୍ରବନ୍ଧକ ବିନିତ ସିଂ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ମହାପ୍ରବନ୍ଧକ ଶର୍ମା ସରଲା ଷ୍ଟେଶନରେ ମାଲବାହୀ ଟ୍ରେନ ୱାଗନ୍‌ଗୁଡିକର ରୁଟିନ୍ ଓଭର-ହାଉଲିଂ ସୁବିଧା ସହିତ ମାଲବାହୀ ଟ୍ରେନ୍ ରକ୍ଷଣାବେକ୍ଷଣ ନିରୀକ୍ଷଣ କରି ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ତାଗିଦ କରିଥିଲେ। ପରେ ସେ ହୀରାକୁଦ ଷ୍ଟେଶନ ନିରୀକ୍ଷଣ ସହ ନିର୍ମାଣାଧୀନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ରାଜ୍ୟ ସରକାରଙ୍କ ଅଧିକାରୀ ଓ କର୍ମଚାରୀଙ୍କ ସମେତ ହିତାଧିକାରୀଙ୍କ ସହ ସମନ୍ୱୟ ରଖି ଶୀଘ୍ର କାମ ଶେଷ କରିବାକୁ କହିଥିଲେ। ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଆର୍ଥିକବର୍ଷ ୨୦୧୭-୧୮ରେ ସରଲା ଷ୍ଟେଶନରେ ମାଲବାହୀ ଟ୍ରେନ ୱାଗନ୍ ଗୁଡିକର ରୁଟିନ୍ ଓଭର-ହାଉଲିଂ ସୁବିଧା ସହିତ ମାଲବାହୀ ଟ୍ରେନ୍ ରକ୍ଷଣାବେକ୍ଷଣ ପ୍ରକଳ୍ପର ଅନୁମୋଦନ କରାଯାଇଥିଲା । ମାନେଶ୍ୱର ଷ୍ଟେଶନରେ ଏହା ପ୍ରତିଷ୍ଠା ପାଇଁ ପୂର୍ବରୁ ପ୍ରସ୍ତାବ ଦିଆଯାଇଥିଲା। ହେଲେ ସମସ୍ୟା ହେବାରୁ ପ୍ରକଳ୍ପକୁ ସରଲା ଷ୍ଟେଶନକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରକଳ୍ପ ପାଇଁ ପ୍ରାୟ ୧୪୯.୩୭ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ପୂର୍ବତଟ ରେଳପଥ ଓ ରାଇଟ୍ସ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ବର୍ତ୍ତମାନ ସୁଦ୍ଧା ପ୍ରକଳ୍ପର ୬୫% ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଓଡ଼ିଶାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସହିତ ଏହି ଅଞ୍ଚଳର ରେଳ ଭିତ୍ତିଭୂମି ବିକାଶ ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅଗ୍ରାଧିକାର ଦେଉଛନ୍ତି। ସରଲା ଷ୍ଟେଶନରେ ମାଲବାହୀ ଟ୍ରେନ ୱାଗନ୍‌ଗୁଡିକର ରୁଟିନ୍ ଓଭର-ହାଉଲିଂ ସୁବିଧା ସହିତ ମାଲବାହୀ ଟ୍ରେନ୍ ରକ୍ଷଣାବେକ୍ଷଣ ଏହି ଅଞ୍ଚଳର ଅର୍ଥନୀତିକୁ ସୁଦୃଢ କରାଇବ ବୋଲି କୁହାଯାଇଛି।

# ରାଜ୍ୟ ସରକାରଙ୍କୁ ଜବାବ ତଲବ କଲେ ଏନ୍‌ଜିଟି

**କୁଲଡ଼ିହା ମିରିଗିନ ଖଣିରୁ ପଥର ଉତ୍ତୋଳନ ପ୍ରସଙ୍ଗ**

**୪ ସପ୍ତାହ ମଧ୍ୟରେ ଉତ୍ତର ଦେବାକୁ ନିର୍ଦ୍ଦେଶ**

ଭୁବନେଶ୍ୱର,୨୯।୭(ଅନିଲ ଦାସ)

ବାଲେଶ୍ୱର ଜିଲା ନୀଳଗିରି କୁଲଡ଼ିହା ମିରିଗିନ ଖଣିରୁ ପଥର ଉତ୍ତୋଳନ ଅନୁମତି ପ୍ରଦାନକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଜବାବ ତଲବ କରିଛନ୍ତି। କୁଲଡ଼ିହା ଅଭୟାରଣ୍ୟର ୧ କିଲୋମିଟର ଭିତରେ ମିରିଗିନ ଅଞ୍ଚଳ ଆସୁଥିବା ବେଳେ ଏଠାରୁ କିପରି ପଥର ଖନନ ଅନୁମତିପ୍ରଦାନ କରାଗଲା ସେ ନେଇ ଆସନ୍ତା ୪ ସପ୍ତାହ ମଧ୍ୟରେ ଜବାବ ଦେବାକୁ ଏନ୍‌ଜିଟି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୁଲଡ଼ିହା ଅଭୟାରଣ୍ୟର ଭିତର ୧ କିଲୋମିଟର ପରିଧି ପରିବେଶ-ସମ୍ବେଦନଶୀଳ ଅଞ୍ଚଳ ବା ଇକୋ ସେନ୍ସେଟିଭ ଜୋନ୍ ଭାବେ ଘୋଷଣା କରାଯାଇଛି। ଏହି ଅଞ୍ଚଳ ମଧ୍ୟରେ କୌଣସି ନିର୍ମାଣ କିମ୍ବା ଖନନ କାର୍ଯ୍ୟକଳାପକୁ ବାରଣ କରାଯାଇଛି। ମାତ୍ର ଏହି ଅଞ୍ଚଳରେ ଖଣି ଖନନ ପାଇଁ କେଉଁ ପରିସ୍ଥିତିରେ ଅନୁମତି ଦିଆଗଲା ତାହାକୁ ନେଇ ଏନ୍‌ଜିଟିରେ ମାମଲା ହୋଇଛି। ଏହି ମାମଲା ଏବେ ବିଚାରାଧୀନ ରହିଛି। କୋଲକାତାସ୍ଥିତ ଏନ୍‌ଜିଟିର ପୂର୍ବ ଜୋନ ଆସନ୍ତା ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ, ରାଜ୍ୟ ପରିବେଶ ଇମ୍ପାକ୍ଟ ଆସେସମେଣ୍ଟ ଅଥରିଟି, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ବାଲେଶ୍ୱର ଜିଲାପାଳ ଏବଂ ନୀଳଗିରି ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ଏକ ବର୍ଷ ପାଇଁ ୨୧,୨୫୨ କ୍ୟୁବିକ୍ ମିଟର ପଥର ଉତ୍ତୋଳନ ପାଇଁ ୨୦୨୨ ଜୁଲାଇ ୨୬ ତାରିଖରେ ସୁବର୍ଣ୍ଣରେଖା ପୋର୍ଟ ପ୍ରାଇଭେଟ ଲିମିଟେଡକୁ ନୀଳଗିରି ତହସିଲଦାର ଅନୁମତି ଦେଇଥିଲେ। ବାଲେଶ୍ୱରର ଜଣେ ଆବେଦନକର୍ତ୍ତାଙ୍କ ମାମଲାର ଶୁଣାଣି କରି ଏନ୍‌ଜିଟିର ଦୁଇଜଣିଆ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଜବାବ ମିଳିବା ପରେ ଆସନ୍ତା ଅଗଷ୍ଟ ୨୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଆବେଦନକର୍ତ୍ତା ଅଭିଯୋଗ କରିଛନ୍ତି ଯେ କୁଲଡ଼ିହା ପଥର ଖଣିରୁ ପଥର ଖୋଳାଯାଇ ଅଙ୍ଗନୱାଡ଼ି କେନ୍ଦ୍ର, ପ୍ରାଥମିକ ସ୍କୁଲ, କମ୍ୟୁନିଟି ସେଣ୍ଟର ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ ହେଉଥିବା ଘରଗୁଡ଼ିକ ପାଇଁ ପଥର ଯୋଗାଇ ଦିଆଯାଉଛି। ଏଥିସହିତ ବିସ୍ଫୋରଣ ନିକଟରେ ଥିବା ବିଭିନ୍ନ ନିର୍ମାଣ ଓ ଜନବସତି ଉପରେ ପଡ଼ିଛି। ଏହି ଖଣି କାମ ଯୋଗୁ ନିକଟରେ ଭୂଗର୍ଭ ଜଳସ୍ତର ମଧ୍ୟ ହ୍ରାସପାଇଛି। ଏ ନେଇ ସ୍ଥାନୀୟ ଲୋକମାନେ ୨୦୨୩ ଏପ୍ରିଲ ୧୨ ତାରିଖରେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାର କୌଣସି ଫଳ ମିଳି ନ ଥିଲା। ପଥର ଖଣିଠାରୁ ତେଣ୍ଡା ସଂରକ୍ଷିତ ଜଙ୍ଗଲ ୧ କିଲୋମିଟର ଦୂରରେ ହୋଇଥିବା ବେଳେ କୁଲଡ଼ିହା ବନ୍ୟଜନ୍ତୁ ଅଭୟାରଣ୍ୟ ୧ କିଲୋମିଟର ପରିସର ମଧ୍ୟରେ ରହୁଛି।

# ମାର୍ଶାଘାଇ ଲୁଣା ବ୍ରିଜ୍ ଉପରେ ଯୁବକଙ୍କୁ ଗୁଳିମାଡ଼

କେନ୍ଦ୍ରାପଡା, ୨୯।୭ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ମଙ୍ଗଳା ଛକ ନିକଟ ଲୁଣା ବ୍ରିଜ୍ ଉପରେ ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଛି । ଅବସ୍ଥା ଗୁରୁତର ଥିବାରୁ ପ୍ରଥମେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଯୁବକ ହେଉଛନ୍ତି ଶକ୍ତିଚନ୍ଦନ ମହାନ୍ତି । ଶକ୍ତିଚନ୍ଦନଙ୍କ ଘର ଜଗତସିଂହପୁର ଜିଲା ମହିରା ଗ୍ରାମରେ ହୋଇଥିବା ବେଳେ ସେ ଗୁଡୁ ଠିକାଦାରଙ୍କ ପାଖରେ କାମ କରୁଛନ୍ତି। ସେ ଶନିବାର ସନ୍ଧ୍ୟାରେ ଲୁଣାବ୍ରିଜ୍ ଦେଇ ମାର୍ଶାଘାଇ ବଜାରକୁ ଯାଉଥିଲେ । ଏହି ସମୟରେ ଗୋଟିଏ ବୁଲେଟରେ ୨ ଜଣ ଯୁବକ ଆସି ତାଙ୍କୁ ଲକ୍ଷ୍ୟ କରି ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲେ । ସେହି ଗୁଳି ଶକ୍ତିଚନ୍ଦନଙ୍କ ପେଟରେ ବାଜିଛି । ଘଟଣା ସମ୍ପର୍କରେ ଥାନାଧିକାରୀ ପ୍ରଜ୍ଞା ପାରମିତା ଜେନା ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବା ସୂଚନା ଦେଇଛନ୍ତି । ତେବେ କେଉଁ କାରଣରୁ ଏହି ଘଟଣା ଘଟିଛି ତାହା ସ୍ପଷ୍ଟ ହୋଇନାହିଁ।



## ଓଡ଼ିଶା ରୂପାନ୍ତର ଶୋ'କେସ୍ ପ୍ରଦର୍ଶିତ

**କାଲିଫର୍ନିଆରେ ପର୍ଯ୍ୟଟନ ବିଭାଗ, ଫିକି ଦ୍ୱାରା ପ୍ରବାସୀ ଓଡ଼ିଆଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ**

ଭୁବନେଶ୍ୱର,୨୯।୭ (ଅନିଲ ଦାସ)

ଓଡ଼ିଶା ପର୍ଯ୍ୟଟନ ବିଭାଗ ଓ ଫିକିର ମିଳିତ ଉଦ୍ୟମରେ ଶନିବାର ପ୍ରବାସୀ ଓଡ଼ିଆଙ୍କ ପାଇଁ କାଲିଫର୍ନିଆଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶାରେ ହେଉଥିବା ରୂପାନ୍ତର ଏବଂ ପ୍ରବାସୀ ଓଡ଼ିଆମାନେ ଓଡ଼ିଶା ପାଇଁ କେତେ ପରିମାଣର ଅବଦାନ ଦେଇପାରିବେ ତାହା ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦେଶରେ ରହୁଥିବା ପ୍ରବାସୀ ଯୁବଗୋଷ୍ଠୀ ଓଡ଼ିଶା ବିଷୟରେ ଜାଣିବାର ସୁଯୋଗ ପାଇଥିଲେ। ସେମାନେ ନୂତନ ଓଡ଼ିଶାର ରୂପାନ୍ତରରେ ଯୋଗ ଦେବାକୁ ଉତ୍ସୁକତା ଦେଖାଇଥିଲେ। କାର୍ଯ୍ୟକ୍ରମରେ ୯୦୦ରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କନ୍‌ସଲ ଜେନେରାଲ, ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଏବଂ ଓଡ଼ିଶାରୁ ଯାଇଥିବା ପ୍ରତିନିଧିମଣ୍ଡଳୀ ଯୋଗ ଦେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ................................

ବୟସ:................................

ଜନ୍ମ ତାରିଖ: ..............................



ସୁଶ୍ରୀ ଶୁଭଲକ୍ଷ୍ମୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମହିଳା ଫୁଟ୍‌ବଲ ବିଶ୍ୱକପ୍

# ନକ୍‌ଆଉଟରେ ସୁଇଡେନ

**ୱେଲିଂଟନ/ବ୍ରିସ୍‌ବେନ୍, ୨୯।୭**

ଇଟାଲୀ ବିପକ୍ଷରେ ୫-୦ ଗୋଲ୍‌ରେ ବିଜୟ ହାସଲ କରି ସୁଇଡେନ୍ ଚଳିତ ମହିଳା ଫୁଟ୍‌ବଲ ବିଶ୍ୱକପ୍‌ର ନକ୍‌ଆଉଟ ପର୍ଯ୍ୟାୟରେ ପ୍ରବେଶ କରିଛି। ୱେଲିଂଟନରେ ଖେଳାଯାଇଥିବା ଏହି ଗ୍ରୁପ୍ 'ଜି' ମ୍ୟାଚରେ ବିଜୟୀ ଦଳ ପକ୍ଷରୁ ଆମାଣ୍ଡା ଇଲେଷ୍ଟେଡ୍ ୨ଟି (୩୯ତମ ଓ ୫୦ତମ) ଗୋଲ ସ୍କୋର କରିଥିବା ବେଳେ ଫ୍ରିଡୋଲିନା ରୋଲ୍‌ଫୋ (୪୪ତମ), ଷ୍ଟିନା ବ୍ଲାକ ଷ୍ଟେନସ୍ (୪୫+୧) ଓ ରେବେକା ବ୍ଲମକ୍ୱିଷ୍ଟ (୯୦+୫) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ସୁଇଡେନ ବର୍ତ୍ତମାନ ୨ଟି ମ୍ୟାଚରେ ବିଜୟ ହାସଲ ସହ ୬ ପଏଣ୍ଟ ଅର୍ଜନ କରି ନିଜ ଗ୍ରୁପ୍ ଷ୍ଟାଣ୍ଡିଂରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଦଳ ଏହାର ପରବର୍ତ୍ତୀ ମ୍ୟାଚ ଆର୍ଜେଣ୍ଟିନା ବିପକ୍ଷରେ ଖେଳିବ।

**ବ୍ରାଜିଲକୁ ହରାଇଲା ଫ୍ରାନ୍ସ**

ବ୍ରିସ୍‌ବେନ୍‌ଠାରେ ଅନୁଷ୍ଠିତ ଏକ ଗ୍ରୁପ୍ 'ଏଫ୍' ମ୍ୟାଚରେ ବ୍ରାଜିଲକୁ ୨-୧ ଗୋଲ୍‌ରେ ପରାସ୍ତ କରି ଫ୍ରାନ୍ସ ମହିଳା ଦଳ ଏହାର ବିଶ୍ୱକପ୍ ଆଶାକୁ ପୁନର୍ଜୀବିତ କରିଛି। ଦଳ ପକ୍ଷରୁ ୟୁଜେନି ଲି' ସୋମର (୧୭ ତମ ମିନିଟ) ଓ ୱେଣ୍ଡି ରେନାର୍ଡ (୮୩ ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ସୋମରଙ୍କର ଏହା ହେଉଛି ଜାତୀୟ ଦଳ ପକ୍ଷରୁ ୯୦ତମ ଅନ୍ତର୍ଜାତୀୟ ଗୋଲ୍। ବ୍ରାଜିଲ ପକ୍ଷରୁ ଏକମାତ୍ର ଗୋଲ୍ ଡେବୋରା କ୍ରିଷ୍ଟିନେ ଡି' ଓଲ୍‌ଭିରା ସ୍କୋର କରିଥିଲେ। ଫ୍ରାନ୍ସ ଏହି ମ୍ୟାଚରେ ବିଜୟ ଲାଭ କରିବା ଦ୍ୱାରା ୨ଟି ମ୍ୟାଚରୁ ୪ପଏଣ୍ଟ ହାସଲ କରି ଗ୍ରୁପ୍ ଷ୍ଟାଣ୍ଡିଂରେ ପ୍ରଥମ ସ୍ଥାନରେ ରହିଛି। ଜାମାଇକା ସମାନ ୪ ପଏଣ୍ଟ ଅର୍ଜନ କରିଥିଲେ ମଧ୍ୟ ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ଦ୍ୱିତୀୟ ସ୍ଥାନରେ ରହିଛି। ଫ୍ରାନ୍ସ ବର୍ତ୍ତମାନ ଏହାର ପରବର୍ତ୍ତୀ ମ୍ୟାଚ ସିଡ୍‌ନୀଠାରେ ପାନାମାକୁ ଭେଟିବାକୁ ଥିବାବେଳେ ମେଲବୋର୍ନରେ ଜାମାଇକା ସହ ମୁକାବିଲା କରିବ ବ୍ରାଜିଲ।

**ଜାମାଇକାର ପ୍ରଥମ ବିଜୟ**

ପର୍ଥଠାରେଗ୍ରୁପ୍-'ଏଫ୍ ର ଅନ୍ୟ ଏକ ମ୍ୟାଚରେ ଜାମାଇକା ୧-୦ ଗୋଲ୍‌ରେ ପାନାମାକୁ ହରାଇ ଦେଇଛି। ଦଳ ପକ୍ଷରୁ ଏକମାତ୍ର ଆଲିସନ ସ୍ୱାବି ୫୬ତମ ମିନିଟରେ ସ୍କୋର କରିଥିଲେ। ମହିଳା ବିଶ୍ୱକପ୍‌ରେ ଦଳର ଏହା ହେଉଛି ପ୍ରଥମ ବିଜୟ। ଜାମାଇକା ଏଥିସହିତ ନିଜ ଗ୍ରୁପ୍‌ରେ ୪ ପଏଣ୍ଟ ସହ ଫ୍ରାନ୍ସ ତଳକୁ ଦ୍ୱିତୀୟ ସ୍ଥାନରେ ରହିଛି।



ସୁଇଡେନ୍ ଓ ଇଟାଲୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ।

# ଫେଲ୍‌ପ୍ସଙ୍କୁ ଅତିକ୍ରମ କଲେ ଲେଡେକି



କେଟି ଲେଡେକି

**ଫୁକୁଓକା, ୨୯।୭ (ଏପି)**

ୱାର୍ଲ୍ଡ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ୮୦୦ମିଟର ଫ୍ରିଷ୍ଟାଇଲ ଜିତିବା ପରେ ମହାନ ମହିଳା ସନ୍ତରଣକାରୀ କେଟି ଲେଡେକି ତାଙ୍କ କ୍ୟାରିୟରରେ ଆଉ ଏକ ସଫଳତା ଫର୍ଦ୍ଦ ଯୋଡ଼ିଛନ୍ତି। ଶନିବାର ଏହି ବିଜୟ ଦ୍ୱାରା ସେ ଦୁଇଟି ନୂଆ ଉଲ୍ଲେଖନୀୟ ରେକର୍ଡ କରିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ସମାନ ଇଭେଣ୍ଟ ୬ଥର ଜିତିବାରେ ୨୬ ବର୍ଷୀୟା ଲେଡେକି ହେଉଛନ୍ତି ପ୍ରଥମ ସନ୍ତରଣକାରୀ। ବିଶ୍ୱ ଚାମ୍ପିୟନଶିପ୍‌ରେ ସର୍ବାଧିକ ୧୬ ବ୍ୟକ୍ତିଗତ ବିଶ୍ୱ ଟାଇଟଲ ଜିତି ମାଇକେଲ ଫେଲ୍‌ପ୍ସଙ୍କ ରେକର୍ଡକୁ ଭାଙ୍ଗି ଦେଇଛନ୍ତି। ଲେଡେକି ପ୍ରାଧାନ୍ୟବିସ୍ତାର କରି ୮ ମିନିଟ ୮.୮୭ ସେକେଣ୍ଡ ଟାଇମିଂରେ ବିଜୟ ହାସଲ କରିଥିଲେ। ୮୦୦ ମିଟର ଜିତିବା ଦ୍ୱାରା ଚାମ୍ପିୟନଶିପ୍‌ରେ ତାଙ୍କ ସ୍ୱର୍ଣ୍ଣ ସଂଖ୍ୟା ୨ରେ ପହଞ୍ଚିଛି। ମଙ୍ଗଳବାର ସେ ୧,୫୦୦ ମିଟର ଫ୍ରିଷ୍ଟାଇଲ ଜିତିଥିଲେ। ସେ ଆହୁରି ମଧ୍ୟ ଏଠାରେ ୪୦୦ ମିଟର ଫ୍ରିଷ୍ଟାଇଲ ରେସ୍‌ରେ ରୌପ୍ୟ ପାଇଛନ୍ତି। ୮୦୦ମିଟର ରେସ୍‌ରେ ଚାଇନାର ଲି' ବିଙ୍ଗ୍‌ଜି (୮:୧୩.୩୧) ରୌପ୍ୟ ଜିତିଥିବା ବେଳେ ଅଷ୍ଟ୍ରେଲିଆର ଆରିଆର୍ନେ ଟିଟ୍‌ମସ (୮:୧୩.୫୯) ବ୍ରୋଞ୍ଜ ପଦକ ପାଇଛନ୍ତି।


CLASSIFIED DISPLAY
ALL EDITION - BW (Everyday)
MORE SPACE • SAME PRICE
TARIFF
GST
for Booking Contact: 0674-2580385, 8637280816, 7894447167, 9338226625

ADMISSION OPEN
DISTANCE EDUCATION
For Govt. & Private Job holder's
(UGC and DEB Recognized Universities)
MBA, MCA, LLB, DIPLOMA, B.Sc, M.Sc, B.Com, BA, MA, MSW and more than 100 UG and PG Courses
12th Science, Arts, Commerce.
LOW FEES STRUCTURE
Institute of Technology and Management Science (ITMS)
Satya Vihar, Bhubaneswar, near Puri Bypass
8917610670, 9438486526


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ**

# ଭାରତକୁ ୩ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ

**ନୂଆଦିଲ୍ଲୀ, ୨୯।୭ (ପି.ଟି.):** ଚାଇନାର ଚେଙ୍ଗଡୁଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ୩ ସ୍ୱର୍ଣ୍ଣ ସମେତ ୪ ପଦକ ସହ ଏହାର ଖାତା ଖୋଲିଛି। ଅଲିମ୍ପିଆନ ଶୁଟର ତଥା ଇଟାଲୀରେ ୨୦୧୯ ସଂସ୍କରଣରେ ଏକ ରୌପ୍ୟ ଜିତିଥିବା ଇଲାଭେନିଲ ଭାଲାରିଭାନ୍ ଚଳିତ ବର୍ଷ ତାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ସହ ମହିଳା ୧୦ମିଟର ଏୟାର ରାଇଫଲ ଇଭେଣ୍ଟରେ ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଆଣିଦେଇଥିଲେ। ତାଙ୍କ ସାଥୀ ଶୁଟର ମନୁ ଭାକର ମହିଳା ୧୦ମିଟର ଏୟାର ପିସ୍ତଲ ଇଭେଣ୍ଟ ଜିତି ଦେଶ ପାଇଁ ଦ୍ୱିତୀୟ ସ୍ୱର୍ଣ୍ଣ ଆଣିଥିଲେ। ପୁନଶ୍ଚ ୧୦ ମିଟର ଏୟାର ପିସ୍ତଲ ଟିମ୍ ମହିଳା ଇଭେଣ୍ଟରେ ଯଶସ୍ୱିନୀ ସିଂ ଦେଶୱାଲ ଓ ଅଭିଦିନ୍ୟା ଅଶୋକ ପାଟିଲ ଓ ଭାକରଙ୍କୁ ନେଇ ଭାରତୀୟ ଦଳ ମଧ୍ୟ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଭାରତ ଆହୁରିମଧ୍ୟ ଟୁର୍ନାମେଣ୍ଟରେ ଜୁଡୋରେ ପ୍ରଥମ ଥର ଏକ ପଦକ ହାସଲ କରିଛି। ମହିଳା ୫୭କେଜି ଇଭେଣ୍ଟରେ ମହିଳା ୫୭କେଜି ଶ୍ରେଣୀରେ ଯାମିନୀ ମୌର୍ଯ୍ୟ ଏକ ବ୍ରୋଞ୍ଜ ପଦକ ପାଇଛନ୍ତି। ତୀରନ୍ଦାଜୀ ମିକ୍ସଡ କମ୍ପାଉଣ୍ଡ ଇଭେଣ୍ଟରେ ଅମନ ସଇନି ଓ ପ୍ରଗତୀ ଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଛନ୍ତି।


# Classified Everyday
0674-2580101, 2549949



MATRIMONIAL

**BRIDE WANTED**

Barik Boy-28, Height-5'6", Doctor(Bachelor of Dentalsurgery Utkal) Own Dental Clinic, Bhubaneswar, Father Retd. from Commercial Tax Deptt Odisha, Caste No BAR. Bhubaneswar, Base Preferable. Contact: 9178062431. D-73779

Groom, DOB- August 1991, Height-5'9 inch, Qualification-BTECH+ MBA (KIIT), Job- Working as a Human Resource Business Partner. Looking for a suitable match, Caste-Karana, Kshatriya or Khandayat. Contact Directly-9937717477/9438772415. D-74084

Bride for handsome Brahmin Boy higher salaried Age 38. Brahmin or other caste candidate or relative contact-8144815298. D-0887

Handsome Brahmin Boy 1992, 5'8" B.Tech, Serving Software Engineer TCS, Bhubaneswar. 9937512659, 8249969649. D-74896

**GROOM WANTED**

Bride, DOB-April 1989, Height-5'3 inch, Qualification-MTECH, Gold Medalist, Assistant Collector (ORS). Looking for a suitable match (Any Government Officer), Caste-Karana, Kshatriya or Khandayat. Contact Directly-9937717477/9438772415. D-74083

Wanted a suitable Odia/ Bengali groom with legal qualifications for a Bengali Khayasta, fair, beautiful, 5'5", 29 years bride having a Government job in Odisha with a legal family background. Contact: 9937744516, 8249873349, 8260241010. D-0940



REAL ESTATE

**SALE**

ଗୃହୋପଯୋଗୀ ସ୍ଥିତିବାନ ପ୍ଲଟ୍ ମୌଜା: ମାଗୁରଗାଡ଼ିଆ, କେନ୍ଦୁଝର ଟାଉନ୍ ସରକାରୀ ରାସ୍ତାକୁ ଲାଗି (ବ୍ରାହ୍ମଣ ଲୋକଙ୍କ ଜାଗା) AC 0.66 Dec. ବିକ୍ରିହେବ। ଯୋଗାଯୋଗ: 9437303790. D-0861

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.-3, 60,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-74895

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452.** D-75015

3BHK Apartment Rasulgarh-89,00,000/-, 3BHK Duplex near Tankapani-79,00,000/-, 3BHK Duplex Nandankanan-99,00,000/-, Chandaka 5 Acre, Mendhasala 5 Acre, Balianta 3 Acre. Residential Land Patia- 2890, Tankapani- 2650, Tamando- 2700, Hanspal- 2500, Mancheswar-1650, Pitapalli- 1650, Balianta- 1200, Baranga- 1200, Sundarpada-900, Jaanla- 900 DPS back-900. 8984071303, 8249630501 D-0942

**2/3 BHK ready to move apartment for sale at DHPL SCB Residency at Patia. 2BHK starting at Rs. 53,00,000/-. Contact 9937059891.** D-0819

Plots sale available Puri Jatnigate, Krupajal- Engg nearby Puri, Cuttack (NH) near Chanceller hotel and Chandanvihar Mendhasal, PK Patnaik. 9937469703. D-70604

Gharabari plot sale at Pipli, near Puri by-pass, adject to NH with boundary wall, plantation, Electricity. Contact: 7008346486. D-74556

ଭୁବନେଶ୍ୱର ପିତାପଲ୍ଲି ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner-9090963952.** D-74885

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

ଭୁବନେଶ୍ୱର କଣ୍ଟାବାଡ଼ ଛକରେ **immediate** ଘର କଲାଭଳି ପ୍ଲଟ୍ **road,** ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner-9090963952.** D-74886

Gharabari plot/ duplex and triplex sale at east facing in Kalarahanga 30ft. road gated society. 8249533255. D-71058

**Private Resale plot sale measuring 3200sqft. near AIIMS Hospital Bhubaneswar, cost @ 90lac. Facility (BDA Yellowzone, Gharabari, Boundary wall, Electricity & both side 30ft. wide open road). Contact- 9938867397.** D-0924

**PURCHASE**

Lethe Workshop ପାଇଁ 2nd hand with good working condition ଥିବା Lethe Machine, Power Press, Hydraulic Press, Plate sharing Machine ଏବଂ Lethe ସମ୍ବନ୍ଧୀୟ ଅନ୍ୟାନ୍ୟ Machinery ଆବଶ୍ୟକ। ଇଚ୍ଛୁକ ବିକ୍ରେତା ଯୋଗାଯୋଗ କରନ୍ତୁ। Mob- 9937199625, 8144662274. D-0946



04 BHK Four Flats Suitable Office Guestroom Hostel Residential Hi-tech Sundarpada-8093199489. D-0749

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



Healthcare

All types of professional body massage by professional therapy. Contact 7077933109/9556924059/8658803018. D-0932

Full body massage in homely atmosphere in all therapy. Mob: 8114881641. D-73438

Newly Healthcare benefited SPA experience therapist in Bhubaneswar. Please visit this SPA. 7749034655. D-75132

**Relax, Refresh your body, mind at Saikrupa Spa with best therapies. 8984068077.** D-0921

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75013

Spa Kerala Body Massage only best Therapist @699/- Bhubaneswar. 9337672475. D-0857

Newly opened (One8 Spa)/(Salon Service) with expert therapist, 9938843929. D-75136

**LOST**

I, Dhaneswar Sahu, S/o Gangadhar Sahu, Village- Gagua, P.S. Rairakhol, Dist.-Sambalpur have declare that on dt. 27.07.2023 while I was coming from my Village to Rairakhol bus stand I lost my Land Patta, Land related Documents in Khatian No-893/1340 and Kabala No. 11641400231. I searched the same but could not trace out. D-0947

**AFFIDAVIT**

By the virtue of an affidavit dt-06.06.2023 before the Court of Notary Public, Bhubaneswar, my name changed from Litina Nayak to Ranjita Nayak. Henceforth, I shall be known as Ranjita Nayak, D/o-Pabitra Nayak, Plot-2165, Badagada, Bhubaneswar. LIC Policy No-581547069, for all future purposes. D-0944

# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଗଣେଶ ଚନ୍ଦ୍ର ସାହୁ**

ରଘୁନାଥପୁର, ଏରବାଙ୍ଗ, ଶିବାଛକ, ବରୀ, ଯାଜପୁର
ଆବିର୍ଭାବ: ୨୪।୦୮।୧୯୫୧
ତିରୋଧାନ: ୨୦।୦୭।୨୦୨୩
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ନ ଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥"
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା । ଶୋକସନ୍ତପ୍ତ: ସୁଶାନ୍ତ, ସୁବ୍ରତ, ଶ୍ରୀକାନ୍ତ, ଶ୍ୟାମ, ନୀଳମଣି, ସନ୍ତୋଷ, ବଳରାମ, କାଳନ୍ଦୀ, ହେମନ୍ତ, ଟୁଲୁ, ଗୋବିନ୍ଦ, ରଜନୀ, ପିଣ୍ଟୁ, ଟିଟୁ, ପୁତ୍ରବଧୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ, ଶୋକାକୁଳ ବନ୍ଧୁ ଓ ପରିବାରବର୍ଗ ।
ଧ-୦୯୪୧

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଏ ସପ୍ତାହର ପ୍ରଶ୍ନ

୧– ସୁନାବେଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ..........ଠାରେ ଅବସ୍ଥିତ ?
୨– ଫରେନ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ .............ଠାରେ ଅବସ୍ଥିତ ?
୩– ନ୍ୟାଶନାଲ୍ ବାୟୋଡାଇଭର୍ସିଟି ଅଥରିଟି ......... ମସିହାରେ ଗଠନ ହୋଇଥିଲା ?
୪– ଷ୍ଟାଣ୍ଡ ଅପ୍ ଇଣ୍ଡିଆ ସ୍କିମ୍‌ର ସମୟ ସୀମାକୁ.......... ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ?
୫– ଆମେରିକାକୁ ..........ଦେଶ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଉପହାରରେ ଦେଇଥିଲା ?

## ଗତ ଥରର ଉତ୍ତର

୧ ଅରୁଣାଚଳ ପ୍ରଦେଶ ଏବଂ ଆସାମ
୨ ହୋଡୋଫୋବିଆ
୩ ୫ ଥର
୪ ନାଇଜେରିଆ
୫ ୨୦୦୫

## ଉତ୍ତରଦାତା


ଛବିଲାଲ୍ ଭାଟି, କଳାହାଣ୍ଡି


ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଜାଣନ୍ତୁ ଦୁନିଆ

# ରାଷ୍ଟ୍ରପତି ଭବନ

ଆମ ଦେଶର ରାଷ୍ଟ୍ରପତିଙ୍କ ଅଫିସିଆଲ ବାସସ୍ଥଳୀ ହେଉଛି ରାଷ୍ଟ୍ରପତି ଭବନ। ଏହା ହେଉଛି ପୃଥିବୀର ଦ୍ୱିତୀୟ ବୃହତ୍ତମ ବାସସ୍ଥଳି ବା ରେସିଡେନ୍ସ। ଯେଉଁଠାରେ ରହିଛି ଗାର୍ଡେନ, ମ୍ୟୁଜିୟମ୍, ସେରେମୋନିଆଲ୍ ହଲ୍ ଏବଂ ବଡିଗାର୍ଡ ଓ ଷ୍ଟାଫ୍‌ମାନଙ୍କ ପାଇଁ କ୍ୱାଟର୍ସ। ଜାଣିବା ଏହା ସମ୍ପର୍କରେ ଆହୁରି କିଛି ତଥ୍ୟ...



- ଦିଲ୍ଲୀ ରାଜପଥର ପଶ୍ଚିମ ଭାଗ ଶେଷରେ ରହିଛି ରାଷ୍ଟ୍ରପତି ଭବନ, ଯାହାକି ରାଇସିନା ହିଲ୍ସ ଉପରେ ନିର୍ମାଣ କରାଯାଇଛି। ସ୍ୱାଧୀନତା ପୂର୍ବରୁ ଏହାକୁ ଭାଇସ୍‌ରୟ ହାଉସ୍ ବୋଲି କୁହାଯାଉଥିଲା।
- ଏହି ଭବ୍ୟ ଭବନକୁ ନିର୍ମାଣ କରିବା ଲାଗି ୨୯,୦୦୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ପ୍ରାୟ ୧୭ ବର୍ଷ ସମୟ ଲାଗିଥିଲା।
- ସ୍ୱାଧୀନତା ପୂର୍ବରୁ ରାଷ୍ଟ୍ରପତିଙ୍କୁ ମିଳୁଥିବା ଉପହାରକୁ ତୋଷଖାନାରେ ବା ଷ୍ଟୋର୍ ହାଉସ୍‌ରେ ରଖାଯାଉଥିଲା ଏବଂ ପରେ ଗିଫ୍ଟ ଗ୍ୟାଲେରିରେ ପ୍ରଦର୍ଶନ କରାଯାଉଥିଲା। ହେଲେ ୨୦୧୪ ଜୁଲାଇ ୨୫ରେ ରାଷ୍ଟ୍ରପତି ଭବନ ମ୍ୟୁଜିୟମ୍ କମ୍ପ୍ଲେକ୍ସ ଉଦ୍‌ଘାଟନ କରାଗଲା ଏବଂ ରାଷ୍ଟ୍ରପତିଙ୍କୁ ମିଳୁଥିବା ଉପହାରକୁ ଏଠାରେ ସର୍ବସାଧାରଣଙ୍କ ପାଇଁ ପ୍ରଦର୍ଶନ କରାଗଲା।
- ଏହା ମଧ୍ୟରେ ୩୪୦ଟି କୋଠରି ଥିବା ବେଳେ କୌଣସି ବିଶେଷ କାର୍ଯ୍ୟକ୍ରମ ପାଇଁ ବ୍ୟବହାର ହେଉଥିବା ଅଶୋକ ହଲ୍ ସବୁଠୁ ସୁନ୍ଦର। ଯେଉଁଠାରେ ଅନେକ ଆକର୍ଷଣୀୟ ପେଣ୍ଟିଂ ରହିଛି।
- ଏଠାରେ ରହିଛି ୧୦୪ ଫୁଟ ଲମ୍ବ ଏବଂ ୩୪ ଫୁଟ ଚଉଡ଼ା ବିଶିଷ୍ଟ ବାଙ୍କେ୍ଵଟ୍ ହଲ୍, ଯାହାକୁ ଷ୍ଟେଟ୍ ଡାଇନିଂ ରୁମ୍ ବୋଲି ମଧ୍ୟ କୁହାଯାଇଥାଏ। ଯେଉଁଠାରେ ଏକାଥରେ ୧୦୪ ଜଣ ବସି ଖାଇପାରିବେ। ଏଠାରେ ଖାଇବା ବେଳେ ଅତିଥିମାନଙ୍କ ମନୋରଞ୍ଜନ ପାଇଁ ଏକ ମ୍ୟୁଜିସିଆନ୍ ଗ୍ୟାଲେରି ରହିଛି।
- ୧୫ ଏକର ପରିବ୍ୟାପ୍ତ ମୁଗଲ୍ ଗାର୍ଡେନ ହେଉଛି ରାଷ୍ଟ୍ରପତି ଭବନର ମୁଖ୍ୟ ଆକର୍ଷଣ। ଫେବୃୟାରୀରୁ ମାର୍ଚ୍ଚ ପର୍ଯ୍ୟନ୍ତ ଏକ ବାର୍ଷିକ ଉଦ୍ୟାନୋତ୍ସବ ପାଳନ କରାଯାଇ ଏହା ସର୍ବସାଧାରଣଙ୍କ ଦେଖିବା ପାଇଁ ଖୋଲା ଯାଇଥାଏ।

# ଟକ୍ସିକ୍ ରିଲେଶନ୍‌ଶିପ୍



ପ୍ରେମ ଏକ ନିଃସ୍ୱାର୍ଥପର ଶାଶ୍ୱତ ସମ୍ପର୍କ, ଯାହା ଦୁଇଜଣଙ୍କୁ ଏକ ସୂତ୍ରରେ ବାନ୍ଧିରଖେ ଓ ଆନନ୍ଦ ଦିଏ। ହେଲେ ଆଜିର କେତେକ ଯୁବତୀ ଯୁବକଙ୍କ ପାଇଁ ଯେମିତି ଏହାର ପରିଭାଷା ବଦଳିଯାଇଛି। ସ୍ୱାର୍ଥହାସଲ ପାଇଁ ସେମାନେ ନିଜେ ଗଢ଼ୁଛନ୍ତି ସମ୍ପର୍କ। ଆଉ ପରବର୍ତ୍ତୀ ସମୟରେ ଏହି ବିଷାକ୍ତ ସମ୍ପର୍କ ନା କେବଳ ଅନ୍ୟ ଜଣଙ୍କୁ ମାନସିକସ୍ତରରେ କଷ୍ଟ ଦେଉଛି ବରଂ ହତ୍ୟା, ଆତ୍ମହତ୍ୟା ଭଳି ଅଭାବନୀୟ ଘଟଣା ବି ସମାଜରେ ବୃଦ୍ଧି ପାଉଛି...

ପ୍ରେମ ଏକ ଏଭଳି ସମ୍ପର୍କ, ଯେଉଁଥିରେ କେବେ ଭଲପାଇବା ତ ଆଉ ପୁଣି କେବେ ରାଗ, ରୁଷା, ଅଭିମାନ ବି ଥାଏ। ହେଲେ ଏଥିରେ ଯେବେ ସ୍ୱାର୍ଥ ଓ ଛଳନା ଆସେ, ସେଇଠୁ ଆରମ୍ଭ ହୁଏ ମନାନ୍ତର। ଯାହାଫଳରେ ଦୁର୍ବ୍ୟବହାର, ଶାରୀରିକ ହିଂସା ଭଳି ଘଟଣା ଘଟିଥାଏ। ଆଉ ଏଭଳି ସମ୍ପର୍କରେ ରହିବା ଆଦୌ ନିରାପଦ ନୁହେଁ। କାରଣ ଏଭଳି ସମ୍ପର୍କରେ ମାର୍‌ପିଟ୍‌ରୁ ଆରମ୍ଭ କରି ହତ୍ୟା ଭଳି ବିଭିନ୍ନ ଘଟଣା ଏବେ ବଢ଼ୁଥିବାର ଦେଖିବାକୁ ମିଳୁଛି। ଗତବର୍ଷ ଦିଲ୍ଲୀରେ ଜଣେ ଯୁବକ ନିଜ ପ୍ରେମିକାଙ୍କୁ କାଟି ୩୫ଖଣ୍ଡ କରି ମାରିଥିବା ଘଟଣା ହେଉ ଅବା ଓଡ଼ିଶାରେ ଜଣେ ଯୁବ ମଡେଲ ଏବଂ ଆଉ ଜଣେ ଡିଜେ ଆତ୍ମହତ୍ୟା କରିଥିବା ଭଳି ଅନେକ ଘଟଣା ବେଶ୍ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ତେଣୁ ଏଭଳି କୌଣସି ଟକ୍ସିକ୍ ରିଲେଶନ୍‌ଶିପ୍‌ରୁ ମୁକୁଳିବା ଲାଗି କେତୋଟି କଥା ପ୍ରତି ବିଶେଷ ଧ୍ୟାନ ଦେବା ନିହାତି ଆବଶ୍ୟକ....

**ଆୟତ୍ତରେ ରଖିବା:** ପ୍ରେମ ଏକ ଏଭଳି ନିବିଡ଼ ସମ୍ପର୍କ, ଯେଉଁଥିରେ ଜଣେ ଆଉ ଜଣଙ୍କୁ ହରେଇବାକୁ ଚାହେଁନି। ହେଲେ ଏହାର ଅର୍ଥ ନୁହେଁ ନିଜ ସାଥୀକୁ ସବୁବେଳେ ଆୟତ୍ତରେ ରଖିବା। ଅନେକେ ଏମିତି ଅଛନ୍ତି, ଯେଉଁମାନେ ନିଜ ସାଥୀ କେଉଁଆଡ଼େ ଗଲେ, କ'ଣ ପିନ୍ଧିଲେ, କ'ଣ କଲେ ଭଳି ପ୍ରତିଟି ଛୋଟ ବଡ଼ କଥାରେ ମୁଣ୍ଡ ଖେଳାଇଥା'ନ୍ତି। ଏମିତିକି ଅନ୍ୟ କାହା ସହ କଥା ହେଲେ ସହ୍ୟ କରିପାରନ୍ତି ନାହିଁ। ହେଲେ ପ୍ରତିଟି କଥାରେ ହସ୍ତକ୍ଷେପ କରିବା ଓ କେବଳ ନିଜ ଇଚ୍ଛା ଲଦିଦେବା ଏବଂ ପାର୍ଟନର ଏଥିରେ ରାଜି ନ ହେଲେ ରାଗିବା ଆଦି ଭଳି ଗୁଣ ଅନ୍ୟକୁ ଧୀରେ ଧୀରେ କଷ୍ଟ ଦେଇଥାଏ। ଆଉ ସେ ଏଭଳି ସମ୍ପର୍କରୁ ଦୂରେଇବାକୁ ଚେଷ୍ଟା କଲେ ଜଣେ ଜଣେ ପ୍ରତିଶୋଧ ପରାୟଣ ହୋଇ ପ୍ରେମିକା ବା ପ୍ରେମିକଙ୍କୁ କ୍ଷତି ପହଞ୍ଚାଇବାକୁ ବି ଭୁଲନ୍ତି ନାହିଁ। ତେଣୁ ନିଜ ସାଥୀଙ୍କର ଏଭଳି ଗୁଣ କଷ୍ଟ ଦେଉଥିଲେ ସମ୍ପର୍କ ଆଗକୁ ନ ବଢ଼ାଇ ପ୍ରଥମରୁ ହିଁ ଏଥିପ୍ରତି ସତର୍କ ହୋଇଯିବା ଭଲ।

**ସପୋର୍ଟ ନ କରିବା:** ପରସ୍ପରର କଥାକୁ ସମ୍ମାନ ଦେବା ଏବଂ ପ୍ରତିଟି କ୍ଷେତ୍ରରେ ସପୋର୍ଟ କରିବା ଏକ ଭଲ ସମ୍ପର୍କର ପରିଚୟ। ହେଲେ କେତେକ କ୍ଷେତ୍ରରେ ଜଣେ ଜଣେ ନିଜ ସାଥୀଙ୍କ ଭୁଲ୍ ବାଛିବାରେ ଅଧିକ ଗୁରୁତ୍ୱ ଦିଅନ୍ତି। ଏହାକୁ ନେଇ ଅନ୍ୟମାନଙ୍କ ଆଗରେ ହସିବା ବା ଅପମାନିତ କରିବାରେ ଆନନ୍ଦ ନିଅନ୍ତି। ହେଲେ ଏହି ଆଚରଣ ଯେ ତାଙ୍କୁ ମାନସିକ ଆଘାତ ଦେଉଥିବ, ସେ ଦିଗରେ ଆଦୌ ଧ୍ୟାନ ଦିଅନ୍ତି ନାହିଁ। ଯିଏ ପ୍ରଥମରୁ ସପୋର୍ଟ ନ କରୁଛନ୍ତି, ସେ ଭବିଷ୍ୟତରେ ଜଣେ ଭଲ ଜୀବନସାଥୀ ହୋଇ ପାରିବେ ତାହା କହିବା ସହଜ ନୁହେଁ। ତେଣୁ ଯଦି ଆପଣ ବି ନିଜ ସାଥୀଙ୍କ ଏହିଭଳି କାର୍ଯ୍ୟକୁ ନେଇ ଟେନ୍‌ସନ୍‌ରେ ରହୁଛନ୍ତି, ତେବେ ଯଥାଶୀଘ୍ର ଏଥିରୁ ନିଜକୁ ମୁକୁଳାଇ ନେବା ବୁଦ୍ଧିମତ୍ତାର କାର୍ଯ୍ୟ।

**ଈର୍ଷା ଓ ସନ୍ଦେହ:** କେତେଜଣ ନିଜ ସାଥୀଙ୍କୁ ଅନ୍ୟ ସହ କଥା ହେବାର ଦେଖିଲେ ଈର୍ଷା କରନ୍ତି। ଏମିତିକି ଏହାକୁ ନେଇ ସନ୍ଦେହ କରିବାକୁ ବି ପଛାନ୍ତି ନାହିଁ। ଯେଉଁଥିପାଇଁ ଅଯଥା ଯୁକ୍ତିତର୍କ ହୋଇଥାଏ। ଖାଲି ଏତିକି ନୁହେଁ, ନିଜ ପାର୍ଟନରର ଉନ୍ନତି ଦେଖିଲେ ଅବା କେହି ତାଙ୍କ ପ୍ରଶଂସା କଲେ ମଧ୍ୟ ଈର୍ଷାରେ ଏଣୁତେଣୁ କଥା କହିଥା'ନ୍ତି। ଭଲପାଇବା ଏବଂ ଈର୍ଷା ଉଭୟ ଭିନ୍ନ। ଏହାଦ୍ୱାରା ଅନ୍ୟକୁ ମାନସିକ ଚାପ ପଡ଼ିଥାଏ। ତେଣୁ ଏହି ସମ୍ପର୍କ ଧୀରେ ଧୀରେ ଅଧିକ ବିଷାକ୍ତ ହେବାରେ ଲାଗେ। ଯଦି ନିଜ ସାଥୀଙ୍କ ସହ ରିଲେଶନ୍‌ଶିପ୍ ଆପଣଙ୍କୁ ଖୁସି ଦେବା ପରିବର୍ତ୍ତେ ମାନସିକ ଚିନ୍ତା ବଢ଼ାଉଛି ତେବେ ବିଳମ୍ବ ନ କରି ଏଥିରୁ ଦୂରେଇଯିବା ଭଲ।

**ସ୍ୱାର୍ଥ:** ପ୍ରେମ ସର୍ବଦା ନିଃସ୍ୱାର୍ଥପର। ହେଲେ ବର୍ତ୍ତମାନ ସମୟରେ ଅନେକେ ଏହି ସମ୍ପର୍କକୁ ସ୍ୱାର୍ଥ ପାଇଁ ବ୍ୟବହାର କରୁଛନ୍ତି। କାହାଠାରୁ ଟଙ୍କା, କୌଣସି ଜିନିଷ ଅବା କାର୍ଯ୍ୟହାସଲ ପାଇଁ ପ୍ରେମକୁ ଏକ ମାଧ୍ୟମ ଭାବେ ସେମାନେ ବ୍ୟବହାର କରୁଛନ୍ତି। ହେଲେ ଯେତେବେଳେ ଏହାର ସତ ଜଣାପଡ଼େ ଏବଂ ବିଶ୍ୱାସ ଭାଙ୍ଗେ, ସେତେବେଳେ ଏହି ପ୍ରତାରଣାର ବିଷାକ୍ତ ସମ୍ପର୍କ ଯେ ଅନ୍ୟଜଣଙ୍କୁ କେତେ କଷ୍ଟଦିଏ; ସେ ଦିଗରେ ସେମାନେ ଆଦୌ ସଚେତନ ନୁହନ୍ତି। ଯାହା ଫଳରେ ରାଗ, ଝଗଡ଼ା, ମାର୍‌ପିଟ୍, ହତ୍ୟା କିମ୍ବା ଆତ୍ମହତ୍ୟା ଭଳି ଅଭାବନୀୟ ଘଟଣା ସାମ୍ନାକୁ ଆସେ। ତେଣୁ ଯଦି ସାଥୀ ନିଜ ସ୍ୱାର୍ଥ ପାଇଁ ଆପଣଙ୍କୁ ବ୍ୟବହାର କରୁଥାଏ, ତେବେ ଏଭଳି ସମ୍ପର୍କକୁ ଭାଙ୍ଗିଦେବା ଭଲ।

**ସଂଯମତାର ଅଭାବ:** ବର୍ତ୍ତମାନ ଅନେକ ଯୁବପିଢ଼ିଙ୍କଠାରେ ସଂଯମତାର ଅଭାବ ଦେଖିବାକୁ ମିଳୁଛି। କାହା ସହ ପ୍ରେମ ସମ୍ପର୍କ ଗଢ଼ି ଉଠିବା ମାତ୍ରେ କଥା ହେବା, ଫଟୋ, ଭିଡିଓ ଶେୟାର କରିବା ଏବଂ ଏକାଠି ବୁଲିଯିବା ଏକ ସାଧାରଣ କଥା ପାଲଟିଯାଉଛି। କେବଳ ଏତିକି ନୁହେଁ, କେହି କେହି ବିବାହ ପୂର୍ବରୁ ଏକାଠି ଲିଭ୍–ଇନ୍‌ରେ ରହୁଥିବା ବି ଦେଖିବାକୁ ମିଳୁଛି। ହେଲେ ପରବର୍ତ୍ତୀ ସମୟରେ ଅନ୍ୟ କାହା ସହ ମିଳାମିଶା କରିବା କିମ୍ବା ଉଭୟଙ୍କ ମଧ୍ୟରେ ମନ ନ ମିଶିବା କାରଣରୁ ବାରମ୍ବାର ଝଗଡ଼ା ହେବା ଭଳି ଘଟଣା ଦେଖିବାକୁ ମିଳୁଛି। କେହି କେହି ସମ୍ପର୍କ ବଞ୍ଚାଇବା ଲାଗି କଷ୍ଟରେ ରହୁଥିବା ବେଳେ ଆଉ କେହି ଆତ୍ମହତ୍ୟା କରିବାକୁ ବି ପଛାଉ ନାହାନ୍ତି। ହେଲେ ଏପରି କରିବା ପରିବର୍ତ୍ତେ ନିଜକୁ ଦୃଢ଼ କରି ଏଭଳି ରିଲେଶନ୍‌ଶିପ୍‌ରୁ ନିଜକୁ ନିବୃତ୍ତ ରଖନ୍ତୁ। ତେବେ ଆଜିର ଦିନରେ ସବୁଠୁ ବଡ଼ କଥା ହେଉଛି କାହାକୁ ଆବଶ୍ୟକତାଠାରୁ ଅଧିକ ବିଶ୍ୱାସ କରନ୍ତୁ ନାହିଁ କିମ୍ବା ନିଜ ସଂଯମତା ରକ୍ଷା କରିବାକୁ ଭୁଲନ୍ତୁ ନାହିଁ।









# ସ୍ମାର୍ଟ ଜିମ୍ ଗ୍ୟାଜେଟ୍ସ

ଆଜିକାଲି ନିଜକୁ ଫିଟ୍ ରଖିବା ଲାଗି ଅନେକେ ଜିମ୍ ଯିବା ସହ ଘରେ ବି ବିଭିନ୍ନ ଜିମ୍ ଗ୍ୟାଜେଟ୍ ବ୍ୟବହାର କରୁଛନ୍ତି। ତେବେ ଏକ୍ସରସାଇଜ୍ ମନିଟରିଂ କରିବା ସହ ଏଣ୍ଟରଟେନ୍‌ମେଣ୍ଟ ପାଇଁ ମ୍ୟୁଜିକ୍ ସୁବିଧା ଯୋଗାଇ ଦେଉଥିବା ସ୍ମାର୍ଟ ଜିମ୍ ଗ୍ୟାଜେଟ୍‌ର ବର୍ତ୍ତମାନ ବଢ଼ୁଛି ଡିମାଣ୍ଡ ...



**ଫିଟ୍‌ନେସ୍ ଟ୍ରାକର ବ୍ୟାଣ୍ଡ:** ଏହି ବ୍ୟାଣ୍ଡ ଦିନକୁ କେତେ ଷ୍ଟେପ୍ ଚାଲିଲେ, କେତେ କ୍ୟାଲୋରି ବର୍ଣ୍ଣ କଲେ, ହାର୍ଟବିଟ୍ ୍ କେତେ ଇତ୍ୟାଦି ସୂଚନା ଦେଇଥାଏ। କେବଳ ଏତିକି ନୁହେଁ, ଏଥିରେ ବ୍ୟାଟେରି ବ୍ୟାକ୍‌ଅପ୍ ଭଲ ଅର୍ଥାତ୍ ଚାର୍ଜ ୪ରୁ ୫ ଦିନ ପର୍ଯ୍ୟନ୍ତ ରହୁଥିବା ବେଳେ ୩୦୦ରୁ ଅଧିକ ଗୀତ ଷ୍ଟୋର କରି ରଖି ହେଉଥିବାରୁ ବର୍ତ୍ତମାନ ଅଧିକାଂଶ ଏହାକୁ ପସନ୍ଦ କରୁଛନ୍ତି। ଏହାକୁ ଜିପିଏସ୍ ସହ କନେକ୍ଟ କରି ନିଜର ଲୋକେଶନ୍ ସମ୍ପର୍କିତ ବିଭିନ୍ନ ତଥ୍ୟ ବି ଜାଣିପାରିବେ।

**ବୋଫ୍ଲେକ୍ସ ଡମ୍‌ବେଲ:** ଏହି ଡମ୍‌ବେଲ୍ ଫିଟ୍‌ନେସ୍ ଟ୍ରାକ୍ କରି ମୋବାଇଲ୍‌କୁ ଡାଟା ପଠାଇଥାଏ। ଏଥିରେ ୫ ପାଉଣ୍ଡରୁ ୬୦ ପାଉଣ୍ଡ ପର୍ଯ୍ୟନ୍ତ ଓଜନର ରିଙ୍ଗ୍ ଲାଗିଛି, ଯାହାକୁ ନିଜର ଆବଶ୍ୟକତା ଅନୁଯାୟୀ ଆଡ୍‌ଜଷ୍ଟ କରାଯାଇପାରୁଛି। ତେଣୁ ଏହି ସ୍ମାର୍ଟ ଡମ୍‌ବେଲ୍ ବ୍ୟବହାର କରିବା ଦ୍ୱାରା ପୂର୍ବଭଳି ଆଉ ଏକାଧିକ ଡମ୍‌ବେଲ୍ ରଖିବା ଆବଶ୍ୟକ ହେଉନାହିଁ। ତା'ଛଡା ଏହା ଫୋନ୍ ସହ ବ୍ଲୁଟୁଥ୍‌ରେ କନେକ୍ଟ ହୋଇପାରୁଥିବାରୁ ମ୍ୟୁଜିକ୍ ଶୁଣି ଶୁଣି ଏକ୍ସରସାଇଜ କରିବା ସହଜ ହୋଇଯାଇଛି।

**ଯୋଗ ମ୍ୟାଟ:** ବର୍ତ୍ତମାନ ମିଳୁଥିବା ବିଭିନ୍ନ ସ୍ମାର୍ଟ ଯୋଗ ମ୍ୟାଟକୁ ଏଭଳି ଡିଜାଇନ୍ କରାଯାଇଛି, ଯାହା ଉପରେ ବସି କିମ୍ବା ଶୋଇ ଯୋଗ କଲେ କହୁଣି, ଆଣ୍ଠୁ ଆଦି ଗଣ୍ଠି ସ୍ଥାନଗୁଡ଼ିକରେ ଆଦୌ ଚାପ ପଡ଼େନାହିଁ। ଏହା ଲଙ୍ଗ୍ ଲାଷ୍ଟିଙ୍ଗ୍ ଏବଂ ରୋଲ୍ କରି କ୍ୟାରି କରିବା ବି ଖୁବ୍ ସହଜ ହେଉଥିବାରୁ ଅନେକେ ଏହା ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ, ଏଥିରେ ମୋବାଇଲ୍ ଫୋନ୍ ସହ ବ୍ଲୁଟୁଥ୍ କନେକ୍ଟ ହେବାର ସ୍ପେଶାଲ୍ ଫିଚର ଫିଟ୍‌ନେସ୍ ମନିଟର କରିବାରେ ବେଶ୍ ସାହାଯ୍ୟ କରୁଛି।



**ଥର୍ମୋସ୍ ସ୍ମାର୍ଟ ହାଇଡ୍ରେଶନ୍ ବଟଲ୍:** ଏକ୍ସରସାଇଜ୍ ସମୟରେ ଶରୀରର ଜଳୀୟାଂଶ ଠିକ୍ ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା। ଆଉ ଏଥିପ୍ରତି ନଜର ରଖିବା ଲାଗି ବର୍ତ୍ତମାନ ବେଶ୍ କାମରେ ଆସୁଛି ଥର୍ମୋସ୍ ସ୍ମାର୍ଟ ହାଇଡ୍ରେଶନ୍ ବଟଲ୍। ଏହା ଶରୀରକୁ କେବେ ଏବଂ କେତେ ମାତ୍ରାରେ ପାଣି ଆବଶ୍ୟକ ସୂଚାଇ ଦେବାରେ ସାହାଯ୍ୟ କରୁଛି।

**ଫିଟ୍‌ନେସ୍ ମିରର୍:** ଏହା ଏକ ଏଭଳି ଇଣ୍ଟରଆକ୍ଟିଭ୍ ମିରର୍ ଯେଉଁଥିରେ ଅନ୍‌ସ୍କ୍ରିନ୍ ଏକ୍ସରସାଇଜ୍ ଭିଡିଓ ସହିତ ଆପଣ ଠିକ୍ ଭାବେ ଏକ୍ସରସାଇଜ୍ କରୁଛନ୍ତି କି ନାହିଁ ସୂଚାଇଥାଏ। ଏହାର ବିଭିନ୍ନ ଲାଟେଷ୍ଟ ଫିଚର ପାଇଁ ବର୍ତ୍ତମାନ ଏଥିପ୍ରତି ଯୁବପିଢ଼ିଙ୍କ ଆଗ୍ରହ ବଢ଼ୁଥିବାର ଦେଖିବାକୁ ମିଳୁଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. R.N. 21326/74 Postal Regd. No. BN/42/21-23. | ଭୁବନେଶ୍ୱର, ରବିବାର, ୩୦ ଜୁଲାଇ, ୨୦୨୩ | Bhubaneswar, Sunday, July 30, 2023

# ଟେନିସ୍‌ର ବିକଳ୍ପ ପିକଲ୍ ବଲ୍


ମାରିଆ ଶାରାପୋଭା

ପିକଲ୍ ବଲ୍ ଏକ ଏମିତି ଖେଳ, ଯାହା ସମ୍ପର୍କରେ ସାଧାରଣ ଲୋକଙ୍କ ପାଖରେ ବିଶେଷ ସୂଚନା ଉପଲବ୍ଧ ନ ଥାଏ। ଏହାର ଖେଳିବା ଶୈଳୀ ଓ ନିୟମ ପ୍ରାୟତଃ ଲନ୍ ଟେନିସ୍ ପରି। ତେବେ ଏହା ସାଧାରଣ ଟେନିସ୍ ବଲ୍ ପରିବର୍ତ୍ତେ ପ୍ଲାଷ୍ଟିକ୍ ବଲ୍ ଓ କାଠର ର୍ୟାକେଟରେ ଖେଳାଯାଏ। କାଠର ର୍ୟାକେଟ୍‌ଟି ଟେବଲ ଟେନିସ୍ ପ୍ୟାଡେଲ ଆକୃତିର ରହିଥାଏ। ଟେନିସ୍ ପରି ଏଥିରେ ମଧ୍ୟ ଏକ ନେଟ୍ ରୁହେ, ଯାହାର ଉଚ୍ଚତା ୦.୩୪ ଇଞ୍ଚ(୦.୮୬ ମିଟର) ରହିଥାଏ। ଏଥିରେ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସ ବର୍ଗରେ ଖେଳାଳିମାନେ ଅଂଶଗ୍ରହଣ କରିଥାନ୍ତି। ଏହା ଏକ ଅଣ ଅଲିମ୍ପିକ୍ସ ଖେଳ ହୋଇଥିବା ବେଳେ ବିଶ୍ୱର ଅନେକ ସ୍ଥାନରେ ଏହାକୁ ଭିନ୍ନ ଭିନ୍ନ ନାମରେ ଖେଳା ଯାଏ। ଉଭୟ ଇନ୍‌ଡୋର ଓ ଆଉଟ ଡୋରରେ ଏହା ଖେଳା ଯାଇଥାଏ।

## ଇତିହାସ

ଏହି ଖେଳର ଇତିହାସ ବେଶ୍ ଲମ୍ବା। ୧୯୬୫ ମସିହାରେ ଏହି ଖେଳ ଆରମ୍ଭ ହୋଇଥିଲା। ଆମେରିକୀୟ ସହର ୱାଶିଂଟନ୍‌ରେ ଏହି ଖେଳ ଆରମ୍ଭ ହୋଇଥିବା ବେଳେ ସଂସଦର ସଦସ୍ୟ ରହିଥିବା ଜୋଏଲ ପ୍ରିଚାର୍ଡ ଏହି ଖେଳର ଆବିଷ୍କାର କରିଥିଲେ। ଥରେ ନିଜ ସାଙ୍ଗମାନଙ୍କ ସହିତ ଗଲ୍ଫ ଖେଳି ଫେରିବା ପରେ ଘରେ ପିଲାମାନେ ବୋର୍ ହେଉଥିବା ସେ ଦେଖିଥିଲେ। ବାଡି ପଛରେ ବ୍ୟାଡ୍‌ମିଣ୍ଟନ ଖେଳିବା ଲାଗି ସଟଲ୍ କକ୍ ନ ମିଳିବାରୁ ଏହି ଖେଳର ଉଦ୍ଭାବନ ହୋଇଥିଲା। ବର୍ତ୍ତମାନ ଏହା ୱାଶିଂଟନ୍‌ର ଜାତୀୟ କ୍ରୀଡାର ମାନ୍ୟତା ପାଇଛି।

## ନିୟମ

ଏହି ଖେଳର ଏକ ସ୍ୱତନ୍ତ୍ର ନିୟମ ରହିଛି। ଏହି ଖେଳ ପାଇଁ କୋର୍ଟର ଆକାର ୪୪ ଫୁଟ ଲମ୍ବା ଓ ୨୦ ଫୁଟ ଚଉଡା ରହିଥାଏ। ଏଥିରେ ବ୍ୟବହୃତ ହେଉଥିବା ର୍ୟାକେଟ ବ୍ୟାଡ୍‌ମିଣ୍ଟନ ପ୍ୟାଡେଲଠାରୁ ଟିକିଏ ବଡ ରହିଥାଏ। ଏଥିରେ ପ୍ରଥମ ସର୍ଭିସରେ ମଧ୍ୟ ଖେଳାଳି ପଏଣ୍ଟ ସ୍କୋର କରିଥାନ୍ତି।

## ଲୋକପ୍ରିୟତା

ଏହି କ୍ରୀଡା ସମଗ୍ର ବିଶ୍ୱରେ ଆଦୃତି ହାସଲ କରିବାରେ ଲାଗିଥିବା ବେଳେ ଭିନ୍ନ ଭିନ୍ନ ରାଷ୍ଟ୍ରରେ ଏହାକୁ ଭିନ୍ନ ନାମରେ ଖେଳା ଯାଇଥାଏ। ହାୱାଇ ଦ୍ୱୀପପୁଞ୍ଜରେ ଏହାକୁ ପୁକା ବଲ୍ ଓ ନ୍ୟୁଜିଲାଣ୍ଡରେ ପୁକା ବୋଲି କୁହାଯାଏ। ସମଗ୍ର ବିଶ୍ୱର ୪୮ ଲକ୍ଷ ଲୋକ ଏହି ଖେଳ ଖେଳିଥାନ୍ତି। ୨୦୨୧-୨୦୨୩ ମଧ୍ୟରେ ଏହା ଆମେରିକାର ସବୁଠାରୁ ଲୋକପ୍ରିୟ ଖେଳ ରହିଛି। ବିଶ୍ୱର ୫୮ ରାଷ୍ଟ୍ର ଏହି ଖେଳ ସହିତ ଜଡିତ ଅଛନ୍ତି।

## ପିକଲ୍ ବଲ୍ ଲିଗ୍

୨୦୨୧ ପର୍ଯ୍ୟନ୍ତ ବିଭିନ୍ନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇ ପିକଲ୍ ବଲ୍‌କୁ ଲୋକପ୍ରିୟତା ପ୍ରଦାନ କରିଥିଲା। ତେବେ ପ୍ରଥମ ଥର ପାଇଁ ଏହାର ଏକ ଲିଗ୍ ଆୟୋଜିତ ହୋଇଥିଲା। ନ୍ୟାଶନାଲ ବାସ୍କେଟ ବଲ୍ ଲିଗ୍ ପରି ଆୟୋଜିତ ହୋଇଥିବା ଲିଗ୍‌ର ପ୍ରଥମ ସିଜନରେ ଆଣ୍ଡି ରଡିକ୍ ଓ ଆନ୍ଦ୍ରେ ଆଗାସୀଙ୍କ ପରି ଖେଳାଳି ଭାଗ ନେଇଥିଲେ। ଏଥିରେ ୧ ମିଲିୟନ୍ ଡଲାରର ପୁରସ୍କାର ରାଶି ରହିଥିବା ବେଳେ ଏହା ଇଏସପିଏନ୍‌ରେ ପ୍ରସାରିତ ହୋଇଥିଲା। ୨୦୨୪ରେ ଦ୍ୱିତୀୟ ସଂସ୍କରଣ ଖେଳାଯିବାକୁ ଥିବା ବେଳେ ଏଥିରେ ମାରିଆ ଶାରାପୋଭା, ଜନ୍ ମ୍ୟାକନୋର, ଆନ୍ଦ୍ରେ ଆଗାସୀ ଓ ଷ୍ଟେଫି ଗ୍ରାଫ୍‌ଙ୍କ ପରି କିମ୍ବଦନ୍ତୀ ଖେଳାଳି ଭାଗନେବେ। ଶାରାପୋଭା ଓ ମ୍ୟାକନୋର ଗୋଟିଏ ଦଳରେ ଏବଂ ଆଗାସୀ ଓ ଷ୍ଟେଫି ଅନ୍ୟ ଦଳରେ ରହିବା ସହିତ ପରସ୍ପର ବିପକ୍ଷରେ ଖେଳିବେ। ପ୍ରଥମ ସିଜନରେ ୬ ଲକ୍ଷ ୬୯ ହଜାର ଦର୍ଶକ ଏହାକୁ ଦେଖିଥିବା ବେଳେ ଦ୍ୱିତୀୟ ସିଜନରେ ଏହାର ଲୋକପ୍ରିୟତା ଅଧିକ ବଢିବା ଆଶା କରାଯାଉଛି। ୪ ଫେବୃଆରୀ ୨୦୨୪ରେ ଏହି ବହୁ ପ୍ରତୀକ୍ଷିତ ମ୍ୟାଚ୍‌ଟି ଖେଳାଯିବ।

– ସରୋଜ ଜେନା

# ଦୃଢ଼ ସ୍ଥିତିରେ ଇଂଲଣ୍ଡ


ସୁଇପ୍ ଶଟ୍ ଖେଳୁଛନ୍ତି ଜ୍ୟାକ୍ କ୍ରଲି।

**ଲଣ୍ଡନ, ୨୯।୭**

ଆଶେସ୍ ଟେଷ୍ଟ ସିରିଜ୍‌ର ଅନ୍ତିମ ମ୍ୟାଚ୍‌ର ତୃତୀୟ ଦିନରେ ଅର୍ଦ୍ଧଶତକ ହାସଲ କରିଛନ୍ତି ଇଂଲଣ୍ଡର ଜୋ ରୁଟ୍, ଜ୍ୟାକ୍ କ୍ରଲି ଓ ଜନି ବେୟାରଷ୍ଟୋ। ୩ଖେଳାଳିଙ୍କ ଅର୍ଦ୍ଧଶତକ ବଳରେ ତୃତୀୟ ଦିନର ଷ୍ଟମ୍ପସ ସୁଦ୍ଧା ଇଂଲଣ୍ଡ ୮୦ ଓଭରରେ ୯ ଉଇକେଟ ହରାଇ ୩୮୯ ରନ୍ ସଂଗ୍ରହ କରିଛି। ହାତରେ ୨ ଉଇକେଟ ବାକି ରହିଥିବା ବେଳେ ଇଂଲଣ୍ଡ ୩୭୭ ରନ୍‌ର ଅଗ୍ରଣୀ ସହିତ ଦୃଢ ସ୍ଥିତିରେ ରହିଛି।

ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ ୧୨ ରନ୍‌ରେ ଆଗୁଆ ରହିଥିଲା। ତୃତୀୟ ଦିନରେ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ବାଜବଲ୍ ରଣନୀତିରେ ଖେଳିଥିଲା। ଦୁଇ ଓପନର ଜ୍ୟାକ୍ କ୍ରଲି (୭୩ ରନ୍) ଓ ବେନ୍ ଡକେଟ୍(୪୨ରନ୍) ପ୍ରଥମ ଉଇକେଟରେ ୭୯ ରନ୍ ଯୋଡିଥିଲେ। ଡକେଟ୍ ଆଉଟ ହେବା ପରେ ଅଧିନାୟକ ବେନ୍ ଷ୍ଟୋକ୍ସ କ୍ରିଜ୍‌ରେ ଯୋଗ ଦେଇଥିଲେ। ୪୨ ରନ୍ କରିବା ସହିତ ଜ୍ୟାକ କ୍ରଲିଙ୍କୁ ସାଥୀ କରି ଦ୍ୱିତୀୟ ଉଇକେଟରେ ସେ ୬୧ ରନ୍ ଯୋଡିଥିଲେ। ୭୬ ବଲ୍ ଖେଳି ୯ ଚୌକା ସହିତ ୭୩ ରନ୍ କରି କ୍ୟୁମିନ୍ସଙ୍କ ବଲରେ ଆଉଟ ହୋଇଥିଲେ କ୍ରଲି। ଏହା ପରେ ଜୋ ରୁଟ୍ କ୍ରିଜ୍‌ରେ ଯୋଗ ଦେବା ସହିତ ରନ୍ ଗତି ବଢାଇଥିଲେ। ତୃତୀୟ ଉଇକେଟରେ ସେ ଷ୍ଟୋକ୍ସଙ୍କ ସହିତ ମିଶି ୭୩ ରନ୍ ଯୋଡିଥିଲେ। ଟଡ୍ ମର୍ଫିଙ୍କୁ ବଡ ଶଟ୍ ଖେଳିବାକୁ ଯାଇ ଷ୍ଟୋକ୍ସ ଆଉଟ ହୋଇଥିଲେ। ୬୭ ବଲ୍ ଖେଳି ୩ ଚୌକା ଓ ୧ ଛକା ମାରିଥିଲେ। ରୁଟ୍ (୯୧) ଓ ବେୟାରଷ୍ଟୋ(୭୮)ଙ୍କ ମଧ୍ୟରେ ୧୧୦ ରନ୍‌ର ପାର୍ଟନରଶିପ୍ ଦଳକୁ ଦୃଢ ସ୍ଥିତିରେ ପହଞ୍ଚାଇଥିଲା। ରୁଟ୍ ୧୦୬ ବଲ୍ ଖେଳି ୧୧ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟପକ୍ଷରେ ବେୟାରଷ୍ଟୋ ୧୦୩ ବଲ୍ ଖେଳି ୧୧ ଚୌକା ମାରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ୍ ଷ୍ଟାର୍କ ସର୍ବାଧିକ ୪ ଓ ଟଡ୍ ମର୍ଫି ୩ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ପ୍ରଥମ ଇନିଂସ-୨୮୩।
ଅଷ୍ଟ୍ରେଲିଆ ପ୍ରଥମ ଇନିଂସ-୨୯୫।
ଇଂଲଣ୍ଡ ଦ୍ୱିତୀୟ ଇନିଂସ (ଅସମାପ୍ତ) ୮୦ ଓଭରରେ ୩୮୯/୯ (ଜୋ ରୁଟ୍-୯୧, ଜ୍ୟାକ୍ କ୍ରଲି-୭୩, ଜନି ବେୟାରଷ୍ଟୋ-୭୮, ମିଚେଲ୍ ଷ୍ଟାର୍କ-୪/୯୪, ଜୋଶ ହାଜେଲଉଡ୍-୧/୭୯, ଟଡ ମର୍ଫି-୩/୧୧୦)।

## ଆଶେସ୍ ଟେଷ୍ଟ

### ମାନସିକ ରୋଗୀଙ୍କ ପାଇଁ ଜର୍ସି ପରିବର୍ତ୍ତନ

**ଲଣ୍ଡନ, ୨୯।୭(ପି.ଟି.)**

ତୃତୀୟ ଆଶେସ୍ ଟେଷ୍ଟରେ ଇଂଲଣ୍ଡ ଦଳର ଖେଳାଳିମାନେ ଏକ ଅନନ୍ୟ ଉପାୟରେ ମାନସିକ ରୋଗୀ(ଡେମେନ୍ସିଆ) ମାନଙ୍କୁ ସମର୍ଥନ କରିଛନ୍ତି। ପଞ୍ଚମ ଟେଷ୍ଟର ତୃତୀୟ ଦିବସରେ ଇଂଲଣ୍ଡ ଖେଳାଳିମାନେ ଭିନ୍ନ ଭିନ୍ନ ଖେଳାଳିଙ୍କ ଜର୍ସିରେ ନଜର ଆସିଥିଲେ। ମାନସିକ ରୋଗରେ ପୀଡିତ ବ୍ୟକ୍ତିମାନଙ୍କ ସମ୍ବେଦନଶୀଳତା ବୁଝିବା ପାଇଁ ଇଂଲଣ୍ଡ ଦଳ ପକ୍ଷରୁ ଏହି ପ୍ରୟାସ କରାଯାଇଥିଲା। ଇଂଲଣ୍ଡ କ୍ରିକେଟ ବୋର୍ଡ(ଇସିବି) ଓ ଅଲଝାଇମର ସୋସାଇଟି ପକ୍ଷରୁ ମିଳିତ ଭାବରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ସେମିଫାଇନାଲରୁ ଲକ୍ଷ୍ୟ ସେନ୍‌ଙ୍କ ବିଦାୟ

**ଟୋକିଓ, ୨୯।୭ (ପି.ଟି.)**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଏଠାରେ ଚାଲିଥିବା ଜାପାନ ଓପନ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ପୁରୁଷ ସିଙ୍ଗଲ୍ସର ଏକ ସେମିଫାଇନାଲରେ ସେ ବିଶ୍ୱର ନମ୍ବର ୯ ଖେଳାଳି ତଥା ଏସିଆନ ଗେମ୍ସ ଚାମ୍ପିୟନ ଇଣ୍ଡୋନେସିଆର ଜୋନାଟାନ କ୍ରିଷ୍ଟିଙ୍କଠାରୁ ୨୧-୧୫, ୧୩-୨୧, ୨୧-୧୬ରେ ହାରିଯାଇଛନ୍ତି। ସୂଚନାଯୋଗ୍ୟ, ଏଚ୍.ଏସ୍. ପ୍ରଣୟ ଏବଂ ଚିରାଗ ଶେଟ୍ଟି-ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଡବଲ୍ସ ଯୋଡ଼ି ସେମାନଙ୍କ ମ୍ୟାଚ ହାରି ଟୁର୍ନାମେଣ୍ଟରୁ ବିଦାୟ ନେଇସାରିଛନ୍ତି।

## ଲାଲ୍‌ରେମ୍‌ସିଆମିଙ୍କ ହ୍ୟାଟ୍ରିକ୍: ଇଂଲଣ୍ଡକୁ ୩-୦ରେ ହରାଇଲା ଭାରତ

**ବାର୍ସିଲୋନା, ୨୯।୭(ପି.ଟି.)**

ସ୍ପାନିଶ ହକି ମହାସଂଘର ଶତବାର୍ଷିକୀ ଅବସରରେ ଆୟୋଜିତ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଷ୍ଟ୍ରାଇକର ଲାଲ୍‌ରେମ୍‌ସିଆମିଙ୍କ ଏକ ହ୍ୟାଟ୍ରିକ୍ ବଳରେ ଭାରତୀୟ ମହିଳା ଦଳ ୩-୦ ଗୋଲ୍‌ରେ ଇଂଲଣ୍ଡକୁ ପରାସ୍ତ କରିଛି। ଲାଲ୍‌ରେମ୍‌ସିଆମି ଖେଳର ୧୩ତମ, ୧୭ତମ ଓ ୫୬ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ଟୁର୍‌ରେ ଭାରତର ଏହା ପ୍ରଥମ ବିଜୟ। ପୂର୍ବରୁ ଇଂଲଣ୍ଡ (୧-୧) ଓ ସ୍ପେନ (୨-୨)ବିପକ୍ଷରେ ଖେଳିଥିବା ଦୁଇଟି ମ୍ୟାଚ ଡ୍ର ରଖିଥିଲା। ସବିତାଙ୍କ ଅଧିନାୟକତ୍ୱରେ ଅପରାଜିତ ରହିଥିବା ଭାରତୀୟ ମହିଳା ଦଳ ଟେବୁଲ ଟପ୍ପର ହିସାବରେ ଟୁର୍ନାମେଣ୍ଟର ଶେଷ ମ୍ୟାଚ ସ୍ପେନ ବିପକ୍ଷରେ ଖେଳିବ। ପ୍ରଥମ କ୍ୱାର୍ଟରେ ଖେଳରେ ଇଂଲଣ୍ଡ ଦ୍ରୁତ ଆକ୍ରମଣାତ୍ମକ ଖେଳିଥିଲା। ଭାରତ ସତର୍କତାର ସହ ଖେଳି ବିପକ୍ଷ ଦଳକୁ କୌଣସି ସୁଯୋଗ ଦେଇ ନ ଥିଲା। ପ୍ରଥମେ ନେହା ଗୋୟଲ ଚମତ୍କାର ପ୍ରୟାସ କରି ଗୋଲ ସୁଯୋଗ ସୃଷ୍ଟି କରିଥିଲେ। ଇଂଲଣ୍ଡ ରକ୍ଷଣଭାଗ ଖେଳାଳିଙ୍କ ଦୃଢ ପ୍ରତିରୋଧ ଯୋଗୁ ସେ ବିଫଳ ହୋଇଥିଲେ। ଏହାର କିଛି ମିନିଟ ପରେ ଭାରତ ଆଉ ଏକ ଉଦ୍ୟମ କରିଥିଲା। ଅଭିଜ୍ଞ ଦୀପଗ୍ରେସ୍ ଏକ୍କାଙ୍କ ଏକ ପାସ୍‌କୁ ୧୩ତମ ମିନିଟ୍‌ରେ ଗୋଲ୍‌ରେ


ଲାଲ୍‌ରେମ୍‌ସିଆମି

ପରିଣତ କରିଥିଲେ ଲାଲ୍‌ରେମସିଆମି। ପ୍ରାରମ୍ଭରେ ଗୋଲ ସ୍କୋର କରିବା ପରେ ଭାରତର ମନୋବଳ ବୃଦ୍ଧି ପାଇଥିଲା। ଦ୍ୱିତୀୟ କ୍ୱାର୍ଟରେ ଖେଳର ୧୭ତମ ମିନିଟ୍‌ରେ ଲାଲ୍‌ରେମସିଆମି ତାଙ୍କର ଦ୍ୱିତୀୟ ଏବଂ ୫୬ତମ ମିନିଟ୍‌ରେ ସେ ତାଙ୍କ ତୃତୀୟ ଗୋଲ୍ ସ୍କୋର କରି ଭାରତକୁ ୩-୦ରେ ଜିତାଇଥିଲେ।

# କିଶନଙ୍କ କ୍ରମାଗତ ଅର୍ଦ୍ଧଶତକ


ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଇଶାନ କିଶନ।

**ବାର୍ବାଡୋସ୍, ୨୯।୭**

ବାର୍ବାଡୋସର କେନସିଙ୍ଗଟନ୍ ଓଭାଲରେ ଅନୁଷ୍ଠିତ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ଭାରତର ଇଶାନ୍ କିଶନ୍ ଅର୍ଦ୍ଧଶତକ ହାସଲ କରିଛନ୍ତି। କିଶନଙ୍କ ପଞ୍ଚମ ଅର୍ଦ୍ଧଶତକ ସତ୍ତ୍ୱେ ଅନ୍ୟ ବ୍ୟାଟରମାନେ ରନ୍ ସଂଗ୍ରହରେ ବିଫଳ ହେବାରୁ ଭାରତ ୪୦.୫ ଓଭରରେ ୧୮୧ ରନରେ ଅଲଆଉଟ ହୋଇଥିଲା। ଜବାବରେ ଖବର ପ୍ରସ୍ତୁତି ସୁଦ୍ଧା ୱେଷ୍ଟଇଣ୍ଡିଜ ୧୫ ଓଭରରେ ୩ ଉଇକେଟ ହରାଇ ୮୪ ରନ୍ ସଂଗ୍ରହ କରିଛି। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ବିନା ଭାରତ ଖେଳୁଥିବା ବେଳେ ଇଶାନ କିଶନ ଓ ଶୁବମାନ ଗିଲ୍ ପୁଣି ଥରେ ଓପନ୍ କରିଥିଲେ। ରୋହିତଙ୍କ ସ୍ଥାନରେ ହାର୍ଦ୍ଦିକ ପାଣ୍ଡ୍ୟା ଦଳର ନେତୃତ୍ୱ ନେଉଛନ୍ତି। ରୋହିତ ଓ କୋହଲିଙ୍କ ସ୍ଥାନରେ ସଞ୍ଜୁ ସାମସନ୍ ଓ ଅକ୍ଷର ପଟେଲଙ୍କୁ ବଦଳ ଖେଳାଳି ଭାବରେ ଦଳରେ ସାମିଲ କରାଯାଇଛି।

ଟସ୍ ଜିତି ୱେଷ୍ଟଇଣ୍ଡିଜ୍ ପ୍ରଥମେ ବୋଲିଂ ନେଇଥିଲା। ଗିଲ୍-ଇଶାନ୍ ସତର୍କତାର ସହିତ ଇନିଂସ ଆରମ୍ଭ କରିଥିଲେ। ଉଭୟ ଖେଳାଳି ଏକ ଅର୍ଦ୍ଧଶତକୀୟ ଭାଗୀଦାରି କରିବା ସହିତ ପ୍ରଥମ ଉଇକେଟରେ ୯୦ ରନ୍ ଯୋଡ଼ିଥିଲେ। ତେବେ ଅନ୍ତିମ ୯ ଉଇକେଟ ମାତ୍ର ୯୧ ରନ୍ ମଧ୍ୟରେ ଖସିଥିଲା। ୧୬ ତମ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚରୁ ପଞ୍ଚମ ଅର୍ଦ୍ଧଶତକ ମାରିଥିବା କିଶାନ ଆଉ ଥରେ ଚମତ୍କାର ବ୍ୟାଟିଂ କରିବା ସହିତ ୫୫ ବଲ୍‌ରୁ ୫୫ ରନ୍ ସ୍କୋର କରିଥିଲେ। ଏହି ଇନିଂସରେ ୬ ଚୌକା ଓ ୧ ଛକା ସାମିଲ ଥିଲା। ପ୍ରଥମ ଉଇକେଟରେ ୯୦ ରନ୍ ଯୋଡିବା ପରେ ସ୍ପିନର ଗୁଡାକେଶ ମୋତିଙ୍କୁ ବଡ ଶଟ୍ ଖେଳିବାକୁ ଯାଇ ଶୁବମାନ ଗିଲ୍ ଲଙ୍ଗ ଅଫ୍ ବାଉଣ୍ଡ୍ରିରେ କ୍ୟାଚ୍ ଆଉଟ ହୋଇଥିଲେ। ଏହାର ୪ ବଲ୍ ମଧ୍ୟରେ ଇଶାନ କିଶନ ମଧ୍ୟ ପ୍ୟାଭିଲିୟନ ଫେରିଥିଲେ। ଆଲିକ୍ ଅଥାନଜେ ପଏଣ୍ଟରେ ଏକ ଚମତ୍କାର କ୍ୟାଚ୍ ଜରିଆରେ କିଶନଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ଏକଦା ୯୦/୦ ଥିବା ଭାରତ ପରବର୍ତ୍ତୀ ୨୩ ରନ୍‌ରେ ୫ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ଏହି ମ୍ୟାଚରେ ସୁଯୋଗ ପାଇଥିବା ଅକ୍ଷର

## ଦ୍ୱିତୀୟ ଦିନିକିଆ

ପଟେଲ(୧), ହାର୍ଦ୍ଦିକ୍ ପାଣ୍ଡ୍ୟା(୭) ଓ ସଞ୍ଜୁ ସାମସନ୍(୯) ନିରାଶ କରିଥିଲେ। ପାଣ୍ଡ୍ୟା ଓ ସାମସନ୍ ଲଗାତାର ବଲରେ ଆଉଟ ହୋଇ ଭାରତକୁ ସଙ୍କଟରେ ପକାଇଥିଲେ। ତେବେ ସୂର୍ଯ୍ୟକୁମାର ଓ ଜାଡେଜାଙ୍କ ମଧ୍ୟରେ ୩୩ ରନ୍‌ର ଭାଗୀଦାରି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟକୁମାର ଯାଦବ ୨୪, ରବୀନ୍ଦ୍ର ଜାଡେଜା ୧୦ ଓ ଶାର୍ଦ୍ଦୂଳ ଠାକୁର ୧୬ ରନ୍ କରିବାରୁ ଭାରତ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚିଥିଲା। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ରୋମାରିଓ ଶେଫର୍ଡ ଓ ଗୁଡାକେଶ ମୋତି ତିନୋଟି ଲେଖାଏ ଉଇକେଟ ନେଇଥିବା ବେଳେ ଆଲଜାରି ଯୋଶେଫ୍ ୨, ଜେଡେନ୍ ସିଲ୍ସ ଓ ୟାନ୍ନିକ କାରିଆ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଦୁଇ ଓପନର କାଇଲ ମେୟର୍ସ(୩୬ ରନ୍) ଓ ବ୍ରେଣ୍ଡନ୍ କିଙ୍ଗ(୧୫) ପ୍ରଥମ ଉଇକେଟରେ ୫୩ ରନ୍ ଯୋଡିଥିଲେ। ମାତ୍ର ଦୁଇ ବଲ ବ୍ୟବଧାନରେ ଉଭୟ ଖେଳାଳିଙ୍କୁ ଆଉଟ କରିଥିଲେ ଶାର୍ଦ୍ଦୂଳ ଠାକୁର। ଆଲିକ ଅଥାନଜେ ମାତ୍ର ୬ ରନ୍ କରି ଶାର୍ଦ୍ଦୂଳଙ୍କ ତୃତୀୟ ଶିକାର ହୋଇଥିଲେ। ଖବର ପ୍ରସ୍ତୁତ ବେଳକୁ ଶାଇ ହୋପ୍ ୧୭ ଓ ସିମରନ୍ ହେଟମେୟର ୭ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଭାରତ ପକ୍ଷରୁ ଶାର୍ଦ୍ଦୂଳ ଠାକୁର ୩ ଉଇକେଟ ନେଇଛନ୍ତି।

### ସଂକ୍ଷିପ୍ତ ସ୍କୋର

ଭାରତ ୪୦.୫ ଓଭରରେ ୧୮୧/୧୦ (ଇଶାନ୍ କିଶନ୍-୫୫, ଶୁବମାନ ଗିଲ୍-୩୪, ସୂର୍ଯ୍ୟକୁମାର ଯାଦବ-୨୪, ଗୁଡ଼ାକେଶ ମୋତି-୩/୩୬, ରୋମାରିଓ ଶେଫର୍ଡ-୩/୩୭, ଆଲଜାରି ଯୋଶେଫ-୨/୩୫)। ୱେଷ୍ଟଇଣ୍ଡିଜ ୧୫ ଓଭରରେ ୮୪/୩ (କାଇଲ ମେୟର୍ସ-୩୬, ବ୍ରାଣ୍ଡନ୍ କିଙ୍ଗ-୧୫, ଶାଇ ହୋପ୍-୧୭*, ଶାର୍ଦ୍ଦୂଳ ଠାକୁର-୩/୧୩)।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ